R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୩୧୪

ତିଥି: ସପ୍ତମୀ

୧୯ ଅଗଷ୍ଟ ୨୦୨୬, ବୁଧବାର

ସମ୍ବଲପୁର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 314

19 August 2026, Wednesday

Sambalpur

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur


# ବନ୍ୟା ପ୍ରଭାବିତଙ୍କ ଲାଗି ୧୦୦୦ କୋଟି ସହାୟତା



ଭୁବନେଶ୍ୱର, ୧୮ ।୮ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ଆଜି ରାଜ୍ୟର ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ୟାକେଜ୍ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଘୋଷଣା କରାଯାଇଛି । ଚୂଡାନ୍ତ ଆକଳନ ପରେ ଏହି ସହାୟତା ପରିମାଣ ବୃଦ୍ଧି କରାଯାଇପାରେ ।

ଆଜି ସକାଳେ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିବା ପରେ ଲୋକସେବା ଭବନ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଅଛନ୍ତି । ଅର୍ଥ ଏ ଦିଗରେ ପ୍ରତିବନ୍ଧକ ହେବ ନାହିଁ, ଯାହା ଆବଶ୍ୟକ ଯୋଗାଇ ଦିଆଯିବ ।

ବନ୍ୟାର କାରଣ ସମ୍ପର୍କରେ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବର୍ଷା ପରିସ୍ଥିତି ଅତ୍ୟନ୍ତ ଅସ୍ୱାଭାବିକ ରହିଛି । ଜୁନ, ଜୁଲାଇ, ଅଗଷ୍ଟ- ଗତ ତିନି ମାସ ମଧ୍ୟରେ ୧୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପରିମାଣ ସ୍ୱାଭାବିକ ବର୍ଷା ପରିମାଣରୁ ୩୪ ପ୍ରତିଶତ ଅଧିକ । ଗତ ୨୫ ବର୍ଷ ମଧ୍ୟରେ ଏଭଳି ସ୍ଥିତି କେବେ ବି ହୋଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ କାଲି ସେ ସଡକ ମାର୍ଗରେ ଯାଇ ପ୍ରଭାବିତ ଅଞ୍ଚଳରେ ବୋଟ୍ ଯୋଗେ ଓ ପାଦରେ ଚାଲି ଚାଲି ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର କସପା ଓ ତରପଦା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମ ଓ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକମାନଙ୍କୁ ଭେଟି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲା ରାମଚନ୍ଦ୍ରପୁର ସ୍କୁଲରେ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏହା ସହିତ (୯ ପୃଷ୍ଠାରେ)

- ୧୦ ସୂତ୍ରୀ ପ୍ୟାକେଜ୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ଚଳିତବର୍ଷ ସ୍ୱାଭାବିକ ଠାରୁ ୩୪% ଅଧିକ ବର୍ଷା
- ଚାଷୀଙ୍କୁ ମିଳିବ ଇନ୍‌ପୁଟ୍ ସବ୍‌ସିଡ଼ି
- ଯୁଦ୍ଧକାଳୀନ ଭିତ୍ତିରେ ମରାମତି ହେବ ସଡ଼କ
- ୬ ଜିଲ୍ଲାର ୯.୪୦ ଲକ୍ଷରୁ ଅଧିକ ପ୍ରଭାବିତ
- କ୍ଷତିଗ୍ରସ୍ତ ଚାଷୀଙ୍କୁ ମାଗଣାରେ ପନିପରିବା ମିନି କିଟ୍
- ସ୍ଥିତି ସ୍ୱାଭାବିକ ନ ହେବାଯାଏ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଣ

# ୨୫ରେ ପୁଣି ଆସୁଛି ଲଘୁଚାପ

**ବହଳଦାରେ ସର୍ବାଧିକ ୨୭୩ ମିମି**

**୪-୫ ଦିନ ଯାଏଁ ବିପନ୍ନଙ୍କ ଦୁର୍ଦ୍ଦଶା କମିବନି**

ଭୁବନେଶ୍ୱର, ୧୮ ।୮ (ସବ୍ୟୁ): ଝାଡ଼ଖଣ୍ଡ ଏବଂ ସଲଗ୍ନ ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଅଞ୍ଚଳରେ ସକ୍ରିୟ ଅବପାତ ଆଗାମୀ ୨୪ଘଣ୍ଟା ଯାଏଁ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଝାଡ଼ଖଣ୍ଡ ଏବଂ ବିହାର ମଧ୍ୟଦେଇ ଗତିକରିବା ସହ ଦୁର୍ବଳ ହୋଇ ଏକ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ସମ୍ଭାବନା ରହିଛି । ଏହା ପ୍ରଭାବରେ ମୟୂରଭଞ୍ଜର ବହଳଦାରେ ୨୪ଘଣ୍ଟାରେ ୨୭୩ ମିମି ବର୍ଷା ହେଇଛି । ଫଳରେ ବନ୍ୟା ପାଣି କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି । ଆଗାମୀ ୪ରୁ ୫ ଦିନ ଯାଏଁ ବନ୍ୟା ବିପନ୍ନଙ୍କ ଯନ୍ତ୍ରଣା କମିବନି । ଏହା ପଛକୁ ଅର୍ଥାତ ୨୫ତାରିଖ ବେଳକୁ ପୁଣି ଆସୁଛି ଲଘୁଚାପ । ଭାରତୀୟ ପାଣିପାଗ ବିଭାଗର ବିସ୍ତାରିତ ଆକଳନ ଏଭଳି କହିଛନ୍ତି ।

ପାଣିପାଗ ବଙ୍କାନୀ (୯ ପୃଷ୍ଠାରେ)

# ହୀରାକୁଦ ଖୋଲିଲା ୧୫ ଗେଟ୍

ସମ୍ବଲପୁର, ୧୮ ।୮ (ସବ୍ୟୁ): ଲଘୁଚାପ ପ୍ରଭାବରେ ହୀରାକୁଦର ଉପର ମୁଣ୍ଡରେ ଲଗାଣ ବର୍ଷା ଜାରି ରହିଛି । ଗତ ୨୪ଘଣ୍ଟା ମଧ୍ୟରେ ୪୦.୧୭ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ହୀରାକୁଦକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୬୯ହଜାର୭୪୯ଘନଫୁଟ ଜଳ ପ୍ରବେଶ କରୁଛି । ଫଳରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୯.୯୭ଫୁଟ ରହିଛି । ଜଳ ପ୍ରବାହକୁ ଦୃଷ୍ଟିରେ ରଖି ପର୍ଯ୍ୟାୟ କ୍ରମେ ୧୩ଟି ଗେଟ୍ ଖୋଲା ଯାଇଛି । ମୋଟ ୧୫ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି । ବାମପଟୁ ୧୦ଟି ଓ ଡାହାଣ ପଟୁ ୫ଟି (୯ ପୃଷ୍ଠାରେ)

# ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ୩ ମୃତ

ବାଲେଶ୍ୱର/ବାରିପଦା। ୧୮ ।୮(ସବ୍ୟୁ): ଲଗାଣ ବର୍ଷାରେ କାନ୍ଥ ଭୁଶୁପଡ଼ିବାରୁ ଆଈନାତି ସମେତ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି । ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ ପଞ୍ଚାୟତର କପାସଦା ଗ୍ରାମରେ ଏକ ଅତ୍ୟନ୍ତ ଦୁଃଖଦ ଘଟଣା ଘଟିଚି । ଘରେ ଶୋଇଥିବା ଅବସ୍ଥାରେ ହଠାତ କାନ୍ଥ ଭୁଶୁଡ଼ି ପଡ଼ିବାରୁ ଚାପି ହୋଇ ଆଈ ଓ ନାତିଙ୍କର ମୃତ୍ୟୁ ଘଟିଥିବା ବେଳେ ନାତୁଣୀ ଗୁରୁତର ହୋଇଛନ୍ତି । ସ୍ୱର୍ଗତଃ ନରେନ୍ଦ୍ର ଜେନାଙ୍କ ସ୍ତ୍ରୀ ରାଧିକା ଜେନା (୬୫) ଏବଂ ନାତି ଜ୍ୟୋତିପ୍ରକାଶ ସ୍ୱାଇଁ (୧୭) ପରିବାରର ସଦସ୍ୟମାନେ ନିଜ ଘରେ ଶୋଇଥିଲେ । ଲଘୁଚାପ ଜନିତ ବର୍ଷା ଯୋଗୁ ମାଟି କାନ୍ଥ ଦୁର୍ବଳ ହୋଇଯିବା କାରଣରୁ କାନ୍ଥଟି ଭୁଶୁଡ଼ି ଶୋଇଥିବା ଲୋକଙ୍କ ଉପରେ ପଡ଼ିଥିଲା । କାନ୍ଥ ତଳେ ଚାପି ହୋଇ ଘଟଣାସ୍ଥଳରେ ହିଁ ଆଈ ରାଧିକା (୬୦) ଏବଂ ନାତି ଜ୍ୟୋତିପ୍ରକାଶ (୧୭)ଙ୍କୀ ଜୀବନ ଚାଲିଯାଇଥିଲା । କାନ୍ଥ ଭୁଶୁଡ଼ିବା ଶବ୍ଦ ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ମାଟି ଅଳିଆ ତଳୁ ଆହତ ନାତୁଣୀ ସ୍ମୃତିରେଖାଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି ।

ସେହିପରି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଉପଖଣ୍ଡ ବାଦାମପାହାଡ ଥାନା ଅନ୍ତର୍ଗତ ଚୁଆପାଣି ପଞ୍ଚାୟତର ଛଣୁଆ-ବଡ଼ସାହିର ବୀରଭଦ୍ର ମହାନ୍ତ (୫୨) ଓ ତାଙ୍କ ସ୍ତ୍ରୀ ହେମଲତା ମହାନ୍ତ(୪୫) ସୋମବାର ରାତିରେ ଖାଇପିଇ ଶୋଇଥିଲେ । ତେବେ ରାତି ସାରା ଲଗାଣ ବର୍ଷା ପାଇଁ ପ୍ରାୟ ୩ଟା ସମୟରେ ପଡୋଶୀ ଘରର କାନ୍ଥ ଭୁଷୁଡି ବୀରଭଦ୍ରଙ୍କ କାନ୍ଥ ଉପରେ ପଡ଼ିଯାଇଥିଲା । ଫଳରେ ଦୁଇଟି କାନ୍ଥ ଉଭୟ ଦମ୍ପତିଙ୍କ ଉପରେ ଚାପି ହୋଇଯାଇଥିଲା । ଉଭୟଙ୍କୁ ଜେସିବି ସାହାଯ୍ୟରେ ଉଦ୍ଧାର କରି ବାଦାମପାହାଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଡାକ୍ତର ହେମଲତାଙ୍କୁ ମୃତ ଘୋଷଣା କରିଥିଲେ । ବୀରଭଦ୍ରଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଏନେଇ ବାଦାମପାହାଡ ଥାନାରେ ଏକ ଅପମୃତ ମାମଲା ରୁଜୁ ହୋଇଛି । ତେବେ (୯ ପୃଷ୍ଠାରେ)

**ଟ୍ରମ୍ପଙ୍କ ଘୋଷଣା**

# ହରମୁଜ୍ ପ୍ରଣାଳୀ ଆମେରିକାର

**ବୁଝାମଣା ନ ହେବାଯାଏ ହରମୁଜ୍ ବନ୍ଦ : ଇରାନ**




ନୂଆଦିଲ୍ଲୀ, ୧୮ ।୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହରମୁଜ୍ ପ୍ରଣାଳୀକୁ ଆମେରିକା ଅଞ୍ଚଳ ବୋଲି ଘୋଷଣା କରିଛନ୍ତି । ଯାହାକୁ ନେଇ ପୁଣି ହଇଚଇ ସୃଷ୍ଟି ହୋଇଛି । ଇରାନ ଓ ଓମାନ୍ ମଧ୍ୟରେ ଥିବା ହରମୁଜ୍ ପ୍ରଣାଳୀକୁ ଆମେରିକାର ନୂଆ ଅଞ୍ଚଳ ବୋଲି ଟ୍ରୁଥ୍ ସୋସିଆଲରେ ଏକ ନକ୍ସା ପୋଷ୍ଟ କରି ଉଲ୍ଲେଖ କରିଛନ୍ତି । ଟ୍ରମ୍ପଙ୍କର ଏହି ଆପତ୍ତିଜନକ ପୋଷ୍ଟକୁ ନେଇ ଏବେ ବିବାଦ ଉଠିଛି ।

ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ ହରମୁଜ୍ ପ୍ରଣାଳୀ ଉପରେ ଆମେରିକାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି । ସେ ଏହାକୁ ବଜାୟ ରଖିବେ । ଏଠାରେ ଆମେରିକା ନୌସେନାର ଘେରାବନ୍ଦୀକୁ ସେ ଲୁହାର ପ୍ରାଚୀର ବୋଲି କହିବା ସହ ଇରାନ ବି କିଛି କରିପାରିବ ନାହିଁ ବୋଲି କହିଛନ୍ତି । ଇରାନର ସାମରିକ ଭିତ୍ତିଭୂମି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ଦେଶର ମୁଦ୍ରାସ୍ଫିତି ୩୦୦% ରହିଛି । ତେବେ ଇରାନ ପକ୍ଷରୁ କୁହାଯାଇଛି ଯେ ହରମୁଜ୍ ପ୍ରଣାଳୀ ସମ୍ପୂର୍ଣ୍ଣ ବନ୍ଦ ରହିବ । ବୁଝାମଣା କରୁଥିବା ଇରାନର ମହମ୍ମଦ ବଘର ଘାଲିବାଫ କହିଛନ୍ତି ଯେ ଯେପର୍ଯ୍ୟନ୍ତ ଆମେରିକା ତେହେରାନ ସହ ହୋଇଥିବା ଦାବିକୁ ନେଇ ପ୍ରତିଶ୍ରୁତି ନ ଦେବ ଓ ଦୁଇ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ନ ହେବ ସେ ପର୍ଯ୍ୟନ୍ତ ଏହି ପ୍ରଣାଳୀକୁ ବନ୍ଦ ରଖାଯିବ । ହରମୁଜ୍ ପ୍ରଣାଳୀ ଆମେରିକାର ପ୍ରତିବଦ୍ଧତା ଘୋଷଣା ପରେ ଖୋଲାଯିବ । ଇରାନ ଚାହୁଁଛି ଆମେରିକା ଯେଉଁ ନୌସେନାର ପ୍ରତିବନ୍ଧ ଲଗାଇଛି ତାହାକୁ ଉଠାଯାଉ । ତେଲ କିଣିବା ନେଇ ଇରାନ ଉପରେ ନେଇ ଥିବା କଟକଣାକୁ ପ୍ରତ୍ୟାହାର କରାଯିବା ସହ ଇରାନର ଯେଉଁ ସମ୍ପତ୍ତିକୁ ଜବତ କରାଯାଇଛି ତାହାକୁ ମୁକ୍ତ କରାଯାଉ । ଜୁନ୍ ମାସରେ ଅମେରିକା ଓ ଇରାନ ଏକ ଚୁକ୍ତିରେ ପହଞ୍ଚିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଏହା ଭାଙ୍ଗି ଯାଇଥିଲା । ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ କରିବାରେ ଲାଗିଥିଲେ । (୯ ପୃଷ୍ଠାରେ)

# ୨୪ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୮ ।୮ (ସବ୍ୟୁ) : ଆଗାମୀ ଅଗଷ୍ଟ ୨୪ ତାରିଖ,ସୋମବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀବିଭିନ୍ନ ଜନ ଅଭିଯୋଗର ଶୁଣାଣି କରିବେ । ମୁଖ୍ୟମନ୍ତ୍ରୀ ୟୁନିଟ୍-୨,ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୁର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ସକାଳ ୮ ଘଟିକା ସମୟରୁ ସେଦିନ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ।ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣଅଗଷ୍ଟ ୧୯ ତାରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ,ଆଗ୍ରହୀ ଜନସାଧାରଣଜନଶୁଣାଣିପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

**ଏକତରଫା ପ୍ରେମ**

# ଶିକ୍ଷୟିତ୍ରୀଙ୍କ ପରିବାରର ୫ ଜଣଙ୍କୁ ହାଣିଲେ ଶିକ୍ଷକ

ବାଲେଶ୍ୱର, ୧୮ ।୮ (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଔପଦା ଥାନା ପାଟଣା ଗ୍ରାମର ଏକ ତରଫା ପ୍ରେମରୁ କରୁଣ ପରିସ୍ଥିତିର ଚିତ୍ର ସାମ୍ନାକୁ ଆସିଛି । ଜଣେ ଶିକ୍ଷକଙ୍କ ଭୁଜାଲି ଚୋଟରେ ଶିକ୍ଷୟିତ୍ରୀଙ୍କ ପରିବାରର ୫ ଜଣ ସଦସ୍ୟ ଗୁରୁତର ଆହତ ହୋଇ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ।

ଔପଦା ହାଇସ୍କୁଲରେ ପୃଥ୍ୱୀରାଜ କର ନାମକ ଜଣେ ଶିକ୍ଷକ ସେହି ସ୍କୁଲର ଶିକ୍ଷୟତ୍ରୀଙ୍କୁ ଏକ ତରଫା ପ୍ରେମ କରୁଥିଲେ । ଶିକ୍ଷୟିତ୍ରୀଙ୍କ ପରିବାର ଲୋକେ ଏଥିରେ ରାଜି ନହେବାରୁ କିଛିଦିନ ହେବ ବିବାଦ ଲାଗିରହିଥିଲା। ମଙ୍ଗଳବାର ଅପରାହ୍ଣରେ ସ୍କୁଲ ଛୁଟି ହେବା ପରେ ଶିକ୍ଷକ ଜଣଙ୍କ ଶିକ୍ଷୟିତ୍ରୀଙ୍କ ଘରେ ପହଞ୍ଚି ଏକ ଭୁଜାଲିରେ ଶିକ୍ଷୟିତ୍ରୀ ସୁଚିସ୍ମିତା ସେଠୀଙ୍କ ସମେତ ତାଙ୍କ ବାପା କୃଷ୍ଣଚନ୍ଦ୍ର ସେଠୀ, ମା ପ୍ରଭାସିନୀ ସେଠୀ, ଜେଜେବାପା ବାବାଜୀ ସେଠୀ ଓ ଭାଇ ଜ୍ୟୋର୍ତିମୟ ସେଠୀଙ୍କୁ ଆକ୍ରମଣ କରିଥିଲେ ।

ଏଥିରେ ସମସ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଔପଦା ପୁଲିସ ସମସ୍ତଙ୍କୁ ଉଦ୍ଧାର କରି ଖଇରା, ଔପଦା ଓ ସୋର ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ । ଖବର ପାଇ ଔପଦା ପୁଲିସ ଉନ୍ମୁକ୍ତ କାଣ୍ଡ ଭିଆଇ ଥିବା ଶିକ୍ଷକଙ୍କୁ ଥାନାରେ ଅଟକ ରଖିବା ସହିତ ତାଙ୍କ ନିକଟରୁ ଭୁଜାଲି ଜବତ କରିଛି । ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଅଭିଯୁକ୍ତ ପୃଥ୍ୱୀରାଜ କରଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି ।

**ଡିଜିପି ଚୟନ ମାମଲା**

# ୨ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୧୮ ।୮ : ଓଡ଼ିଶା ନୂଆ ଡିଜିପି ନିଯୁକ୍ତି ମାମଲାକୁ ନେଇ ସୁପ୍ରିମ୍‌କୋର୍ଟରେ ଜନସ୍ୱାର୍ଥ ସମ୍ବଳିତ ମାମଲା ଦାଖଲ ହୋଇଛି । ଏହି ପ୍ରସଙ୍ଗରେ ଆଜି ଶୁଣାଣି ହେବାର ଥିଲା । ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟରେ ପକ୍ଷ ରଖିଛନ୍ତି । ତେବେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସେପ୍ଟେମ୍ବର ୨ ତାରିଖ ଧାର୍ଯ୍ୟ କରାଯାଇଛି । ଫଳତଃ ନୂଆ ପୂର୍ଣ୍ଣକାଳିନ ଡିଜିପି ନିଯୁକ୍ତି ସେପ୍ଟେମ୍ବର ୨ ଯାଏ ହୋଇପାରିବ ନାହିଁ । ଦାଖଲ ହୋଇଥିବା ପିଆଇଏଲ୍‌ରେ ଉଲ୍ଲେଖ କରାଯାଇଥିଲା ଯେ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରିଛନ୍ତି । ଗତ ୧୩ ତାରିଖରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ ଡିଜିପି ଚୟନ ପ୍ରକ୍ରିୟାରେ ରୋକ୍ ଲଗାଇଥିଲେ । ପ୍ରକାଶ ସିଂ (୯ ପୃଷ୍ଠାରେ)

**ସିଜେପି ଆନ୍ଦୋଳନରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ**

# ତଦନ୍ତ କରିବ ସୁପ୍ରିମକୋର୍ଟଙ୍କ ସ୍ୱତନ୍ତ୍ର କମିଟି



ନୂଆଦିଲ୍ଲୀ, ୧୮ ।୮ : କକ୍ରୋଚ ଜନତା ପାର୍ଟି(ସିଜେପି)ର ଜୁଲାଇ ୨୦ ତାରିଖ ଆନ୍ଦୋଳନ ବେଳେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ହିଂସାକାଣ୍ଡର ତଦନ୍ତ କରିବାକୁ ସୁପ୍ରିମକୋର୍ଟ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କରିଛନ୍ତି । ଏହି କମିଟିର ନେତୃତ୍ୱ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ନେବେ । ଏହାବାଦ କମିଟିରେ ହାଇକୋର୍ଟର ଜଣେ ପୂର୍ବତନ ମୁଖ୍ୟ ବିଚାରପତି, ଜଣେ ପୂର୍ବତନ ଡିଜିପି ଓ ସିବିଆଇର ପୂର୍ବତନ ନିର୍ଦ୍ଦେଶକ ସଦସ୍ୟ ରହିବେ ।

ଘଟଣା ସହ ଜଡ଼ିତ ନଥିବା ରାଜ୍ୟର ଜଣେ ପୂର୍ବତନ ଡିଜିପି ଓ ପୂର୍ବତନ ସିବିଆଇ ନିର୍ଦ୍ଦେଶକ କମିଟିରେ ସାମିଲ ହେବାକୁ ସହମତ ପ୍ରକାଶ କରିଥିବା ସୁପ୍ରିମକୋର୍ଟ ସୂଚନା ଦେଇଛନ୍ତି । ସେହିପରି କମିଟିର ଗଠନ ଓ କାର୍ଯ୍ୟକାରିତା ସମ୍ପର୍କିତ ସମସ୍ତ ଦିଗକୁ ବିଚାର କରିବା ପରେ (୯ ପୃଷ୍ଠାରେ)

**ଦିଲ୍ଲୀ ପୋଲିସର ସତ୍ୟପାଠ**

## ଅତ୍ୟଧିକ ନୁହେଁ, ବଳ ପ୍ରୟୋଗ ହୋଇଛି

ନୂଆଦିଲ୍ଲୀ, ୧୮ ।୮ : ଯନ୍ତର ମନ୍ତରରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ସମ୍ବନ୍ଧୀୟ ଅନିୟମିତତା ବିରୋଧରେ ଚାଲିଥିବା ଆନ୍ଦୋଳନରେ ଦିଲ୍ଲୀ ପୋଲିସ ଓ ସୁରକ୍ଷାବାହିନୀ ଅତ୍ୟଧିକ ବଳ ପ୍ରୟୋଗ କରିନାହାନ୍ତି । ତେବେ ପୋଲିସ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ରୋକିବା ପାଇଁ ବଳ ପ୍ରୟୋଗ କରାଯାଇଛି ବୋଲି ଦିଲ୍ଲୀ ପୋଲିସ ଡେପୁଟି କମିଶନର ସଚିନ ଶର୍ମା ସୁପ୍ରିମ୍‌କୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି । ବିହାର ପରେ ଦିଲ୍ଲୀ ପୋଲିସ ଏହି ସତ୍ୟପାଠ ଦାଖଲ କରିଛି । ସୁପ୍ରିମ୍‌କୋର୍ଟ ପକ୍ଷରୁ କୋର୍ଟ ତଦାରଖରେ ଯନ୍ତର ମନ୍ତର ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ (୯ ପୃଷ୍ଠାରେ)

# ଯାଜପୁର ବନ୍ୟାରେ ୧୦ ବ୍ଲକ୍‌ର ୪ ଲକ୍ଷ ପ୍ରଭାବିତ



ବ୍ୟାସନଗର, ୧୮ ।୮ (ଜିପ୍ର) : ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ଗୁରୁତର ରହିଛି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସୂଚନା ଅନୁଯାୟୀ, ଜିଲ୍ଲାର ୧୦ଟି ବ୍ଲକ୍‌ର ୧୧୭ଟି ଗ୍ରାମ ପଂଚାୟତ/ସହରାଂଚଳ ଏବଂ ୩୪୫ଟି ଗାଁର ପ୍ରାୟ ୩ ଲକ୍ଷ ୯୮ ହଜାରରୁ ଊର୍ଦ୍ଧ୍ୱ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି । ବିଶେଷକରି ଦଶରଥପୁର ଓ ବରୀ ବ୍ଲକ୍‌ର ସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ ରହିଛି । ତରପଦା ପଂଚାୟତର ପାଟଣା ଗାଁ ନିକଟରେ କାଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧରେ ହୋଇଥିବା ଘାଇ ଏବଂ ଜରୀ ପଂଚାୟତର ନଉବାଙ୍କ ନିକଟରେ ବୈତରଣୀ ନଦୀର ଘାଇ ଦେଇ ବନ୍ୟା ଜଳ ଗ୍ରାମାଂଚଳକୁ ପ୍ରବେଶ କରୁଛି । ଏହା ଯୋଗୁଁ ପ୍ରାୟ ୯୭,୫୫୫ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଥିବା ବେଳେ ୮ଟି ଗାଁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି । ଏଥିସହିତ ୬୮ଟି ରାସ୍ତା ଓ ପୋଲ ବନ୍ୟା ଜଳରେ ବୁଡ଼ି ରହିଥିବାରୁ ଗମନାଗମନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି ।

ବନ୍ୟା ପ୍ରଭାବିତ ଅଞ୍ଚଳରୁ ବର୍ତ୍ତମାନ ସୁଦ୍ଧା ୧,୧୪,୬୯୫ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୩୧୧ଟି ଆଶ୍ରୟସ୍ଥଳୀରେ ରଖାଯାଇଛି । ସେମାନଙ୍କ ପାଇଁ ୨୮୮ଟି ମାଗଣା କିଚେନ୍ ସେଂଟର ମାଧ୍ୟମରେ ୧.୧୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ରିଲିଫ୍ ସାମଗ୍ରୀ ଭାବେ ୧୦୦ କ୍ୱିଣ୍ଟାଲ ଚୁଡ଼ା, ୧୦ କ୍ୱିଣ୍ଟାଲ ଗୁଡ଼ ଓ ୨୮୦ ପଲିଥିନ୍ ରୋଲ୍ ବଣ୍ଟନ କରାଯାଇଛି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା (୯ ପୃଷ୍ଠାରେ)

## ଏମ୍ଏମ୍‌ଡିଆର ବିଲ ୨୦୨୬ ପ୍ରତ୍ୟାହାର ଦାବିରେ

# ଐକ୍ୟବଦ୍ଧ ହେଲେ ମିଳିତ ବିରୋଧୀ ଦଳ

ଭୁବନେଶ୍ୱର,(ସବ୍ୟୁ) : କଂଗ୍ରେସ ଭବନଠାରେ ଇଣ୍ଡିଆ ବ୍ଲକ ବିଭିନ୍ନ ଦଳ କଂଗ୍ରେସ, ସିପିଆଇ(ଏମ), ସିପିଆଇ, ସିପିଆଇ(ଏମଏଲ) ଲିବରେସନ, ଫରଓ୍ୱାର୍ଡ ବ୍ଲକ, ଏନ୍‌ସିପି ଓ ଏସ ପିର ରାଜ୍ୟ ନେତୃବୃନ୍ଦ ଏକତ୍ରିତ ହୋଇ ରାଜ୍ୟର ସାମ୍ପ୍ରତିକ ଜନସମସ୍ୟା ଓ ବିଜେପି ସରକାରର ଜନବିରୋଧୀ ନୀତି ଉପରେ ଆଲୋଚନା କରିଛନ୍ତି । ଓଡ଼ିଶାର ସ୍ୱାର୍ଥ ବିରୋଧୀ ଏମ ଏମ ଡି ଆର୍ ବିଲ୨୦୨୬କୁ ତୀବ୍ର ବିରୋଧ ବିରୋଧ କରି ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି । ବିଲଟି ଆଇନରେ ପରିଣତ ହେଲେ ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ଅଧିକାର ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଦଳମାନେ ମତ ପ୍ରକାଶ କରିଛନ୍ତି ।

ଏହି ଆଇନ ଦ୍ୱାରା ଓଡ଼ିଶା ଆର୍ଥିକ ଭାବରେ ଏକ ବିପର୍ଯ୍ୟସ୍ତ ଅସ୍ଥାକୁ ସମ୍ମୁଖୀନ ହେବେ, କର୍ପୋରେଟ ଲୁ=ନ ବୃଦ୍ଧି ପାଇବ ଏବଂ ଆଦିବାସୀ ଜନଜାତି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ । ବିଜେପିର ସାଂସଦମାନେ ସଂସଦରେ ଏହି ବିଲକୁ ସମର୍ଥନ କରି ରାଜ୍ୟବାସୀଙ୍କୁ ବିଶ୍ୱାସଘାତକତା କରିଛନ୍ତି ବୋଲି କୁହାଯାଇଛି । ବିଲକୁ ରାଷ୍ଟ୍ରପତି ମହୋଦୟା ସମ୍ମତି ନ ଦେବା ପାଇଁ ମାନନୀୟା ରାଷ୍ଟ୍ରପତିଙ୍କୁ ଓଡ଼ିଶାବାସୀଙ୍କ ତରଫରୁ ସ୍ମାରକପତ୍ର ପ୍ରଦାନ କରାଯିବ ।୨୦ ଅଗଷ୍ଟ ପରେ ବିଭିନ୍ନ ଇଣ୍ଡିଆ ବ୍ଲକର ଦଳମାନେ ପୁନର୍ବାର ଆଲୋଚନା କରି ମିଳିତ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରିବେ । ବୈଠକରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସଓ୍ୱାଇଁ ଓ ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ପ୍ରତାପ ବାରିକଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ସନ୍ତୋଷ ସିଂ ସାଲୁଜା, ଅରବିନ୍ଦ ଦାସ, ଯମେଶ୍ୱର ସାମନ୍ତରାୟ, ଜୟନ୍ତ ଦାସ, ବଦ୍ରୀ ନାରାୟଣ ଦାଶ ଏବଂ ମହେନ୍ଦ୍ର ପରିଡ଼ା ପ୍ରମୁଖ ବିଭିନ୍ନ ଦଳର ନେତାମାନେ ଯୋଗଦେଇଥିଲେ ।



### ଗୋମାଂସ ଚାଲାଣକାରୀ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ, କାର୍ପଟଦାର ଗିରଫ କେବେ?

ଜଟଣୀ, (ସବ୍ୟୁ) : ଗତକାଲି ବିଳମ୍ବିତ ରାତିରେ ଏକ ଛୋଟ ଡାଲା ଟ୍ରକରେ ବିପୁଳ ପରିମାଣର ଗୋମାଂସ ବୋଝେଇ କରି ନେଉଥିବା ତେଲେଙ୍ଗାନା ରାଜ୍ୟ ସାଇବରବାଡ ଜିଲ୍ଲାର ଶେକ ହାବୀବ (୩୦) ନାମକ ଜଣେ ଡ୍ରାଇଭରଙ୍କୁ ପୁଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି କ୍ଷ ଏ ନେଇ ଜଟଣୀ ବଜରଙ୍ଗ ଦଳର ସଂଯୋଜକ ତଥା ଅଭିଯୋଗକାରୀ ବିଭୁ ପ୍ରସାଦ ମହାରଣାଙ୍କ ଲିଖିତ ଏତଲା ଆଧାରରେ ଜଟଣୀ ଥାନାରେ ୪୪୩/୨୬ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା ।ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତି ପ୍ରାୟ ୧୨.୪୫ ରେ ଜଣେ ଅଭିଯୁକ୍ତ ଏକ ପିକଅପ ଭ୍ୟାନ ଯୋଗେ ବିପୁଳ ପରିମାଣର ଗୋମାଂସ ଆନ୍ଧ୍ରପ୍ରଦେଶ ଅଭିମୁଖେ ଚାଲାଣ କରୁଥିବା ନେଇ ଅଭିଯୋଗକାରୀ ଏବଂ ତାଙ୍କର ସହଯୋଗୀମାନେ ଦେଖିବାକୁ ପାଇଥିଲେ । ଅଭିଯୋଗକାରୀ ଏବଂ ତାଙ୍କ ସହଯୋଗୀମାନେମାନଙ୍କୁ ଦେଖି ଡ୍ରାଇଭର ଜଣକ ଦ୍ରୁତଗତିରେ ଗାଡି ନେଇ ଖସି ପଳାଇବା ଲାଗି ପ୍ରୟାସ କରିଥିଲେ । କିନ୍ତୁ ଅଭିଯୋଗକାରୀ ଉକ୍ତ ଗାଡିର ପିଛା କରିବା ସହ ତାକୁ ଖୁଦୁପୁର ଛକ ନିକଟରେ ଅଟକାଇବାରେ ସକ୍ଷମ ହୋଇଥିଲେ ।

# କିଟ୍ ଓ କିସ୍ କାର୍ଯ୍ୟକୁ ଭୁଟାନ୍ ପ୍ରତିନିଧି ମଣ୍ଡଳୀଙ୍କ ପ୍ରଶଂସା

ଭୁବନେଶ୍ୱର, (ସବ୍ୟୁ): କେମ୍ବ୍ରିଜ୍ ଶିକ୍ଷା ଏକାଡେମିକ୍ ଇମରସନ୍ କାର୍ଯ୍ୟକ୍ରମ ପରିପେକ୍ଷୀରେ ୭ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ଭୁଟାନର ଶିକ୍ଷକ ପ୍ରତିନିଧିମଣ୍ଡଳୀ ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଭୁଟାନର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରଣାଳୟ ଅଧୀନ ସ୍କୁଲ ଏଜୁକେସନ ବିଭାଗର ଏକ ପ୍ରତିନିଧି ଦଳ 'ଇଣ୍ଡିଆ ଟ୍ରେକ୍' କାର୍ଯ୍ୟକ୍ରମରେ ଆସି କିଟ୍‌ରେ ରହୁଛନ୍ତି। ଏହି ଅବସରରେ ସେମାନେ ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରତିନିଧି ଦଳର ସଦସ୍ୟମାନେ ପ୍ରତିକ୍ରିୟାରେ କହିଲେ, ବିଶ୍ୱରେ ଅନେକ ଲୋକ ବିଭିନ୍ନ କ୍ଷେତ୍ରରେ ନିବେଶ କରୁଥିବାବେଳେ ଶିକ୍ଷା କ୍ଷେତ୍ର ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିବା ବ୍ୟକ୍ତି ଅତ୍ୟନ୍ତ ବିରଳ। ଡ. ଅଚ୍ୟୁତ ସାମନ୍ତ ସେହି ବିରଳ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଜଣେ। ଆଦିବାସୀ ଓ ବଞ୍ଚିତ ବର୍ଗର ଶିଶୁମାନଙ୍କ ପାଇଁ ସେ ଯେଉଁଳି ନିଷ୍ଠା ଓ ସମର୍ପଣର ସହ କାର୍ଯ୍ୟ କରୁଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସା ଯୋଗ୍ୟ।

କିଟ୍ ଓ କିସ୍ ସଂପର୍କରେ ସେମାନେ ପୂର୍ବରୁ ପଢ଼ିଥିଲେ ଏବଂ ଶୁଣିଥିଲେ। ମାତ୍ର କ୍ୟାମ୍ପସକୁ ଆସି ଛାତ୍ରଛାତ୍ରୀଙ୍କ ପ୍ରତିଭା, ଶୃଙ୍ଖଳା, ସକ୍ରିୟ ଅଂଶଗ୍ରହଣ ଓ ଉନ୍ନତ ଶିକ୍ଷା ବ୍ୟବସ୍ଥାକୁ ନିକଟରୁ ଦେଖିବା ପରେ ସେମାନେ ଏହାର ବାସ୍ତବତାକୁ ଅନୁଭବ କରିପାରିଛନ୍ତି। କିସ୍ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ହଜାର ହଜାର ଜନଜାତି ଶିଶୁଙ୍କ ଜୀବନରେ ପରିବର୍ତ୍ତନ ଆଣିଥିବା ଏକ ସାମାଜିକ ଆନ୍ଦୋଳନ ବୋଲି ସେମାନେ ମତ ପ୍ରକାଶ କରିଥିଲେ। କିସ୍ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆଶାର ଆଲୋକ ହୋଇ ଉଭା ହୋଇଛି। ଏଠାରେ ଛାତ୍ରଛାତ୍ରୀମାନେ ଶ୍ରୀ ସାମନ୍ତଙ୍କୁ ଗଭୀର ସମ୍ମାନ କରନ୍ତି ଏବଂ ତାଙ୍କ ଅବଦାନକୁ ଜୀବନ ପରିବର୍ତ୍ତନକାରୀ ବୋଲି ମନେକରନ୍ତି। କିସ୍ ଭଳି ଅନୁଷ୍ଠାନ ଓ ଶ୍ରୀ ସାମନ୍ତଙ୍କ ଭଳି ଜଣେ ଶିକ୍ଷାବିତ୍‌ଙ୍କ ଅବଦାନ ପାଇଁ ଓଡ଼ିଶାବାସୀ ମଧ୍ୟ ନିଜକୁ ଭାଗ୍ୟଶାଳୀ ମନେ କରୁଥିବେ। ତାଙ୍କ ଅବଦାନ କେବଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୀମିତ ନ ରହି ସମଗ୍ର ସମାଜ ଓ ସ୍ଥାନୀୟ ସମୁଦାୟର ବିକାଶରେ ମଧ୍ୟ ସହାୟକ ହୋଇଛି। ଶେଷରେ ପ୍ରତିନିଧି ଦଳ କିଟ୍, କିସ୍ ଓ ଭୁଟାନ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଏଠାରୁ ମିଳିଥିବା ଅନୁଭୂତି ଓ ପ୍ରେରଣାକୁ ନିଜ ଦେଶର ଛାତ୍ରଛାତ୍ରୀ ଏବଂ ସମାଜ ମଧ୍ୟରେ ପହଞ୍ଚାଇବେ ବୋଲି କହିଥିଲେ।




## କଂକ୍ରିଟ ରାସ୍ତାରେ ପଡି ବୃଦ୍ଧ ମୃତ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଦୁର୍ଗାପୁର ପଞ୍ଚାୟତର ସାତଶୋଳ ଗ୍ରାମରେ ଜଣେ ବୃଦ୍ଧ ସୋମବାର ଅପରାହ୍ନରେ ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ କଂକ୍ରିଟ ରାସ୍ତାରେ କଚାଡିହୋଇ ପଡିବାରୁ ମୁଣ୍ଡରେ ଗଭୀର ଆଘାତଲାଗି ଶୋଚନୀୟ ମତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ସାତଶୋଳ ଗ୍ରାମର ରେଣ୍ଟୋ ମାର୍ଣ୍ଡି(୭୦) । ସୋମବାର ଅପରାହ୍ନରେ ରେଣ୍ଟୋ ଗାଁ ଭିତରକୁ କୌଣସି କାମରେ ଯାଉଥିବା ବେଳେ ଲଗାଣବର୍ଷା ପାଇଁ କଂକ୍ରିଟ ରାସ୍ତାରେ ଶିଉଳି ଜମି ଯାଇ ଖସଡ଼ା ହୋଇଥିବାରୁ ରେଣ୍ଟୋଙ୍କ ଗୋଡ଼ ପିଛିଳିଯାଇ କଚାଡି ହୋଇ ପଡ଼ିଥିଲେ ।ଘରଲୋକେ ଉଦ୍ଧାରକରି ନିକଟସ୍ଥ କିଷାନତାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା ।

## ଶିଳ୍ପ ଅବଶିଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁନରୁଦ୍ଧାର ନିମନ୍ତେ

# ନାଲ୍‌କୋ ଏବଂ ଗବେଷଣା ପ୍ରତିଷ୍ଠାନଙ୍କ ମଧ୍ୟରେ ସହଭାଗିତା

ଭୁବନେଶ୍ୱର, (ସବ୍ୟୁ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ), ଶିଳ୍ପ ଅବଶିଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁନରୁଦ୍ଧାର ପାଇଁ ସ୍କେଲେବଲ୍ ଏବଂ ବାଣିଜ୍ୟ ଉପଯୋଗୀ ସମାଧାନ ବିକାଶ କରିବା ପାଇଁ ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ସହିତ ସହଭାଗିତା କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଛି । ଏହି ପ୍ରୟାସର ଅଂଶ ସ୍ୱରୂପ, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଭୁବନେଶ୍ୱରସ୍ଥିତ ନାଲକୋ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର (ଏନଆରଟିସି)ରେ ବହୁବିଧ ଉପଯୋଗୀ ଉତ୍ପାଦର ପୁନରୁଦ୍ଧାର ନିମନ୍ତେ ବିଟୁମିନସ କୋଇଲା ଫ୍ଲାଏ ଆସ୍ ପ୍ରକ୍ରିୟାକରଣ ପାଇଁ ପ୍ରଥମ ସ୍ୱଦେଶୀ ପାଇଲଟ୍ ପ୍ଲାଣ୍ଟ ଉଦଘାଟନ କରିଛନ୍ତି। ଏହି ଅବସରରେ ଜଗଦୀଶ ଅରୋରା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅନିଲ କୁମାର ସିଂହ, ନିର୍ଦ୍ଦେଶକ (ବାଣିଜ୍ୟିକ)ଙ୍କ ସମେତ ଡକ୍ଟରରାମାନୁଜ ନାରାୟଣ, ନିର୍ଦ୍ଦେଶକ, ସିଏସଆଇଆର -ଆଇଏମଏମଟି, ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ରେଜିଷ୍ଟ୍ରାର, କିଟ ବିଶ୍ୱବିଦ୍ୟାଳୟ, ତଥା ସମସ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଦିନକୁ ୫୦ କିଲୋଗ୍ରାମ ପ୍ରସେସିଂ କ୍ଷମତା ସମ୍ପନ୍ନ ଫ୍ଲାଏ ଆଶ୍ ପ୍ରକ୍ରିୟାକରଣ ପାଇଲଟ୍ ପ୍ଲାଣ୍ଟକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସହାୟତାରେ ଉପରୋକ୍ତ ସଂସ୍ଥା ମାନଙ୍କ ଦ୍ୱାରା ମିଳିତ ଭାବେ ଡିଜାଇନ୍ ଏବଂ ପ୍ରତିଷ୍ଠା କରାଯାଇଛି। ଏହି ପାଇଲଟ୍ ସୁବିଧା ଫ୍ଲାଏ ଆଶ୍‌ର ସାମଗ୍ରିକ ବ୍ୟବହାର ପାଇଁ ସିଏସଆଇଆର -ଆଇଏମଏମଟି ଏବଂ ନାଲକୋ ଦ୍ୱାରା ବିକଶିତ ଏକ ମିଳିତ ପେଟେଣ୍ଟ ପ୍ରକ୍ରିୟା ଉପରେ ଆଧାରିତ। ଏହି ପ୍ରକ୍ରିୟା ଆଲୁମିନା, ସେରାମିକ୍ ପ୍ରୟୋଗ ପାଇଁ କ୍ୟାଲସିୟମ୍ ସିଲିକେଟ୍, କାଚ ତିଆରିରେ ସମ୍ଭାବ୍ୟ ପ୍ରୟୋଗ ସହିତ କ୍ୱାର୍ଟଜ୍ ଅବଶିଷ୍ଟ ଏବଂ ସ୍କାନଡିୟମ୍ ସମେତ ରେୟାର ଆର୍ଥ ଏଲିମେଣ୍ଟ ରେ ସମୃଦ୍ଧ ଏକ ଲୁହା ହାଇଡ୍ରୋକ୍ସାଇଡ୍ ଅବଶିଷ୍ଟ ସମେତ ବହୁବିଧ ମୂଲ୍ୟଯୁକ୍ତ ଉତ୍ପାଦର ପୁନରୁଦ୍ଧାର କରାଯାଇପାରିବ।

ଏହି ଅବସରରେ, ବକ୍ସାଇଟ୍ ଅବଶିଷ୍ଟ (ରେଡ ମଡ) ମୂଲ୍ୟାଙ୍କନ ପାଇଁ ଏକ ପାଇଲଟ୍ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଭୂମିପୂଜନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରସ୍ତାବିତ ସୁବିଧା ମାଧ୍ୟମରେ ରେଡ ମଡ ରୁ ଫେରୋ ଟାଇଟାନିୟମ ଆଲୟ, ମେଟାଲିକ ଆଇରନ ଏବଂ ରେୟାର ଆର୍ଥ ଏଲିମେଣ୍ଟ ଗୁଡ଼ିକର ପୁନରୁଦ୍ଧାର ଉପରେ ଗବେଷଣା କରାଯିବ। ଏହା ଡାଉନଷ୍ଟ୍ରିମ୍ ମୂଲ୍ୟ-ଯୁକ୍ତ ଉତ୍ପାଦଗୁଡ଼ିକର ବିକାଶ ଏବଂ କ୍ରିଟିକାଲ ମିନେରାଲ ପାଇଁ ସମନ୍ୱିତ ପୁନରୁଦ୍ଧାର ପଥ ସ୍ଥାପନ କରିବାରେ ସହାୟକ ହେବ। ଏହି ଅବସରରେ, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, କମ୍ପାନୀ ଶିଳ୍ପ ଅବଶିଷ୍ଟାଂଶକୁ ମୂଲ୍ୟବାନ ସମ୍ପଦରେ ପରିଣତ କରିବା ପାଇଁ ଗବେଷଣା, ନବସୃଜନ ଏବଂ ରଣନୈତିକ ସହଭାଗୀତାକୁ ଉପଯୋଗ କରିବା ନିମନ୍ତେ ପ୍ରତିବଦ୍ଧ।



# ଶିଳ୍ପ ଜଗତର ବରିଷ୍ଠ ବ୍ୟକ୍ତିତ୍ୱ ଡଃ. ତପନ ଚାନ୍ଦଙ୍କୁ 'ଏକ୍ସିଲେନ୍ସ ଆୱାର୍ଡ'

ଭୁବନେଶ୍ୱର (ସବ୍ୟୁ): ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ବିଭାଗ, ଓଡ଼ିଶା କର୍ପୋରେଟ୍ ଫାଉଣ୍ଡେସନ୍ ଏବଂ ବ୍ରିଜ୍ ଭାରତର ମିଳିତ ଆୟୋଜନରେ ଭୁବନେଶ୍ୱରରେ ଜାତୀୟ ସିଏସ୍ଆର ସମ୍ମିଳନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଳ୍ପ ଜଗତର ବରିଷ୍ଠ ବ୍ୟକ୍ତିତ୍ୱ ଡଃ. ଚାନ୍ଦଙ୍କୁ ଶିଳ୍ପଜଗତ ଓ ସିଏସ୍ଆର ଆନ୍ଦୋଳନ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳ ହରିବାବୁ କମ୍ଭମପାର୍ଟି ଉଦ୍‌ଘାଟନ କରିଥିଲେ। ରାଜ୍ୟପାଳ ସ୍ଥାନୀୟ ଅଞ୍ଚଳର ବିକାଶମୂଳକ ଆବଶ୍ୟକତା ପୂରଣରେ ସିଏସ୍ଆର ଏବଂ ସରକାରୀ ଉଦ୍ୟୋଗଗୁଡ଼ିକର ସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଭଳି ସ୍ଥାନୀୟ ଆବଶ୍ୟକତା ପୂରଣରେ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ସେ ସମ୍ମିଳନୀରେ ଉପସ୍ଥିତ ସାଂସଦମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ଭାରତ ସରକାରଙ୍କ ପୂର୍ବତନ ଶିକ୍ଷା ସଚିବ ଡଃ ଅରୁଣ ରଥ, ଓଡ଼ିଶା ସରକାରଙ୍କ ପବ୍ଲିକ୍‌ଏଣ୍ଟରପ୍ରାଇଜେସ୍ ବିଭାଗର କମିଶନର-କମ୍-ସଚିବ ସାଦିକ୍ ଆଲମ୍, ନାଲ୍‌କୋ ସିଏମ୍‌ଡି ବି.ପି. ସିଂହ, ଆଇଆରଇଡିଏର ଅଧ୍ୟକ୍ଷ ବି.କେ. ମହାନ୍ତିଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାର, ପିଏସ୍‌ୟୁ ଶିଳ୍ପ ଜଗତ, ସିଏସ୍ଆର ପ୍ରମୁଖ, ବେସରକାରୀ ଉଦ୍ୟୋଗୀ, ପେସାଦାର, ପ୍ରକଳ୍ପ ପ୍ରସ୍ତାବକ, ଛାତ୍ରଛାତ୍ରୀ ଓ ଗବେଷକମାନେ ଯୋଗଦେଇଥିଲେ।

ସାଂସଦ ସୁକାନ୍ତ ପାଣିଗ୍ରାହୀ ଏବଂ ଡଃ ରବି ବେହେରା, ସାଂସଦ, ମଧ୍ୟ ସମ୍ମିଳନୀରେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ ତିନୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ସିଏସ୍ଆର ସମ୍ପର୍କିତ ଆଇନ, ନିୟମ, ନିର୍ଦ୍ଦେଶିକା, ଧାରଣା ଓ ପ୍ରଣାଳୀ ସହିତ ଭାରତର ସିଏସ୍ଆର ଇକୋସିଷ୍ଟମକୁ ସୁଦୃଢ଼ କରିବାର ଉପାୟ ଉପରେ ଆଲୋଚନା ହୋଇଥିଲା। ଅଧିବେଶନକୁ ପରିଚାଳନା କରି ଡଃ ତପନ ଚାନ୍ଦ କହିଥିଲେ ଯେ, ସିଏସ୍ଆର ଭାରତ ପାଇଁ କୌଣସି ନୂଆ ଧାରଣା ନୁହେଁ। ଟ୍ରିପଲ ବଟମ୍ ଲାଇନ୍-ପ୍ଲାନେଟ୍, ପିପୁଲ ଓ ପ୍ରଫିଟ୍ - ଭଳି ଧାରଣାର ମୂଳ ଭାରତୀୟ ସଂସ୍କୃତିରେ ରହିଛି । ପରିସ୍ଥିତି ଓ ଆବଶ୍ୟକତା ଅନୁଯାୟୀ ସିଏସ୍ଆରର ବିଭିନ୍ନ ମଡେଲ୍ ରହିଛି। ଏହି ଅଧିବେଶନରେ ବିଭିନ୍ନ ରାଷ୍ଟ୍ରାୟତ ଉଦ୍ୟୋଗ ଓ ଶିଳ୍ପ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ସମାପନି ଅଧିବେଶନରେ ମୁଖ୍ୟଅତିଥି ଭାବେ ସାଂସଦ ସୁଜିତ୍ କୁମାର, ସମ୍ମାନୀତ ଅତିଥି ଭାବେ ଡଃ. ତପନ ଚାନ୍ଦ, ଡଃ ଅରୁଣ ରଥ ଓ ବିଜୟ କୁମାର ମହାନ୍ତି ଯୋଗ ଦେଇଥିଲେ।




## ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ,୨ଟି ହୋଟେଲ ସିଲ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ସିଙ୍ଗଲ୍ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାରନିଷେଧ ଓ ଖାଦ୍ୟ ସୁରକ୍ଷା ନିୟମର ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ଏକ ମିଳିତ ଏନଫୋର୍ସମେଣ୍ଟ ପକ୍ଷରୁ ଚଢାଉ କରାଯାଇଛି । ଏହି ଅବସରରେ ମୋଟ ୩୦ କିଲୋଗ୍ରାମ ସିଙ୍ଗଲ୍ୟୁଜ୍ ପ୍ଲାଷ୍ଟିକ୍ ଜବତ କରାଯାଇଛି । ଏଥିସହ ଉଲ୍ଲଂଘନକାରୀଙ୍କ ଠାରୁ ମୋଟ୧୪,୧୦୦ଟଙ୍କା ଜରିମାନା ଆଦାୟ କରାଯାଇଛି । ସେହିପରି ହୋଟେଲ ଓ ଖାଦ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ଯାଞ୍ଚ କରାଯାଇଥିଲା । ନିୟମ ଉଲ୍ଲଂଘନ ଯୋଗୁଁ ଅଇଁଠାପାଲି ସ୍ଥିତ ପୂଜା ସ୍ୱିଟ୍ସ କିଚେନ୍ ଏବଂ ଇଣ୍ଡିଆନ୍ ହୋଟେଲକୁ ସିଲ୍ କରାଯାଇଛି । ଏହା ବ୍ୟତୀତ ଅନ୍ୟ ୪ଟି ହୋଟେଲ୍ ପରିଦର୍ଶନ କରାଯାଇ ମୋଟ ୧,୭୦୦ଟଙ୍କା ଜରିମାନା ଆଦାୟ କରାଯାଇଛି । ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷା ଯାଞ୍ଚ ପାଇଁ ୫ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି । ଯାଞ୍ଚ ସମୟରେ ପ୍ରାୟ ୩୦ କିଲୋଗ୍ରାମ୍ ବାସି ଓ ଅନୁପଯୋଗୀ ଖାଦ୍ୟ ଚିହ୍ନଟ କରାଯାଇ ନଷ୍ଟ କରାଯାଇଛି । ତେବେ ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ ଓ ଖାଦ୍ୟ ପ୍ରତିଷ୍ଠାନ ଗୁଡ଼ିକୁ ନିର୍ଦ୍ଧାରିତ ଖାଦ୍ୟ ସୁରକ୍ଷା, ସ୍ୱଚ୍ଛତା ଓ ପରିବେଶ ସମ୍ବନ୍ଧୀୟ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଆହ୍ୱାନ କରାଯାଇଛି ।

## ଅଖିଳ ଭାରତୀୟ ଭାଇଚାରା ସଙ୍ଘର ମାଗଣା ପୋଷାକ ବଣ୍ଟନ

ଭଦ୍ରକ,(ସବ୍ୟୁ): ଭଦ୍ରକ ଅପର୍ତ୍ତାବିନ୍ଧା ସ୍ଥିତ ହଜାରୀ ନଗରରେ ଅଖିଳ ଭାରତୀୟ ଭାଇଚାରା ସଙ୍ଘ ଆନୁକୂଲ୍ୟରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଙ୍ଘର ସଭାପତି ଶେଖ ବାବୁଜାନ(ଅମୀର)ଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା । ମୁଖ୍ୟଅତିଥି ଭାବେ ଭଦ୍ରକ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ,ସମ୍ମାନିତ ଅତିଥି ଭାବେ ବାର ଆସୋସିଏସନର ସଦସ୍ୟ ପବନ ଶର୍ମା,ସମାଜସେବୀ ରାଜଲକ୍ଷ୍ମୀ ମହାପାତ୍ର,ଆଇନଜିବି ଜମିଲ ଅଖତାର ଖାନ,କ୍ରୀଡ଼ାବିତ ବୁଲୁ ମହାନ୍ତି,ଇଂ.ରେଜା-ଏ-ରସୁଲ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ପୋଷାକ,ବ୍ୟାଗ ଓ ପୁସ୍ତକ ସଂପୂର୍ଣ୍ଣ ମାଗଣାରେ ବଣ୍ଟନ କରାଯାଇଥିଲା । ପରିଚାଳିତ ଅଖିଳ ଭାରତୀୟ ଭାଇଚାରା ସଙ୍ଘରୁ ୪୮୦ପିଲାଙ୍କୁ ମାଗଣା କମ୍ପୁଟର ଶିକ୍ଷାଦାନ ଦିଆଯାଉଛି । ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ୯୦ପିଲା ମାଗଣାରେ ପଢୁଛନ୍ତି । ଏଥିରେ ଶିକ୍ଷକ ଓ ଶିକ୍ଷୟତ୍ରୀ ମାସିକ ଦରମା ନନେଇ ମାଗଣାରେ ଶିକ୍ଷା ଦେଉଛନ୍ତି ଅଫସାନା ଖାତୁନ,ନସିମୁଦ୍ଦିନ କାଦରୀ,ସନ୍ତୋଷ କୁମାର ଲେଙ୍କା,ରିଜଓ୍ୱାନା ପରେଓ୍ୱନ,ଯାହେଦା କାଦରୀ ଓ ସୈନାରା ଖାତୁନ ଶିକ୍ଷାଦାନରେ ରହିଛନ୍ତି । ଅଖିଳ ଭାରତୀୟ ଭାଇଚାରା ସଙ୍ଘ ୨୦୧୭ମସିହାରୁ ଆରମ୍ଭ ହୋଇ ଅନେକ ଗୁଡ଼ିଏ ଜନମଙ୍ଗଳ କାର୍ଯ୍ୟକ୍ରମ କରି ସଫଳତା ସହିତ ସମ୍ପାଦନ କରି ଭଦ୍ରକ ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଉଚ୍ଚ ପ୍ରଶଂସା ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସଙ୍ଘର ସମସ୍ତ ସଦସ୍ୟ ନମିତା ବେହେରା,ହରପ୍ରିୟା ରାଉତ, ହମି ଜୁଲ୍ଲା ରହେମାନ,ନିଜାମୁଦ୍ଦିନ,ସରିଫ ଅଲି,ଜାହିଦ,ନସୀମ ଖାନ,ଗୁଲଜାର ଖାନ,ମୁର୍ତ୍ତୁଜା ଖାନ,ଶେଖ ସାକିବ ଓ ଟିଂକୁ ଖାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।



## ପାଟଣା ବ୍ଲକରେ ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ସ୍ଥାପନ ବିରୁଦ୍ଧରେ

# ୭ ଦିନ ପଦଯାତ୍ରା କରିବ ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଏକ ପ୍ରତିନିଧି ଦଳ ପାଟଣା ବ୍ଲକର ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପୋସ୍କୋ-ଷ୍ଟିଲ ପ୍ଲାଟ ସ୍ଥାପନ ଅଂଚଳ ପରିଦର୍ଶନ କରିଥିଲେ । ସେଠାରେ ସେ ଯମୁନାପଶି ଓ ଚେମନା ପଞ୍ଚାୟତର ୧୨ଟି ଗ୍ରାମର ଆଦିବାସୀ, ଦଳିତ ଓ ଓବିସିବର୍ଗରଲୋକଙ୍କସହ ଆଲୋଚନା କରିଥିଲେ । ଏହି କମ୍ପାନୀ ସ୍ଥାପନ ଦ୍ୱାରା ପାଖାପାଖି ୧୫ ହଜାରଲୋକେ ପ୍ରଭାବିତ ହେବେ ବୋଲି ଜଣାପଡିଛି । ଶ୍ରୀ ପାତ୍ର କହିଛନ୍ତି ଯେ କେନ୍ଦୁଝରର ଅଧିବାସୀମାନେ ଭାବିଥିଲେ ଯେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ହୋଇଥିବାରୁ ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ସମସ୍ୟାକୁ ପ୍ରଥମେ ପ୍ରାଧାନ୍ୟ ଦେବେ । ମାତ୍ର ମୁଖ୍ୟମନ୍ତ୍ରୀ କମ୍ପାନୀର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ଯମୁନାପଶି ଓ ଚେମନାର ଅଧିବାସୀ ସ୍ୱାର୍ଥକୁ ପଦାଘାତକରିଛନ୍ତି । ଏହି କମିଟି ଦୁଇଟି ପଞ୍ଚାୟତର ପ୍ରତିନିଧିମାନଙ୍କସହ ଆଲୋଚନା କରିଥିଲେ । ସେମାନେ କମ୍ପାନୀ ପ୍ରତିଷ୍ଠା ହେଲେ ସେ ଅଂଚଳରେ କଣ ସମସ୍ୟା ସୃଷ୍ଟି ହେବ ସେ ବିଷୟରେ କମିଟିକୁ ବୁଝାଇଥିଲେ । ଏଠିକାର ଅଧିବାସୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ନ ଦେଲେ ଯୁବ କଂଗ୍ରେସ ଏହିଅଧିବାସୀମାନଙ୍କର ସ୍ୱରହେବ ।ସରକାରଙ୍କୁଏଥିପାଇଁ ୧୫ ଦିନ ସମୟ ଦିଆଯାଇଛି । ଯଦି ସରକାରଏଠିକାର ସ୍ଥାନୀୟ ଅଧିବାସୀମାନଙ୍କ ସହିତ ଆଲୋଚନା ନ କରନ୍ତିତେବେ ଯୁବକଂଗ୍ରେସ ଏଠିକାର ସମସ୍ତ ଗ୍ରାମରେ ୭ ଦିନ ପଦଯାତ୍ରା କରିବା ପାଇଁ ସ୍ଥିର କରିଛି ।

## ମୟୂରଭଞ୍ଜର ଶିକ୍ଷାନୁଷ୍ଠାନରେ ସରୀସୃପ ଓ ବିଷାକ୍ତ କୀଟଙ୍କ ଭୟ

# ସୁରକ୍ଷା ବ୍ୟବସ୍ଥା ଦାବି କଲା ଭଞ୍ଜସେନା

ବାରିପଦା, (ସବ୍ୟୁ) : ଆଦିବାସୀ ବହୁଳ ତଥା ଘଞ୍ଚ ଜଙ୍ଗଲ ଓ ପାହାଡ଼ଘେରା ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସହିତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବେ ଏକ ଗୁରୁତର ପ୍ରସଙ୍ଗ ହୋଇଛି । ଉପଯୁକ୍ତ ଭିତ୍ତିଭୂମିର ଅଭାବ, ଶିକ୍ଷକ ଓ କର୍ମଚାରୀ ଅଭାବ ସମେତ ବିଭିନ୍ନ ମୌଳିକ ସମସ୍ୟା ଯୋଗୁଁ ଜିଲ୍ଲାର ଅନେକ ଛାତ୍ରଛାତ୍ରୀ ଉନ୍ନତ ଓ ସୁରକ୍ଷିତ ଶିକ୍ଷା ପରିବେଶରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଏହା ମଧ୍ୟରେ ଦୀର୍ଘଦିନ ଧରି ଲାଗି ରହିଥିବା ବର୍ଷା ଯୋଗୁଁ ଜଙ୍ଗଲ ଓ ପାହାଡ଼ ଅଞ୍ଚଳର ବିଭିନ୍ନ ପ୍ରଜାତିର ସରୀସୃପ ଓ ବିଷାକ୍ତ କୀଟପତଙ୍ଗ ଶିକ୍ଷାନୁଷ୍ଠାନ ପରିସରକୁ ପ୍ରବେଶ କରିବାର ଆଶଙ୍କା ବଢ଼ିଛି । ଫଳରେ କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ଏହି ପରିସ୍ଥିତିକୁ ଗୁରୁତ୍ୱ ଦେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ବାରିପଦାସ୍ଥିତ ଜିଲ୍ଲା ସଦର ମହକୁମାରେ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ଭେଟି ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି । ଜିଲ୍ଲାର ୫୧୨୩ଟି ଅଙ୍ଗନବାଡ଼ି କେନ୍ଦ୍ରଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ସରୀସୃପ ଓ ବିଷାକ୍ତ କୀଟପତଙ୍ଗଙ୍କଠାରୁ ସୁରକ୍ଷିତ ରଖିବା ପାଇଁ ନିୟମିତ ପଦକ୍ଷେପ ଗ୍ରହଣ, ବିପଦସଙ୍କୁଳ ଶ୍ରେଣୀଗୃହରେ ଶିକ୍ଷାଦାନ ନକରି ବିକଳ୍ପ ସୁରକ୍ଷିତ ସ୍ଥାନରେ ପାଠପଢ଼ା ବ୍ୟବସ୍ଥା କରିବାକୁ ସଂଗଠନ ଦାବି କରିଛି । ଏଥିସହ ଶିକ୍ଷାନୁଷ୍ଠାନର ବାହ୍ୟ ପରିସର ଓ ଶ୍ରେଣୀଗୃହଗୁଡ଼ିକୁ ନିୟମିତ ଭାବେ ସଫା କରିବା ସହ ବ୍ଲିଚିଂ ପାଉଡର ଓ ଅନୁମୋଦିତ ଜୀବାଣୁନାଶକ ଦ୍ରବ୍ୟ ବ୍ୟବହାର, ପରିମଳ ବ୍ୟବସ୍ଥା ସୁଦୃଢ଼ କରିବା ଏବଂ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଓ ପରିବେଷଣ ସମୟରେ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦେବା ପାଇଁ ଭଞ୍ଜସେନା ପକ୍ଷରୁ ଦାବି କରାଯାଇଛି । ଅଙ୍ଗନବାଡ଼ିଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନର ଭିତର ଓ ବାହାର ପରିବେଶର ଫଟୋ ସଂଗ୍ରହ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିବା ସହ ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟାର ତୁରନ୍ତ ସମାଧାନ ପାଇଁ ମଧ୍ୟ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି । ବିଭାଗୀୟ ଜିଲ୍ଲା ଅଧିକାରୀମାନେ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ନିଜସ୍ୱ ସ୍ତରରେ ପ୍ରଚେଷ୍ଟା ଜାରି ରଖିଥିବା ବେଳେ ଆଗାମୀ ଦିନରେ ଦାବି ଗୁଡ଼ିକର ସଫଳ ସମାଧାନ ପାଇଁ ସମସ୍ତ ପ୍ରକାରର ପ୍ରଚେଷ୍ଟା କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିବା ଭଞ୍ଜସେନା ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି ।



### ଦଧିବାମନ ମନ୍ଦିରରୁ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ କଲେ ଜ୍ୟୋତିର୍ବିଦ

କୋକସରା/ଜୁନାଗଡ଼,(ସବ୍ୟୁ): ଆସନ୍ତା ସେପେଟମ୍ବର ମାସ ୧୫ ତାରିଖ ମଙ୍ଗଳବାର ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ପର୍ବ ପାଳନ ହେବ । ନୂଆଁଖାଇ ଶୁଭ ଲଗ୍ନ ପାଇଁ ମଙ୍ଗଳବାର ଜୁନାଗଡ଼ ଶ୍ରୀ ଦଧିବାମନ ଜଗନ୍ନାଥ ମନ୍ଦିରରେ କଳାହାଣ୍ଡି ପଣ୍ଡିତ ମହାସଭା ଅନୁଷ୍ଠିତ ହୋଇ ନୂଆଁଖାଇ ପାଇଁ ଲଗ୍ନ ନିର୍ଦ୍ଧାରଣ ହୋଇ ଯାଇଛି । ଏହି ସଭାରେ ଜ୍ୟୋତିର୍ବିଦ ନଳିନୀ ରଞ୍ଜନ ବଡ଼ପଣ୍ଡାଙ୍କ ଆବାହନରେ ପଣ୍ଡିତ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ଜ୍ୟୋତିର୍ବିଦ ଫକୀର ମୋହନ ପାଟ୍ଟଯୋଶୀଙ୍କ ଉପସ୍ଥିତିରେ ନୂଆଁଖାଇ ଲଗ୍ନ ସ୍ଥିର କରିଛନ୍ତି । ଆସନ୍ତା ମାସ ୧୫ ତାରିଖ ଭାଦ୍ରବ ଶୁକ୍ଳ ଚତୁର୍ଥୀ ଗତେ ପଞ୍ଚମୀ ମଙ୍ଗଳବାର ଦିବା ୯.୪୯ ମି ଗତେ ୧୦.୦୩ ମଧ୍ୟରେ ବିଶୁଦ୍ଧ ତୁଳା ଲଗ୍ନରେ ନବାନ୍ନ ଭକ୍ଷଣକୁ ଶୁଭ ବୋଲି ଜ୍ୟୋତିର୍ବିଦ ମାନେ ସୂଚନା ଦେଇଛନ୍ତି ।

# ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ : ଅଭିଯୁକ୍ତ ଗିରଫ

ଛତ୍ରପୁର, (ସବ୍ୟୁ) : ବେକାର ଯୁବକ ଓ ଯୁବତୀଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ଏକ ଜାଲିଆତି ଚକ୍ରର ପର୍ଦ୍ଦାଫାସ କରିଛି ଗଞ୍ଜାମ ପୁଲିସ । ଚାକିରି ଦେବା ନାଁରେ ଜଣେ ଯୁବକଙ୍କ ଠାରୁ ୫୦ ହଜାର ଟଙ୍କା ଠକେଇ ମାମଲାରେ ଛତ୍ରପୁର ଥାନା ପୁଲିସ ଭଦ୍ରକ ଜିଲ୍ଲା ଧୁସୁରୀ ଅଞ୍ଚଳର ପଞ୍ଚାନନ ପଣ୍ଡା (୪୨)ଙ୍କୁ ଗିରଫ କରିଛି । ମଙ୍ଗଳବାର ଛତ୍ରପୁର ଠାରେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ହରିଶ ବିଶି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରଥମେ ଏକ ନକଲି ନିଯୁକ୍ତି ସଂସ୍ଥା ଗଠନ କରି ଜାଲ ପରିଚୟପତ୍ର ପ୍ରସ୍ତୁତ କରୁଥିଲେ । ପରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ବ୍ୟାଙ୍କ ଓ ଅନ୍ୟାନ୍ୟ ସଂସ୍ଥାର ନିଯୁକ୍ତି ବିଜ୍ଞାପନକୁ ଅପବ୍ୟବହାର କରି ଚାକିରି ଆଶାୟୀଙ୍କୁ ଯୋଗାଯୋଗ କରିବାକୁ ପ୍ରଲୋଭିତ କରୁଥିଲେ । ନିଜକୁ ସଂସ୍ଥାର ମୁଖ୍ୟ ଭାବେ ପରିଚୟ ଦେଇ ମୋବାଇଲ ଫୋନ୍ ଜରିଆରେ ବିଶ୍ୱାସ ଜିତିବା ପରେ ଚାକିରି ଯୋଗାଇ ଦେବା ନାଁରେ ଟଙ୍କା ଆଦାୟ କରୁଥିଲେ । ଟଙ୍କା ହାତେଇବା ପରେ ମୋବାଇଲ ନମ୍ବର ବନ୍ଦ କରି ଓ ଠିକଣା ବଦଳାଇ ଫେରାର ହୋଇଯାଉଥିଲେ । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଏଭଳି ଭାବେ ବହୁ ବେକାର ଯୁବକ-ଯୁବତୀଙ୍କ ଠାରୁ ୫୦ ଲକ୍ଷ ଟଙ୍କାରୁ ଅଧିକ ଠକେଇ କରିଛନ୍ତି । ୬୧ ଜଣଙ୍କୁ ଜାଲ ନିଯୁକ୍ତିପତ୍ର ଦେଇଥିବା ବେଳେ ଆହୁରି ୨୬ ରୁ ଅଧିକା ଜଣଙ୍କ ପାଇଁ ଜାଲ ନିଯୁକ୍ତିପତ୍ର ପ୍ରସ୍ତୁତ ରଖିଥିଲେ । ଅଭିଯୁକ୍ତ ଆକାଉଣ୍ଟ ପେ, ଫୋନପେ ଓ ପେଟିଏମ୍ ମାଧ୍ୟମରେ ଟଙ୍କା ଆଦାୟ କରୁଥିବା ପୁଲିସ କହିଛି । ଏହି ଠକେଇର ଶିକାର ହୋଇଥିବା ଛତ୍ରପୁର ଥାନା ଅନ୍ତର୍ଗତ ରାମଲକ୍ଷ୍ମୀ ନଗରର ଦେବୀପ୍ରସାଦ ଦାଶ (୨୩) ଏକ ଖବରକାଗଜରେ ପ୍ରକାଶିତ ବ୍ୟାଙ୍କ ନିଯୁକ୍ତି ବିଜ୍ଞାପନ ଦେଖି ଅଭିଯୁକ୍ତଙ୍କ ସହ ଯୋଗାଯୋଗ କରିଥିଲେ । ପଞ୍ଚାନନ ପଣ୍ଡା ତାଙ୍କୁ ଏସ୍‌ବିଆଇରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇୟୁନିଫର୍ମ, ସିକ୍ୟୁରିଟି ଡିପୋଜିଟ୍ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ପର୍ଯ୍ୟାୟକ୍ରମେ ୫୦ ହଜାର ଟଙ୍କା ନେଇଥିଲେ । ଟଙ୍କା ନେବା ପରେ ଚାକିରି ନଦେଇ ପୁଣି ଅଧିକ ଟଙ୍କା ଦାବି କରିଥିଲେ । ସନ୍ଦେହ ହେବାରୁ ଦେବୀପ୍ରସାଦ ଯୋଗାଯୋଗ କରିବାକୁ ଚେଷ୍ଟା କଲେ ମଧ୍ୟ ମୋବାଇଲ ନମ୍ବର ବନ୍ଦ ଥିବା ଜାଣିବାକୁ ପାଇଥିଲେ । ପରେ ସେ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଛତ୍ରପୁର ଥାନା କେସ୍ ନଂ-୩୧୪, ତାରିଖ ୨୮.୦୭.୨୦୨୫ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତ ସମୟରେ ପୁଲିସ ଭୁବନେଶ୍ୱରରୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୪ଟି ମୋବାଇଲ ଫୋନ୍, ୨୬ଟି ଖାଲି ନିଯୁକ୍ତିପତ୍ର, ୬୧ଟି ଜାଲ ନିଯୁକ୍ତିପତ୍ର, ୨୫ଟି ଜାଲ ପରିଚୟପତ୍ର, ୯ଟି ବିଜ୍ଞାପନ ଲେଟରପ୍ୟାଡ୍, ୬ଟି ବ୍ୟାଙ୍କ ପାସବୁକ୍, ୨ଟି ଏଟିଏମ୍ କାର୍ଡ, ଚାକିରି ପ୍ରାର୍ଥୀଙ୍କ ବାୟୋଡାଟା ଥିବା ନୋଟବୁକ୍ ଓ ୮ଟି ପାସପୋର୍ଟ ସାଇଜ୍ ଫଟୋ ଜବତ କରିଛି । ଅଭିଯୁକ୍ତ ୨ ବର୍ଷ ହେଲା ଏହି କାମରେ ସମ୍ପୃକ୍ତ ରହିଛନ୍ତି । ୨ ଟା ଫେକ ଆଇଡ଼ି କାର୍ଡ ଅଛି । ଏହା ସହିତ ଅଭିଯୁକ୍ତଙ୍କ ବିରୋଧରେ ଭଦ୍ରକ ଜିଲ୍ଲାର ଧୁସୁରୀ ଥାନାରେ ପୂର୍ବରୁ ମଧ୍ୟ ଠକେଇ ସମ୍ବନ୍ଧୀୟ ମାମଲା ରହିଛି । ଏହି ଜାଲିଆତି ଚକ୍ରରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ କେତେ ଲୋକ ଏହାର ଶିକାର ହୋଇଛନ୍ତି ସେନେଇ ତଦନ୍ତ ଜାରି ରହିଛି ।

## ଟ୍ୱିନ୍ ସିଟି ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ଓ ସୌନ୍ଦର୍ଯ୍ୟକରଣ ପାଇଁ ବୈଠକ

# ସ୍ମାର୍ଟ ଟ୍ରାଫିକ ସିଷ୍ଟମ୍‌କୁ କଡ଼ାକଡ଼ି କର : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକରେ ଦିନକୁ ଦିନ ବୃଦ୍ଧି ପାଉଥିବା ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସହରଦ୍ୱୟର ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଅନୁଷ୍ଠିତ ବୈଠକରେ ଟ୍ୱିନ୍ ସିଟିର ଟ୍ରାଫିକ୍ ଡିକଞ୍ଜେସନ୍ ପ୍ଲାନ୍ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। ରାଜଧାନୀ ଭୁବନେଶ୍ୱର ସହିତ ଆମର ଐତିହାସିକ ଓ ପୁରାତନ ସହର କଟକର ଯୋଗାଯୋଗ ସଡକ ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳକୁ ଅଧିକ ସୁନ୍ଦର, ସ୍ୱଚ୍ଛ ଓ ସୁସଂଗଠିତ କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ବୈଠକରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ଟ୍ୱିନ୍ ସିଟିର ଯେଉଁ ସବୁ ପ୍ରମୁଖ ରାସ୍ତା ଓ ଟ୍ରାଫିକ୍ ଜଙ୍କସନ୍‌ଗୁଡ଼ିକ ଖରାପ ଅବସ୍ଥାରେ ଅଛି, ସେଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକରେ ଯାତାୟାତକୁ ଅଧିକ ସୁଗମ କରିବା ପାଇଁ ୮-ଲେନ୍ ବିଶିଷ୍ଟ ପ୍ରଶସ୍ତ ରାସ୍ତା (୮-ଖବଭର ଜକ୍ଟବୟ) ନିର୍ମାଣ ଓ ସମ୍ପ୍ରସାରଣ ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଇଛନ୍ତି। କଟକରୁ ଭୁବନେଶ୍ୱର ଦେଇ ପୁରୀ ଅଭିମୁଖେ ଯାଉଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଯେପରି ବିନା କୌଣସି ଟ୍ରାଫିକ୍ ସମସ୍ୟାରେ ସହଜ ଓ ସୁବିଧାରେ ଯାତାୟାତ କରିପାରିବେ, ସେଥିପାଇଁ ନିରବଚ୍ଛିନ୍ନ ଗମନାଗମନ ବ୍ୟବସ୍ଥା ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ପ୍ରମୁଖ ଜଙ୍କସନ୍‌ଗୁଡ଼ିକର ବିକାଶ, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଫ୍ଲାଏଓଭର, ଓଭରବ୍ରିଜ୍, ସ୍ମାର୍ଟ ଟ୍ରାଫିକ୍ ସିଗନାଲ୍ ସିଷ୍ଟମ୍, ସିସିଟିଭି ବ୍ୟବସ୍ଥା ଏବଂ ବେଆଇନ୍ ପାର୍କିଂ ଉଚ୍ଛେଦ ଭଳି ପଦକ୍ଷେପକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦିଆଯାଇଛି। ନଗରବାସୀଙ୍କୁ ସୁରକ୍ଷିତ ଯାତାୟାତ ସୁବିଧା ଯୋଗାଇଦେବା ସହ ଟ୍ୱିନ୍ ସିଟିର ନବକଳେବର ପାଇଁ ପୋଲିସ କମିଶନରେଟ୍, ନଗର ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଟ୍ୱିନ୍ ସିଟି ପୋଲିସ୍ କମିଶନର ଏସ୍. ଦେବଦତ୍ତ ସିଂହ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

- ପୁରୀ ଯାତ୍ରୀଙ୍କ ପାଇଁ ବିକଳ୍ପ ୮-ଲେନ୍ ରାସ୍ତା ନିର୍ମାଣ ପାଇଁ ଆଲୋଚନା
- କଟକ-ଭୁବନେଶ୍ୱରରେ ନୋ-ଟ୍ରାଫିକ୍ ଜାମ୍
- ଟ୍ରାଫିକ୍ ଜଙ୍କସନ୍ ଓ ରାସ୍ତା ମରାମତି ପାଇଁ ନିର୍ଦ୍ଦେଶ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବାଭବନରେ ସାକ୍ଷାତ କରୁଛନ୍ତି ପୋଲିସ ଡିଜି ବିନୟତୋଷ ମିଶ୍ର

## ଲୁଟ୍‌ର ଶିକାର ମହିଳାଙ୍କ ପାଇଁ ଧରାପଡ଼ିଲା ଲୁଟେରା, ବନ୍ଧୁକ ଜବତ

ଭୁବନେଶ୍ୱର, (ସବ୍ୟୁ) : ଲୁଟ୍‌ର ଶିକାର ହୋଇଥିବା ମହିଳାଙ୍କ ପାଇଁ ଜଣେ ଚେନ ଲୁଟେରା ଧରାପଡ଼ିବା ପରେ ପୋଲିସ ଜିମା ଦେଇଛନ୍ତି ଲୋକେ । ଲୁଟେରା ନିକଟରୁ ଏକ ବନ୍ଧୁକ, ଖାଲି ମାଗାଜିନ ଓ ଗୋଟିଏ ନକଲି ଚେନ ଜବତ ହୋଇଛି । ମହିଳାଙ୍କ ଠାରୁ ଲୁଟ୍ ହୋଇଥିବା ୧୨ଗ୍ରାମ୍‌ର ମଙ୍ଗଳସୂତ୍ରକୁ ବାଇକ୍ ଚଳାଉଥିବା ଲୁଟେରା ନେଇ ଖସିଗଲା ।

ବଲାଙ୍ଗୀର ଜିଲ୍ଲାର କୁଇନା କୁମାରୀ ଦେବତାଙ୍କ ସ୍ୱାମୀ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ସେ ତାଙ୍କର ଜଣେ ସାଙ୍ଗଙ୍କ ସହ ହସ୍ପିଟାଲକୁ ଆସିଥିଲେ । ସାଙ୍ଗ ଓ ସେ ମିଶି ଏମ୍ସ ହସ୍ପିଟାଲ ବାହାରକୁ ଚା'ପିଇବାକୁ ଯାଉଥିବା ବେଳେ ଦୁଇଜଣ ବାଇକ୍ ଆରୋହୀ ଲୁଟେରା ସେମାନଙ୍କୁ ପିଛା କରିଥିଲେ । ପଛରେ ବସିଥିବା ଲୁଟେରା ରିଙ୍କୁ ଓରଫ ଇସ୍ଲାମ୍‌ଉଦ୍ଦିନ ଖାନ୍ (୨୨) କୁଇନାଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପି ନେଇ ବାଇକ୍‌ରେ ବସି ଖସିଯିବାକୁ ଚେଷ୍ଟା କରିବା ବେଳେ ଦୁଇ ମହିଳା ବଡପାଟି କରି ଲୁଟେରାଙ୍କୁ ପିଛା କରିଥିଲେ । ଏହି ସମୟରେ ବାଇକ୍ ଚଳାଉଥିବା ଲୁଟେରା ମନିଷ ପଟ୍ଟନାୟକ ବାଇକ୍‌କୁ ଜୋର୍‌ରେ ଚଳାଇ ଥିବାରୁ ପଛରେ ବସିଥିବା ରିଙ୍କୁ ଖସିପଡିଥିଲା । ଏହି ସମୟରେ ସମ୍ପୃକ୍ତ ଦୁଇ ମହିଳା ଓ ସ୍ଥାନୀୟ କିଛି ଲୋକେ ରିଙ୍କୁକୁ କାବୁ କରିନେଇଥିଲେ । ହେଲେ ମନିଷ ଲୁଟ୍ ମଙ୍ଗଳସୂତ୍ର ସହ ବାଇକ୍ ଯୋଗେ ଘଟଣାସ୍ଥଳରୁ ଖସିଯିବାରେ ସମର୍ଥ ହୋଇଛି ।

ରିଙ୍କୁଙ୍କୁ ଲୋକେ ପୋଲିସ ଜିମା ଦେବା ପରେ ତାକୁ ପଚରାଉଚରା କରି ମନିଷ ସମ୍ପର୍କଙ୍କରେ ତଥ୍ୟ ସଂଗ୍ରହ କରିଛି ପୋଲିସ । ତା'ନିକଟରୁ ଜବତ ହୋଇଥିବା ବନ୍ଧୁକ ସେ ବିହାରରେ ଥିବାବେଳେ ସେଠାରୁ ଆଣିଥିବା ପୋଲିସକୁ କହିଛି । ରିଙ୍କୁ ନାଁରେ ବୋଲଗଡ ଅଞ୍ଚଳରେ ହୋଇଥିବା ଏକ ହତ୍ୟାକାଣ୍ଡ ମାମଲା ରହିଛି । ରଣପୁର ଥାନାରେ ରିଙ୍କୁ ଓ ମନିଷ ନାଁରେ ଚୋରି, ଡକାୟତି, ଲୁଟ୍‌ପାଟ ମାମଲା ପଞ୍ଜୀକୃତ ଥିବା ପୋଲିସ କହିଛି । ରିଙ୍କୁ ଘର ନୟାଗଡ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ନୀଳପଲ୍ଲୀ ଗ୍ରାମରେ ବୋଲି ପୋଲିସ କହିଛି ।

## ଭୁବନେଶ୍ୱର, କଟକରେ ଗ୍ରୋନ୍ ଡାଏମଣ୍ଡସର ଦୁଇଟି ଷ୍ଟୋରର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଏହି ଯୁଗ୍ମ ଶୁଭାରମ୍ଭ ଓଡ଼ିଶାରେ ଲିମେଲାଇଟ ର ପ୍ରବେଶକୁ ଚିହ୍ନିତ କରିବା ସହ ଭୁବନେଶ୍ୱର ଏବଂ କଟକର ଗ୍ରାହକମାନଙ୍କ ପାଇଁ ଏହାର ସ୍ୱତନ୍ତ୍ର ଲ୍ୟାବ୍ ଗ୍ରୋନ୍ ଡାଏମଣ୍ଡସ (ପ୍ରୟୋଗଶାଳାରେ ତିଆରି ହୋଇଥିବା ହୀରା) ଗହଣା ଉପଲବ୍ଧ କରାଇଛି। ଅଗଷ୍ଟ: ଭାରତର ସବୁଠାରୁ ବଡ଼ ଏବଂ ସବୁଠାରୁ ବିଶ୍ୱସନୀୟ ଲ୍ୟାବ୍ ଗ୍ରୋନ୍ ଡାଏମଣ୍ଡସ ଗହଣା ବ୍ରାଣ୍ଡ ଲାଇମଲାଇଟ୍ ଲ୍ୟାବ୍ ଗ୍ରୋନ୍ ଡାଏମଣ୍ଡ ଭୁବନେଶ୍ୱର ଏବଂ କଟକରେ ଏହାର ଦୁଇଟି ସ୍ୱତନ୍ତ୍ର ଷ୍ଟୋର୍ ଖୋଲିବା ସହ ପୂର୍ବ ଭାରତରେ ଏହାର ବ୍ୟବସାୟ ସମ୍ପ୍ରସାରଣ ଜାରି ରଖିଛି। ଏହି ଷ୍ଟୋରଗୁଡ଼ିକୁ ଲାଇମଲାଇଟ୍ ର ନିର୍ଦ୍ଦେଶକ କରମଜ୍ୟୋତ ଚାୱଲା, ଭୁବନେଶ୍ୱରର ଆଞ୍ଚଳିକ ଭାଗିଦାରୀ ବିଜୟ କୁମାର ସୁବୁଦ୍ଧି ଏବଂ କଟକର ଆଞ୍ଚଳିକ ଭାଗିଦାରୀ ଅନିଲ କ୍ୟାଲଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଛି। ଏହି ଦୁଇଟି ଷ୍ଟୋରର ଶୁଭାରମ୍ଭ ଦେଶର ପୂର୍ବ ବଜାରରେ ଲାଇମଲାଇଟ୍ ର ଉପସ୍ଥିତିକୁ ମଜବୁତ କରିବା ସହ ଓଡ଼ିଶାର ଦୁଇଟି ପ୍ରମୁଖ ସହରାଞ୍ଚଳରେ ଆଧୁନିକ, ଡିଜାଇନ୍-ଭିତ୍ତିକ ଏବଂ ବଜେଟ୍-ଅନୁକୂଳ ଗହଣା ଖୋଜୁଥିବା ଗ୍ରାହକମାନଙ୍କ ନିକଟତର କରାଇଛି। ଏହି ଷ୍ଟୋରଗୁଡ଼ିକୁ ଏକ ଆଧୁନିକ ଏବଂ ଉଚ୍ଚମାନର ରିଟେଲ୍ ଅନୁଭବ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏଠାରେ Type IIa ହୀରା ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ଉଠଊ ସ୍ଟଡେଡ୍ ଲ୍ୟାବ୍ ଗ୍ରୋନ୍ ଡାଏମଣ୍ଡସ ଗହଣାର ଏକ ବିଶାଳ ସଂଗ୍ରହ ପ୍ରଦର୍ଶିତ ହୋଇଛି।




## ସ୍ଥାନୀୟ ଆପାତକାଳୀନ ବୈଠକ
# ରସାୟନିକଜନିତ ଦୁର୍ଘଟଣା ରୋକିବା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର (ସବ୍ୟୁ): କଳକାରଖାନା ଗୁଡିକରେ ବିଭିନ୍ନ ରାସାୟନିକ ଦୁର୍ଘଟଣା ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହ ସଂପୃକ୍ତ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଏହା ଦ୍ୱାରା ଅନେକ ସମୟରେ ଧନଜୀବନ କ୍ଷତିକୁ ରୋକାଯାଇପାରିବ । ଏ ସଂପର୍କରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ସ୍ଥାନୀୟ ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଛି । କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ବୈଠକରେ ସହକାରୀ ନିର୍ଦ୍ଦେଶକ ଅନିତା ବେହେରା ରସାୟନଜନିତ ଦୁର୍ଘଟଣା ଓ ଏହାର ନିରାକରଣ ଉପରେ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ । ଭୁବନେଶ୍ୱରର ମଞ୍ଚେଶ୍ୱର, ଭଗବାନପୁର, ଆଇଗିଣିଆ ଓ ଚନ୍ଦକା ଭଳି ଶିଳ୍ପାଞ୍ଚଳରେ ଅନେକ କଳକାରଖାନା ଥିବାରୁ ସଂପୃକ୍ତ ସଂସ୍ଥାଗୁଡ଼ିକ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । କଳକାରଖାନାଜନିତ ଦୁର୍ଘଟଣା କେବଳ ସେହି ସଂସ୍ଥାର କ୍ଷତି କରି ନଥାଏ, ବରଂ ପରିବେଶ ପ୍ରଦୂଷଣ ସହିତ ନିକଟସ୍ଥ ଜନବସତିରେ ବ୍ୟାପକ ଧନଜୀବନ ହାନି କରିଥାଏ । ଏଥି ନିମନ୍ତେ ବିଭିନ୍ନ ସଂସ୍ଥା ନିରନ୍ତର ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ସହ ଶିଳ୍ପ ସଂସ୍ଥା ପାଇଁ ଜାରି ଉପଯୁକ୍ତ ସୁରକ୍ଷା ମାନକ ପାଳନ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଉପଜିଲ୍ଲାପାଳ ଡ. ସାହୁ କହିଲେ, ସରକାରୀ କ୍ଷେତ୍ରରେ ସଡ଼କ ନିର୍ମାଣ, ଡ୍ରେନେଜ୍ ସଫେଇ ଭଳି କାର୍ଯ୍ୟରେ ବ୍ୟବହୃତ ରାସାୟନିକ ସାମଗ୍ରୀ ପ୍ରୟୋଗବେଳେ କର୍ମଚାରୀମାନେ ସତର୍କତା ଅବଲମ୍ବନ କରିବା ଉଚିତ । ବିଭାଗୀୟ ଉପନିର୍ଦ୍ଦେଶକ ଅବନୀ କାନ୍ତ ନାୟକ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ବିଭିନ୍ନ ସଂସ୍ଥାର ଅଧିକାରୀମାନେ ସେମାନଙ୍କ କାରଖାନାରେ ଗ୍ରହଣ କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ସଂପର୍କରେ ଅବଗତ କରାଇଥିଲେ ।



## ଡାକ୍ତର ବାନାମ୍ବର ରାୟଙ୍କୁ 'ଅନରିଙ୍ଗ ଆୱାର ଗୁରୁ' ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): କ୍ରିଟିକାଲ୍ କେୟାର୍ ମେଡିସିନ୍ କ୍ଷେତ୍ରରେ ଦୀର୍ଘ ପାଂଚ ଦଶନ୍ଧିର ଅବଦାନ ଓ ସେବା ପାଇଁ ସମ୍ ଅଲ୍‌ଟିମେଟ୍ ମେଡିକେୟାରର ସିନିୟର କନସଲଟାଂଟ (କ୍ରିଟିକାଲ୍ କେୟାର ମେଡିସିନ୍) ଡାକ୍ତର ବାନାମ୍ବର ରାୟଙ୍କୁ ସମ୍ମାନଜନକ 'ଅନରିଙ୍ଗ ଆୱାର ଗୁରୁ' ପୁରସ୍କାର ପ୍ରଦାନ କରାଯାଇଛି। ଅଗଷ୍ଟ ୮ ତାରିଖରେ ପୁଣେ ଠାରେ ଅନୁଷ୍ଠିତ ତୃତୀୟ ଇଂଟରନ୍ୟାସନାଲ୍ କ୍ରିଟିକାଲ୍ କେୟାର ନେଫ୍ରୋଲୋଜି ଆସୋସିଏସନ୍ (ସିସିଏନ୍ଏ) ସମ୍ମିଳନୀରେ ଡାକ୍ତର ରାୟଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଗୁରୁତର ଅସୁସ୍ଥ ରୋଗୀଙ୍କ ଚିକିତ୍ସା ଓ ଜୀବନ ରକ୍ଷା କ୍ଷେତ୍ରରେ ତାଙ୍କର ଦୀଘର୍କାଳୀନ ସମର୍ପଣ ଓ ନିଷ୍ଠାକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସମ୍ମାନ ପାଇବା ପରେ ନିଜର ଅନୁଭୂତି ବ୍ୟକ୍ତ କରି ଡାକ୍ତର ରାୟ କହିଛନ୍ତି ଯେ ଯେଉଁ ସଂଗଠନ ସହିତ ତାଙ୍କର ପ୍ରତ୍ୟକ୍ଷ ସଂପର୍କ ନଥିଲା, ସେହି ସଂଗଠନ ପକ୍ଷରୁ ଏଭଳି ସମ୍ମାନ ପାଇବା ତାଙ୍କ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଆଇସିୟୁରେ ଗୁରୁତର ରୋଗୀଙ୍କ ଜୀବନ ରକ୍ଷା ପାଇଁ ତାଙ୍କର ଆଜୀବନ ସମର୍ପଣକୁ ସ୍ୱୀକୃତି ମିଳିଥିବାରୁ ସେ ଏହି ସମ୍ମାନକୁ ନମ୍ରତାର ସହ ଗ୍ରହଣ କରିଛନ୍ତି।

"ଯେଉଁ ସଂଗଠନ ସହିତ ମୋର କୌଣସି ପ୍ରତ୍ୟକ୍ଷ ସଂପର୍କ ନଥିଲା, ସେହି ସଂଗଠନଠାରୁ ଏହି ସମ୍ମାନ ପାଇ ମୁଁ ଅତ୍ୟନ୍ତ ଗୌରବାନ୍ୱିତ। ଆଇସିୟୁରେ ରୋଗୀଙ୍କ ଜୀବନ ରକ୍ଷା ପାଇଁ ମୋର ଆଜୀବନ ସମର୍ପଣ ଓ ପ୍ରତିବଦ୍ଧତା ବିଷୟରେ ସେମାନେ ଜାଣିଥିବାରୁ ଏହି ସ୍ୱୀକୃତି ମୋ ପାଇଁ ଅତ୍ୟନ୍ତ ନମ୍ରତାର ବିଷୟ," ଡାକ୍ତର ରାୟ କହିଛନ୍ତି। ସେ ଏହି ସମ୍ମାନକୁ ତାଙ୍କର ପାଂଚ ଦଶନ୍ଧିର ସେବା ଯାତ୍ରାରେ ସାଥୀ ହୋଇଥିବା ଅସଂଖ୍ୟ ଡାକ୍ତର, ନର୍ସ, ପାରାମେଡିକ୍ସ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥାଙ୍କୁ ଉତ୍ସର୍ଗ କରିଛନ୍ତି। ଡାକ୍ତର ରାୟ ସମ୍ ଅଲ୍‌ଟିମେଟ୍ ମେଡିକେୟାର ଏବଂ ଶିକ୍ଷା 'ଓ' ଅନୁସନ୍ଧାନ (ସୋଅ) ଡିମ୍ଡ୍ ଟୁ ବି ୟୁନିଭର୍ସିଟି ପକ୍ଷରୁ ମିଳିଥିବା ନିରନ୍ତର ସମର୍ଥନ ଓ ପ୍ରୋତ୍ସାହନ ପାଇଁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ଗୁରୁତର ରୋଗୀଙ୍କୁ ସର୍ବୋତମ ଚିକିତ୍ସା ପ୍ରଦାନ କରିବା ତାଙ୍କ ମିଶନ୍‌ରେ ଏହି ଦୁଇ ସଂସ୍ଥାର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। "ସମ୍ ଅଲ୍‌ଟିମେଟ୍ ମେଡିକେୟାର ଏବଂ ସୋଆ ଡିମ୍‌ଡ ଟୁ ବି ୟୁନିଭର୍ସିଟି ମୋର ଏହି ମିଶନ୍‌ରେ ସର୍ବୋତମ ପ୍ରୟାସ କରିବା ପାଇଁ ମୋତେ ସମସ୍ତ ପ୍ରକାରର ସମର୍ଥନ ଦେଇଛନ୍ତି। ତେଣୁ ଏହି ପୁରସ୍କାରରେ ମଧ୍ୟ ମୁଁ ସେମାନଙ୍କର ଅବଦାନର ଛାପ ଦେଖୁଛି" ବୋଲି ସେ କହିଛନ୍ତି। ଏହି 'ଅନରିଙ୍ଗ ଆୱାର ଗୁରୁ' ସମ୍ମାନ ଡାକ୍ତର ରାୟଙ୍କ ପାଂଚ ଦଶନ୍ଧିର କ୍ରିଟିକାଲ୍ କେୟାର ମେଡିସିନ୍ ବିଭାଗରେ ସେବା, ଜୀବନ ରକ୍ଷା ପ୍ରତି ଅତୁଟ ପ୍ରତିବଦ୍ଧତା ଏବଂ ଗୁରୁତର ରୋଗୀଙ୍କ ସେବା ପ୍ରତି ତାଙ୍କର ନିଷ୍ଠାର ଏକ ଗୌରବମୟ ସ୍ୱୀକୃତି।




## ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ବାର୍ଷିକ ଉତ୍ସବ ୨୧ରେ

ଭୁବନେଶ୍ୱର, (ସବ୍ୟୁ): ଚଳିତ ମାସ ୨୧ ତାରିଖ ଦିନ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ଷଷ୍ଠ ବାର୍ଷିକ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ରାଜ୍ୟପାଳ ତଥା କୁଳାଧିପତି ଡକ୍ଟର ହରି ବାବୁ କମ୍ଭମପାଟୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ପୁରାତନ ଛାତ୍ରସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ଦାସ ଏକ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ ୨୧ ତାରିଖ ଦିନ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେଦିନ ସକାଳ ଆଠଟାରେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଏବଂ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପରେପରେ ଗାନ୍ଧୀ ଶାନ୍ତି ସ୍ଥଳ ସମ୍ମୁଖରୁ କ୍ୟାମ୍ପସ ପରିକ୍ରମା ଆରମ୍ଭ କରାଯିବ।

ଅପରାହ୍ଣ ୫ଟାରେ କନଭୋକେସନ ହଲରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟ ଉତ୍ସବରେ କୁଳାଧିପତି ତଥା ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ସମ୍ମାନିତ ଅତିଥି ଏବଂ ପୁରାତନ ଛାତ୍ର ତଥା ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ, ପୂର୍ବତନ ମନ୍ତ୍ରୀ ପ୍ରଶାନ୍ତ ନନ୍ଦ ମୁଖ୍ୟବକ୍ତା ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଚାରିଜଣ ପ୍ରସିଦ୍ଧ ପୁରାତନ ଛାତ୍ରଛାତ୍ରୀ ପ୍ରଶାନ୍ତ ନନ୍ଦ, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ କୁଙ୍କୁମ ମହାନ୍ତି, ଶାନ୍ତି ସ୍ୱରୂପ ଭଟ୍ଟନାଗର ପୁରସ୍କାରରେ ସମ୍ମାନିତ ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ଉମା ଚରଣ ମହାନ୍ତି, ଏବଂ ଜଣାଶୁଣା ପ୍ରଶାସକ ତଥା ଜମ୍ମୁ ଓ କାଶ୍ମୀରର ପ୍ରଥମ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ସମ୍ମାନିତ କରାଯିବ। ସମାରୋହରେ ପୁରାତନ ଛାତ୍ରସଂଘର ସଭାପତି ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଡକ୍ଟର ସତ୍ୟଜିତ୍ ମହାନ୍ତି ସଭାପତିତ୍ୱ କରିବେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ବହୁସଂଖ୍ୟାରେ ଯୋଗ ଦେବାକୁ ସାଧାରଣ ସମ୍ପାଦକ ଶ୍ରୀ ଦାସ ଅନୁରୋଧ କରିଛନ୍ତି।

## ଭାରତ ମସଲା କମ୍ପାନୀ ଅଧ୍ୟକ୍ଷ ସମ୍ବର୍ଦ୍ଧିତ

କଟକ, (ସବ୍ୟୁ): କଟକ ଜିଲ୍ଲା ଟାଇକ୍ୱଣ୍ଡୋ ସ୍ପୋର୍ଟସ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ କଟକ ଜିଲ୍ଲା ଟାଇକ୍ୱଣ୍ଡୋ ଚାମ୍ପିଅନସିପ୍-୨୦୨୬ ସଫଳତାର ସହିତ ସମାପ୍ତ ହୋଇଛି। ଜିଲ୍ଲାର ବିଭିନ୍ନ ସ୍କୁଲ ଓ ଟାଇକ୍ୱଣ୍ଡୋ ଏକାଡେମୀରୁ ଆସିଥିବା ଶତାଧିକ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍‌ର ସମ୍ପାଦକ ଅଭିଜିତ ପାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ କରିଥିଲେ। ସମାରୋପୀ ଉତ୍ସବରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ କଣ୍ଡା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ବନ୍ଦିତା ଦାସ, ଓଡ଼ିଶା ଟାଇକ୍ୱଣ୍ଡୋ ଆସୋସିଏସନ୍‌ର ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, କଟକ ଜିଲ୍ଲା ଟାଇକ୍ୱଣ୍ଡୋ ସ୍ପୋର୍ଟସ୍ ଆସୋସିଏସନ୍‌ର ସଭାପତି ତଥା ଓଡ଼ିଶା ଟାଇକ୍ୱଣ୍ଡୋ ଆସୋସିଏସନ୍‌ର ସଭାପତି କୃଷ୍ଣଚନ୍ଦ୍ର ଦାସ ଏବଂ ଉପସଭାପତି ଚନ୍ଦନ କୁମାର ସାହୁ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ପ୍ରଦର୍ଶନ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କଟକ ଜିଲ୍ଲା ଟାଇକ୍ୱଣ୍ଡୋ ସ୍ପୋର୍ଟସ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦିକା ସୁଦୀପ୍ତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



## ଏପିଏମ୍‌ଟି ଫାଉଣ୍ଡେସନ ପକ୍ଷରୁ ଧବଳେଶ୍ୱର ମନ୍ଦିରରେ ଶ୍ରୀ ହରହର ମହାଦେବ ସେବା

କଟକ, (ସ୍ୱପ୍ର) : ଏପିଏମ୍‌ଟି ଫାଉଣ୍ଡେସନ ପକ୍ଷର ପବିତ୍ର ଧବଳେଶ୍ୱରପୀଠ ପରିସରରେ ଶିବଭକ୍ତମାନଙ୍କ ଉଦ୍ଦେଶ୍ୟରେ "ଶ୍ରୀ ହର ହର ମହାଦେବ ସେବା' ଆୟୋଜନ କରାଯାଇଥିଲା । ଏହି ସେବା କାର୍ଯ୍ୟକ୍ରମ ଅଗଷ୍ଟ ୧୬ ତାରିଖଠାରୁ ଅଗଷ୍ଟ ୧୭ ତାରିଖ ସୋମବାର ସକାଳ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଫାଉଣ୍ଡେସନର ସମର୍ପିତ ସଦସ୍ୟମାନେ ଉତ୍ସାହ ଓ ନିଷ୍ଠାର ସହିତ ଏହି ସେବା କାର୍ଯ୍ୟରେ ଯୋଗଦାନ କରିଥିଲେ । ଏହି ଅବସରରେ ଭକ୍ତମାନଙ୍କ ପାଇଁ ଖାଦ୍ୟ, ଚା', ପାନୀୟ ଜଳ, ପ୍ରାଥମିକ ଚିକିତ୍ସା, ରାସ୍ତା ସଫେଇ, ଭକ୍ତମାନଙ୍କ ଉପରେ ଚନ୍ଦନ ଜଳ ସିଞ୍ଚନ ଏବଂ ରୁଦ୍ରାକ୍ଷ ମାଳା ବଣ୍ଟନ ଭଳି ବିଭିନ୍ନ ସେବା ପ୍ରଦାନ କରାଯାଇଥିଲା । ଏଥିସହ ଭକ୍ତିମୟ ପରିବେଶ ସୃଷ୍ଟି ପାଇଁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ସେବା କାର୍ଯ୍ୟକ୍ରମଟି ସେବା, ଭକ୍ତି, ଏକତା, ଟିମ୍‌ୱାର୍କ ଓ ମାନବିକତାର ଭାବନା ସହିତ ସମ୍ପନ୍ନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସଭାପତି ଡ଼. ଶିବବ୍ରତ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଚିବ ସ୍ଥିତପ୍ରଜ୍ଞା ରାଉତ, ଉପସଭାପତି ପ୍ରିୟବ୍ରତ ପୃଷ୍ଟି, କୋଷାଧ୍ୟକ୍ଷ ସଲିଳା ରାଉତ ଏବଂ ଆୟୋଜନ ସଚିବ ସୌରଭ କୁମାର ଜେନାଙ୍କ ସକ୍ରିୟ ସହଯୋଗ ରହିଥିଲା । ଏହି ସେବା କାର୍ଯ୍ୟରେ ଜଗନ୍ନାଥ ରାଉତ, ଲବଙ୍ଗଲତା ରାଉତ, ସତ୍ୟବ୍ରତ ରାଉତ, ଅବିନାଶ ମହାନ୍ତି, ଦେବେନ୍ଦ୍ର ରାଉତ, ଜ୍ଞାନ ରଞ୍ଜନ ସାମଲ, ଅରୁଣ ପଣ୍ଡା, ଅମରେଶ ମହାନ୍ତି, ଅମରନାଥ ରାଉତଙ୍କ ସମେତ ଅନ୍ୟାନ୍ୟ ସମର୍ପିତ ସଦସ୍ୟମାନେ ସକ୍ରିୟ ଭାବେ ଯୋଗ ଦେଇଥିଲେ । ଅବସରରେ ସଭାପତି ଡ଼. ଶିବବ୍ରତ ରାଉତ ସମସ୍ତ ସଦସ୍ୟ ଓ ସ୍ୱେଚ୍ଛାସେବୀଙ୍କୁ ସେମାନଙ୍କର ନିଷ୍ଠା, ସହଯୋଗ ଓ ଟିମ୍‌ୱାର୍କ ପାଇଁ ହୃଦୟରୁ କୃତଜ୍ଞତା ଜଣାଇଥିଲେ । ଭକ୍ତଙ୍କ ସେବା ହେଉଛି ମାନବ ସେବା । ଏକତା, ଭକ୍ତି ଓ ମାନବିକତାର ସହିତ ଆମେ ସମାଜ ପାଇଁ ଏକ ସକାରାତ୍ମକ ପରିବର୍ତ୍ତନ ଆଣିପାରିବା ବୋଲି ସଭାପତି ଡକ୍ଟର ରାଉତ କହିଛନ୍ତି ।




**ଅପୋଲୋ ହସ୍ପିଟାଲ୍ସର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡଃ ପ୍ରତାପ ସି ରେଡ୍ଡୀ ଏବଂ ଯୁଗ୍ମ ପରିଚାଳନା ନିର୍ଦ୍ଦେଶିକା ଡଃ ସଙ୍ଗୀତା ରେଡ୍ଡୀଙ୍କ ଉପସ୍ଥିତିରେ ନୀତି ଆୟୋଗର ସଦସ୍ୟ ଡଃ ଏମ୍ ଶ୍ରୀନିବାସନ 'ଅପୋଲୋ ଅଲୱେଜ୍ ଓପନ୍ ଅଲୱେଜ୍ ହିଅର୍' (Apollo Always Open Always Here) ଅଭିଯାନର ଉଦଘାଟନ କରିଛନ୍ତି।**

**ବିଶ୍ୱରେ ପ୍ରଥମ ଥର କରି ଭାରତୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆପୋଲୋ ହସ୍ପିଟାଲ୍ସ ପକ୍ଷରୁ 'ଅଲୱେଜ୍ ଓପନ୍, ଅଲୱେଜ୍ ହିଅର'ର ଶୁଭାରମ୍ଭ**

ପ୍ରଥମ କରି ଏପରି ପଦକ୍ଷେପରେ ସମସ୍ତ ଆପୋଲୋ ହସ୍ପିଟାଲ୍ସରେ ରବିବାର ଦିନ ମଧ୍ୟ ଡାକ୍ତରୀ ପରାମର୍ଶ, ରୋଗ ନିରୂପଣ ପରୀକ୍ଷା, ପ୍ରତିଷେଧକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ନିର୍ଦ୍ଧାରିତ ଚିକିତ୍ସା ସେବା ଯୋଗାଇ ଦିଆଯିବ

ନୂଆଦିଲ୍ଲୀ, ୧୮ ଅଗଷ୍ଟ, ୨୦୨୬: ଆପୋଲୋ ହସ୍ପିଟାଲ୍ସ ଆଜି 'ଅଲୱେଜ୍ ଓପନ, ଅଲୱେଜ୍ ହିଅର'ର ଶୁଭାରମ୍ଭ ସଂପର୍କରେ ଘୋଷଣା କରିଛି । ଏହା ଏଭଳି ଏକ ଅଭିନବ ପଦକ୍ଷେପ, ଯାହା ମାଧ୍ୟମରେ ରବିବାର ସମେତ ସପ୍ତାହର ସାତ ଦିନ ନିୟମିତ ତଥା ପୂର୍ବ ନିର୍ଦ୍ଧାରିତ ସ୍ୱାସ୍ଥ୍ୟସେବା ଉପଲବ୍ଧ ହୋଇପାରିବ ।

ଆପୋଲୋର ଜରୁରୀକାଳୀନ, ଗୁରୁତର ସ୍ୱାସ୍ଥ୍ୟସେବା ଏବଂ ଇନପେସେଣ୍ଟ ସେବା ସର୍ବଦା ୨୪ ଘଣ୍ଟା ଉପଲବ୍ଧ ରହିଆସିଛି । ଏହି ନୂତନ ପଦକ୍ଷେପ ଦ୍ୱାରା ବର୍ତ୍ତମାନ ରବିବାର ଦିନ ମଧ୍ୟ ଆଉଟପେସେଣ୍ଟ ପରାମର୍ଶ, ରୋଗ ନିରୂପଣ ପରୀକ୍ଷା, ପ୍ରତିଷେଧକ ସ୍ୱାସ୍ଥ୍ୟ ପରୀକ୍ଷା, ଫଲୋ-ଅପ୍ ପରାମର୍ଶ ଏବଂ ପୂର୍ବ ନିର୍ଦ୍ଧାରିତ ଚିକିତ୍ସା ପ୍ରକ୍ରିୟା ଉପଲବ୍ଧ ହୋଇପାରିବ । ଫଳରେ ରୋଗୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସାଧାରଣ କାର୍ଯ୍ୟଦିବସକୁ ଅପେକ୍ଷା ନକରି ଚିକିତ୍ସା ସେବା ପାଇପାରିବେ ।

ଅନେକ କାର୍ଯ୍ୟରତ ଭାରତୀୟଙ୍କ ପାଇଁ ଠିକ୍ ସମୟରେ ଚିକିତ୍ସା ପାଇବାରେ ସବୁଠାରୁ ବଡ଼ ବାଧକ ହେଉଛି ସମୟର ଅଭାବ । ବ୍ୟସ୍ତବହୁଳ କାର୍ଯ୍ୟସୂଚୀ, ପାରିବାରିକ ଦାୟିତ୍ୱ ଏବଂ ସପ୍ତାହର କାର୍ଯ୍ୟଦିବସଗୁଡ଼ିକରେ ଥିବା ବ୍ୟସ୍ତତା ଯୋଗୁଁ ଲୋକମାନେ ପ୍ରାୟତଃ ଡାକ୍ତରୀ ପରାମର୍ଶ, ପରୀକ୍ଷା ନିରୀକ୍ଷା ଏବଂ ସ୍ୱାସ୍ଥ୍ୟ ଯାଞ୍ଚକୁ ଆଗକୁ ଘୁଞ୍ଚାଇ ଦେଇଥାନ୍ତି । ଆପୋଲୋର 'ହେଲଥ୍ ଅଫ୍ ଦି ନେସନ୍ ୨୦୨୬ ରିପୋର୍ଟ'ରେ ମୋଟାପଣ, ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ମେଟାବୋଲିକ୍ ସମସ୍ୟା ଭଳି ଜୀବନଶୈଳୀ ଜନିତ ରୋଗର ବଢ଼ୁଥିବା ପ୍ରଭାବ ଉପରେ ଆଲୋକପାତ କରାଯାଇଛି, ଯାହା ଭାରତୀୟମାନଙ୍କୁ ସେମାନଙ୍କର ସବୁଠାରୁ କାର୍ଯ୍ୟକ୍ଷମ ବୟସରେ ପ୍ରଭାବିତ କରୁଛି । ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଭାରତର ସମଗ୍ର ଆପୋଲୋ ନେଟୱାର୍କରେ ପ୍ରାୟ ୨୫ ଲକ୍ଷରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟରୁ ଏକ ନିରବ ମହାମାରୀ ବୃଦ୍ଧି ପାଉଥିବା ସ୍ପଷ୍ଟ ଜଣାପଡ଼ିଛି; ଯେଉଁଥିରେ କୌଣସି ବାହ୍ୟ ଲକ୍ଷଣ ନଥାଇ ମଧ୍ୟ ଲକ୍ଷ ଲକ୍ଷ ଲୋକ ଦୀର୍ଘସ୍ଥାୟୀ ରୋଗରେ ଆକ୍ରାନ୍ତ ଅଛନ୍ତି । କୌଣସି ଲକ୍ଷଣ ନଥିବା ସତ୍ତ୍ୱେ ପ୍ରାୟ ୨୬% ଲୋକଙ୍କଠାରେ ଉଚ୍ଚ ରକ୍ତଚାପ ଏବଂ ୨୩% ଲୋକଙ୍କଠାରେ ମଧୁମେହ ଥିବା ଜଣାପଡ଼ିଛି । ଏହା ପ୍ରମାଣ କରୁଛି ଯେ କେବଳ ଲକ୍ଷଣ ଦେଖାଦେଲେ ଚିକିତ୍ସା କରିବାର ପଦ୍ଧତି ଆଉ ଯଥେଷ୍ଟ ନୁହେଁ ।

ବିଳମ୍ବ ହେତୁ ସ୍ଥିତି ବିପଜ୍ଜନକ ହେବା ପୂର୍ବରୁ ରୋଗୀଙ୍କୁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଆଉ ଗୋଟିଏ ଅତିରିକ୍ତ ଦିନ ପ୍ରଦାନ କରି 'ଅଲୱେଜ୍ ଓପନ୍, ଅଲୱେଜ୍ ହିଅର' ଏହି ଅଭାବକୁ ଦୂର କରୁଛି ।

ଆପୋଲୋ ହସ୍ପିଟାଲ୍ସ ଗ୍ରୁପର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ପ୍ରତାପ ସି. ରେଡ୍ଡୀ କହିଛନ୍ତି, "ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଆପୋଲୋ ବିଶ୍ୱାସ କରିଆସିଛି ଯେ ସ୍ୱାସ୍ଥ୍ୟସେବା କେବଳ ରୋଗର ଚିକିତ୍ସା କରିବା ନୁହେଁ, ବରଂ ସ୍ୱାସ୍ଥ୍ୟର ସୁରକ୍ଷା କରିବା ଏବଂ ରୋଗକୁ ରୋକିବା । 'ଅଲୱେଜ୍ ଓପନ, ଅଲୱେଜ୍ ହିଅର' ସେହି ପ୍ରତିଶ୍ରୁତିର ଏକ ନିରନ୍ତର ପ୍ରୟାସ । ଜରୁରୀକାଳୀନ ଏବଂ ଗୁରୁତର ସ୍ୱାସ୍ଥ୍ୟସେବା ପାଇଁ ଆମେ ସର୍ବଦା ଉପଲବ୍ଧ ରହିଆସିଛୁ । ଏବେ ଆମେ ସେହି ସମାନ ପ୍ରତିବଦ୍ଧତାକୁ ସପ୍ତାହର ସାତଟି ଯାକ ଦିନ ନିୟମିତ ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ବିସ୍ତାର କରୁଛୁ । ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଆମର ସେବା ସଂକଳ୍ପ ।"

ସେ ଆହୁରି ମଧ୍ୟ କହିଛନ୍ତି, "ଏହି ପଦକ୍ଷେପ ଆପୋଲୋର ପ୍ରତ୍ୟେକ ଡାକ୍ତର, ନର୍ସ, ଟେକ୍ନିସିଆନ୍, ସ୍ୱାସ୍ଥ୍ୟକର୍ମୀ ଏବଂ ସେମାନଙ୍କ ପରିବାର ପ୍ରତି ଏକ ଶ୍ରଦ୍ଧାଞ୍ଜଳି । ସ୍ୱାସ୍ଥ୍ୟସେବା ଏକ ବୃତ୍ତି, ଯାହା ନିଜ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ସେବା ଉପରେ ଆଧାରିତ । ସେମାନଙ୍କ ନିଷ୍ଠା ହିଁ ସମଗ୍ର ଭାରତର ରୋଗୀ ଓ ସେମାନଙ୍କ ପରିବାର ପାଇଁ ଏହି ପଦକ୍ଷେପ ନେବାରେ ଆମକୁ ସକ୍ଷମ କରିଛି । ଯଦି ଗୋଟିଏ ଠିକ୍ ସମୟରେ କରାଯାଇଥିବା ପରାମର୍ଶ ରୋଗକୁ ଶୀଘ୍ର ଚିହ୍ନଟ କରିବାରେ ବା ଏକ ବଡ଼ ବିପଦକୁ ରୋକିବାରେ ସାହାଯ୍ୟ କରେ, ତେବେ ଆମେ ଏକ ଜୀବନ ବଦଳାଇ ପାରିବା । ଯଦି ଆମେ ଲକ୍ଷ ଲକ୍ଷ ଲୋକଙ୍କୁ ବିପଦ ଆସିବା ପୂର୍ବରୁ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପ୍ରେରିତ କରିପାରିବା, ତେବେ ଆମେ ଭବିଷ୍ୟତକୁ ବଦଳାଇ ପାରିବା ।"

ପ୍ରଥମ ପଦକ୍ଷେପ ନେବାରେ ସର୍ବଦା ଆଗୁଆ, ଏବେ ସମୟର ପ୍ରତିବନ୍ଧକକୁ ଦୂର କରିଛି

ସମାଜ ଯାହାକୁ ସାଧାରଣ ବୋଲି ଗ୍ରହଣ କରିନେଇଛି, ତାହାକୁ ଚ୍ୟାଲେଞ୍ଜ କରିବା ଦ୍ୱାରା ହିଁ ସ୍ୱାସ୍ଥ୍ୟସେବାର ପରିବର୍ତ୍ତନ ଆରମ୍ଭ ହୁଏ ବୋଲି ଆପୋଲୋ ହସ୍ପିଟାଲ୍ସ ସର୍ବଦା ବିଶ୍ୱାସ କରିଆସିଛି । ଜୀବନ ରକ୍ଷା କରିବା ଉଦ୍ଦେଶ୍ୟରେ ଥିବା ଏକ ସ୍ଥାନକୁ କାହିଁକି 'କାଜୁଆଲିଟି' କୁହାଯିବ ବୋଲି ଡ. ରେଡ୍ଡୀ ପ୍ରଶ୍ନ ଉଠାଇଥିଲେ ଏବଂ ବିଭିନ୍ନ ଡାକ୍ତରଖାନାରେ ଏହାକୁ 'ଏମରଜେନ୍ସି' ବା 'ଜରୁରୀକାଳୀନ ବିଭାଗ' ଭାବରେ ପରିଭାଷିତ କରିବାରେ ସାହାଯ୍ୟ କରିଥିଲେ । ଯେତେବେଳେ ବିମାନ ଯାତ୍ରା ସମୟରେ ଧୂମପାନ ଏକ ସାଧାରଣ କଥା ଥିଲା, ସେତେବେଳେ ସେ ଏହାକୁ ବନ୍ଦ କରିବା ପାଇଁ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଔଷଧ ଦୋକାନଗୁଡ଼ିକୁ ଆଜି ପରିଚିତ ଥିବା ସ୍ପଷ୍ଟ ସବୁଜ ରଙ୍ଗର କ୍ରସ୍ ଚିହ୍ନ ପରିଚୟ ଦେବାରେ ସାହାଯ୍ୟ କରିଥିଲେ । ଏଗୁଡ଼ିକ ଏପରି କିଛି ସରଳ ପରିବର୍ତ୍ତନ ଥିଲା ଯାହା ଲୋକଙ୍କ ଆଚରଣକୁ ବଦଳାଇ ଦେଇଥିଲା ଏବଂ ଏହା ତାଙ୍କ ଯାତ୍ରାର ଏକ ପ୍ରମୁଖ ବୈଶିଷ୍ଟ୍ୟ ହୋଇ ରହିଆସିଛି: ଅନ୍ୟମାନେ ଯାହାକୁ ସାଧାରଣ ଭାବି ଗ୍ରହଣ କରିନିଅନ୍ତି ତାହା ଉପରେ ଧ୍ୟାନ ଦେବା, ଏହା କାହିଁକି ବଦଳି ପାରିବ ନାହିଁ ବୋଲି ପ୍ରଶ୍ନ କରିବା ଏବଂ ତା'ପରେ ଲକ୍ଷ ଲକ୍ଷ ଲୋକଙ୍କ ହିତ ପାଇଁ ତାହାକୁ ବଦଳାଇବା ।

୧୯୮୩ ମସିହାରୁ ଆପୋଲୋ ଭାରତୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି: ଭାରତ ମାଟିରେ ପୂର୍ବରୁ କେବେ ହୋଇନଥିବା ହୃଦରୋଗ ସମ୍ବନ୍ଧୀୟ ଅସ୍ତ୍ରୋପଚାର; ଦକ୍ଷିଣ ଏସିଆର ପ୍ରଥମ ପ୍ରୋଟନ୍ କ୍ୟାନସର ସେଣ୍ଟର; 'ମାଷ୍ଟର ହେଲଥ୍ ଚେକ୍' ମାଧ୍ୟମରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବାର ଅଗ୍ରଦୂତ ହେବା, ଯାହା ୩ କୋଟିରୁ ଅଧିକ ଲୋକଙ୍କ ଜୀବନକୁ ସ୍ପର୍ଶ କରିଛି; ଏବଂ ବିଶ୍ୱର ଅନ୍ୟତମ ବ୍ୟସ୍ତବହୁଳ ଅଙ୍ଗ ପ୍ରତିରୋପଣ (ସଲିଡ୍-ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ) କାର୍ଯ୍ୟକ୍ରମ । 'ଆପୋଲୋ ପ୍ରୋହେଲଥ୍' ହେଉଛି ପ୍ରଥମ ଏଆଇ-ଚାଳିତ (AI) ସ୍ୱାସ୍ଥ୍ୟ ବିପଦ ପୂର୍ବାନୁମାନ ଓ ବିଶ୍ଳେଷଣ ବ୍ୟବସ୍ଥା, ଯାହା ଲୋକମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟଗତ ବିପଦକୁ ଆଗୁଆ ଚିହ୍ନଟ କରିବା ଏବଂ ସ୍ଥିତି ଗୁରୁତର ହେବା ପୂର୍ବରୁ ସଠିକ୍ ପଦକ୍ଷେପ ନେବାରେ ସାହାଯ୍ୟ କରିଥାଏ । ବର୍ତ୍ତମାନ ୧୫୦ରୁ ଅଧିକ ଦେଶର ରୋଗୀ ଚିକିତ୍ସା ପାଇଁ ଆପୋଲୋକୁ ଆସୁଛନ୍ତି ।

'ଅଲୱେଜ୍ ଓପନ, ଅଲୱେଜ୍ ହିଅର' ମାଧ୍ୟମରେ ଆପୋଲୋ ନିୟମିତ ସ୍ୱାସ୍ଥ୍ୟସେବାରେ ଥିବା ସମୟର ବାଧାବିଘ୍ନକୁ ଦୂର କରି ଆଉ ଏକ ନୂଆ ଇତିହାସ ଯୋଡ଼ିଛି ।

ଆପୋଲୋ ହସ୍ପିଟାଲ୍ସର କାର୍ଯ୍ୟନିର୍ବାହୀ ଉପ-ଅଧ୍ୟକ୍ଷା ଡ. ପ୍ରୀତା ରେଡ୍ଡୀ କହିଛନ୍ତି, "ଲୋକମାନେ ସେମାନଙ୍କ ସୁବିଧାନୁଯାୟୀ ଡାକ୍ତରୀ ସେବା ପାଇବା ଉଚିତ । କାର୍ଯ୍ୟରତ ପେସାଦାର, ବେପାରୀ ଏବଂ ଏକାଧିକ ଦାୟିତ୍ୱ ତୁଲାଉଥିବା ପରିବାରଗୁଡ଼ିକ ପାଇଁ ବିଶେଷ କରି ରବିବାର ଦିନ ଡାକ୍ତରଙ୍କ ସହ ପରାମର୍ଶ କରିବା, ସ୍ୱାସ୍ଥ୍ୟ ପରୀକ୍ଷା କରିବା କିମ୍ବା ଫଲୋ-ଅପ୍ ଚିକିତ୍ସା ଜାରି ରଖିବାର ବିକଳ୍ପ ଏକ ବଡ଼ ପରିବର୍ତ୍ତନ ଆଣିପାରିବ । ଆପୋଲୋ ଉପରେ ଲୋକଙ୍କ ଥିବା ଭରସାଯୋଗ୍ୟ ଚିକିତ୍ସା ସେବା ଯେପରି ସପ୍ତାହର ପ୍ରତ୍ୟେକ ଦିନ ଏବଂ ସେମାନଙ୍କ ଆବଶ୍ୟକତା ସମୟରେ ଉପଲବ୍ଧ ହୋଇପାରିବ, ସେଥିପାଇଁ ଆମର ଥିବା ପ୍ରତିବଦ୍ଧତାକୁ 'ଅଲୱେଜ୍ ଓପନ, ଅଲୱେଜ୍ ହିଅର' ପ୍ରତିଫଳିତ କରୁଛି ।"

ରୋଗୀଙ୍କ ପାଇଁ କ'ଣ ପରିବର୍ତ୍ତନ ଆସିବ

ଡାକ୍ତରଖାନାର ନିର୍ଦ୍ଦିଷ୍ଟ ସମୟସୂଚୀ ଏବଂ ସେବାର ଉପଲବ୍ଧତା ଅନୁଯାୟୀ, ରୋଗୀମାନେ ରବିବାର ଦିନ ମଧ୍ୟ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ, ପ୍ରତିଷେଧକ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ନିରୂପଣ ପରୀକ୍ଷା, ଫଲୋ-ଅପ୍ ପରାମର୍ଶ ଏବଂ ପୂର୍ବ ନିର୍ଦ୍ଧାରିତ ଚିକିତ୍ସା ପ୍ରକ୍ରିୟାର ସୁବିଧା ପାଇପାରିବେ । ଏହାର ଅର୍ଥ ହେଉଛି ଜଣେ କାର୍ଯ୍ୟରତ ବ୍ୟକ୍ତି ସପ୍ତାହର କାର୍ଯ୍ୟଦିବସରେ ଛୁଟି ନନେଇ ମଧ୍ୟ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇପାରିବେ, ଏକ ପରିବାର ନିଜର ବୟସ୍କ ବାପାମା'ଙ୍କୁ ନିର୍ଦ୍ଧାରିତ ପରୀକ୍ଷା ନିରୀକ୍ଷା ପାଇଁ ଆଣିପାରିବେ ଏବଂ ଫଲୋ-ଅପ୍ ପରାମର୍ଶ ପାଇଁ ଅପେକ୍ଷା କରିଥିବା ରୋଗୀଙ୍କୁ ସୋମବାର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ ।

ଏହି ପଦକ୍ଷେପଟି ଆପୋଲୋର ବର୍ତ୍ତମାନର ଚିକିତ୍ସା ଭିତ୍ତିଭୂମି, ଡାକ୍ତର, ପରୀକ୍ଷାଗାର, ଅପରେସନ ଥିଏଟର ଏବଂ ସମନ୍ୱିତ ସ୍ୱାସ୍ଥ୍ୟସେବା ଟିମ୍‌କୁ ବ୍ୟବହାର କରି ରବିବାର ସେବାକୁ ଅଧିକ ସୁବ୍ୟବସ୍ଥିତ ତଥା ରୋଗୀ ଅନୁକୂଳ କରିବ ।

ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଅଧିକ ସମୟୋପଯୋଗୀ, ସହଜଲଭ୍ୟ ଏବଂ ରୋଗୀ-କେନ୍ଦ୍ରିକ କରିବା ଦିଗରେ ଆପୋଲୋର ଦୀର୍ଘ ଦିନର ପ୍ରତିବଦ୍ଧତାର ଏହା ଏକ ସ୍ୱାଭାବିକ ପ୍ରୟାସ ।




ADVT

24001/409/2627

# ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAA-MBJ-0020-2024-24228 R&DM, Dated. 10.06.2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, **ମୌଜା-ତୋଟାପଡା, ଥାନା-ବୈଶିଙ୍ଗା ନଂ. ୨୨୧, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜ**ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ଟେଲ ମାଇନର, ତେନ୍ତୁଳିଗାଁ ମାଇନର, ସାପଗଡିଆ ମାଇନର, ସୁମିତ୍ରାଦେଇପୁର ସବ୍ ମାଇନର, ଗାନଙ୍ଗୁରାକୋଇଲି ସବ୍ ମାଇନର, ତୋଟାପଦା ସବ୍ ମାଇନର I & II ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୪୪୭୪ ତା.୨୪.୦୭.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୫୪୦୩ ତା.୦୫.୦୨.୨୦୨୬ ରିଖ ଅନୁସାରେ ଅଧିସୂଚନାର ବୈଧତା ତା. ୧୫.୦୬.୨୦୨୬ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

| | | | ୩୧୩ | ଶାରଦ ଦୁଇ | ୦.୭୧ | ୦.୭୧ | |
| | | | ୩୧୮ | ଶାରଦ ତିନି | ୧.୩୩ | ୧.୩୩ | |
| | | | ୮୬ | ଘରବାରି | ୦.୦୧ | ୦.୦୧ | |
| ୨୭ | ୩୧ | ଭରତ ନାଏକ ପି: ବୈରାଗି ନାଏକ ଜା: ପାଣ ବା: ଭଗାମୁଣ୍ଡା, ଯୁଝେଷ୍ଠି ନାଏକ, ଚନ୍ଦ୍ରମଣି ନାଏକ, ଇନ୍ଦ୍ରମଣି ନାଏକ, ସୂର୍ଯ୍ୟମଣି ନାଏକ ପି: ଦାସ ନାଏକ, ରେବତୀ ନାଏକ ସ୍ୱା: ଦାସ ନାଏକ ଜା: ପାଣ ବା: ନିଜଗାଁ | ୬୦ | ଶାରଦ ଦୁଇ | ୦.୧୭ | ୦.୧୭ | |
| | | | ୬୨ | ଶାରଦ ଦୁଇ | ୦.୩୮ | ୦.୩୮ | |
| | | | ୬୩ | ଶାରଦ ଦୁଇ | ୦.୩୭ | ୦.୩୭ | |
| | | | ୬୪ | ଶାରଦ ତିନି | ୦.୩୫ | ୦.୩୫ | |
| | | | ୯ | ଶାରଦ ତିନି | ୦.୨୯ | ୦.୨୯ | |
| | | | ୫୯ | ଶାରଦ ତିନି | ୦.୩୧ | ୦.୩୧ | |
| | | | ୬୬ | ତଇଲା ଏକ | ୦.୨୦ | ୦.୨୦ | |
| | | | ୫୮ | ତଇଲା ଦୁଇ | ୦.୮୩ | ୦.୮୩ | |
| | | | ୨୭୨ | ତଇଲା ଦୁଇ | ୧.୩୭ | ୧.୩୭ | |
| | | | ୬୧ | ତଇଲା ଦୁଇ | ୦.୨୯ | ୦.୨୯ | |
| ୨୮ | ୩୨ | ମଦନା ମଳିକ ସ୍ୱା: ଅନନ୍ତ ମଳିକ, ନୟନା ମଳିକ, ଲାବଣ୍ୟ ମଳିକ ପି: ଅନନ୍ତ ମଳିକ, ସୁକ ମଳିକ ସ୍ୱା: ହାଡ଼ିଆ ମଳିକ ଜା: କନ୍ଧ ବା: ନିଜଗାଁ | ୧୯୭ | ଶାରଦ ଦୁଇ | ୦.୪୯ | ୦.୪୯ | |
| | | | ୨୧୫ | ଶାରଦ ଦୁଇ | ୨.୧୨ | ୨.୧୨ | |
| | | | ୨୧୩ | ଶାରଦ ତିନି | ୦.୮୩ | ୦.୮୩ | |
| | | | ୨୪୩ | ତଇଲା ଏକ | ୦.୨୨ | ୦.୨୨ | |
| | | | ୨୧୬ | ତଇଲା ଦୁଇ | ୦.୪୧ | ୦.୪୧ | |
| | | | ୧୭୭ | ଶାରଦ ତିନି | ୦.୨୪ | ୦.୨୪ | |
| | | | ୮୫ | ଘରବାରି | ୦.୦୨ | ୦.୦୨ | |
| | | | ୨୩୩ | ତଇଲା ଏକ | ୦.୫୩ | ୦.୫୩ | |
| ୨୯ | ୩୩ | ହରିହର ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ, ସୁଲୋଚନା ନାଏକ ପି: ଉଦୟନାଥ ନାଏକ, କୃଷ୍ଣଚନ୍ଦ୍ର ନାଏକ, ତିଳୋତ୍ତମା ନାଏକ ପି: ବିଶ୍ୱନାଥ ନାଏକ, କିଶୋରୀ ନାଏକ, ପ୍ରତିମା ନାଏକ କମଳା ନାଏକ ପି: ସୋମନାଥ ନାଏକ, କୁନି ନାଏକ ପି: କଣ୍ଡ ନାଏକ, ବନିତା ନାଏକ ସ୍ୱା: ଦେବ ନାଏକ, ବିକାଶ ନାଏକ, ସୁନିମା ନାଏକ ପି: ଦେବ ନାଏକ, ମଉନା ନାଏକ, ସ୍ୱା: ନାଭ ନାଏକ ଅଶ୍ୱିନୀ ନାଏକ, ଶିବାନୀ ନାଏକ ପି: ନାଭ ନାଏକ, ସୁଲ ନାଏକ ପି: ଭାଲୁ ନାଏକ, ପଦ୍ମ ଚରଣ ବେହେରା, ଗୁପ୍ତ ଚରଣ ବେହେରା ପି: ବାନାମ୍ବର ବେହେରା ଜା: ପାଣ ବା: ନିଜଗାଁ | ୩୭୯ | ଶାରଦ ଏକ | ୦.୯୧ | ୦.୯୧ | |
| | | | ୩୭୧ | ଶାରଦ ଏକ | ୦.୫୨ | ୦.୫୨ | |
| | | | ୪୦୭ | ଶାରଦ ଦୁଇ | ୦.୧୭ | ୦.୧୭ | |
| | | | ୩୮୩ | ଶାରଦ ଦୁଇ | ୦.୩୩ | ୦.୩୩ | |
| | | | ୩୬୯ | ଶାରଦ ଦୁଇ | ୦.୨୮ | ୦.୨୮ | |
| | | | ୩୭୦ | ଶାରଦ ଦୁଇ | ୦.୨୯ | ୦.୨୯ | |
| | | | ୩୭୭ | ଶାରଦ ଦୁଇ | ୦.୩୩ | ୦.୩୩ | |
| | | | ୩୭୮ | ଶାରଦ ଦୁଇ | ୦.୧୮ | ୦.୧୮ | |
| | | | ୪୭ | ତଇଲା ଏକ | ୦.୦୫ | ୦.୦୫ | |
| | | | ୩୮୨ | ତଇଲା ଏକ | ୦.୩୬ | ୦.୩୬ | |
| | | | ୪୯ | ଘରବାରି | ୦.୦୪ | ୦.୦୪ | |
| ୩୦ | ୩୪ | ରଘୁନାଥ ଦେହୁରୀ, ଉଦ୍ୟନାଥ ଦେହୁରୀ, ସୋମନାଥ ଦେହୁରୀ, ଲୋକନାଥ ଦେହୁରୀ ପି: ବୋଡ଼ା ଦେହୁରୀ ଜା: କନ୍ଧ ବା: ନିଜଗାଁ | ୧୭୨ | ଶାରଦ ଦୁଇ | ୦.୪୯ | ୦.୪୯ | |
| | | | ୧୭୪ | ଶାରଦ ଦୁଇ | ୦.୨୦ | ୦.୨୦ | |
| | | | ୨୦୪ | ଶାରଦ ଦୁଇ | ୦.୨୪ | ୦.୨୪ | |
| | | | ୨୦୭ | ଶାରଦ ଦୁଇ | ୧.୧୭ | ୧.୧୭ | |
| | | | ୨୧୭ | ଶାରଦ ଦୁଇ | ୦.୫୮ | ୦.୫୮ | |
| | | | ୨୨୧ | ଶାରଦ ଦୁଇ | ୦.୪୨ | ୦.୪୨ | |
| | | | ୨୨୨ | ଶାରଦ ଦୁଇ | ୦.୫୬ | ୦.୫୬ | |
| | | | ୧୪୦ | ଶାରଦ ଦୁଇ | ୦.୨୫ | ୦.୨୫ | |
| | | | ୨୬୬ | ଶାରଦ ଦୁଇ | ୦.୪୯ | ୦.୪୯ | |
| | | | ୨୬୯ | ଶାରଦ ଦୁଇ | ୦.୬୫ | ୦.୬୫ | |
| | | | ୨୮୫ | ଶାରଦ ଦୁଇ | ୦.୮୯ | ୦.୮୯ | |
| | | | ୩୨୭ | ଶାରଦ ଦୁଇ | ୦.୩୭ | ୦.୩୭ | |
| | | | ୪୪୭ | ଶାରଦ ଦୁଇ | ୦.୨୪ | ୦.୨୪ | |
| | | | ୪୬୫ | ଶାରଦ ଦୁଇ | ୦.୨୧ | ୦.୨୧ | |
| | | | ୪୩୯ | ଶାରଦ ତିନି | ୦.୩୬ | ୦.୩୬ | |
| | | | ୧୬୫ | ଶାରଦ ତିନି | ୦.୧୧ | ୦.୧୧ | |
| | | | ୨୯୪ | ତଇଲା ଏକ | ୦.୭୦ | ୦.୭୦ | |
| | | | ୧୬୦ | ତଇଲା ଏକ | ୦.୦୬ | ୦.୦୬ | |
| | | | ୧୨୦ | ତଇଲା ଏକ | ୦.୪୨ | ୦.୪୨ | |
| | | | ୨୩୯ | ତଇଲା ଏକ | ୦.୪୪ | ୦.୪୪ | |
| | | | ୨୪୧ | ତଇଲା ଏକ | ୦.୦୬ | ୦.୦୬ | |
| | | | ୨୫୮ | ତଇଲା ଏକ | ୦.୦୧ | ୦.୦୧ | |
| | | | ୨୬୧ | ଘରବାରି | ୦.୩୭ | ୦.୩୭ | |
| | | | ୧୧୮ | ଘରବାରି | ୦.୦୬ | ୦.୦୬ | |
| ୩୧ | ୩୫ | ଲକ୍ଷ୍ମଣ ମଳିକ ପି: ରାଜନ ମଳିକ, କଳାମତୀ ପ୍ରଧାନ, ନିର୍ମଳା ଜାନୀ ପି: ଗୋବିନ୍ଦ ମଳିକ, ମରୁଆ ମଳିକ ସ୍ୱା: ଗୋବିନ୍ଦ ମଳିକ ଜା: କନ୍ଧ ବା: ଭଗାମୁଣ୍ଡା | ୪୧୫ | ଶାରଦ ଏକ | ୧.୦୨ | ୧.୦୨ | |
| | | | ୪୧୩ | ଶାରଦ ଦୁଇ | ୦.୨୫ | ୦.୨୫ | |
| | | | ୪୨୦ | ଶାରଦ ତିନି | ୦.୩୫ | ୦.୩୫ | |
| | | | ୫୬ | ତଇଲା ଏକ | ୨.୩୧ | ୨.୩୧ | |
| | | | ୬୯ | ତଇଲା ଏକ | ୦.୧୪ | ୦.୧୪ | |
| | | | ୧୦ | ତଇଲା ଦୁଇ | ୦.୩୨ | ୦.୩୨ | |
| | | | ୨୮ | ତଇଲା ଦୁଇ | ୦.୪୭ | ୦.୪୭ | |
| ୩୨ | ୩୬ | ଲାବନ୍ୟ ଦେଇ ସ୍ୱା: ଲଡୁକେଶ ବେହେରା, କୁନିଲତା ସାହୁ, ମିନାକ୍ଷୀ ସାହୁ, ପ୍ରମୋଦିନୀ ବେହେରା, ସୁରେଶ ଚନ୍ଦ୍ର ବେହେରା, ସୌଦାମିନୀ ସାହୁ ପି: ଲଡୁକେଶ୍ୱର ବେହେରା, ଉଦ୍ୟନାତ ବେହେରା ପି: ଜଗନ୍ନାଥ ବେହେରା ଜା: ତେଲି ବା: ଜରୀପାଟଣା | ୭୦ | ତଇଲା ଏକ | ୦.୩୫ | ୦.୩୫ | |
| | | | ୭୧/୪୭୨ | ତଇଲା ଏକ | ୦.୧୦ | ୦.୧୦ | |
| | | | ୩୦ | ତଇଲା ଦୁଇ | ୦.୧୫ | ୦.୧୫ | |
| ୩୩ | ୩୭ | ଶ୍ରୀ ବାନ୍ଦେରୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ:, ଗ୍ରାମବାସୀଙ୍କ ପକ୍ଷେ ବା:, ସନାତନ ଦେହୁରୀ ପି: ପାଣୁ ଦେହୁରୀ ଜା: କନ୍ଧ ବା: ନିଜଗାଁ | ୧୬୮ | ଶାରଦ ଦୁଇ | ୦.୪୮ | ୦.୪୮ | |
| ୩୪ | ୩୮ | ଉଲ୍ଲାସ କହଁର, ନିରାଶ ମଳିକ ପି: ସନାତନ ଦେହୁରି, କୈଳାଶ କହଁର ପି: ଚୈତନ୍ୟ ଦେହୁରି ଜା: କନ୍ଧ ବା: ପେମ୍ପରଡ଼ା | ୨୪୮ | ଶାରଦ ଦୁଇ | ୦.୨୮ | ୦.୨୮ | |
| | | | ୨୭୧ | ଶାରଦ ଦୁଇ | ୦.୨୧ | ୦.୨୧ | |
| | | | ୨୭୪ | ଶାରଦ ଦୁଇ | ୦.୩୧ | ୦.୩୧ | |
| | | | ୩୪୮ | ଶାରଦ ଦୁଇ | ୦.୩୬ | ୦.୩୬ | |
| | | | ୩୫୧ | ଶାରଦ ଦୁଇ | ୦.୧୪ | ୦.୧୪ | |
| | | | ୩୫୨ | ଶାରଦ ଦୁଇ | ୦.୧୫ | ୦.୧୫ | |
| | | | ୩୫୪ | ଶାରଦ ଦୁଇ | ୦.୧୭ | ୦.୧୭ | |
| | | | ୩୫୫ | ଶାରଦ ଦୁଇ | ୦.୧୪ | ୦.୧୪ | |
| | | | ୩୫୬ | ଶାରଦ ଦୁଇ | ୦.୧୫ | ୦.୧୫ | |
| | | | ୩୬୧ | ଶାରଦ ଦୁଇ | ୦.୦୬ | ୦.୦୬ | |
| | | | ୩୬୨ | ଶାରଦ ଦୁଇ | ୦.୨୫ | ୦.୨୫ | |
| | | | ୧୪୩ | ଶାରଦ ଦୁଇ | ୦.୨୫ | ୦.୨୫ | |
| | | | ୨୮୨ | ଶାରଦ ଦୁଇ | ୦.୧୬ | ୦.୧୬ | |
| | | | ୨୮୩ | ଶାରଦ ଦୁଇ | ୦.୩୧ | ୦.୩୧ | |
| | | | ୩୯୦ | ଶାରଦ ଦୁଇ | ୦.୧୧ | ୦.୧୧ | |

9001/124/2627

## ଓଡ଼ିଶା ସରକାର

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା.୨୪.୦୮.୨୦୨୬ ରିଖ ସୋମବାର ଦିନ ସକାଳ ୦୮.୦୦ ଘଟିକା ସମୟରେ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ** ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣୀ କରିବେ ।

ଏହି ଅଭିଯୋଗ ଶୁଣାଣୀ ପାଇଁ ଅନଲାଇନ ପଞ୍ଜୀକରଣ **ତା.୧୯.୦୮.୨୦୨୬ ରିଖ ଦିବା ୧୧.୦୦ ଘଟିକାରୁ ଆରମ୍ଭ ହେବ ।** ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣୀ ପୋର୍ଟାଲ (https://janusunani.odisha.gov.in) ଅଥବା ଜନଶୁଣାଣୀ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡକୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣୀ ସ୍ଥଳରେ ପହଞ୍ଚି ପାରିବେ ।

**ପ୍ରମୁଖ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR : 9001/9001/1/26-27/0060

## ବରୀ ବ୍ଲକର ୮୩ ଗାଁ ପ୍ରଭାବିତ

ଯାଜପୁରସଦର-(ସ.ବ୍ୟୁ)-ପ୍ରଥମ ବନ୍ୟା ଛାଡ଼ିବାର ୨ ସପ୍ତାହ ନ ପୂରୁଣୁ ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ବନ୍ୟା ଆସି ବରୀ ବ୍ଲକର ବ୍ୟାପକ ଅଞ୍ଚଳକୁ ପ୍ରଭାବିତ କରିଛି। ଏଥିଯୋଗୁ ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତର ୮୩ ଗାଁ ପ୍ରଭାବିତ ହୋଇଛି। ବରୀ-କଳାମାଟିଆ ପୂର୍ତ୍ତ ବିଭାଗ ରାସ୍ତାର ଅରଙ୍ଗାବାଦ ବାଲିକିଲିପାଟ ସାହା ମନ୍ଦିର ନିକଟ ଓ ଜେଙ୍କଡ଼ାପାଟରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, KATAKA**

32001/712/2627 Letter No. 4321 / Dt. 17.08.2026

**GOVERNMENT OF ODISHA e-Procurement Notice**

**Bid Identification No. on line SECMID-12/2026-27**

eemidcuttack@yahoo.co.in

| | | | |
|---|---|---|---|
| 1. | Name of work | : | Improvement of Check Dams under Improvement to Check Dam Scheme and Renovation of MIPs under Critical scheme in MI Sub-Division Banki, Badamba, Narasinghpur, Athagada and Kataka. |
| 2. | Total Number of work | : | 24 (Twenty Four) nos. |
| 3 | Estimated cost | : | Varies from Rs. 9.52 to Rs. 39.37 lakh. |
| 4. | Tender paper Cost(Online) | : | Varies from Rs. 4,000/- to Rs. 6,000/- |
| 5. | Bid Security (Online) | : | As per DTCN |
| 6. | Period of Completion | : | As per DTCN |
| 7. | Availability of Bid Document | : | From 28.08.2026, 10.00 AM to 08.09.2026,5.00 PM in website (www.tendersorissa.gov.in) |
| 8. | Last date & Time of receipt | : | 08.09.2026 at 5.00 PM through online Bid . |
| 9. | Date of opening of Technical Bid documents | : | 09.09.2026 at 11.00 A.M in the office of the SE, M.I. Division, Kataka.. |
| 10 | Date of Lottery, if required | : | 29.09.2026 at 12.00 Noon in the office of the SE, M.I. Division, Kataka. |
| 11. | Name and address of the OIT | : | Superintending Engineer, M.I. Division, Kataka.. P.O :- Nayabazar, Kataka. Phone :-0671-2443622 PINCODE :- 753004 |

Further details can be seen from the Government of Odisha Web-Site www.tendersorissa.gov in

Notes:- Corrigendum / Addendum / Modification / Additions if any, can be seen through On-line only.

**Sd/- Superintending Engineer**
**M.I. Division, Kataka**

OIPR : 32001/32121/1/26-27/0010

# ଟ୍ରକ ଚକା ତଳେ ଯୁବକ ମୃତ : ରାସ୍ତାରୋକ

ଫୁଲନଖରା,(ସବ୍ୟୁ) : ବୟାଳିଶମୌଜା ଥାନା ଅନ୍ତର୍ଗତ ବେଣ୍ଟକାର ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ଜୀବନ ଚାଲିଯାଇଛି। ଚାଉଳ ବୋଝେଇ ଟ୍ରକ ଧକ୍କା ଦେବା ପରେ ଯୁବକଙ୍କୁ କିଛି ଦୂର ଘୋଷାଡ଼ି ନେଇଥିଲା। ଟ୍ରକ ତଳେ ପଶିଯିବାରୁ ତାଙ୍କ ମୁଣ୍ଡ ଉପରେ ଚକ ଚଢ଼ିଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ ବେଣ୍ଟକାର ଗ୍ରାମର ପ୍ରଦୀପ୍ତ ମହାନ୍ତିଙ୍କ ସାନପୁଅ ରାଜେଶ ମହାନ୍ତି (କାହ୍ନା)। ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ରାଜେଶ ନିଜ ଘରୁ ମୁଖ୍ୟ ରାସ୍ତାକୁ ଆସୁଥିଲେ। ଏହି ସମୟରେ କଟକ ପଟୁ ଆସୁଥିବା ଏକ ଚାଉଳ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇ କିଛି ଦୂର ଘୋଷାଡ଼ି ନେଇଥିଲା। ରାଜେଶ ଟ୍ରକ ତଳେ ପଶିଯିବାରୁ ତାଙ୍କ ମୁଣ୍ଡ ଉପରେ ଚକ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ରାଜେଶଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ । ଏପଟେ ରାଜେଶଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ପ୍ରଦାନ ଦାବିରେ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଖବର ପାଇ କଟକ ତହସିଲଦାର ଦେବଦତ୍ତ ପ୍ରଧାନ, ଏସିପି ଅମିତାଭ ମହାପାତ୍ର ଏବଂ ସ୍ଥାନୀୟ ଥାନା ଆଇଆଇସି ହେମନ୍ତ ସେଠୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାୟ ୪ ଘଣ୍ଟା ଧରି ରାସ୍ତାରୋକ ଚାଲିବା ପରେ ତହସିଲଦାର ମୃତକଙ୍କ ପରିବାରକୁ ତତ୍କାଳ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଏଥିସହ ଅଧିକ କ୍ଷତିପୂରଣ ଅର୍ଥରାଶି ମଞ୍ଜୁର କରାଇବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING) 4001/268/2627
CIN: U40101OR1995SGC003963
REGD.OFFICE: OHPC Corporate Office, Bhoi Nagar, Janpath, Bhubaneswar-751022 Phone: 91-0674-2542983,2542802,2545526
E-mail: ohpc.co@gmail.com
No. OHPC:TECH:C&P/19/2026-27/ 7609 Date: 12.08.2026

**NOTICE INVITING TENDER No.12/2026-27**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from consultancy firms having valid GST Registration Certificate & IT PAN and having experience in Preparation of Pre-Feasibility Report (PFR) /DPR as well as fulfilling the other eligibility criteria as per the terms & conditions of this tender specification for the work as mentioned below.

| Description of Services | Cost of Tender paper in Rs. (including GST@18%) (Non refundable) | EMD in Rs. (Refundable) |
|---|---|---|
| Providing Consultancy Services for Preparation of Pre-Feasibility Report of Middle Kolab Hydro Electric Project, Koraput District, Odisha AND for Preparation of Pre-Feasibility Report of Tel Integrated Hydro Electric Project, Nabarangpur District, Odisha | Rs. 11,800/- | Rs.62,000/- |

For details of the tender specification, terms & conditions and corrigendum, please visit / refer our official website www.ohpc.co.in from dated 20.08.2026.

OIPR : 4001/4088/1/26-27/0010 **C &P Head**

## ଜିଲ୍ଲାପାଳଙ୍କ ଆଦେଶ ଉଲ୍ଲଂଘନ କଲେ ତଦନ୍ତ କମିଟି

ପଟ୍ଟାମୁଣ୍ଡାଇ (ସ ବ୍ୟୁ)-ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଳିପୁର ଗ୍ରାମରେ ସରକାରୀ ରାସ୍ତା ଜମିରେ ହେଉଥିବା ବେଆଇନ ନିର୍ମାଣକୁ ବିରୋଧ କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ୧୪ ଦିନରେ ପହଞ୍ଚିଛି। ଏହି ନିର୍ମାଣକୁ ବିରୋଧ କରି ଗ୍ରାମବାସୀଙ୍କ ପକ୍ଷରୁ ଦୁଇ ଜଣ ଅନଶନରେ ବସିଥିବା ବେଳେ ଗତ ଶୁକ୍ରବାର ଦିନ କେନ୍ଦ୍ରାପଡା ଜିଲ୍ଲାପାଳ ଅନଶନ ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ସେତେବେଳେ ଜିଲ୍ଲାପାଳ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ତଦନ୍ତ କମିଟି କ୍ଷେତ୍ର ପରିଦର୍ଶନ କରିବା ସମୟରେ ଅନଶନକାରୀ ଓ ବେଆଇନ ନିର୍ମାଣକୁ ବିରୋଧ କରୁଥିବା ଗ୍ରାମବାସୀଙ୍କୁ ସାଙ୍ଗରେ ରଖି ତଦନ୍ତ କରିବେ। କିନ୍ତୁ ଅତିରିକ୍ତ ଜିଲ୍ଲାପାଳ ଏବଂ ପିଡି ଙ୍କୁ ନେଇ ଗଠିତ ତଦନ୍ତ କମିଟି କ୍ଷେତ୍ର ପରିଦର୍ଶନ କରିଥିଲେ ମଧ୍ୟ ଜିଲ୍ଲାପାଳଙ୍କ ଆଦେଶକୁ ସମ୍ପୂର୍ଣ୍ଣ ଅବହେଳା କରିଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କମିଟି କେବଳ ଆଇନ ନିର୍ମାଣ କରୁଥିବା ପକ୍ଷର ବନ୍ଧୁ-ବାନ୍ଧବ ଏବଂ ତାଙ୍କୁ ସହଯୋଗ କରୁଥିବା କିଛି ଗୁଣ୍ଡା ଶ୍ରେଣୀୟ ୧୦/୧୫ ଜଣ ବ୍ୟକ୍ତିଙ୍କୁ ଡାକି କ୍ଷେତ୍ର ପରିଦର୍ଶନ କରିଥିବା ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଏକ ଭିଡିଓ ରୁ ଦେଖିବାକୁ ମିଳିଥିଲା। ଅନଶନକାରୀ କିମ୍ବା ବେଆଇନ ନିର୍ମାଣକୁ ବିରୋଧ କରୁଥିବା ଗ୍ରାମବାସୀଙ୍କୁ ସୂଚନା ପର୍ଯ୍ୟନ୍ତ ଦିଆଯାଇ ନଥିଲା। ଏପରିକି ତଦନ୍ତ କମିଟି ଜାଗା ଚିହ୍ନଟ ପାଇଁ କୌଣସି ନକ୍ସା କିମ୍ବା ଅମିନ କୁ ସାଥୀରେ ନେଇ ନଥିବା ଜଣା ପଡିଛି।ତଦନ୍ତ କମିଟି ର ଜିଲ୍ଲାପାଳଙ୍କ ଆଦେଶ କୁ ଉଲ୍ଲଂଘନ ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

25001/936/2627 E.Mail- rw boudh@yahoo.co.in

**Government of Odisha**

**e-Procurcment Notice**

**Identification No. Online Tender/ 06/ SE RW BOUDH/ 2026-27**

**NATIONAL COMPETITIVE BIDDING THROUGH e-procurement**

**Name of the work: - Road work -1 No.**

| | | | |
|---|---|---|---|
| 1. | Estimated cost | : | Rs. 98.28 lakh (approximately) |
| 2. | Period of completion | : | 06 calendar Months |
| 3. | Date & Time of availability of Bid documents in the portal | : | From 21.08.2026,10.00AM to 29.08.2026 5.00 PM |
| 4. | Last date / Time for receipt of bids in the portal: | : | 29.08.2026 up to 5.00 PM |
| 5. | Last date / Time for seeking of Tender clarification | : | 28.08.2026 up to 5.00 PM |
| 6. | Date & Time of opening of Technical Bid | : | 31.08.2026 at 11.00 AM |
| 7. | Name & Address of the officer inviting Bid | : | Executive Engineer, R.W.Division, Boudh |

Further details, corrigendum(s) etc can be seen from the e-procurement portal **"https:// www.tendersorissa.gov.in"**

**Sd/- Executive Engineer**
**R.W. Division, Boudh**

OIPR : 25001/25061/1/26-27/0006

**OFFICE OF THE PANCHAYAT SAMITI JHUMPURA**
At/Po/Via-Jhumpura, Dist-Keonjhar, Pin-758031 (ODISHA)
E Mail: ori-jhumpura@od.gov.in

**BID ID NO.-TCN No.-01/ JHUMPURA/ 2026-27**

19001/201/2627 **e-TENDER CALL NOTICE**

The Block Development Officer, Jhumpura, Keonjhar on behalf of Governor of Odisha invites online pecentage rate bid through e-procurement from the "B, C & D" class contractors with CDMS Registration for 16 nos. of projects as detailed in the Annexure-I to the the Bid Notice.The eligible criteria and the details of the tender documents which can be downloaded from the website www.tendersodisha.gov.in. Interested bidders fulfilling the eligibility criteria may submit their proposals through website www.tendersodisha.gov.in.The bid documents will be available in the above website from 10.00 hours of 20.08.2026 to 17.30 hours of 07.09.2026. The bidders should submit their proposals complete in all respect through Online before 17.30 hours of 07.09.2026. The tender will be opened on 08.09.2026 at 11.00 AM in the Conference Hall of Office of the Jhumpura Block. The undersigned reserves the right to reject the bidder(s) if any document(s) found incorrect/false at any state of bidding.

**Sd/- Block Development Officer**
**Jhumpura**

OIPR : 19001/19108/1/26-27/0001

**OFFICE OF THE DEAN & PRINCIPAL,**
**MAHARAJA KRISHNA CHANDRA GAJAPATI MEDICAL COLLEGE,**
BRAHMAPUR.760 004, GANJAM, ODISHA.
Tel. 0680.2292746. FAX: 0680.2292809 //
Email: mkcgmc_bam@gmail com Website: www.mkcgmch.org
No. 10001/MCB-2026/Welfare/
10001/471/2627 Dt. Berhampur the 17th Aug. 2026

**TENDER CALL NOTICE**

Sealed Quotations/Tenders are invited in two bid system (Technical & Financial bid) from interested reputed Travel Agencies/ Tour Operator or Private individuals for hiring of one no. of Electric vehicle having sitting capacity not more than 5 seats including driver, which shall conform to the Terms and Conditions for official use in MKCG Medical College, Brahmapur on monthly rent basis. The details of the required vehicle are mentioned below:

| Sl. No. | Vehicle Model | Maximum hiring charge per month excluding Taxes | Quantity |
|---|---|---|---|
| 1 | Tata Tigor EV etc. or equivalent Electric Vehicle | Rs.50,000/- | 01 |

The above models of vehicles is only indicative. The details terms of reference can be obtained from the official website of MKCG MCH i.e mkcgmch.org. The last date of submission of Tender is 12-8-2026 by 5 PM

**Sd/- Dean & Principal**
**MKCG Medical College,**
**Brahmapur**

OIPR : 10001/10013/1/26-27/0005

**GOVERNMENT OF ODISHA**
**WORKS DEPARTMENT**
**OFFICE OF THE SUPERINTENDING ENGINEER,**
**BALLIGUDA (R&B) DIVISION, BALLIGUDA**
TELEPHONE & Fax 06846-243242 E-mail- eepwd.baliguda@gmail,com

**e-procurement notice**

**Bid Identification No. S.E. BLG-05/ 2026-27**

34001/650/2627 Dated: -14.08.2026

| Sl. No. | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs. 4.47 lakhs to Rs.13.87 lakhs |
| 2 | No. of Works | 3(Three) Only |
| 3 | Period & time of completion | 01 (One) Year |
| 4 | Date & time of availability of the bid document in the portal | 24.08.2026 to 07.09.2026 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 07.09.2026 |
| 6 | Date & Time of bid opening | 11.30 hours on Dated. 08.09.2026 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist: -Kandhamal, Pin-762103 |

Others can be seen from Detailed Notice Inviting Tenders, available in website. **www.tendersodisha.gov.in.**

Corrigendum if any, shall only be published in the above website.

**Sd/- Superintending Engineer**
**Balliguda(R&B) Division**

OIPR : 34001/34162/1/26-27/0006

| | | | | | | |
|---|---|---|---|---|---|---|
| | | | ୪୫୪ | ଶାରଦ ଦୁଇ | ୦.୨୨ | ୦.୨୨ |
| | | | ୧୪୫/୪୯୦ | ଶାରଦ ଦୁଇ | ୦.୦୯ | ୦.୦୯ |
| | | | ୧୫୬/୪୯୨୨ | ଶାରଦ ଦୁଇ | ୦.୧୪ | ୦.୧୪ |
| | | | ୪୬୭ | ଶାରଦ ଦୁଇ | ୦.୧୪ | ୦.୧୪ |
| | | | ୪୪୬ | ଶାରଦ ତିନି | ୦.୧୧ | ୦.୧୧ |
| | | | ୪୫୬/୪୯୬ | ଶାରଦ ତିନି | ୦.୨୩ | ୦.୨୩ |
| | | | ୪୫୮/୪୯୭ | ଶାରଦ ତିନି | ୦.୧୫ | ୦.୧୫ |
| | | | ୪୩୪ | ଶାରଦ ତିନି | ୦.୩୦ | ୦.୩୦ |
| | | | ୩୨୨ | ଶାରଦ ତିନି | ୦.୧୬ | ୦.୧୬ |
| | | | ୩୨୩ | ଶାରଦ ତିନି | ୦.୧୦ | ୦.୧୦ |
| | | | ୩୨୪ | ଶାରଦ ତିନି | ୦.୨୮ | ୦.୨୮ |
| | | | ୩୬୩ | ଶାରଦ ତିନି | ୦.୧୨ | ୦.୧୨ |
| | | | ୨୭୭ | ଶାରଦ ତିନି | ୦.୫୭ | ୦.୫୭ |
| | | | ୧୬୨ | ଶାରଦ ତିନି | ୦.୦୫ | ୦.୦୫ |
| | | | ୧୬୩ | ଶାରଦ ତିନି | ୦.୦୭ | ୦.୦୭ |
| | | | ୨୪୦ | ତଇଲା ଏକ | ୦.୧୦ | ୦.୧୦ |
| | | | ୨୪୨ | ତଇଲା ଏକ | ୦.୦୯ | ୦.୦୯ |
| | | | ୧୫୪ | ତଇଲା ଏକ | ୦.୧୫ | ୦.୧୫ |
| | | | ୪୪୧ | ତଇଲା ଏକ | ୦.୩୯ | ୦.୩୯ |
| | | | ୨୯୧/୪୯୪ | ତଇଲା ଏକ | ୦.୩୪ | ୦.୩୪ |
| | | | ୧୫୧/୪୯୧ | ତଇଲା ଏକ | ୦.୧୫ | ୦.୧୫ |
| | | | ୪୪୮ | ତଇଲା ଏକ | ୦.୦୭ | ୦.୦୭ |
| | | | ୪୪୯ | ତଇଲା ଏକ | ୦.୨୦ | ୦.୨୦ |
| | | | ୪୫୦ | ତଇଲା ଦୁଇ | ୦.୫୩ | ୦.୫୩ |
| | | | ୪୬୧ | ତଇଲା ଦୁଇ | ୦.୪୪ | ୦.୪୪ |
| | | | ୨୬୨ | ତଇଲା ଦୁଇ | ୦.୧୪ | ୦.୧୪ |
| | | | ୨୬୩ | ତଇଲା ଦୁଇ | ୦.୧୩ | ୦.୧୩ |
| | | | ୪୬୪ | ତଇଲା ଦୁଇ | ୦.୦୬ | ୦.୦୬ |
| | | | ୧୨୧ | ତଇଲା ଦୁଇ | ୦.୦୩ | ୦.୦୩ |
| | | | ୪୪୦ | ତଇଲା ଦୁଇ | ୦.୧୬ | ୦.୧୬ |
| | | | ୪୪୪ | ତଇଲା ଦୁଇ | ୦.୩୪ | ୦.୩୪ |
| | | | ୩୨୧ | ତଇଲା ଦୁଇ | ୦.୦୬ | ୦.୦୬ |
| ୩୫ | ୩୯ | ସନାତନ ଦେହୁରୀ, ଚୈତନ୍ୟ ଦେହୁରୀ ପି: ପାଣୁଆ ଦେହୁରୀ, ଯୋଗେନ୍ଦ୍ର ଦେହୁରୀ, ଉପେନ୍ଦ୍ର ଦେହୁରୀ ପି: ଶିଶୁ ହେହୁରୀ, ମହାଦେଇ ଦେହୁରୀ ସ୍ୱା: ଶିଶୁ ଦେହୁରୀ ଜା: କନ୍ଧ ବା: ନିଜଗାଁ | ୧୬୪ | ଶାରଦ ତିନି | ୦.୦୮ | ୦.୦୮ |
| | | | ୧୧୨ | ଘରବାରି | ୦.୦୯ | ୦.୦୯ |
| | | | ୧୧୩ | ଘରବାରି | ୦.୦୪ | ୦.୦୪ |
| | | | ୧୧୪ | ଘରବାରି | ୦.୦୪ | ୦.୦୪ |
| | | | ୧୧୫ | ଘରବାରି | ୦.୦୮ | ୦.୦୮ |
| | | | ୧୧୬ | ଘରବାରି | ୦.୦୪ | ୦.୦୪ |
| | | | ୧୧୭ | ଘରବାରି | ୦.୦୯ | ୦.୦୯ |
| | | | ୮୪ | ଘରବାରି | ୦.୦୨ | ୦.୦୨ |
| ୩୬ | ୪୦ | ସାଇଁନ୍ତା ଯାନି ସ୍ୱା: ବିମ୍ବାଧର ଯାନି ଜା: କନ୍ଧ ବା: ନିଜଗାଁ | ୩୩୪ | ଶାରଦ ଏକ | ୦.୩୩ | ୦.୩୩ |
| | | | ୩୦୪ | ଶାରଦ ଦୁଇ | ୦.୨୧ | ୦.୨୧ |
| | | | ୩୧୨ | ଶାରଦ ଦୁଇ | ୦.୨୦ | ୦.୨୦ |
| | | | ୩୧୪ | ଶାରଦ ଦୁଇ | ୦.୮୦ | ୦.୮୦ |
| | | | ୩୧୭ | ଶାରଦ ଦୁଇ | ୦.୫୦ | ୦.୫୦ |
| | | | ୩୨୫ | ଶାରଦ ଦୁଇ | ୦.୮୬ | ୦.୮୬ |
| | | | ୩୨୯ | ଶାରଦ ଦୁଇ | ୧.୭୮ | ୧.୭୮ |
| | | | ୩୩୦ | ଶାରଦ ତିନି | ୦.୧୮ | ୦.୧୮ |
| | | | ୩୦୯ | ଶାରଦ ତିନି | ୦.୪୭ | ୦.୪୭ |
| | | | ୧୨୨ | ତଇଲା ଏକ | ୦.୧୨ | ୦.୧୨ |
| | | | ୨୪୪ | ତଇଲା ଏକ | ୦.୩୩ | ୦.୩୩ |
| | | | ୨୬୦ | ତଇଲା ଏକ | ୦.୧୩ | ୦.୧୩ |
| | | | ୧୧୦ | ଘରବାରି | ୦.୦୫ | ୦.୦୫ |
| | | | ୧୧୧ | ଘରବାରି | ୦.୧୦ | ୦.୧୦ |
| ୩୭ | ୪୧ | ଚିତ୍ରା ପ୍ରଧାନ ସ୍ୱା: ତ୍ରିନାଥ ପ୍ରଧାନ, ନିର୍ମଳା ମାଝୀ ପି: ତ୍ରିନାଥ ପ୍ରଧାନ ଜା: କନ୍ଧ ବା: ନିଜଗାଁ | ୩୩୮ | ଶାରଦ ଏକ | ୦.୪୦ | ୦.୪୦ |
| | | | ୩୪୦ | ଶାରଦ ଏକ | ୦.୩୩ | ୦.୩୩ |
| | | | ୩୪୧ | ଶାରଦ ଏକ | ୦.୩୩ | ୦.୩୩ |
| | | | ୪୦୨ | ଶାରଦ ଏକ | ୦.୧୯ | ୦.୧୯ |
| | | | ୩୪୭ | ଶାରଦ ଦୁଇ | ୦.୬୦ | ୦.୬୦ |
| | | | ୩୩୬ | ଶାରଦ ଦୁଇ | ୦.୪୬ | ୦.୪୬ |
| | | | ୩୯୭ | ଶାରଦ ଦୁଇ | ୦.୩୧ | ୦.୩୧ |
| | | | ୩୯୮ | ଶାରଦ ଦୁଇ | ୦.୧୯ | ୦.୧୯ |
| | | | ୨୦୫ | ଶାରଦ ଦୁଇ | ୦.୨୮ | ୦.୨୮ |
| | | | ୨୫୦ | ଶାରଦ ଦୁଇ | ୦.୨୭ | ୦.୨୭ |
| | | | ୨୧ | ଶାରଦ ଦୁଇ | ୦.୧୮ | ୦.୧୮ |
| | | | ୧୪୬ | ଶାରଦ ଦୁଇ | ୦.୭୨ | ୦.୭୨ |
| | | | ୧୪୮ | ଶାରଦ ଦୁଇ | ୦.୩୭ | ୦.୩୭ |
| | | | ୧୭୦ | ଶାରଦ ଦୁଇ | ୦.୬୨ | ୦.୬୨ |
| | | | ୧୭୫ | ଶାରଦ ଦୁଇ | ୧.୧୪ | ୧.୧୪ |
| | | | ୧୮୬ | ଶାରଦ ତିନି | ୦.୨୦ | ୦.୨୦ |
| | | | ୧୨୯ | ଶାରଦ ତିନି | ୦.୩୬ | ୦.୩୬ |
| | | | ୧୩୫ | ଶାରଦ ତିନି | ୦.୫୧ | ୦.୫୧ |
| | | | ୨୪୬ | ଶାରଦ ତିନି | ୦.୩୭ | ୦.୩୭ |
| | | | ୨୯୨ | ତଇଲା ଏକ | ୧.୬୫ | ୧.୬୫ |
| | | | ୪୫ | ତଇଲା ଏକ | ୦.୨୦ | ୦.୨୦ |
| | | | ୪୪ | ତଇଲା ଏକ | ୦.୧୨ | ୦.୧୨ |
| | | | ୭୫ | ତଇଲା ଏକ | ୦.୧୨ | ୦.୧୨ |
| | | | ୧୫୩ | ତଇଲା ଏକ | ୦.୧୧ | ୦.୧୧ |
| | | | ୧୩୮ | ତଇଲା ଦୁଇ | ୦.୯୮ | ୦.୯୮ |
| | | | ୧୪୨ | ତଇଲା ଦୁଇ | ୦.୫୯ | ୦.୫୯ |
| | | | ୧୩୦ | ତଇଲା ଦୁଇ | ୦.୭୧ | ୦.୭୧ |
| | | | ୨୧୨ | ତଇଲା ଦୁଇ | ୦.୨୩ | ୦.୨୩ |

| | | | | | | | |
|---|---|---|---|---|---|---|---|
| | | | ୨୬୩ | ଘରବାରି | ୦.୧୮ | ୦.୧୮ | |
| | | | ୭୯ | ଘରବାରି | ୦.୧୭ | ୦.୧୭ | |
| | | | ୭୬ | ଘରବାରି | ୦.୨୨ | ୦.୨୨ | |
| | | | ୧୩୧ | ତଇଲା ଦୁଇ | ୧.୦୪ | ୧.୦୪ | |
| | | | ୧୩୨ | ତଇଲା ଦୁଇ | ୦.୨୭ | ୦.୨୭ | |
| | | | ୭୭ | ଘରବାରି | ୦.୦୨ | ୦.୦୨ | |
| ୩୮ | ୪୨/୧ | ବିଶ୍ୱମ୍ଭର ସାହୁ ପି : ବୃନ୍ଦାବନ ସାହୁ ବା : ମଞ୍ଜାରୀ | ୧୨୬/୪୯୯ | ଶାରଦ ଦୁଇ | ୦.୭୦ | ୦.୭୦ | |
| ୩୯ | ୪୨/୨ | ରେଣୁବାଳା ସାହୁ ସ୍ୱା : ସୁଦାମଚରଣ ସାହୁ ବା : ମଞ୍ଜାରୀ ଥା- ଦଶପଲ୍ଲା | ୯୩/୫୦୦ | ଶାରଦ ଦୁଇ | ୦.୩୧ | ୦.୩୧ | |
| ୪୦ | ୪୨/୩ | ସୁଦାମଚରଣ ସାହୁ ପି : ଦୁର୍ଯ୍ୟୋଧନ ସାହୁ ଜା : ଶୁଣ୍ଢି ବା :ମଞ୍ଜାରୀ | ୯୫/୫୦୧ | ଶାରଦ ତିନି | ୦.୫୦ | ୦.୫୦ | |
| ୪୧ | ୪୨/୪ | ବୈଦ୍ୟନାଥ ନାଏକ ପି : ମଙ୍ଗଲୁ ନାଏକ ଜା :ପାଣ ବା: ପେମ୍ପରଡା | ୩୭୨ | ଶାରଦ ଦୁଇ | ୦.୫୬ | ୦.୫୬ | |
| ୪୨ | ୪୨/୫ | କୃପାନିଧି ନାଏକ ପି : ସହଦେବ ନାଏକ ଜୟନ୍ତୀ ନାଏକ ସ୍ୱା : କୃପାନିଧି ନାଏକ ଜା : ପାଣ ବା : ନିଜଗାଁ | ୩୮/୫୦୨ | ଘରବାରି | ୦.୦୪ | ୦.୦୪ | |
| ୪୩ | ୪୨/୬ | ଯୋଗେଶ୍ୱର ବେହେରା ପି : ରଘୁନାଥ ବେହେରା ଅମରୀ ବେହେରା ସ୍ୱା : ଯୋଗେଶ୍ୱର ବେହେରା ଜା : ପାଣ ବା :ନିଜଗାଁ | ୩୮/୫୦୩ | ଘରବାରି | ୦.୦୪ | ୦.୦୪ | |
| ୪୪ | ୪୨/୭ | ବାସୁଦେବ ନାଏକ ପି : ଅଇଁଠା ନାଏକ ଶିଶୁଳା ନାଏକ ସ୍ୱା : ବାସୁଦେବ ନାଏକ ଜା : ପାଣ ବା :ନିଜଗାଁ | ୩୮/୫୦୪ | ଘରବାରି | ୦.୦୪ | ୦.୦୪ | |
| ୪୫ | ୪୨/୮ | ନୀଳକଣ୍ଠ ନାଏକ ପି : ଜଗବନ୍ଧୁ ନାଏକ ଗୁଣ୍ଡୁ ନାଏକ ସ୍ୱା : ନୀଳକଣ୍ଠ ନାଏକ ଜା : ପାଣ ବା : ନିଜଗାଁ | ୩୮/୫୦୫ | ଘରବାରି | ୦.୦୪ | ୦.୦୪ | |
| ୪୬ | ୪୨/୯ | ଜଗବନ୍ଧୁ ନାଏକ ପି : ଅଗାଧୁ ନାଏକ ରସମତୀ ନାଏକ ସ୍ୱା : ଜଗବନ୍ଧୁ ନାଏକ ଜା : ପାଣ ବା : ନିଜଗାଁ | ୩୮/୫୦୬ | ଘରବାରି | ୦.୦୪ | ୦.୦୪ | |
| ୪୭ | ୪୨/୧୦ | ଶିବ ନାଏକ ପି : ପରିମି ନାଏକ ପୁଷ୍ପ ନାଏକ ସ୍ୱା : ଶିବ ନାଏକ ଜା : ପାଣ ବା : ନିଜଗାଁ | ୩୮/୫୦୭ | ଘରବାରି | ୦.୦୪ | ୦.୦୪ | |
| ୪୮ | ୪୨/୧୧ | ଗିରି ନାଏକ ପି : ଜଗନ୍ନାଥ ନାଏକ, ନୃପତି ନାଏକ ସ୍ୱା : ଗିରି ନାଏକ ଜା : ପାଣ ବା : ନିଜଗାଁ | ୩୮/୫୦୮ | ଘରବାରି | ୦.୦୪ | ୦.୦୪ | |
| ୪୯ | ୪୨/୧୨ | ପ୍ରହ୍ଲାଦ ନାଏକ ପି: ବୁଧିଆ ନାଏକ, ମମୀ ନାଏକ : ପ୍ରହ୍ଲାଦ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୦୯ | ଘରବାରି | ୦.୦୪ | ୦.୦୪ | |
| ୫୦ | ୪୨/୧୩ | ବୁଧିଆ ନାଏକ ପି. ରାଉତରା ନାଏକ, ରସ ନାଏକ : ବୁଧିଆ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୧୦ | ଘରବାରି | ୦.୦୪ | ୦.୦୪ | |
| ୫୧ | ୪୨/୧୪ | ସୀତାକାନ୍ତ ନାଏକ ପି: ଚନ୍ଦ୍ରମଣି ନାଏକ, ସୁକାନ୍ତି ନାଏକ ସ୍ୱା: ସୀତାକାନ୍ତ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୧୧ | ଘରବାରି | ୦.୦୪ | ୦.୦୪ | |
| ୫୨ | ୪୨/୧୫ | ଦେବରାଜ ନାଏକ ପି: ଚନ୍ଦ୍ରମଣି ନାଏକ, ସୁଷମା ନାଏକ ସ୍ୱା: ଦେବରାଜ ନାଏକ ଜା: ପାଣ ବା: ନିଜଁା | ୩୮/୫୧୨ | ଘରବାରି | ୦.୦୪ | ୦.୦୪ | |
| ୫୩ | ୪୨/୧୬ | ସାରସ୍ୱତ ନାଏକ ପି: ଋଷି ନାଏକ, ସବୀତା ନାଏକ ସ୍ୱା: ସାରସ୍ୱତ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୧୩ | ଘରବାରି | ୦.୦୪ | ୦.୦୪ | |
| ୫୪ | ୪୨/୧୭ | ଗୌତମ ନାଏକ ପି: ସହଦେବ ନାଏକ, ପଦ୍ମାବତୀ ନାଏକ ସ୍ୱା: ଗୌତମ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୧୪ | ଘରବାରି | ୦.୦୪ | ୦.୦୪ | |
| ୫୫ | ୪୨/୧୮ | ପ୍ରଶନ ନାଏକ ପି:କବିରାଜ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୧୫ | ଘରବାରି | ୦.୦୪ | ୦.୦୪ | |
| ୫୬ | ୪୨/୨୩ | ସତ୍ୟବାନ ନାଏକ ପି: ସହଦେବ ନାଏକ, କମଳା ନାଏକ ସ୍ୱା: ସତ୍ୟବାନ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୨୦ | ଘରବାରି | ୦.୦୪ | ୦.୦୪ | |
| ୫୭ | ୪୨/୨୫ | ପଦ୍ମ ଚରଣ ବେହେରା ପି: ବାନାମ୍ବର ବେହେରା, କାଞ୍ଚନ ବେହେରା ସ୍ୱା: ପଦ୍ମ ଚରଣ ବେହେରା ଜା: ପାଣ ବା: ପେଁପରଡ଼ା | ୩୮୮/୫୨୨ | ଘରବାରି | ୦.୦୪ | ୦.୦୪ | |
| ୫୮ | ୪୨/୨୬ | ଗୁପ୍ତେଶ୍ୱର ବେହେରା ପି: ବାନାମ୍ବର ବେହେରା, ସୁମତୀ ବେହେରା ସ୍ୱା: ଗୁପ୍ତେଶ୍ୱର ବେହେରା ଜା: ପାଣ ବା: ପେଁପରଡ଼ା | ୩୮୮/୫୨୩ | ଘରବାରି | ୦.୦୪ | ୦.୦୪ | |
| ୫୯ | ୪୨/୨୭ | ରାଧିକା ନାଏକ, ସ୍ୱା : ବିଜୟ କୁମାର ନାଏକ ଜା : ପାଣ ବା : ନିଜଗାଁ | ୩୮/୫୨୪ | ଘରବାରି | ୦.୦୪ | ୦.୦୪ | |
| ୬୦ | ୪୨/୨୮ | କୁନ୍ତଳା ନାଏକ ସ୍ୱା : ହରିହର ନାଏକ ହରିହର ନାଏକ ପି : ଉଦ୍ୟନାଥ ନାଏକ ଜା : ପାଣ ବା : ନିଜଗାଁ | ୪୦୭/୫୨୫ | ଶାରଦ ଦୁଇ | ୦.୪୪ | ୦.୪୪ | |
| ୬୧ | ୪୨/୨୯ | କଂସାରୀ ନାଏକ ସଂସାରୀ ନାଏକ ପି : ଜଗନ୍ନାଥ ନାଏକ ଜା : ପାଣ ବା : ନିଜଗାଁ | ୧୦/୪୮୬ | ତଇଲା ଦୁଇ | ୦.୨୨ | ୦.୨୨ | |
| | | | ୪୨ | ତଇଲା ଏକ | ୦.୮୦ | ୦.୮୦ | |
| | | | ୪୨/୫୨୯ | ଘରବାରି | ୦.୦୪ | ୦.୦୪ | |
| ୬୨ | ୪୨/୩୦ | ଗୋପବନ୍ଧୁ ଦେହୁରି ପି : ଫଗୁଚରଣ ଦେହୁରି ଜା: କନ୍ଧ ବା ଜାମୁସାହି | ୪୧୮ | ଶାରଦ ଏକ | ୦.୯୬ | ୦.୯୬ | |
| | | | ୨୬୨ | ଶାରଦ ଦୁଇ | ୦.୬୧ | ୦.୬୧ | |
| | | | ୨୩୪ | ତଇଲା ଦୁଇ | ୦.୬୦ | ୦.୬୦ | |
| | | | ୪୩୫ | ଶାରଦ ଦୁଇ | ୧.୫୮ | ୧.୫୮ | |
| | | | ୪୨୫/୪୮୪ | ଶାରଦ ତିନି | ୦.୧୦ | ୦.୧୦ | |
| | | | ୪୨୪ | ଶାରଦ ତିନି | ୦.୨୭ | ୦.୨୭ | |
| | | | ୬୮ | ତଇଲା ଏକ | ୦.୧୫ | ୦.୧୫ | |
| ୬୩ | ୪୨/୩୧ | ବାସୁଦେବ ନାଏକ ପି : ଅଇଁଠା ନାଏକ ଜା : ପାଣ ବା : ପେମ୍ପରଡା | ୪୮ | ଘରବାରି | ୦.୦୯ | ୦.୦୯ | |
| | | | ୫୨ | ଘରବାରି | ୦.୧୦ | ୦.୧୦ | |
| ୬୪ | ୪୨/୩୨ | ସଂସାରୀ ନାଏକ ପି : ଜଗନ୍ନାଥ ନାଏକ ଜା : ପାଣ ବା : ପେମ୍ପରଡା | ୪୬୬ | ଶାରଦ ଦୁଇ | ୦.୩୦ | ୦.୩୦ | |
| | | | ୪୪୫ | ଶାରଦ ତିନି | ୦.୩୨ | ୦.୩୨ | |
| ୬୫ | ୪୨/୩୩ | ସଂଯୁକ୍ତା ନାଏକ ସ୍ୱା : ପଞ୍ଚାନନ ନାଏକ ଜା : ପାଣି ବା : ଭଗାମୁଣ୍ଡା | ୪୧୪/୫୨୬ | ଶାରଦ ଏକ | ୧.୦୦ | ୧.୦୦ | |
| ୬୬ | ୪୨/୩୪ | ବୈଦ୍ୟନାଥ ନାଏକ ପି : ମଙ୍ଗୁଳ ନାଏକ ଜା : ପାଣ ବା : ଭଗାମୁଣ୍ଡା ଥା -ବାଣିଗୋଛା ଜି: ନୟାଗଡ | ୩୭୯/୫୨୭ | ଶାରଦ ଏକ | ୦.୩୪ | ୦.୩୪ | |
| ୬୭ | ୪୨/୩୫ | କିଶୋର ଦେହୁରୀ ପି : ଅରକ୍ଷିତ ଦେହୁରୀ ଜା : କନ୍ଧ ବା : ପେମ୍ପରଡା ଜି : ନୟାଗଡ | ୩୩୪/୫୨୮ | ଶାରଦ ଏକ | ୦.୩୯ | ୦.୩୯ | |
| ୬୮ | ୪୨/୩୬ | ଶରତ କୁମାର ନାୟକ ପି : ପଳଉ ନାୟକ ଜା : କନ୍ଧ ବା : ଟୋଲକପଟିଆ ଥା -ଗଣିଆ | ୧୩୬ | ଶାରଦ ତିନି | ୦.୨୧ | ୦.୨୧ | |
| | | | ୧୩୩/୫୪୫ | ଶାରଦ ତିନି | ୦.୫୭ | ୦.୫୭ | |
| ୬୯ | ୪୨/୩୮ | ଇନ୍ଦିରା ସାହୁ ସ୍ୱା : ପ୍ରମୋଦ କୁମାର ସାହୁ ଜା : ଶୁଣ୍ଢି ବା : କୁଞ୍ଜବନଗଡ(ଦୁର୍ଗାବଜାର କଲୋନି) | ୩୪୪ | ଶାରଦ ଏକ | ୦.୦୩ | ୦.୦୩ | |
| | | | ୩୪୬ | ଶାରଦ ଏକ | ୦.୨୭ | ୦.୨୭ | |
| | | | ୩୯୩ | ଶାରଦ ଦୁଇ | ୦.୮୨ | ୦.୮୨ | |
| | | | ୪.୨୫ | ଶାରଦ ଦୁଇ | ୦.୫୫ | ୦.୫୫ | |
| ୭୦ | ୪୨/୩୯ | ଶାରଳା ନାଏକ ସ୍ୱା: କଳାକାର ନାଏକ କଳାକାର ନାଏକ ପି: କୁଶ ନାଏକ ଜା: ପାଣ ବା: ଭଗାମୁଣ୍ଡା କମଳ ନାଏକ ସ୍ୱା: ସତ୍ୟବାନ ନାଏକ ଜା: | ୩୮/୫୩୧ | ଘରବାରି | ୦.୦୪ | ୦.୦୪ | |
| ୭୧ | ୪୨/୪୦ | ପାଣ ବା: ଭଗମୁଣ୍ଡା | ୩୮/୩୩୨ | ଘରବାରି | ୦.୦୪ | ୦.୦୪ | |
| ୭୨ | ୪୨/୪୧ | ଦିବାକର ନାଏକ ପି.ରବିନ୍ଦ୍ର ନାୟକ ଜା: କନ୍ଧ ବା: ତିଳାବାଡି | ୪୪/୫୪୪ | ଘରବାରି | ୦.୧୫ | ୦.୧୫ | |
| | | | ୨୮୭/୫୪୩ | ଶାରଦ ଦୁଇ | ୦.୨୫ | ୦.୨୫ | |
| ୭୪ | ୪୨/୪୩ | ଚିନ୍ତାମଣି ମାଝୀ ପି:ହୃଷିକେଶ ମାଝୀ ଜା: କନ୍ଧ ବା:ଗୋଛାବାରୀ ହା.ସା କୁଞ୍ଜବନଗଡ | ୨୫୪ | ଶାରଦ ଦୁଇ | ୦.୭୮ | ୦.୭୮ | |
| | | | ୨୫୫ | ତଇଲା ଏକ | ୦.୪୪ | ୦.୪୪ | |
| ୭୫ | ୪୨/୪୪ | ଦିବାକର ନାୟକ ପି.ରବୀନ୍ଦ୍ର ନାୟକ ଜା: କନ୍ଧ ବା: ତିଳାବାଡି | ୨୮୭ | ଶାରଦ ଦୁଇ | ୧.୨୦ | ୧.୨୦ | |
| | | | ୩୧ | ଶାରଦ ଏକ | ୦.୬୩ | ୦.୬୩ | |
| | | | ୮୦ | ଘରବାରି | ୦.୦୧ | ୦.୦୧ | |
| ୭୬ | ୪୨/୪୫ | ବ୍ରଜବିହାରୀ ସାହୁ ପି.ରାମଚନ୍ଦ୍ର ସାହୁ ଜା: ତେଲି ବା: ଜାମୁସାହି | ୪୦୦ | ଶାରଦ ଏକ | ୦.୬୭ | ୦.୬୭ | |
| | | | ୪୧୨ | ଶାରଦ ତିନି | ୦.୮୮ | ୦.୮୮ | |
| | | | ୪୧୪ | ଶାରଦ ଏକ | ୦.୨୪ | ୦.୨୪ | |
| | | ସତ୍ୟଭାମା ଦେହୁରୀ, ସ୍ୱା: ଅରକ୍ଷିତ | ୨୮୯ | ତଇଲା ଏକ | ୦.୩୭ | ୦.୩୭ | |
| ୭୭ | ୪୭ | ଦେହୁରୀ, ଅରକ୍ଷିତ ଦେହୁରୀ ପି-ରଘୁନାଥ ଦେହୁରୀ, ଜା: କନ୍ଧ, ବା-ପେଁପରଡା | ୧୩୪/୫୩୦ | ଜଙ୍ଗଲ ଦୁଇ | ୧.୫୦ | ୧.୫୦ | FRA |
| | | **ମୋଟ ରକବା** | | | **୧୪୬.୩୭** | **୧୪୬.୩୭** | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- (ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

OIPR: 24001/24001/3/2627/0138

## ସମ୍ପାଦକୀୟ

# ବନ୍ୟା କବଳିତ ଉପକୂଳ ଓଡ଼ିଶା

ବନ୍ୟା, ବନ୍ୟା, ବନ୍ୟା । ଉପକୂଳ ଓଡ଼ିଶାର ଭଦ୍ରକ ଓ ଯାଜପୁର ଜିଲ୍ଲାର ଅଧିକାଂଶ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା କହଲେ ନସରେ । ପାଣି ଘେରରେ ସେମାନେ ପ୍ରାୟ ଦୁଇ ସପ୍ତାହ ଧରି ରହିଛନ୍ତି । ନିତ୍ୟକର୍ମ ସାରି ପାରୁ ନାହାନ୍ତି । କିଛି ଖାଇ କିମ୍ବା ପିଇ ପାରୁ ନାହାନ୍ତି । କିଛି ପିନ୍ଧି ବି ପାରୁ ନାହାନ୍ତି । ଏପରି ଦୁର୍ଦ୍ଦଶା ସେମାନେ ଭୋଗିବେ ବୋଲି ଭାବି ପାରି ନଥିଲେ । ପ୍ରକୃତି ଦାଉ ସାଧେ । ପ୍ରାକୃତିକ ବିପର୍ଯ୍ୟୟ ମଧ ଓଡ଼ିଶାର ପିଛା ଛାଡ଼େ ନାହିଁ । ବନ୍ୟାର ଏହି ଭୟାବହ ପରିସ୍ଥିତିକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ଗ୍ରହଣ କରି ଭଦ୍ରକ ଓ ଯାଜପୁର ଜିଲ୍ଲାର କେତେକ ଅଞ୍ଚଳ ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ ମୁଖ୍ୟମନ୍ତ୍ରୀଙ୍କ ସହ ରହିଛନ୍ତି । ଭଦ୍ରକ ବନ୍ୟାଞ୍ଚଳରେ ରାଜ୍ୟ ଉଚ୍ଚଶିକ୍ଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ ବାଇକ୍ ପଛଆଡ଼େ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ବସାଇ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । ବନ୍ୟାଗ୍ରସ୍ତ ଲୋକଙ୍କ ନିକଟରେ ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ରିଲିଫ ତ ସରକାରୀ ଭାବେ ପହଞ୍ଚି ସାରିଛି । ମାତ୍ର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀ, ବିଧାୟକ ଓ ଅଫିସରମାନଙ୍କ ଉପସ୍ଥିତି ସେମାନଙ୍କୁ ଅନେକ ପରିମାଣରେ ଆଶ୍ୱସ୍ତ କରିଛି ।

ସମଗ୍ର ଓଡ଼ିଶାରେ ଛଅଗୋଟି ଜିଲ୍ଲା ବନ୍ୟାଦ୍ୱାରା ପ୍ରଭାବିତ ହୋଇଛନ୍ତି । ସେହି ଜିଲ୍ଲାଗୁଡ଼ିକ ହେଲା ଭଦ୍ରକ, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡା । ପ୍ରାୟ ଆଠ ଲକ୍ଷ ଲୋକ ଏହି ବନ୍ୟାରେ ବିପନ୍ନ ହୋଇଛନ୍ତି । ଗତ ଅଗଷ୍ଟ ୧୩ ତାରିଖରୁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ପ୍ରାୟ ୮୨ ହଜାର ବନ୍ୟା ବିପନ୍ନଙ୍କୁ ଥଇଥାନ କରି ବିଭିନ୍ନ ଆଶ୍ରୟସ୍ଥଳରେ ରଖିବାର ବ୍ୟବସ୍ଥା କରିଛନ୍ତି । ସାଂପ୍ରତିକ ବନ୍ୟା ପରିସ୍ଥିତି ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ଅବଶ୍ୟ ଅନେକ ଅଗମ୍ୟ ସ୍ଥାନକୁ ମୁଖ୍ୟମନ୍ତ୍ରୀ ଓ ଅନ୍ୟମନ୍ତ୍ରିମାନେ ଯାଇ ପାରି ନାହାନ୍ତି । କିନ୍ତୁ ପର୍ଯ୍ୟାପ୍ତ ପରିମାଣର ରିଲିଫ, ଅନ୍ୟାନ୍ୟ ସାମଗ୍ରୀ ଏପରିକି ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପୁଣି ଲଘୁଚାପ ଆସୁଛି । ଲଘୁଚାପ ପ୍ରଭାବରେ ପୁଣି ବର୍ଷା ହେଲେ ପରିସ୍ଥିତି ଗମ୍ଭୀର ହୋଇ ପଡ଼ିବ । ଏବେ ଚତୁର୍ଥ ଥର ଲାଗି ବନ୍ୟା ଆସିବାର ଆଶଙ୍କା ମଧ ପ୍ରକାଶ ପାଇଛି ।

ସମଗ୍ର ଓଡ଼ିଶାରେ ଛଅଗୋଟି ଜିଲ୍ଲା ବନ୍ୟାଦ୍ୱାରା ପ୍ରଭାବିତ ହୋଇଛନ୍ତି । ସେହି ଜିଲ୍ଲାଗୁଡ଼ିକ ହେଲା ଭଦ୍ରକ, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡା । ପ୍ରାୟ ଆଠ ଲକ୍ଷ ଲୋକ ଏହି ବନ୍ୟାରେ ବିପନ୍ନ ହୋଇଛନ୍ତି । ଗତ ଅଗଷ୍ଟ ୧୩ ତାରିଖରୁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ପ୍ରାୟ ୮୨ ହଜାର ବନ୍ୟା ବିପନ୍ନଙ୍କୁ ଥଇଥାନ କରି ବିଭିନ୍ନ ଆଶ୍ରୟସ୍ଥଳରେ ରଖିବାର ବ୍ୟବସ୍ଥା କରିଛନ୍ତି । ସାଂପ୍ରତିକ ବନ୍ୟା ପରିସ୍ଥିତି ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ମାତ୍ର ଦୁଃଖର କଥା, ବିଜେଡି ଓ କଂଗ୍ରେସ ଏ ଦୁଇଟି ବିରୋଧୀ ଦଳ ବନ୍ୟା ସମ୍ପର୍କରେ ସମ୍ଭବତଃ ଚିନ୍ତିତ ନୁହନ୍ତି । କାରଣ ବନ୍ୟା ପରିସ୍ଥିତି ସମ୍ପର୍କରେ ସେମାନଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ କିଛି ଥିବା ପରି ମନେ ହେଉନାହିଁ । ସରକାରଙ୍କୁ ବିଭିନ୍ନ କଥାରେ ସମାଲୋଚନା କରିବାର ଅଧିକାର ବିରୋଧୀ ଦଳମାନଙ୍କର ରହିଛି । କିନ୍ତୁ ଜନସାଧାରଣଙ୍କ ପାଇଁ ନିଷ୍ପାପର ଭାବେ କାର୍ଯ୍ୟ କରି ସେମାନେ ମଧ ବିଶ୍ୱାସଭାଜନ ହେବା ଆବଶ୍ୟକ ।

ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ତ୍ୟାଗର ପ୍ରତୀକ ଆମ ତ୍ରିରଙ୍ଗା



ପ୍ରହଲାଦ କୁମାର ସିଂହ

ତ୍ରିରଙ୍ଗା– ଆମ ଜାତିର ପ୍ରତୀକ ଜାତୀୟ ପତାକା । ଏହା ଅଫୁରନ୍ତ ପ୍ରେରଣାର ଉତ୍ସ । ଏହି ଧ୍ୱଜାର ଟେକ ରଖିବା ପାଇଁ କେତେ ଯେ ସଂଗ୍ରାମୀ ବଳିଦାନ ଦେଇଛନ୍ତି ଓ ଆଉ କେତେ କାରାବରଣ ସହିତ ଯନ୍ତ୍ରଣା ପାଇଛନ୍ତି, ତାର ପୂର୍ଣ୍ଣାଙ୍ଗ ହିସାବ କାହା ପାଖରେ ନାହିଁ । ଆମ ତ୍ରିରଙ୍ଗା ହେଉଛି ସାହସ, ତ୍ୟାଗ, ସତ୍ୟ, ଶାନ୍ତି, ବିଶ୍ୱାସ, ବୀରତ୍ୱ, ପ୍ରଗତି, ପ୍ରେରଣା, ସ୍ୱାଧୀନତା, ସ୍ୱଦେଶୀ, ସ୍ୱାଭିମାନ, ସମ୍ମାନ, ସ୍ୱାବଲମ୍ବନ ଓ ସାର୍ବଭୌମତ୍ୱର ପ୍ରତୀକ ।

ରାମାୟଣ ଓ ମହାଭାରତ ଯୁଗରେ ସଂଗଠିତ ହୋଇଥିବା ବିଭିନ୍ନ ଯୁଦ୍ଧରେ ପତାକା ବ୍ୟବହୃତ ହୋଇଥିବା କୁହାଯାଏ । ଅର୍ଜୁନଙ୍କ ରଥର ସାରଥି ସ୍ୱୟଂ ଶ୍ରୀକୃଷ୍ଣ ଥିବାବେଳେ ସେହି ରଥର ପତାକାରେ ବୀର ହନୁମାନ ରହିଥିବା ପୁରାଣରେ ଲେଖା ଅଛି । ଇତିହାସ କୁହେ, ମହାରାଣା ପ୍ରତାପଙ୍କ ପତାକା ନାମ ଥିଲା 'ଚାଙ୍ଗୀ' । ଏହି ପତାକା ଗେରୁଆ ବର୍ଣ୍ଣର ଥିଲା ଓ ତାହାର ମଧ ଭାଗରେ ଶୋଭା ପାଉଥିଲା ସୂର୍ଯ୍ୟଙ୍କ ଛବି । ଛତ୍ରପତି ଶିବାଜୀଙ୍କ ପତାକା ଥିଲା ଗେରୁଆ ରଙ୍ଗର । ୧୮୫୭ ମସିହାର ସିପାହୀ ବିଦ୍ରୋହ ବେଳେ ବାହାଦୂର ଶାହା ଜାଫର ଯେଉଁ ପତାକା ବ୍ୟବହାର କରୁଥିଲେ ତାହା ଥିଲା ନୀଳ ବର୍ଣ୍ଣର । ଏହାର ଉପର ପାର୍ଶ୍ୱରେ ପଦ୍ମଫୁଲ ଥିବାବେଳେ ତଳ ପାର୍ଶ୍ୱରେ ଥିଲା ସୁନେଲି ରୁଟିର ଚିହ୍ନ ।

ଭଗିନୀ ନିବେଦିତା ୧୯୦୫ ମସିହାରେ ଭାରତ ପାଇଁ ଏକ ବର୍ଗାକୃତିର ନାଲି ପତାକା ତିଆରି କରିଥିଲେ । ଏହି ପତାକାର ଚାରିପଟର ଥିବା ଧଡିରେ ରହିଥିଲା ୧୦୮ଟି ପ୍ରଜ୍ୱଳିତ ଜ୍ୟୋତି ଓ ମଧଭାଗରେ ଶୋଭା ପାଉଥିଲା ଦେବରାଜ ଇନ୍ଦ୍ରଙ୍କ ବଜ୍ର । ଆଉ ବଜ୍ରର ଦୁଇ ପାର୍ଶ୍ୱରେ ବଙ୍ଗଳା ଭାଷାରେ ଲେଖାଥିଲା 'ବନ୍ଦେ ମାତରମ୍' । ବଙ୍ଗ ଭଙ୍ଗ ଆନ୍ଦୋଳନ ସମୟରେ ବିପ୍ଳବୀମାନେ ୧୯୦୬ ମସିହା ଅଗଷ୍ଟ ୭ ତାରିଖରେ କଲିକତାର ଏକ ପାର୍କରେ ତିନି ରଙ୍ଗ ଥିବା ଏକ ପତାକା ଉଡାଇଥିଲେ । ଏହି ପତାକାର ଉପର ଅଂଶଟି ନୀଳ, ମଧଭାଗ ହଳଦିଆ ଓ ତଳପଟଟି ଲାଲ ବର୍ଣ୍ଣର ଥିଲା । ନୀଳ ଅଂଶରେ ୮ଟି ପଦ୍ମଫୁଲ, ଲାଲ ଅଂଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଛବି ଏବଂ ମଝିରେ ଥିବା ହଳଦିଆ ଅଂଶରେ ଲେଖା ଯାଇଥିଲା 'ବନ୍ଦେ ମାତରମ୍' । ସେତେବେଳକୁ ବଙ୍କିମଚନ୍ଦ୍ରଙ୍କ 'ବନ୍ଦେ ମାତରମ୍' ବେଶ୍ ଚର୍ଚ୍ଚାରେ ଥିଲା । ଅନ୍ୟତମ ବିପ୍ଳବୀ ସତ୍ୟେନ୍ଦ୍ର ନାଥ ବୋଷ ଏହି ପତାକାର ସ୍ରଷ୍ଟା ବୋଲି କୁହାଯାଏ ।

୧୯୦୭ ଅଗଷ୍ଟ ୨୨ରେ ଜର୍ମାନୀର ଷ୍ଟଟ୍‌ଗାର୍ଟ ସହରରେ ଅନୁଷ୍ଠିତ ଆନ୍ତର୍ଜାତିକ ସମାଜବାଦୀ କଂଗ୍ରେସ ଅବସରରେ କାଥିଆବାଡର ଜଣେ ବିପ୍ଳବିନୀ ପାର୍ସି ମହିଳା, ମାଡାମ୍ ଭିକାଜୀ ରୁସ୍ତମ କାମା ଜର୍ମାନୀ ମାଟିରେ ଇଂରେଜମାନଙ୍କ ପ୍ରଚଣ୍ଡ ବିରୋଧ ସତ୍ତ୍ୱେ ତାଙ୍କ ପ୍ରସ୍ତୁତ ଭାରତର ଜାତୀୟ ପତାକା ଉତ୍ତୋଳନ କରି ଅଗ୍ନିବର୍ଷୀ ଭାଷଣ ଦେଇ ଭାରତର ସ୍ୱାଧୀନତା ଓ ତା ମାଧ୍ୟମରେ ବିଶ୍ୱର ଅନ୍ୟ ବହୁ ରାଷ୍ଟ୍ରର ମୁକ୍ତି ପାଇଁ ବିଶ୍ୱବାସୀଙ୍କ ସହଯୋଗ ଲୋଡିବା ସହ ଏହି ପତାକାକୁ ସମସ୍ତେ ସମ୍ମାନ ଓ ସମର୍ଥନ ପ୍ରଦର୍ଶନ କରିବାକୁ ନିବେଦନ ରଖିଥିଲେ । ମାଡାମ୍ କାମାଙ୍କ ପତାକା ବି ଥିଲା ତ୍ରିରଙ୍ଗା । ଏହାର ଉପର ଅଂଶଟି ସବୁଜ ଥିବାବେଳେ ମଧଭାଗ ହଳଦିଆ ଓ ନିମ୍ନ ଅଂଶ ଲାଲ ଥିଲା । ସବୁଜ ରଙ୍ଗର ପଟି ଉପରେ ୮ଟି ପଦ୍ମଫୁଲ ଥିବାବେଳେ ଲାଲ ରଙ୍ଗ ଉପରେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାଙ୍କ ଛବି ଏବଂ ହଳଦିଆ ରଙ୍ଗ ଉପରେ ଲେଖାଥିଲା 'ବନ୍ଦେ ମାତରମ୍' । ୧୯୧୬ ମସିହାରେ ଗଠିତ 'ଇଣ୍ଡିଆନ ଲିଗ୍' ପକ୍ଷରୁ ମଧ ଅନ୍ୟ ଏକ ପତାକା ଉତ୍ତୋଳନ କରାଯାଇଥିଲା । ୧୯୧୭ରେ ଆନିବେଶାନ୍ତ ଆଉ ଏକ ପତାକା ସୃଷ୍ଟି କଲେ । ଏଥିରେ ୫ଟି ଲାଲ ଓ ୪ଟି ସବୁଜ ପଟି ରହିଥିବା ବେଳେ ସପ୍ତର୍ଷି ମଣ୍ଡଳ ସହିତ ଚନ୍ଦ୍ର ଓ ତାରାଙ୍କ ଛବି ଥିଲା । ଆନିବେଶାନ୍ତଙ୍କ ପତାକାର ବାମ କୋଣରେ ଇଂରେଜମାନଙ୍କ ଜାତୀୟ ପତାକା 'ୟୁନିଅନ ଜ୍ୟାକ୍'ର ପ୍ରତିଛବି ଥିବାରୁ ତାହା କ୍ରାନ୍ତିକାମୀ ଭାରତୀୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନଥିଲା ।



ଭାରତ ପାଇଁ ଏକ ପତାକା ସୃଷ୍ଟି ଲାଗି ଗବେଷଣା ଚଳାଇଥିଲେ ଜଣେ ଅବସରପ୍ରାପ୍ତ ସୈନିକ ତଥା ଦେଶପ୍ରେମୀ ପୋଙ୍ଗାଲି ଭେଙ୍କିଆ । ୧୯୨୧ରେ ସେ ବେଜୱାଡାଠାରେ ମହାତ୍ମା ଗାନ୍ଧିଙ୍କୁ ଭେଟି ଗୁଡିଏ ପତାକାର ନକ୍ସା ଦେଖାଇଥିଲେ । ଏଥିରୁ ଗୋଟିଏ ପତାକାରେ ଲାଲ ଓ ସବୁଜ ରଙ୍ଗର ପଟି ଉପରେ ବଡ ଚରଖାର ଚିହ୍ନ ଥିଲା । ହିନ୍ଦୁ, ମୁସଲମାନ ଏକତା ପାଇଁ ଏହା ସହାୟକ ହେବ ବୋଲି ଭେଙ୍କିଆ ମତ ରଖିଥିଲେ । ତେବେ ଅନ୍ୟ ସଂପ୍ରଦାୟଙ୍କ ଲାଗି ଏଥିରେ ଧଳା ଚିହ୍ନର ପଟିଟି ଯୋଡିବା ପାଇଁ ଗାନ୍ଧି ଆଗ୍ରହ ପ୍ରକାଶ କରିଥିଲେ । ଅସହଯୋଗ ଆନ୍ଦୋଳନ କାଳରେ ଏହି ପତାକା ବ୍ୟବହୃତ ହେଉଥିଲା । ୧୯୨୯–୩୦ର ଲାହୋର କଂଗ୍ରେସ ଅଧିବେଶନରେ ଜାନୁଆରୀ ୨୬କୁ ପୂର୍ଣ୍ଣ ସ୍ୱରାଜ ଦିବସ ଭାବେ ପାଳନ କରିବା ସହ ଦେଶବାସୀଙ୍କୁ ଏହି ପତାକା ତଳେ ସ୍ୱାଧୀନତାର ସଂକଳ୍ପ ନେବା ଲାଗି ଆହ୍ୱାନ ଦିଆଯାଇଥିଲା । ୧୯୩୦ର ଲବଣ ସତ୍ୟାଗ୍ରହ ବେଳେ ପତାକାର ବ୍ୟବହାର ବ୍ୟାପକ ହୋଇଥିଲା । ତେବେ ୧୯୩୧ରେ ଅନୁଷ୍ଠିତ କରାଚୀ କଂଗ୍ରେସ ଅଧିବେଶନରେ ଏକ କମିଟି ଗଢ଼ାଯାଇ ପତାକା ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଏହି କମିଟି କରିଥିବା ସୁପାରିସ୍ ମୁତାବକ କଂଗ୍ରେସ ପତାକାରେ କେଶରୀ, ଧଳା ଓ ସବୁଜ ରଙ୍ଗର ତିନୋଟି ପଟି ସହିତ ଧଳା ପଟି ଉପରେ ଚରଖା ସ୍ଥାନିତ ହେଲା । ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏହା ଥିଲା ଜୀବନଠାରୁ ବଳି ଅଧିକ ମୂଲ୍ୟବାନ । ୧୯୪୬ରେ ସ୍ୱିଜରଲାଣ୍ଡର ରାଜଧାନୀ ଜୁରିକ୍‌ରେ ଅନୁଷ୍ଠିତ ବିଶ୍ୱ ଅଲମ୍ପିକ୍‌ରେ ବ୍ରିଟିଶ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିବା କ୍ରୀଡାବିତ୍ ଜାନକୀ ଦାସ ଏକ ତ୍ରିରଙ୍ଗା ଝଣ୍ଡା ଉଡାଇ ଇତିହାସ ରଚିଥିଲେ । ଏହି ପତାକାରେ ମହାତ୍ମା ଗାନ୍ଧିଙ୍କ ଦସ୍ତଖତ ଥିଲା ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ 'ଆଜାଦ ହିନ୍ଦ୍ ଫୌଜ'ର ଯେଉଁ ଝଣ୍ଡା ବର୍ଲିନରେ ଉତ୍ତୋଳନ କରିଥିଲେ ତାହା ବି ଥିଲା ତ୍ରିରଙ୍ଗା, କିନ୍ତୁ ଏହାର ମଧ ଭାଗରେ ଧଳାପଟି ଉପରେ ଚରଖା ପରିବର୍ତ୍ତେ ଶୋଭା ପାଉଥିଲା ଲମ୍ଫ ପ୍ରଦାନକାରୀ ସିଂହର ଛବି ।

ସ୍ୱାଧୀନତା ପୂର୍ବରୁ ଭାରତ ଶାସନ ବିଧେୟକ ସଭାରେ ଏକ କମିଟି ୧୯୪୭ ଜୁନ୍ ମାସରେ ଗଢ଼ାଯାଇ ଜାତୀୟ ପତାକା ସଂପର୍କରେ ଆଲୋଚନା କରାଯାଇଥିଲା । ୧୯୪୭ ଜୁଲାଇ ୨୨ ତାରିଖରେ ଭାରତ ଶାସନ ବିଧେୟକ ସଭା ତ୍ରିରଙ୍ଗା ଝଣ୍ଡାକୁ ଜାତୀୟ ପତାକାର ମାନ୍ୟତା ଦେଲେ, କିନ୍ତୁ ଏହାର ମଧଭାଗରେ ଚରଖାର ସ୍ଥାନ ନେଲା ସାରନାଥର ୨୪ଟି ଅର ଥିବା ଅଶୋକ ଚକ୍ର ଯାହାକୁ 'ଧର୍ମଚକ୍ର' ଓ 'ସମୟ ଚକ୍ର' ବୋଲି କୁହାଯାଏ । ଆମ ପତାକାର ଶୀର୍ଷ ଅଂଶରେ ଥିବା ନାରଙ୍ଗୀ ରଙ୍ଗ ସାହସ ଓ ତ୍ୟାଗର ପ୍ରତୀକ ଥିବାବେଳେ ଧଳା ରଙ୍ଗକୁ ସତ୍ୟ ଓ ଶାନ୍ତି ଏବଂ ସବୁଜ ରଙ୍ଗଟି ବିଶ୍ୱାସ, ବୀରତ୍ୱ ଓ ପ୍ରଗତିକୁ ସୂଚାଇଥାଏ । ଅଶୋକଙ୍କ ସାରନାଥର ଧର୍ମଚକ୍ର ଆମକୁ ସମୟ ସହ ସଚେତନ ରହିବା ସଙ୍ଗେ ସଙ୍ଗେ ଆଗକୁ ବଢ଼ିବା ଲାଗି ପ୍ରେରଣା ଦେଉଥିବାରୁ ଏହି ଚକ୍ରକୁ ଆମ ଜାତୀୟ ପତାକାରେ ସ୍ଥାନିତ କରାଯାଇଛି । ଚରଖା ଚିହ୍ନିତ ତ୍ରିରଙ୍ଗା ଝଣ୍ଡା କଂଗ୍ରେସର ପତାକା ହୋଇଥିବାରୁ ଜାତୀୟ ପତାକାକୁ ରାଜନୈତିକ ଦଳର ଗଣ୍ଡି ମଧ୍ୟରେ ସୀମିତ ନ ରଖିବା ପାଇଁ ସେତେବେଳର ଅଗ୍ରଣୀ କଂଗ୍ରେସ ନେତାମାନେ ନୂଆ ପତାକାର ପରିକଳ୍ପନା କରିଥିଲେ ଏବଂ ଶେଷରେ ଜାତିର ଜନକ ତଥା ସ୍ୱାଧୀନତା ସଂଗ୍ରାମର ସେନାପତି ମହାମାନବ ମହାତ୍ମା ଗାନ୍ଧି ଅଶୋକ ଚକ୍ର ଥିବା ଏହି ତ୍ରିରଙ୍ଗା ଝଣ୍ଡାକୁ ସ୍ୱୀକାର କରିଥିଲେ । ଆମ ପତାକା ୩:୨ର ସାଧାରଣ କପଡା ନୁହେଁ । ଏହାକୁ ହାସଲ କରିବା ପାଇଁ ଆମ ପୂର୍ବସୂରୀମାନଙ୍କୁ ଦୀର୍ଘ ଲଢ଼େଇ ଲଢ଼ିବାକୁ ପଡିଛି । ଏହି ତ୍ରିରଙ୍ଗା ଝଣ୍ଡା ଆମ ଚଳନ୍ତି ଇତିହାସର ବାର୍ତ୍ତାବହ । ଭାରତଛାଡ ଆନ୍ଦୋଳନ କାଳରେ ତ୍ରିରଙ୍ଗା ଝଣ୍ଡାର ଟେକ ରଖିବା ଲାଗି ଆମ ଓଡ଼ିଶାର ମାଥିଲି, ନିମାପଡା, ପାପଡାହାଣ୍ଡି, ଲୁଣିଆ, ଇରମ, ତୁଡିଗଡିଆ, ଖଇରାଡିହି, କାଇପଡା, କଳାମାଟିଆ ଆଦି ସ୍ଥାନରେ ବହିଥିଲା ରକ୍ତର ନଦୀ । ଏଥିପାଇଁ ଲକ୍ଷ୍ମଣ ନାୟକଙ୍କୁ ବି ଫାଶୀଖୁଣ୍ଟରେ ଝୁଲିବାକୁ ପଡିଲା । ଓଡ଼ିଶାରେ ଶତାଧିକ ସଂଗ୍ରାମୀ ଶହୀଦ ହୋଇଥିଲେ । ଏ ମାଟି ବଳିଦାନର ବୋଲି ସେମାନେ ପ୍ରମାଣିତ କରିଗଲେ । ବ୍ରିଟିଶର ଗୁଳି, ଲାଠିରେ ଶହୀଦ ହୋଇଯିବ ପଛେ ଜାତିର ପ୍ରତୀକ ଜାତୀୟ ପତାକାକୁ ତଳେ ପକାଇବାକୁ ଦେବ ନାହିଁ ବୋଲି ବାରମ୍ବାର ଗାନ୍ଧିଜୀ ଚେତାବନୀ ଦେଇ ଆସୁଥିଲେ । ଇତିହାସ କୁହେ, ଆସାମର ଗୋପୁର୍ ଥାନା ଉପରେ ତ୍ରିରଙ୍ଗା ଝଣ୍ଡା ଉଡାଇବା ପାଇଁ ଯାଉଥିବା ବେଳେ ୧୪ବର୍ଷର ଝିଅ କନକଲତା ବଡୁଆ ଓ ଅନ୍ୟଜଣେ ଛାତ୍ର ମୁକୁନ୍ଦ ଶହୀଦ ହୋଇଥିଲେ । ପଶ୍ଚିମବଙ୍ଗର ମେଦିନପୁର ଅନ୍ତର୍ଗତ ତମଲୁପ ଥାନା ନିକଟରେ ତ୍ରିରଙ୍ଗାର ଟେକ ରଖିବା ଲାଗି ୧୩ବର୍ଷର ବାଳକ ଲକ୍ଷ୍ମୀନାରାୟଣ ଓ ୭୩ ବର୍ଷୀୟା ବୃଦ୍ଧା ମାତଙ୍ଗିନୀ ହାଜରାଙ୍କ ସମେତ ଅନେକ ବଳିଦାନ ଦେଇଥିଲେ । 'କର ବା ମର' ଆନ୍ଦୋଳନ ସମୟରେ ପାଟନା ସଚିବାଳୟ ଉପରେ ତ୍ରିରଙ୍ଗା ଝଣ୍ଡା ଉଡାଇବା ପାଇଁ ଉଦ୍ୟମକରି ୭ଜଣ ଛାତ୍ର ଶହୀଦ ହୋଇଥିଲେ । ଜବାହରଲାଲ ନେହେରୁଙ୍କ ଆକଳନ ଅନୁଯାୟୀ ଏହି ଆନ୍ଦୋଳନରେ ଅନ୍ୟୂନ ୧୦ ହଜାର ଭାରତୀୟ ଜୀବନଦାନ ଦେଇଥିଲେ ।

ଆହ୍ଲାବାଦର କ୍ଲକ୍ ଟାୱାରକୁ ଘେରି ରହିଥିବା ମିଲିଟାରୀ ପୋଲିସଙ୍କ ବ୍ୟୁହ ଭେଦକରି ଲାଲବାହାଦୁର ଶାସ୍ତ୍ରୀ ବୁର୍ଖା ପରିହିତା ମହିଳା ବେଶରେ ଉପରକୁ ଚଢ଼ି ତ୍ରିରଙ୍ଗା ଝଣ୍ଡା ଉଡାଇ ଥିଲେ । ବାସ୍ୟମ୍ ନାମକ ଅନ୍ୟଜଣେ ଯୁବ ସତ୍ୟାଗ୍ରହୀ ମାଡ୍ରାସରେ ସେନାବାହିନୀ ମୁଖ୍ୟ ଶିବିର ଭିତରେ ପଶି ୧୬୦ ଫୁଟ ଉଚ୍ଚ ବେତାର ଟାୱାର ଉପରେ ଏକ ସୁଦୀର୍ଘ ପତାକା ଉଡାଇବାର ସାହସ କରିଥିଲେ । ଭଦ୍ରକ କଚେରି ଉପରେ ସୁଧାକର ମିଶ୍ର ଓ ୱାରିସ୍ ମିଆଁ ତ୍ରିରଙ୍ଗା ଝଣ୍ଡା ଉଡାଇଥିବା ବେଳେ ଭାରତଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ରେଭେନ୍ସା କଲେଜର କ୍ରାନ୍ତିକାରୀ ଛାତ୍ରଛାତ୍ରୀମାନେ କଲେଜ ଉପରୁ ୟୁନିୟନ ଜ୍ୟାକ୍ ହଟାଇ ତ୍ରିରଙ୍ଗା ଝଣ୍ଡା ଉଡାଇବାର ସଫଳ ପ୍ରଚେଷ୍ଟା କରିଥିଲେ । ଆମ ମୁକ୍ତି ସଂଗ୍ରାମରେ ତ୍ରିରଙ୍ଗା ଝଣ୍ଡା ଯୋଗାଉଥିଲା ପ୍ରେରଣା । ୧୯୪୭ ଅଗଷ୍ଟ ୧୫ ଠାରୁ ଆମ ଜାତିର ପ୍ରତୀକ ଜାତୀୟ ପତାକାକୁ ଆମେ ସମ୍ମାନର ସହ ଉଡାଇ ଆସୁଛୁ ଏବଂ ଏହାର ଟେକ ରଖିବା ପ୍ରତି ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବୋଲି ସମ୍ବିଧାନ ଚେତାଇ ଦେଉଥିବା ବେଳେ ଆମ ଜାତୀୟ ପତାକାର ସଦ୍ ବ୍ୟବହାର ପାଇଁ ୨୦୦୨ ଜାନୁଆରୀ ୨୬ରୁ ଲାଗୁ ହୋଇଥିବା 'ଫ୍ଲାଗ୍ କୋଡ୍ ଅଫ୍ ଇଣ୍ଡିଆ'କୁ ଆମେ ଗ୍ରହଣ କରିନେଇଛୁ । ତ୍ରିରଙ୍ଗାକୁ ଆଧାର କରି ଓଡ଼ିଆ ସମେତ ବିଭିନ୍ନ ଭାଷାରେ ଅନେକ ଦେଶାତ୍ମବୋଧକ ପ୍ରେରଣାଦାୟୀ ସଂଗୀତ ଓ ସାହିତ୍ୟ ସୃଷ୍ଟି ହୋଇଛି । ପ୍ରତ୍ୟେକ ଭାରତୀୟ ନାଗରିକ ତାଙ୍କ ଘର ଓ ଅନୁଷ୍ଠାନ ଓ ସର୍ବସାଧାରଣ ସ୍ଥାନରେ ସମ୍ମାନର ସହ ଜାତୀୟ ପତାକା ଉଡାଇ ପାରିବେ ବୋଲି ଆମ ସୁପ୍ରିମକୋର୍ଟ ମଧ ରାୟ ଦେଇଛନ୍ତି । ସ୍ୱାଧୀନତା ପ୍ରାପ୍ତିର ଏବେ ଅମୃତ କାଳ ଚାଲିଛି ବୋଲି ଆମେ କହୁଥିବା ବେଳେ କୃତଜ୍ଞତାର ସହ ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ସୈନିକ ଏବଂ ଦେଶର ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୃଷକ, ଶ୍ରମିକ, ବୈଜ୍ଞାନିକ, ଶିକ୍ଷକ, ବୈଷୟିକ ବିଶେଷଜ୍ଞ ଓ ଅନ୍ୟ ଚିନ୍ତାନାୟକ ତଥା ସଂସ୍କାରକମାନଙ୍କୁ ସ୍ମରଣ କରୁଛୁ । ଏଥିସହିତ ଆମ ଦେଶରେ ଏକତା, ଅଖଣ୍ଡତା, ଭ୍ରାତୃତ୍ୱ, ସାର୍ବଭୌମତ୍ୱ, ସ୍ୱାଧୀନତା, ସ୍ୱାଭିମାନ, ସ୍ୱାବଲମ୍ବନ ଓ ସମ୍ମାନର ସୁରକ୍ଷା ପାଇଁ ମଧ ତ୍ରିରଙ୍ଗା ଝଣ୍ଡା ତଳେ 'କର ବା ମର' ମନ୍ତ୍ରରେ ଅଭିମନ୍ତ୍ରିତ ହେବା ଏବଂ ସ୍ୱାଧୀନୋତ୍ତର ଭାରତରେ କେତେ ପ୍ରଗତି କରିଛେ ଓ କେଉଁଠି ପଛେଇଛେ ତାହାର ମଧ ସମୀକ୍ଷା କରିବା । ସତ୍ୟ ଓ ଅହିଂସାକୁ ଆଧାର କରି ଦେଶ ମାତୃକାକୁ ପ୍ରଗତି ପଥରେ ଆଗେଇ ନେବାର ଗୁରୁ ଦାୟିତ୍ୱ ଆମ ସମସ୍ତଙ୍କର । ଏଥିପାଇଁ ଧନ ଅପେକ୍ଷା ସଂକଳ୍ପବଦ୍ଧ ମନର ଢେର ଅଧିକ ଆବଶ୍ୟକତା ରହିଛି ।

ଆହ୍ଲାବାଦର କ୍ଲକ୍ ଟାୱାରକୁ ଘେରି ରହିଥିବା ମିଲିଟାରୀ ପୋଲିସଙ୍କ ବ୍ୟୁହ ଭେଦକରି ଲାଲବାହାଦୁର ଶାସ୍ତ୍ରୀ ବୁର୍ଖା ପରିହିତା ମହିଳା ବେଶରେ ଉପରକୁ ଚଢ଼ି ତ୍ରିରଙ୍ଗା ଝଣ୍ଡା ଉଡାଇ ଥିଲେ । ବାସ୍ୟମ୍ ନାମକ ଅନ୍ୟଜଣେ ଯୁବ ସତ୍ୟାଗ୍ରହୀ ମାଡ୍ରାସରେ ସେନାବାହିନୀ ମୁଖ୍ୟ ଶିବିର ଭିତରେ ପଶି ୧୬୦ ଫୁଟ ଉଚ୍ଚ ବେତାର ଟାୱାର ଉପରେ ଏକ ସୁଦୀର୍ଘ ପତାକା ଉଡାଇବାର ସାହସ କରିଥିଲେ । ଭଦ୍ରକ କଚେରି ଉପରେ ସୁଧାକର ମିଶ୍ର ଓ ୱାରିସ୍ ମିଆଁ ତ୍ରିରଙ୍ଗା ଝଣ୍ଡା ଉଡାଇଥିବା ବେଳେ ଭାରତଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ରେଭେନ୍ସା କଲେଜର କ୍ରାନ୍ତିକାରୀ ଛାତ୍ରଛାତ୍ରୀମାନେ କଲେଜ ଉପରୁ ୟୁନିୟନ ଜ୍ୟାକ୍ ହଟାଇ ତ୍ରିରଙ୍ଗା ଝଣ୍ଡା ଉଡାଇବାର ସଫଳ ପ୍ରଚେଷ୍ଟା କରିଥିଲେ । ଆମ ମୁକ୍ତି ସଂଗ୍ରାମରେ ତ୍ରିରଙ୍ଗା ଝଣ୍ଡା ଯୋଗାଉଥିଲା ପ୍ରେରଣା ।

E-mail: prahalladsinha@gmail.com
ମୋ–୯୪୩୭୦୧୭୩୯୫
(ଶ୍ରୀ ସିଂହ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)

# ସୁଖରୁ ଆନନ୍ଦ ଅନୁଭୂତି



ଦିଲୀପ ରାଜ ବେହେରା

ପ୍ରଫୁଲ୍ଲତା ସୁଖ ଓ ଆନନ୍ଦର ଅଭିବ୍ୟକ୍ତିରୁ ଆସେ । ଆନନ୍ଦ ଏକ ଉଚ୍ଚତମ ମାନସିକ ଅବସ୍ଥା । ଆନନ୍ଦ ପ୍ରଜ୍ଞାର ପରିଚୟ ବହନ କରେ । ଆନନ୍ଦ ଅତି ଚେତନ ଅବସ୍ଥାର ପରିପୂର୍ଣ୍ଣ ଅଭିବ୍ୟକ୍ତି । ଆନନ୍ଦ ଆତ୍ମାର ଛାୟା ସ୍ୱରୂପ । ଆନନ୍ଦ ବ୍ୟକ୍ତିତ୍ୱର ପ୍ରକୃତି । ଆନନ୍ଦର ଉଦ୍‌ଗମ ହୃଦୟର ଅନ୍ତରତମ ପ୍ରଦେଶରୁ ହୋଇଥାଏ ।

ସୁଖର ଅନୁଭବ ବାହ୍ୟ ସାଧନ ମାଧ୍ୟମରୁ ସମ୍ଭବ ହୋଇଥାଏ । ନିଜ ମୁହଁ ଦେଖିବା ପାଇଁ ଦର୍ପଣକୁ ମାଧ୍ୟମ କରିବା ଭଳି ସୁଖର ଅନୁଭବ ପାଇଁ, ବର୍ହିଜଗତର ମାଧ୍ୟମ ଆବଶ୍ୟକ ହୋଇଥାଏ । ଆନନ୍ଦ ଜୀବନର ଅନ୍ତଃପ୍ରବୃତ୍ତି ଏବଂ ପ୍ରକୃତ ଅବସ୍ଥା । ଏହା ଆତ୍ମିକ ପରିଚୟ ଏବଂ ଆତ୍ମାର ବାସ୍ତବିକ ସତ୍ତା । ଆନନ୍ଦ ଈଶ୍ୱର ଦତ୍ତ ପ୍ରକୃତି ।

ବ୍ୟକ୍ତିତ୍ୱର ବିକାଶ ସହିତ ଚେତନାର ଅବସ୍ଥାରେ ଭିନ୍ନତା ଥାଏ, ତେଣୁ ପ୍ରତ୍ୟେକ ବ୍ୟକ୍ତିର ସୁଖ ଏବଂ ଆନନ୍ଦ ଅନୁଭବ କରିବା ଶକ୍ତି ଏବଂ ସାମର୍ଥ୍ୟ ମଧ୍ୟରେ ଭିନ୍ନତା ଆସେ । ଗୋଟିଏ ପ୍ରକାର ଅନୁଭୂତିରୁ ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ପ୍ରକାର ସୁଖ ଓ ଆନନ୍ଦ ଅନୁଭବ କରନ୍ତି । ସୁଖର ଅନୁଭବ ଗୋଟିଏ ଶିଢ଼ିର ନିମ୍ନ ସ୍ତରରୁ ଆରମ୍ଭ ହୋଇ, ଏହାର ସର୍ବୋତ୍ତମ ସୋପାନ ଆନନ୍ଦରେ ପହଁଚି ଥାଏ ।

ସୁଖ ଅନୁଭବର ସର୍ବନିମ୍ନ ଅନୁଭୂତି ଇନ୍ଦ୍ରିୟ ସୁଖ ଦ୍ୱାରା ମିଳିଥାଏ । ଏହାର ଅନୁଭବ ଉତ୍ସ ବିଚାର ଜଗତ । ଆନନ୍ଦର ଉଚ୍ଚତମ ଅନୁଭୂତି ଭାବ ଜଗତରୁ ମିଳିଥାଏ । ଏହା ଆତ୍ମିକ ତୃପ୍ତିର ଅବସ୍ଥା । ଆନନ୍ଦ ଏକ ଅତୀନ୍ଦ୍ରିୟ ଭାବ । ଅନାବିଳ ପ୍ରେମ, ବିଦବତ୍ତାର ଗଭୀରତା ମଧ୍ୟରୁ ଏହା ଝରିଆସେ । ନିଃସ୍ୱାର୍ଥ ସେବା, ସଦିଚ୍ଛା ଏବଂ ଶୁଭକାମନାରୁ ଏହା ଜନ୍ମ ନିଏ ।

ଆନନ୍ଦର ଅନ୍ତିମ ପାହାଚ ସମାଧିର ଶୂନ୍ୟ ଅବସ୍ଥାରୁ ଉପଲବ୍ଧ ହୁଏ । ଆତ୍ମା ଉପରେ ଡାଙ୍କି ରହିଥିବା ଅଜ୍ଞାନ ଆବରଣ ତିରୋହିତ ହେବା ଦ୍ୱାରା ଆସିଥାଏ । ଶରୀର ଅନୁଭବ ଦ୍ୱାରା ଯେଉଁ ସୁଖ ଅନୁଭୂତ ହୁଏ ତାହା ସାର୍ଜନୀନ । ଏହା ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଅନ୍ତର୍ନିହିତ ରହିଛି । ପଞ୍ଚ ଜ୍ଞାନେନ୍ଦ୍ରିୟ ଏବଂ ପଞ୍ଚ କର୍ମେନ୍ଦ୍ରୀୟ ଦ୍ୱାରା ଏହି ଅନୁଭବ ଆସିଥାଏ । ଏହା ବ୍ୟକ୍ତିକୁ କର୍ମମୁଖର କରିଥାଏ ।

ଉନ୍ନତ ବିଚାର ଏବଂ ଭାବନାର ସମୃଦ୍ଧ ଅବସ୍ଥା, ଜ୍ଞାନର ପରିପୂର୍ଣ୍ଣତା ଏବଂ ଇଚ୍ଛାର ପରିତୃପ୍ତି ହେବା ଦ୍ୱାରା ସୁଖ ମିଳେ । କାମନାର ଚରିତାର୍ଥ, କାର୍ଯ୍ୟରେ ସଫଳତା ଏବଂ ଜୀବନ ସଂଗ୍ରାମରେ ବିଜୟର ଅନୁଭବ ସୁଖ ଦିଏ । ଦୀର୍ଘ ଅଭିଳାଷର ପୂରଣ ଏବଂ ଲକ୍ଷ୍ୟ ପ୍ରାପ୍ତିରୁ ମିଳୁଥିବା ସୁଖର ଅନାବିଳ ସ୍ରୋତ ବୁଦ୍ଧି ଓ ବିଚାରପ୍ରଧାନ ।

ଭାବ ଓ ଭକ୍ତି ପ୍ରଧାନ ସୁଖ ଓ ଆନନ୍ଦର ସ୍ରୋତ ଅନିର୍ବଚନୀୟ । ପ୍ରେମ, ଶ୍ରଦ୍ଧା, ସ୍ନେହ, ଆତ୍ମୀୟତା ଆଦି ଭାବନାରୁ ବ୍ୟକ୍ତ ଚେତନାର ସୂକ୍ଷ୍ମ ଅଭିବ୍ୟକ୍ତି । ମା' ପୁଅକୁ ପ୍ରେମ କରେ, ତା'ପରେ ଗୋଟିଏ ଝିଅ ଜନ୍ମ ହେଲେ, ତାକୁ ମଧ ଭଲ ପାଇ ଥାଏ ଏବଂ ସେତିକି ସ୍ନେହ ଦିଏ । ପ୍ରେମ କମିବା ପରିବର୍ତ୍ତେ ଦ୍ୱିଗୁଣିତ ହୋଇ ବଢିଥାଏ । ଅଧିକ ସମୃଦ୍ଧ ଓ ପରିବର୍ଦ୍ଧିତ ହୁଏ । ଏହା ପ୍ରେମର ଗୁଣାତ୍ମକ ଅଭିବୃଦ୍ଧି ।

ଆନନ୍ଦର ଉଚ୍ଚତମ ଅଭିବ୍ୟକ୍ତିର ଉତ୍ସ ବିଦ୍‌ବତ୍ତା । ଦାର୍ଶନିକ ପ୍ରତିଭା, ଲେଖକର ଦିଗ୍‌ଦର୍ଶନ, କଳାକାରର ସଂଗୀତ, କବିର କଳ୍ପନା ରୂପ ମାଧୁର୍ଯ୍ୟ ଏବଂ ବୈଜ୍ଞାନିକର ଅନ୍ୱେଷଣ ଓ ଗବେଷଣା ସୃଜନଶୀଳତାରୁ ଆସେ । ଏହି ସୁଖ ଓ ଆନନ୍ଦ ଉଭୟର ଜନକ । ନୂତନ ସୃଷ୍ଟିର ନିର୍ମାଣ ମଧ୍ୟରେ ସୁଖ ଓ ଆନନ୍ଦ ଉଭୟ ରହିଥାଏ । ଏହା କେବଳ ପ୍ରଜ୍ଞାବାନ ଅନୁରାଗୀ ମାନେ ଅନୁଭବ କରି ପାରନ୍ତି ।

ନିଃସ୍ୱାର୍ଥ ସେବା, ଦାନ, ସାହାଯ୍ୟ ଏବଂ ସହାନୁଭୂତି ଆନନ୍ଦର ପଞ୍ଚମ ପାହାଚ ଦେବାରେ ଆନନ୍ଦ ଥାଏ । ଅନ୍ୟର ଖୁସି ନିଜ ମଧ୍ୟରେ ଖୁସି ଭରି ଦିଏ । ସେହି ଖୁସି ଆମ ପାଖକୁ ବହୁ ଗୁଣିତ ହୋଇ ଫେରିଆସେ । ଅନ୍ୟକୁ ଖୁସୀ ଦେବା, ଅନ୍ୟ ମନରେ ହସ ଫୁଟାଇବା ନିଜ ମଧ୍ୟରେ ଆନନ୍ଦ ନିର୍ମାଣ କରେ । ନିଜକୁ ପରିଶୋଧନ କରେ ।

ସର୍ବୋତ୍ତମ ଆନନ୍ଦର ଅନୁଭବ ଧ୍ୟାନ ଅବସ୍ଥାରୁ ଆସିଥାଏ । ଧ୍ୟାନ ଏକ ଶୂନ୍ୟ ଅବସ୍ଥା । ନିଜ ମଧ୍ୟରେ ଶୂନ୍ୟତା ନିର୍ମିତ ହେଲେ, ହୃଦୟ ନିର୍ମଳ ହୁଏ । ଆତ୍ମଜ୍ୟୋତି ସ୍ୱତଃ ପ୍ରବୃତ୍ତ ଜାଜ୍ୱଲ୍ୟମାନ ହୋଇ ଉଠେ । ସାଧାରଣ ମଣିଷ କେବଳ ସର୍ବନିମ୍ନ ସୁଖ, ଶରୀର ଇନ୍ଦ୍ରିୟ ଠାରୁ ପାଇଥାନ୍ତି । ଶରୀରର ପୋଷଣ ଏବଂ ସୃଷ୍ଟି ବିସ୍ତାର ପାଇଁ ଈଶ୍ୱର ଏହା ପ୍ରଦାନ କରିଛନ୍ତି ।

ଆନନ୍ଦର ଉଚ୍ଚତମ ଅନୁଭୂତି ପାଇଁ ଚେତନାର ଉଚ୍ଚସ୍ତରକୁ ଯିବାକୁ ହୁଏ । ଉନ୍ନତ ବ୍ୟକ୍ତିତ୍ୱର ନିର୍ମାଣ କରିବାକୁ ପଡିଥାଏ । ଉନ୍ନତ ମାନର ସୁଖ ଉପଲବ୍ଧି ସଦ୍‌ଗୁଣର ବିକାଶ ଦ୍ୱାରା ସମ୍ଭବ । ଅନ୍ୟକୁ ପ୍ରଶଂସା କରିବା, ନିଜ କାର୍ଯ୍ୟ ପାଇଁ ଅନାବଶ୍ୟକ ଅନୁଶୋଚନା ନ କରିବା, ସମ୍ପର୍କ ଏବଂ ବ୍ୟବହାରରେ କୃତଜ୍ଞତା ଜ୍ଞାପନ କରିବା ଦ୍ୱାରା ଏହି ଗୁଣ ବିକଶିତ ହୁଏ ।

ଅନ୍ୟକୁ ଆନନ୍ଦ ଦେବା, ଖୁସି କରିବା, ନମସ୍କାର ବେଳେ ଅନ୍ୟ ମଧ୍ୟରେ ଥିବା ଈଶ୍ୱରଙ୍କୁ ଭାବନାତ୍ମକ ଭାବେ ଉପଲବ୍ଧି କରିବା ଦ୍ୱାରା ଆନନ୍ଦ ମିଳେ । ସଗୁଣାତ୍ମକ ବିଚାର ମାନସିକ ଗ୍ରହଣଶୀଳତାକୁ ପରିପକ୍ୱ ଏବଂ ବାସ୍ତବବାଦୀ କରିଥାଏ । ଈଶ୍ୱର ସୃଷ୍ଟିକୁ ସୁନ୍ଦର କରିଛନ୍ତି, ଆମେ ତାହାକୁ ବୁଝିବା ଏବଂ ଜାଣି ଅନୁଭବ କରିବା । ଏହା ସକାରାତ୍ମକ ବିଚାର ଦ୍ୱାରା ସମ୍ଭବ ହୁଏ । ସର୍ବଦା ନିଜ ବିଚାର ଜଗତ ମଧ୍ୟରେ ସଚେତନ ରହିବା ଦ୍ୱାରା ସୁଖ ଓ ଆନନ୍ଦର ସତତ ଅନୁଭବକୁ ଜାଗରୁକ କରିବା ସମ୍ଭବ ହୁଏ ।

ଈଶ୍ୱର ସୃଷ୍ଟିକୁ ସୁନ୍ଦର କରିଛନ୍ତି, ଆମେ ତାହାକୁ ବୁଝିବା ଏବଂ ଜାଣି ଅନୁଭବ କରିବା । ଏହା ସକାରାତ୍ମକ ବିଚାର ଦ୍ୱାରା ସମ୍ଭବ ହୁଏ । ସର୍ବଦା ନିଜ ବିଚାର ଜଗତ ମଧ୍ୟରେ ସଚେତନ ରହିବା ଦ୍ୱାରା ସୁଖ ଓ ଆନନ୍ଦର ସତତ ଅନୁଭବକୁ ଜାଗରୁକ କରିବା ସମ୍ଭବ ହୁଏ ।

ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର
ମୋ–୭୭୩୫୩୪୮୬୬୦

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବନ୍ୟା...

ଭଦ୍ରକ ଜିଲ୍ଲାର ଦପାନାଥାକାଣି ସ୍କୁଲ ସ୍ଥିତ ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସୁବିଧା ଅସୁବିଧା, ବିଶେଷକରି ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ ।

ଗଣମାଧ୍ୟମକୁ ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରଙ୍କ ରିଲିଫ୍ ଓ ଅନ୍ୟାନ୍ୟ ସହାୟତା ବାବଦରେ ଜନସାଧାରଣ ସନ୍ତୁଷ୍ଟ ଅଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର । ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବନ୍ୟାସ୍ଥିତି ଉପୁଜିଛି । ଏହି ୬ ଟି ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଜିଲ୍ଲା ଗୁଡ଼ିକର ୭୪ଟି ବ୍ଲକର ୧୩୮୧ଟି ଗାଁର ୭.୪୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩୭.୩୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ୫୫୦ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ୧୦୦୦ କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟରେ ବନ୍ୟା ପ୍ରଭାବିତ ଚାଷୀମାନଙ୍କ ପାଇଁ କୃଷି ଇନପୁଟ୍ ସବସିଡି ସହିତ ବିଭିନ୍ନ ପ୍ରକାରର ସହାୟତା ବ୍ୟବସ୍ଥା କରାଯାଇଛି । ଏହା ହେଲା- ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ । ଏଥିରେ ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଏବଂ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ କୃଷି ଇନପୁଟ୍ ସବସିଡି ପ୍ରଦାନ କରାଯିବ ।

କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ଅଣଧାନ (ଯଥା-ବିରି) ବିହନ କିଣିବା ନିମନ୍ତେ ଆର୍ଥିକ ସହାୟତା ମାଧ୍ୟମରେ ପ୍ରଦାନ କରାଯିବ । ସରକାରଙ୍କ ତରଫରୁ ସରକାରୀ ଓ ଘରୋଇ ବ୍ୟବସ୍ଥା ମାଧ୍ୟମରେ ଆବଶ୍ୟକୀୟ ବିହନ ଚାଷୀମାନଙ୍କୁ କିଣିବା ପାଇଁ ଉପଲବ୍ଧ କରାଯିବ । କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ କରାଯିବ । ବନ୍ୟା ପରବର୍ତ୍ତୀ ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୭୫% ସବସିଡି ପ୍ରଦାନ କରାଯିବ । କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ପ୍ରାଣିସମ୍ପଦ କ୍ଷତିର ଭରଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏଥିସହିତ ନଷ୍ଟ ହୋଇଯାଇଥିବା ଡଙ୍ଗା, ଜାଲ, ଇତ୍ୟାଦି ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ । ଇଚ୍ଛୁକ ଚାଷୀଙ୍କ ସ୍ୱଳ୍ପ ମିଆଦୀ ଖରିଫ୍ କୃଷି ଋଣକୁ ମଧ୍ୟମ ଅବଧି କୃଷି ଋଣରେ ପରିଣତ କରାଯିବ । ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ କ୍ଷତିଗ୍ରସ୍ତ ଉପକରଣ/ଯନ୍ତ୍ରପାତି କିଣିବା ପାଇଁ ୫ ହଜାର ଟଙ୍କା ଏବଂ କଞ୍ଚାମାଲ/ପ୍ରସ୍ତୁତ ସାମଗ୍ରୀ କ୍ଷତି ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯିବ । ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, କେନାଲବନ୍ଧର ସାମୟିକ ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାଯିବ । ସମସ୍ତ କ୍ଷତିଗ୍ରସ୍ତ ଭିତ୍ତିଭୂମି କ୍ଷତିର ଆକଳନ ପରେ ସ୍ଥାୟୀ ମରାମତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ/ଶୁଖିଲା ଖାଦ୍ୟ ଯୋଗାଣ ଜାରି ରହିବ । ଏହା ସହିତ ଅତିରିକ୍ତ ଭାବରେ ଆବଶ୍ୟକୀୟ ରିଲିଫ୍ ଚାଉଳ ଯୋଗାଇ ଦିଆଯିବ । ବନ୍ୟା ପ୍ରଭାବିତ ବ୍ୟକ୍ତି ବିଶେଷଙ୍କୁ ବାସନ-କୁସନ ଓ ବସ୍ତ୍ର ନିମନ୍ତେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ । ଗଣମାଧ୍ୟମକୁ ବିବୃତ୍ତି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଜଳସମ୍ପଦ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସହିତ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ଉପସ୍ଥିତ ଥିଲେ ।

## ଲଗାଣ...

ଏଭଳି କାନ୍ଥ ବିଭିନ୍ନ ସ୍ଥାନରେ ଭୁଶୁଡ଼ି ଥିବା ଅନୁମାନ କରାଯାଉଛି । ସୂଚନାଯୋଗ୍ୟ ଗତ ୨୪ଘଣ୍ଟାରେ ବହଳଦା ବ୍ଲକ ଅଞ୍ଚଳରେ ସର୍ବାଧିକ ୨୭୩ ମିମି ବର୍ଷା ହୋଇଥିବା ବେଳେ ରାଇରଙ୍ଗପୁରରେ ୨୦୭ମିମି ରେକର୍ଡ ହୋଇଛି । ଅପରପକ୍ଷେ ବାଲେଶ୍ୱର ଜିଲ୍ଲା ବଲେଶ୍ୱର ବ୍ଲକ ଅନ୍ତର୍ଗତ ନେଥୁଆ ପଞ୍ଚାୟତରେ ଦୁଇ ଦିନ ତଳେ କାନ୍ଥ ଭୁଶୁଡ଼ି ଶ୍ରୀଧର ଜେନା ଓ ଜ୍ୟୋତିପ୍ରକାଶ ସାହୁଙ୍କ ଅକାଳ ମୃତ୍ୟୁ ଘଟଣାରେ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ । ଘଟଣା ସମ୍ପର୍କରେ ଖବର ପାଇ ସାଂସଦ ଶ୍ରୀ ଷଡ଼ଙ୍ଗୀ ମୃତକଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଏହି ଦୁଃଖଦ ଘଟଣାରେ ଗଭୀର ଶୋକ ପ୍ରକାଶ କରିଥିଲେ । ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ଗୁଡ଼ିକେଶ ସାହୁଙ୍କୁ ମଧ୍ୟ ସାଂସଦ ଭେଟିଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚାଲିଥିବା ଚିକିତ୍ସା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉତ୍ତମ ଚିକିତ୍ସା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ ।

ଚିକିତ୍ସାରେ ଯେପରି କୌଣସି ପ୍ରକାର ଅବହେଳା ନହୁଏ, ସେଥିପ୍ରତି ମଧ୍ୟ ସାଂସଦ ଗୁରୁତ୍ୱାରୋପ କରିଥିଲେ । ସେହିପରି ତହସିଲଦାର, ବିଡିଓ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆଲୋଚନା କରି ପୀଡ଼ିତ ପରିବାରକୁ ସରକାରୀ ସହାୟତା ଓ ସ୍ୱତନ୍ତ୍ର ସହାୟତା ପ୍ରଦାନର ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯାଇଥିବା ସାଂସଦ କହିଥିଲେ । ଏଥିସହ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ମୃତକ ଦୁଇଜଣଙ୍କ ପରିବାରକୁ ତୁରନ୍ତ ସହାୟତା ଭାବେ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନର ବ୍ୟବସ୍ଥା କରାଯାଇଥିବା ସାଂସଦ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଥିଲେ । ଏହି ସହାୟତା ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ପରିବାରକୁ ପ୍ରଦାନ କରାଯାଇଛି ।

## ୨୫ରେ...

ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଅଗଷ୍ଟ ଶେଷ ସପ୍ତାହରେ (ବିଶେଷ କରି ଅଗଷ୍ଟ ୨୫ ରୁ ୨୮ ମଧ୍ୟରେ) ବଙ୍ଗୋପସାଗରରେ ଆଉ ଏକ ନୂତନ ଘୂର୍ଣ୍ଣିବଳୟ / ଲଘୁଚାପ ସୃଷ୍ଟି ହେବାର ପୂର୍ବାନୁମାନ କରାଯାଉଛି । ୨୦ରୁ ୨୪ ଅଗଷ୍ଟ ମଧ୍ୟରେ ବାୟୁମଣ୍ଡଳୀୟ ସାମୟିକ ବିରାମ ରହିବ । ଏହାପରେ ମୌସୁମୀ ଟ୍ରଫର ପୂର୍ବ ଭାଗ ପୁନର୍ବାର ସକ୍ରିୟ ହୋଇ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଜଳୀୟବାଷ୍ପ ଓ ବାୟୁସଞ୍ଚାଳନକୁ ବୃଦ୍ଧି କରିବ ।

୨୪-୨୬ ଅଗଷ୍ଟ ମଧ୍ୟରେ କେନ୍ଦ୍ରୀୟ ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ସ୍ପଷ୍ଟ ସାଇକ୍ଲୋନିକ୍ ସର୍କୁଲେସନ୍ ସୃଷ୍ଟି ଉଠିବ । ଏହା ୨୬-୨୮ ଅଗଷ୍ଟ ବେଳକୁ ଲଘୁଚାପରେ ରୂପ ନେବାର ୬୦% ରୁ ଅଧିକ ସମ୍ଭାବନା ଦେଖାଯାଉଛି । ଜିଏଫ୍ଏସ୍ ମଡେଲ୍ ମଧ୍ୟ ୨୫ ଅଗଷ୍ଟ ଆଖପାଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର (ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ସଂଲଗ୍ନ)ରେ ପୁନର୍ବାର ସାଇକ୍ଲୋନିକ୍ ଭୋର୍ଟିସିଟି ବୃଦ୍ଧି ପାଉଥିବା ଦର୍ଶାଉଛି, ଯାହା ଅଗଷ୍ଟ ୨୬/୨୭ ରେ ଲଘୁଚାପରେ ପରିଣତ ହୋଇପାରେ । ଏହି ସମ୍ଭାବ୍ୟ ନୂତନ ସିଷ୍ଟମ୍‌ଟି ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗକୁ ଗତି କରିବାର ପ୍ରାରମ୍ଭିକ ସଙ୍କେତ ରହିଛି, ଯାହା ଉତ୍ତର-କେନ୍ଦ୍ରୀୟ, ଓଡ଼ିଶା ଏବଂ ସଂଲଗ୍ନ ଉପକୂଳ ଅଞ୍ଚଳକୁ ମୁଖ୍ୟତଃ ପ୍ରଭାବିତ କରିପାରେ । ୨୦ ରୁ ୨୪ ଅଗଷ୍ଟ ମଧ୍ୟରେ ଓଡ଼ିଶାରେ ପ୍ରବଳ ବର୍ଷାରୁ ଆଶ୍ୱସ୍ତି ମିଳିବା ପରେ । ୨୫ ରୁ ୨୯ ଅଗଷ୍ଟ ମଧ୍ୟରେ ରାଜ୍ୟରେ ପୁନର୍ବାର ବର୍ଷା ଆରମ୍ଭ ହେବାର ପୂର୍ବାନୁମାନ କରାଯାଉଛି ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

## ହୀରାକୁଦ...

ଗେଟ୍ ଖୋଲା ଯାଇଛି । ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୩୫ହଜାର୨୦୦କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ସ୍ପିଲୱେରୁ ୨ଲକ୍ଷ୧୯ହଜାର୩୮୦କ୍ୟୁସେକ୍, ପାୱାରଚେନାଲକୁ ୩ହଜାର୪୫୦କ୍ୟୁସେକ୍, କେନାଲକୁ ୨ହଜାର୬୭୪କ୍ୟୁସେକ୍ ଓ କଲକାରଖାନାକୁ ୨୨୯କ୍ୟୁସେକ୍ ଜଳ ଛଡ଼ା ଯାଉଛି । [illegible] ଖଇରମାଳରେ ୨ଲକ୍ଷ ୭୩ହଜାର, ବାରମୂଲରେ ୧ଲକ୍ଷ ୭୯ହଜାର୭୫୦ ଓ ମୁଣ୍ଡଳୀରେ ୧ଲକ୍ଷ ୬୩ହଜାର। ୧୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ତେବେ ଉପର ମୁଣ୍ଡରେ ଅଧିକ ବର୍ଷା ହେଲେ ଆଉ ଅଧିକ ଗେଟ୍ ଖୋଲିବ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ୨ରେ...

ମାମଲାରେ ସୁପ୍ରିମ୍‌କୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ଡିଜିପି ଚୟନ ହୋଇଛି କି ନାହିଁ ସେ ନେଇ ପ୍ରଶ୍ନ ଉଠିଛି ।

ସୁପ୍ରିମ୍‌କୋର୍ଟରେ ମାମଲା ଥିବାରୁ ଇତିମଧ୍ୟରେ ରାଜ୍ୟ ସରକାର ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଭାବେ ନିଯୁକ୍ତି ଦେଇଛନ୍ତି । ପ୍ରଥମଥର ଲାଗି ଓଡ଼ିଶାରେ ଡିଜିପି ନିଯୁକ୍ତି ନେଇ ଅନିଶ୍ଚିତତା ଦେଖାଦେଇଛି । ସରକାର ପ୍ରଥମେ ଯେଉଁ ନାମ ପଠାଇଥିଲେ ସେଥିମଧ୍ୟରୁ ଜଣଙ୍କ ନାମ ପ୍ରତ୍ୟାହାର କରିନେଇଥିଲେ । ଏହାପରେ ଆଉ ଦୁଇ ଜଣ ଅଧିକାରୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଥିଲେ । ଏହାପରେ ଏବେ ମାମଲା ସୁପ୍ରିମ୍‌କୋର୍ଟରେ ପହଞ୍ଚିଛି ।

## ତଦନ୍ତ...

ବୁଧବାର ଏନେଇ ବିଧିବଦ୍ଧ ନିର୍ଦ୍ଦେଶ ଜାରି କରାଯିବ ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଓ ଭି. ମୋହନଙ୍କୁ ନେଇ ଗଠିତ ବେଞ୍ଚ ଏହି ସୂଚନା ଦେଇଛନ୍ତି ।ଏହି କମିଟି ସିଜେପି ଆନ୍ଦୋଳନ ବେଳେ ଘଟିଥିବା ସମସ୍ତ ଘଟଣାର ଯାଞ୍ଚ କରିବେ । ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଠାରୁ ଆରମ୍ଭ କରି ପୁଲିସ ଉପରେ ହୋଇଥିବା ଆକ୍ରମଣର ଅଭିଯୋଗର ତଦନ୍ତ ପ୍ୟାନେଲ କରିବ ବୋଲି ସୁପ୍ରିମକୋର୍ଟ ଆଜି କହିଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ତଥ୍ୟ ସଂଗ୍ରହ କରିବ ଓ ପର୍ଯ୍ୟାୟକ୍ରମେ ରିପୋର୍ଟ ଦାଖଲ କରିବ । ଏହାଦ୍ୱାରା କୋର୍ଟ ଆବଶ୍ୟକ ନିର୍ଦ୍ଦେଶ ଜାରି କରିପାରିବେ । ଖଣ୍ଡପୀଠ କହିଛନ୍ତି, ଆମେ କମିଟିକୁ ସମସ୍ତ ସହାୟତା ଯୋଗାଇଦେବୁ । କମିଟି ନିକଟକୁ ଯେକୌଣସି ପ୍ରଭାବିତ ଲୋକ ଆସିଲେ ସେମାନେ ତାଙ୍କୁ ତୁରନ୍ତ ଶୁଣିବେ । ତାଙ୍କୁ ନ୍ୟାୟ ପାଇଁ ସୁଯୋଗ ଦେବେ । କମିଟି ପର୍ଯ୍ୟାୟକ୍ରମେ ଯେଉଁ ସୁପାରିସ କରିବେ, ଆମେ ସେହି ଅନୁସାରେ ଆଇନଗତ ପଦକ୍ଷେପ ନେବୁ ।କେବଳ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ହିଂସା ନୁହେଁ, ବିକ୍ଷୋଭ ବେଳେ ଛାତ୍ରୀମାନଙ୍କ ପ୍ରତି ହୋଇଥିବା ଅଶାଳୀନ ବ୍ୟବହାର ଓ ସୋଶାଲ ମିଡିଆରେ ଗାଳିଗୁଲଜ କରାଯିବା ଅଭିଯୋଗର ଯାଞ୍ଚ ମଧ୍ୟ ୩ ଜଣିଆ କମିଟି କରିବ । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ଯିଏ ଦାୟୀ ହୁଅନ୍ତୁ ନା କାହିଁକି, କୌଣସି ବାହାନା ଗ୍ରହଣୀୟ ନୁହେଁ । ଏହାକୁ ଗୁରୁତର ଭାବେ ବିଚାର କରାଯିବ । ସେଥିପାଇଁ ଆମେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କରୁଛୁ । ଘଟଣାଗୁଡ଼ିକର ପ୍ରତ୍ୟେକ ଦିଗକୁ କମିଟି ଯାଞ୍ଚ କରିବ ।

ଶୁଣାଣି ବେଳେ ବିଭିନ୍ନ ଥାନାରେ ପୁଲିସ୍ ଶିକ୍ଷାର୍ଥୀଙ୍କ ବିରୋଧରେ ରୁଜୁ କରିଥିବା ଏଫଆଇଆର ସମ୍ପର୍କରେ କୋର୍ଟ ବଡ଼ କଥା କହିଛନ୍ତି । ଶିକ୍ଷାର୍ଥୀଙ୍କ ବିରୋଧରେ ରୁଜୁ ହୋଇଥିବା ଏଫଆଇଆରକୁ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟ ସମ୍ବିଧାନର ଧାରା ୧୪୨ ଅଧୀନରେ ଥିବା ନିଜର ବିଶେଷ କ୍ଷମତା ବ୍ୟବହାର କରିପାରନ୍ତି ବୋଲି ସଙ୍କେତ ଦେଇଛନ୍ତି । ତେବେ ଗୁରୁତର ଅପରାଧିକ ରେକର୍ଡ ଥିବା ବ୍ୟକ୍ତିଙ୍କ ମାମଲାକୁ ଅଲଗା ଭାବେ ବିଚାର କରିଯିବ ବୋଲି ମଧ୍ୟ କୋର୍ଟ ସ୍ପଷ୍ଟ କରିଛନ୍ତି । ଏହି ସମୟରେ କୋର୍ଟରେ ଉପସ୍ଥିତ ଥିବା ସଲିସିଟର ଜେନେରାଲ ତୁଷାର ମେହେଟା ଶିକ୍ଷାର୍ଥୀଙ୍କ ବିରୋଧରେ ରୁଜୁ ଏଫଆଇଆରକୁ ରଦ୍ଦ କରାଯିବା କଥାରେ ସହମତ ହୋଇଛନ୍ତି । କିନ୍ତୁ ସେ କହିଥିଲେ ଯେ ଗୁରୁତର ଅପରାଧିକ ରେକର୍ଡ ଥିବା କିଛି ବ୍ୟକ୍ତି ମଧ୍ୟ ପ୍ରତିବାଦରେ ପ୍ରବେଶ କରିଥିଲେ ଓ ସେମାନଙ୍କ ବିରୋଧରେ ତଦନ୍ତ ହେବା ଆବଶ୍ୟକ । ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି, ବଳାତ୍କାର ଓ ପୋକସୋ ଭଳି ମାମଲାର ଅଭିଯୁକ୍ତ ଥିବା ପ୍ରାୟ ୨,୮୦୦ ଜଣ ତଥାକଥିତ ବିକ୍ଷୋଭକାରୀଙ୍କୁ ଚିହ୍ନଟ କରାଯାଇଥିବା ସେ କୋର୍ଟଙ୍କୁ ଅବଗତ କରାଇଛନ୍ତି । ଏହାପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି ଯେ ଯେଉଁ ସବୁ ଏଫଆଇଆରରେ କେବଳ ଛାତ୍ରମାନେ ସମ୍ପୃକ୍ତ ରହିଛି, ସେଗୁଡ଼ିକର ତାଲିକା ରାଜ୍ୟ ସରକାରମାନେ ଦାଖଲ କରିବେ ।

## ଅତ୍ୟଧିକ...

ଦିଆଗଲା ଦିଲ୍ଲୀ ପୋଲିସ ଏହି ସତ୍ୟପାଠ ଦାଖଲ କରିଛି ।

ପୋଲିସ ସତ୍ୟପାଠରେ ଉଲ୍ଲେଖ କରିଛି ଯେ ପୋଲିସ ଆବଶ୍ୟକତା ଅନୁଯାୟୀ ବଳ ପ୍ରୟୋଗ କରିଥିଲା । ୫ ହଜାରରୁ ଊର୍ଦ୍ଧ୍ୱ ପୋଲିସ ଅଫିସର ୩ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ୩୦ ହଜାର ଲୋକଙ୍କ ଭିଡ଼କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିଲା । ପ୍ରତିବାଦକାରୀ ଓ ପୋଲିସ ମଧ୍ୟରେ ମଧ୍ୟ ସଂଘର୍ଷ ହୋଇଥିଲା । ପ୍ରାୟ ୨୪୦ ପୋଲିସ ଓ ୨୦୦ ସାଧାରଣ ଜନତା ଓ ପ୍ରତିବାଦକାରୀ ଆହତ ହୋଇଥିଲେ । ଅତ୍ୟଧିକ ବଳପ୍ରୟୋଗ ଅଭିଯୋଗକୁ ଯଥାର୍ଥ କୁହାଯାଇପାରିବ ନାହିଁ । ବିଭିନ୍ନ ସ୍ଥାନରେ ବହୁସଂଖ୍ୟକ ପ୍ରଦର୍ଶନକାରୀ ଥିଲେ । ସେମାନଙ୍କ ମଧ୍ୟରେ ଅସାମାଜିକ ତତ୍ତ୍ୱମାନେ ଥିଲେ ବୋଲି ଦିଲ୍ଲୀ ପୋଲିସ ଗୁରୁତ୍ୱ ଆରୋପ କରିଛି । କୋର୍ଟର ଆବେଦନଗୁଡ଼ିକ ଚୟନିତ ଫଟୋଗ୍ରାଫ୍, ଅସମ୍ପୂର୍ଣ୍ଣ ଭିଡ଼ିଓ କ୍ଲିପ୍ ଏବଂ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ରିପୋର୍ଟ ଉପରେ ଆଧାରିତ । ଏହାକୁ ଯାଞ୍ଚ କରାଯାଇନାହିଁ । ପୋଲିସ ଅଧିକାରୀଙ୍କ ଆଇନ୍‌ଗତ କାର୍ଯ୍ୟକୁ ନ ଦର୍ଶାଇ ଏକତରଫା ଚିତ୍ର ଉପସ୍ଥାପନ କରାଯାଇଛି । କଣ୍ଟା ବାଡି ବ୍ୟବହାର ଉପରେ ପୋଲିସ କହିଛି ଯେ କଣ୍ଟା ବାଡ଼ିରେ ଗୋଟିଏ ଘଟଣା ଘଟିଥିଲା । କିନ୍ତୁ ତାହା ପୋଲିସ ହାତରେ ନୁହେଁ, ଜଣେ ପ୍ରତିବାଦକାରୀ ହାତରେ ଥିଲା । ସତ୍ୟପାଠରେ ଦେଖାଦେଇଥିଲା ଯେ ଲାଠି ଚାର୍ଜ ହେଉଛି ଏକ ଗ୍ରହଣୀୟ ଅନୁମତି । ଭିଡ଼କୁ ନିୟନ୍ତ୍ରଣ କରିବାକୁ ହେଲେ ଏଭଳି କରାଯାଏ । ତେବେ ଅଧିକାରୀମାନେ ସାଧା ପୋଷାକରେ ଥିବା ନେଇ ଯେଉଁ ଅଭିଯୋଗ ହୋଇଛି, ଏଥିରେ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ସ୍ଥିତିର ଗୁରୁତ୍ୱକୁ ଦେଖି ସ୍ପେଶାଲ ବ୍ରାଞ୍ଚ, ସ୍ପେଶାଲ ସେଲ୍, କ୍ରାଇମ୍‌ବ୍ରାଞ୍ଚ ଓ ସ୍ଥାନୀୟ ପୋଲିସ ଭିଡ଼ ଭିତରକୁ ଯାଇଥିଲେ । ଯାହା ବେଆଇନ୍ ନୁହେଁ । ଏହି ନୀତିକୁ ଯେଉଁଠି ଜନସାଧାରଣ ଏକାଠି ହୁଅନ୍ତି ତାହା ଗ୍ରହଣ କରାଯାଏ । ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ମଧ୍ୟ ଏହା କରାଯାଏ । ପ୍ରାୟ ୨୮୭୩ ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି । ତାହା ମଧ୍ୟରୁ ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି ଆଦି ଥିବା ଉଲ୍ଲେଖ କରାଯାଇଛି । ଏହି ଅଭିଯୋଗଗୁଡ଼ିକର ତଦନ୍ତ ପାଇଁ ଦିଲ୍ଲୀ ପୋଲିସ କମିଶନରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ଦ୍ୱାରା କରାଯିବ । କେବଳ ମୁହଁ ଚିହ୍ନଟ ଉପରେ ଆଧାର କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

## ଯାଜପୁର...

ପାଇଁ ୩ଟି ଓଡ୍ରାଫ୍ ଟିମ୍, ୨ଟି ଏନ୍‌ଡିଆର୍‌ଏଫ୍ ଟିମ୍, ୧୨ଟି ଅଗ୍ନିଶମ ସେବା ଟିମ୍ ଏବଂ ୧୪ଟି ମୋଟର ବୋଟ୍ ନିୟୋଜିତ କରାଯାଇଛି । ବନ୍ୟା ଯୋଗୁଁ ଜିଲ୍ଲାର ୧୮,୬୪୨ ହେକଟର ଚାଷଜମି ପ୍ରଭାବିତ ହୋଇଥିବା ବେଳେ ୧.୫୮ ଲକ୍ଷରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁ ପ୍ରଭାବିତ ହୋଇଛନ୍ତି । ପ୍ରାଣୀସେବା ପାଇଁ ୧୨ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଦଳ ନିୟୋଜିତ ହୋଇ ଏପର୍ଯ୍ୟନ୍ତ ୬୮୦ଟି ପଶୁଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଛି । ବନ୍ୟାରେ ୨,୬୭୪ଟି ଟ୍ୟୁବ୍‌ୱେଲ ଓ ୧୮ ଟି ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରଭାବିତ ହୋଇଥିବାରୁ ପ୍ରଶାସନ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ମୋବାଇଲ୍ ମେଡିକାଲ୍ ଟିମ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ପ୍ରାଥମିକତା ଦିଆଯାଉଛି । ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ଦ୍ୱାରା ୨୪ ଘଣ୍ଟିଆ ସ୍ଥିତି ଅନୁଧ୍ୟାନ କରାଯାଉଛି । ଜିଲ୍ଲାପାଳ ଅମ୍ବର କୁମାର କର ଆଜି ଅପରାହ୍ନରେ ଦଶରଥପୁର ବ୍ଲକ୍‌ର ଡୋଭାବିଲ, କମଳପୁର ସମେତ ଅନ୍ୟାନ୍ୟ ବନ୍ୟା ପ୍ରଭାବିତ ଗ୍ରାମ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ । ଏହି ଅବସରରେ ସେ ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ସାମଗ୍ରୀ, ଶୁଖିଲା ଓ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଗୋଖାଦ୍ୟ, ପଲିଥିନ୍ ଏବଂ ସ୍ୱାସ୍ଥ୍ୟସେବା ଯୋଗାଣର ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଜରୁରୀ କାଳିନ ଅଧିକାରୀ ଅଶୋକ କୁମାର ବେହେରା ଜିଲ୍ଲା ନିୟନ୍ତ୍ରଣ କକ୍ଷ ପରିଚାଳନା କରୁଛନ୍ତି । ବନ୍ୟା ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ଓ ଆବଶ୍ୟକ ସେବା ଯୋଗାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର, ସ୍ଥାନାନ୍ତର, ରିଲିଫ୍ ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି ।

## ହରମୁଜ୍...

ଇରାନ ନେଇ ଇବ୍ରାହିମ୍ ଅଜିଜ୍ କହିଛନ୍ତି ଯେ ହରମୁଜ୍ ଦାବି କରିବା ପରିବର୍ତ୍ତେ ଟ୍ରମ୍ପ ନିଜ ସୁରକ୍ଷା ବିଷୟରେ ଚିନ୍ତା କରିବା ଉଚିତ୍ । ନଚେତ୍ ତାଙ୍କୁ ପୁଣିଥରେ ଖାଦ୍ୟ ଟ୍ରକରେ ଲୁଚିବାକୁ ବାଧ କରାଯିବ ।


**AFFIDAVIT**

I, **Kamal Sancheyalal Jain,** S/o: Sancheyalal Chetanmal Jain, resident of Kamala Vihar Apartment, Canal Road, Rasulgarh, Bhubaneswar - 751010, Dist.: Khordha, Odisha declare by this Affidavit No.: 83AA 569128, Dtd. 18.08.2026 that Kamal Singh Giria and Kamal Sancheyalal Jain are one and the same person. I shall be known and identified as **Kamal Sancheyalal Jain** for all legal identity purposes.

**AFFIDAVIT**

By virtue of an Affidavit sworn before the Notary Public Junagarh, Kalahandi I, Shashi Shekhar Bihar, aged 37 years, S/o - Late Arttatran Bihar, R/O At/P.O- Budidara P.S- Junagarh,Dist. Kalahandi, Odisha, My name has been wrongly mentioned in my Land Record bearing kh.No-226 as Shashi Shekhar Harijan instead of Shashi Shekhar Bihar & My Father Arttatran Harijan Instead of Arttatran Bihar Henceforth, I shall be known as Shashi Shekhar Bihar S/o Arttatran Bihar for all purposes.
Deponent- Shashi Shekhar Bihar

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha, on dated 14.08.2026. Basanti Sitha, W/o- Gayadhar Sitha, Resident of At- Gunthuni No.1, Po- Gunthuni, Ps-Khandapada, Dist-Nayagarh, Pin-752068. declare that I have changed my minor Son's name from Alok Sitha to Dipaka Baliarsingh. Henceforth, he shall be known as **Dipaka Baliarsingh** for all purposes.
Sd/- Basanti Sitha

**AFFIDAVIT**

By virtue of an Affidavit sworn before the Notary Public Junagarh, Kalahandi I, Asheswar Bihar aged 34 years S/o - Late Arttatran Bihar R/O At/P.O- Budidara P.S- Junagarh,Dist. Kalahandi, Odisha, My name has been wrongly mentioned in my Land Record bearing Kh. No-226 as Ashesh Harijan instead of Asheswar Bihar & My Father Arttatran Harijan Instead of Arttatran Bihar Henceforth, I shall be known as Asheswar Bihar S/o Arttatran Bihar for all purposes.
Deponent- Asheswar Bihar

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha. on dated 17.08.2026. Surendra Muduli, S/o- Aintha Muduli, Resident of At- Phuleswari Basti, Po- Patrapada, Ps- Tamando, Dist- Khorda, Pin- 751019. Declare that I have changed my minor daughter's name from Rojalini Muduli to Rojalin Muduli. Henceforth, She shall be known as Rojalin Muduli for all purposes.
Sd/- Surendra Muduli

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.: ELS-ANGL-OT-26-27-08
କାର୍ଯ୍ୟର ନାମ : ବିଦ୍ୟୁତ୍ ଲୋକୋ ସେଡ୍/ଅନୁଗୁଳ ଠାରେ ଆବଶ୍ୟକତା ଅନୁଯାୟୀ ଡାଟା ସଂଗ୍ରହଣ, ଗଚ୍ଛିତକରଣ, ସଂରକ୍ଷଣ ଏବଂ ପୁନଃଉତ୍ପାଦନ ତଥା ତଥ୍ୟର ଅଖଣ୍ଡତା ବଜାୟ ରଖିବା ।
ବିଜ୍ଞାପିତ ମୂଲ୍ୟ (₹) : 83,73,568.04, EMD (₹) : 1,67,500.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (₹) : 5,900.00, ଶେଷ ହେବା ଅବଧି : 24 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.26.08.2026 ରିଖ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.09.2026ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଛେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS)/ ଅନୁଗୁଳ
PR-375/R/26-27

**ଦ. ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ବିଭିଜନାଲ ରେଳ ପ୍ରବନ୍ଧକ (ବୈଦ୍ୟୁତିକ), ଚକ୍ରଧରପୁର, ଦ. ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ 'ଦୁଇ ପ୍ୟାକେଟ୍ ସିଷ୍ଟମ' (ପ୍ୟାକେଟ୍-୧: ଟେକ୍ନିକାଲ୍ ବିଡ୍ ଏବଂ ପ୍ୟାକେଟ୍-୨: ଆର୍ଥିକ ବିଡ୍) ରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି । ଟେଣ୍ଡର ବିପକ୍ଷରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । କ୍ର.ନଂ, [illegible]
... ତରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତା ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡ଼ିବ । (PR-630)

**PARADIP PORT AUTHORITY**

e-TENDER CALL NOTICE No.EM/PED-19/2026
No.EM/PED/TECH-09/25/295 Date.10/08/2026
Name of the work: Supply, Installation, Testing & Commissioning of CCTV Surveillance System along the Perimeter wall of Port Prohibited area of Paradip Port Authority. Estimated Cost: Rs.4,25,21,844/-. Last date & time of submission of bid: dt.16/09/2026 up to 16:00 Hrs. Refer our website for details https://eprocure.gov.in/eprocure/app.
Sd/- Executive Engineer (E), PED-III, Paradip Port Authority
PPA/PR/20/2026-2027 dt. 17.08.2026

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/26-27/E-Tender/37, ତା.13.08.2026 ରିଖ
(1) ଟେଣ୍ଡର ନଂ. etenderEastkur-121-2026, ତା.07.08.2026 ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way)/କଟକ ଅଧୀନସ୍ଥ ଟାଲ ଭାଲେରେ କି.ମି. 397.30 ଠାରୁ କି.ମି. 410.37 ପର୍ଯ୍ୟନ୍ତ ଏବଂ [illegible] କି.ମି. 399.20 ଠାରୁ କି.ମି. 418.363 [illegible] 30.09.2027 ପର୍ଯ୍ୟନ୍ତ [illegible] P.Way କୋନାଲ (Zonal) କାର୍ଯ୍ୟଗୁଡ଼ିକର [illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 278.41 ଲକ୍ଷ, EMD (₹) : 5,56,800.00 ।
(2) ଟେଣ୍ଡର ନଂ. etenderEastkur-120-2026, ତା.07.08.2026 ରିଖ
ବିବରଣୀ : [illegible] କି.ମି. 399.10 ପର୍ଯ୍ୟନ୍ତ 30.09.2027 [illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 280.24 ଲକ୍ଷ, EMD (₹) : 5,60,500.00 ।
(3) ଟେଣ୍ଡର ନଂ. etenderEastkur-122-2026, ତା.07.08.2026 ରିଖ
ବିବରଣୀ : [illegible] କି.ମି. 409.70 [illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 250.00 ଲକ୍ଷ, EMD (₹) : 5,00,000.00 ।
(4) ଟେଣ୍ଡର ନଂ. etenderEastkur-123-2026, ତା.07.08.2026 ରିଖ
ବିବରଣୀ : [illegible] କି.ମି. 447.90 [illegible] କି.ମି. 491.66 ପର୍ଯ୍ୟନ୍ତ 30.09.2027 [illegible] P.Way କୋନାଲ (Zonal) [illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 287.96 ଲକ୍ଷ, EMD (₹) : 5,75,900.00 ।
ଶେଷ ହେବା ଅବଧି : 12(ବାର) ମାସ [illegible]
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.08.2026 ରିଖ 1500 ଘଟିକାରେ [illegible]
[illegible] www.ireps.gov.in [illegible]
PR-371/R/26-27 ଖୋର୍ଦ୍ଧା ରୋଡ୍



**AXIS BANK**

ଆକ୍ସିସ୍ ବ୍ୟାଙ୍କ ଲିଃ., ଲୋନ ସେଣ୍ଟର, ପ୍ଲଟ ନଂ.: ୩, ରାଧା ମାଳତୀ ୩ୟ ମହଲା, ବାପୁଜୀ ନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୯

**ଦଖଲ ନୋଟିସ** (ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୧) ଅନୁଯାୟୀ)

ନିମ୍ନ ସ୍ୱାକ୍ଷରକାରୀ ଆକ୍ସିସ୍ ବ୍ୟାଙ୍କ ଲିଃ. ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ବ୍ୟାଙ୍କ ଋଣ ସହିତ ଚୁକ୍ତି ହାରରେ ସୁଧ ସହିତ ଜୋରିମାନା ସୁଧ, ଦେୟ, ଆଇନଗତ ଖର୍ଚ୍ଚ ଇତ୍ୟାଦି ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ନୋଟିସ୍ ଦର୍ଶିତ ଅର୍ଥ ପରିଶୋଧ କରିବାରେ ବିଫଳ ହେଲେ, ତେଣୁ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ ଦଖଲକୁ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନ ଦର୍ଶିତ ବକେୟା ରାଶି ସହିତ ଦେବାବନ୍ଦ ଚୁକ୍ତି ହାରରେ ସୁଧ, ଜୋରିମାନା ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ ଇତ୍ୟାଦି ନିମନ୍ତେ ଆକ୍ସିସ୍ ବ୍ୟାଙ୍କ ଲିଃ. ନିକଟରେ ଉତ୍ତରଦାୟୀ ରହିବେ । **ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରିବାପାଇଁ ଉପଲବ୍ଧ ସମୟସୀମା ପ୍ରତି ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | କ) ନୋଟିସ୍ ତାରିଖ ଅନୁଯାୟୀ ବକେୟା ପରିମାଣ ଖ) ଡିମାଣ୍ଡ ନୋଟିସ୍ ତାରିଖ ଗ) ଦଖଲ ତାରିଖ |
|---|---|---|
| ୧) ଶ୍ରୀ ବିଶ୍ୱରଞ୍ଜନ ପାତ୍ର (ଋଣଗ୍ରହୀତା/ପ୍ରାଇମେରୀ ଆପ୍ଲିକାଣ୍ଟ), ପିତା: ଅମ୍ଳନ କୁମାର ପାତ୍ର, ସା: ହାତୀବାରି, ସୁକିନ୍ଦା, ଯାଜପୁର , ଆମୋଳବା, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୧୮ ୨) ଶ୍ରୀ ଅମ୍ଳନ କୁମାର ପାତ୍ର (କୋ-ଆପ୍ଲିକାଣ୍ଟ), ପିତା: ଜୟକୃଷ୍ଣ ପାତ୍ର, ସା: ହାତୀବାରି, ସୁକିନ୍ଦା, ଯାଜପୁର, ଆମୋଳବା, ଜିଲ୍ଲା : ଯାଜପୁର, ଓଡ଼ିଶା-୭୫୫୦୧୮ | କୋଲାଟେରାଲ ସିକ୍ୟୁରିଟି: ଶ୍ରୀ ଅମ୍ଳନ କୁମାର ପାତ୍ର, ପିତା: ଜୟକୃଷ୍ଣ ପାତ୍ରଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର ୦.୧୪ ଡିସିମିଲ, ଖାତା ନଂ.: ୭୬୪/୧୭୦, ପ୍ଲଟ ନଂ.: ୧୧୪୯, ମୌଜା: ହାତୀବାରି, ତହସିଲ: ସୁକିନ୍ଦା, ଥାନା: ସୁକିନ୍ଦା, ଥାନା ନଂ.: ୧୭୯, ଜିଲ୍ଲା: ଯାଜପୁର, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXX୬୨୪୬ର ବକେୟା ପରିମାଣ ଟ.୩୩,୮୪,୧୭୩.୮୮/- (ତେତିଶି ଲକ୍ଷ ଚଉରାଅଶୀ ହଜାର ଏକ ଶହ ତେସ୍ତରି ଟଙ୍କା ଏବଂ ଅଠାଅଶୀ ପଇସା ମାତ୍ର) ଏବଂ ଋଣ ଆକାଉଣ୍ଟ ନଂ.: XXXXXX୬୨୫୯ର ବକେୟା ପରିମାଣ ଟ.୨୯,୬୮୩.୭୦ (ଅଣତିରିଶି ହଜାର ସାତସହ ଶହ ତେୟାଅଶୀ ଟଙ୍କା ଏବଂ ସତୁରି ପଇସା ମାତ୍ର) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୧୮.୦୨.୨୦୨୬ ଗ) ୧୪.୦୮.୨୦୨୬ |
| ୧) ଶ୍ରୀ ଘନଶ୍ୟାମ ପଧାନ (ପ୍ରାଇମେରୀ ଆପ୍ଲିକାଣ୍ଟ), ପିତା: ଶଙ୍କର ପଧାନ, ଅସୁରଗଡ, ମାଣ୍ଡେଲ, ନର୍ଲା, କମର୍ଦ୍ଦା, କଳାହାଣ୍ଡି, ଓଡ଼ିଶା-୭୬୬୧୦୦ ୨) ଶ୍ରୀ ଦୁଷ୍ମନ୍ତ ପଧାନ (କୋ-ଆପ୍ଲିକାଣ୍ଟ), ପିତା: ଘନଶ୍ୟାମ ପଧାନ, ଅସୁରଗଡ, ମାଣ୍ଡେଲ, ନର୍ଲା, କମର୍ଦ୍ଦା, କଳାହାଣ୍ଡି, ଓଡ଼ିଶା-୭୬୬୧୦୦ | ପ୍ରାଇମେରୀ ସିକ୍ୟୁରିଟି: ଶ୍ରୀ ଘନଶ୍ୟାମ ପଧାନ, ପିତା: ଶଙ୍କର ପଧାନଙ୍କ ନାମରେ ଥିବା ୧୬.୧୨ ଏକର, ଖାତା ନଂ.: ୧୯୨/୪୮, ମୌଜା: ଅସୁରଗଡ, ତହସିଲ: ନର୍ଲା, ଥାନା: ନର୍ଲା, ଥାନା ନଂ.: ୪୬, ଜିଲ୍ଲା: କଳାହାଣ୍ଡିରେ ଥିବା ସମ୍ପତ୍ତିରେ ବ୍ୟାଙ୍କର ଆର୍ଥିକ ସହାୟତାରେ ସୃଷ୍ଟି ହୋଇଥିବା / ହେବାକୁ ଯାଉଥିବା ଶସ୍ୟ/ସମ୍ପତ୍ତିର ବନ୍ଧକ କୋଲାଟେରାଲ ସିକ୍ୟୁରିଟି: ଶ୍ରୀ ଘନଶ୍ୟାମ ପଧାନ, ପିତା: ଶଙ୍କର ପଧାନଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ଏକର୦.୧ ଡିସିମିଲି, ଖାତା ନଂ.: ୧୯୨/୪୮, ପ୍ଲଟ ନଂ.: ୫୧୯/୧୨୪୩, ମୌଜା: ଅସୁରଗଡ, ତହସିଲ: ନର୍ଲା, ଥାନା: ନର୍ଲା, ଥାନା ନଂ.: ୪୬, ଜିଲ୍ଲା: କଳାହାଣ୍ଡି, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ୦୧.୧୧.୨୦୨୫ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXX୩୪୪୪ର ବକେୟା ପରିମାଣ ଟ.୬,୨୭,୬୫୫.୫୫ (ଛଅ ଲକ୍ଷ ସତେଇଶି ହଜାର ଛଅ ଶହ ପଞ୍ଚାବନ ଟଙ୍କା ଏବଂ ପଞ୍ଚାବନ ପଇସା ମାତ୍ର) (ଏହି ପରିମାଣରେ ୦୫.୦୫.୨୦୨୫ରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏବଂ ୦୧.୧୧.୨୦୨୫ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXX୩୪୩୧ର ବକେୟା ପରିମାଣ ଟ.୨,୩୯,୯୧୬.୯୯ (ଦୁଇ ଲକ୍ଷ ଅଣଚାଳିଶ ହଜାର ନଅ ଶହ ଷୋହଳ ଟଙ୍କା ଏବଂ ଅନେଶ୍ୱତ ପଇସା ମାତ୍ର) (ଏହି ପରିମାଣରେ ୦୫.୦୫.୨୦୨୫ରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୧୧.୧୨.୨୦୨୫ ଗ) ୧୪.୦୮.୨୦୨୬ |
| ୧) ଶ୍ରୀ ଲଳିତ ମୋହନ ସରକାର (ଋଣଗ୍ରହୀତା/ପ୍ରାଇମେରୀ ଆପ୍ଲିକାଣ୍ଟ), ପିତା: ପତିତ ପାବନ ସରକାର, ଶିବ ମନ୍ଦିର ଲେନ୍ ସାଇବାଗାନ୍, କାଲିମେଲା, ମାଲକାନଗିରି, ଓଡ଼ିଶା, ପିନ୍ - ୭୬୪୦୪୭ ୨) ଶ୍ରୀ ଅବନି ସରକାର (କୋ-ଆପ୍ଲିକାଣ୍ଟ), ପିତା: ପତିତ ପାବନ ସରକାର, ଶିବ ମନ୍ଦିର ଲେନ୍ ସାଇବାଗାନ୍, କାଲିମେଲା, ମାଲକାନଗିରି, ଓଡ଼ିଶା, ପିନ୍ - ୭୬୪୦୪୭ | କୋଲାଟେରାଲ ସିକ୍ୟୁରିଟି: ଶ୍ରୀ ଅବନି ସରକାର ଏବଂ ଲଳିତ ମୋହନ ସରକାର, ପିତା: ପତିତ ପାବନ ସରକାରଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର ୦.୦୪୦୦ ଡିସିମିଲି, ଖାତା ନଂ.: ୬୫୦/୨୯୨, ପ୍ଲଟ ନଂ.: ୧୬୧୦, ମୌଜା: କାଲିମେଲା, ତହସିଲ: କାଲିମେଲା, ତହସିଲ ନଂ.: ୫୬, ଥାନା: ଭେଙ୍କଟପଲମ, ଥାନା ନଂ.: ୫୬, ଜିଲ୍ଲା: ମାଲକାନଗିରି, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ୦୫.୦୫.୨୦୨୫ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXX୦୪୭୬ର ବକେୟା ପରିମାଣ ଟ.୨୨,୪୮,୨୬୯.୨୩ (ବାଇଶି ଲକ୍ଷ ଅଠଚାଳିଶ ହଜାର ଦୁଇ ଶହ ଅଣସ୍ତରୀ ଟଙ୍କା ଏବଂ ତେଇଶି ପଇସା ମାତ୍ର) (ଏହି ପରିମାଣରେ ୦୫.୦୫.୨୦୨୫ରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏବଂ ୨୪.୦୭.୨୦୨୫ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXX୦୪୯୨ର ବକେୟା ପରିମାଣ ଟ.୨୨,୨୯୦/- (ବାଇଶି ହଜାର ଦୁଇ ଶହ ନବେ ଟଙ୍କା ମାତ୍ର) (ଏହି ପରିମାଣରେ ୦୫.୦୫.୨୦୨୫ରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) (ମୋଟ ରାଶି ଟ.୨୨,୭୦,୫୫୯.୨୩) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୧୧.୧୨.୨୦୨୫ ଗ) ୧୪.୦୮.୨୦୨୬ |
| ୧) ଶ୍ରୀ ଶଙ୍କର୍ଷଣ ପଲେଇ (ଋଣଗ୍ରହୀତା/ପ୍ରାଇମେରୀ ଆପ୍ଲିକାଣ୍ଟ), ପିତା: ଲାଲୁ ମୋହନ ପଲେଇ, ଠିକଣା- ମେନ୍ ରୋଡ, ବୈପାରିଗୁଡା, କୋରାପୁଟ, ବୈପାରିଗୁଡା, କୋରାପୁଟ, ଓଡ଼ିଶା-୭୬୪୦୪୩ ୨) ଶ୍ରୀ ଲାଲୁ ମୋହନ ପଲେଇ, ପିତା: ନରସିଂହ ପଲେଇ, ଠିକଣା- ମେନ୍ ରୋଡ, ବୈପାରିଗୁଡା, କୋରାପୁଟ, ବୈପାରିଗୁଡା, କୋରାପୁଟ, ଓଡ଼ିଶା-୭୬୪୦୪୩ | କୋଲାଟେରାଲ ସିକ୍ୟୁରିଟି: ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୨୯୪୨/୦୨, ତା: ୩୦.୧୨.୨୦୦୨ ଅନୁଯାୟୀ ଶ୍ରୀ ଲାଲ ମୋହନ ପଲେଇ, ପିତା: ନରସିଂହ ପଲେଇଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର ୦.୬୨୦ ଡିସିମିଲିରୁ ଏକର ୦.୦୨୮ ଡିସିମିଲି, ଖାତା ନଂ.: ୧୯୪, ପ୍ଲଟ ନଂ.: ୩୬୯, ମୌଜା: ବୈପାରିଗୁଡା, ତହସିଲ: ବୈପାରିଗୁଡା, ଥାନା: ବୈପାରିଗୁଡା, ଥାନା ନଂ.: ୧୦୨, ଜିଲ୍ଲା: କୋରାପୁଟ, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXX୮୫୧୭ର ବକେୟା ପରିମାଣ ଟ.୧୧,୮୨,୫୩୧.୬୫ (ଏଗାର ଲକ୍ଷ ବୟାଅଶୀ ହଜାର ପାଞ୍ଚ ଶହ ଏକତିରିଶି ଟଙ୍କା ଏବଂ ପଞ୍ଚଷଠି ପଇସା ମାତ୍ର) ଏବଂ ଋଣ ଆକାଉଣ୍ଟ ନଂ.: XXXXXX୮୫୩୩ର ବକେୟା ପରିମାଣ ଟ.୨୮,୭୭୩.୧୭ (ଅଠେଇଶି ହଜାର ସାତ ଶହ ତେସ୍ତରୀ ଟଙ୍କା ଏବଂ ସତର ପଇସା ମାତ୍ର) (ମୋଟ ପରିମାଣ ଟ.୧୨,୧୧,୩୦୪.୮୨) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୧୬.୦୯.୨୦୨୫ ଗ) ୧୪.୦୮.୨୦୨୬ |
| ୧) ଶ୍ରୀ କିର୍ତ୍ତନ ଚରଣ ମଲ୍ଲିକ (ଋଣଗ୍ରହୀତା), ପିତା: ନାଥ ମଲ୍ଲିକ, ପୋ: ସଂସାଇଲୋ, ଭିଟିସି- ସୁକିନ୍ଦା, ଯାଜପୁର, ଓଡ଼ିଶା-୭୫୫୦୧୮ | କୋଲାଟେରାଲ ସିକ୍ୟୁରିଟି: ଶ୍ରୀ କିର୍ତ୍ତନ ଚରଣ ମଲ୍ଲିକ, ପିତା: ନାଥ ମଲିକଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର ୦.୦୭ ଡିସିମିଲି, ଖାତା ନଂ.: ୪୬୩/୪୨୩, ପ୍ଲଟ ନଂ.: ୧୩୭୪, ମୌଜା: ସଂସାଇଲୋ, ତହସିଲ/ଏସ୍‌ଆରଓ: ସୁକିନ୍ଦା, ଥାନା: ସୁକିନ୍ଦା, ଜିଲ୍ଲା: ଯାଜପୁର, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) ସହିତ ଉକ୍ତ ଜମି ଉପରେ ନିର୍ମିତ ବିଲ୍ଡିଂ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXX୪୬୧୬ର ବକେୟା ପରିମାଣ ଟ.୧୩,୬୯,୪୯୭/- (ତେର ଲକ୍ଷ ଅଣସ୍ତରୀ ହଜାର ଚାରି ଶହ ସତାନବେ ଟଙ୍କା ମାତ୍ର) ଏବଂ ଋଣ ଆକାଉଣ୍ଟ ନଂ.: XXXXXX୪୬୨୯ର ବକେୟା ପରିମାଣ ଟ.୨୭,୭୭୫/- (ସତେଇଶି ହଜାର ସାତ ଶହ ପଞ୍ଚସ୍ତରୀ ଟଙ୍କା ମାତ୍ର) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୨୨.୦୬.୨୦୨୫ ଗ) ୧୪.୦୮.୨୦୨୬ |
| ୧) ଶ୍ରୀ ସୁରେନ୍ଦ୍ର ପାଙ୍ଗି (ଋଣଗ୍ରହୀତା), ପିତା: ଶ୍ରୀ ଶୁକ୍ରା ପାଙ୍ଗି, ସା: ଭୁଷୁଡିପୁଟ, ଗୁମର, ପୋ: ଗୁମର, ଭାମିନିପୁଟ, ତ୍ରିନାଥ ମନ୍ଦିର ନିକଟ, ଜିଲ୍ଲା: କୋରାପୁଟ, ଓଡ଼ିଶା-୭୬୪୦୦୫ | କୋଲାଟେରାଲ ସିକ୍ୟୁରିଟି: ଶ୍ରୀ ସୁରେନ୍ଦ୍ର ପାଙ୍ଗି, ପିତା: ଶ୍ରୀ ଶୁକ୍ରା ପାଙ୍ଗିଙ୍କ ନାମରେ ପଞ୍ଜିକୃତ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାରୀ ଜମି ଏବଂ ଗୃହ ଯାହାର ସମୁଦାୟ କ୍ଷେତ୍ର: ଏକର ୦.୨୯୮ ହେକ୍ଟର, ମୌଜା: ଭୁରୁଡିପୁଟ, ତହସିଲି: କୁନ୍ଦୁରା, ତହସିଲି ନଂ.: ୮୧, ଥାନା: ବୈପାରିଗୁଡା, ଥାନା ନଂ.: ୮୧,ଖାତା ନଂ.: ୫୪/୮, ପ୍ଲଟ ନଂ.: ୧୨୩ (କ୍ଷେତ୍ର ୦.୦୫୩ ହେକ୍ଟର), ପ୍ଲଟ ନଂ.: ୧୨୪ (କ୍ଷେତ୍ର ୦.୦୫୫ ହେକ୍ଟର), ପ୍ଲଟ ନଂ.: ୧୨୫ (କ୍ଷେତ୍ର ୦.୦୪୩ ହେକ୍ଟର), ପ୍ଲଟ ନଂ.: ୧୨୬ (କ୍ଷେତ୍ର ୦.୦୪୩ ହେକ୍ଟର), ପ୍ଲଟ ନଂ.: ୧୨୭/୨୧୧ (କ୍ଷେତ୍ର ୦.୦୩୬ ହେକ୍ଟର), ପ୍ଲଟ ନଂ.: ୧୨୮ (କ୍ଷେତ୍ର ୦.୦୬୮ ହେକ୍ଟର), ଜିଲ୍ଲା: କୋରାପୁଟ, କିସମ: ଘରବାରୀ (ଆର୍‌ଓଆର ଅନୁଯାୟୀ) | କ) ୦୯.୦୬.୨୦୨୫ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXX୮୪୦୪ର ବକେୟା ପରିମାଣ ଟ.୧୩,୯୮,୨୨୧.୪୫ (ତେର ଲକ୍ଷ ଅଠାନବେ ହଜାର ଦୁଇ ଶହ ଏକୋଇଶ ଟଙ୍କା ଏବଂ ପଇଁଚାଳିଶ ପଇସା ମାତ୍ର) (ଏହି ପରିମାଣରେ ୦୫.୦୫.୨୦୨୫ରିଖ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏବଂ ୨୪.୦୭.୨୦୨୫ ସୁଦ୍ଧା ଋଣ ଆକାଉଣ୍ଟ ନଂ.: XXXXXX୮୪୩୭ର ବକେୟା ପରିମାଣ ଟ.୩୨,୭୩୯.୨୭ (ବତିଶ ହଜାର ସାତ ଶହ ଅଣଚାଳିଶ ଟଙ୍କା ଏବଂ ସତେଇଶ ପଇସା ମାତ୍ର) ଏହି ପରିମାଣ ଚୁକ୍ତି ଶେଷ ପର୍ଯ୍ୟନ୍ତ ଏବଂ ତତ୍‌ସହିତ ଚୁକ୍ତି ହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଖ) ୨୨.୧୨.୨୦୨୫ ଗ) ୧୪.୦୮.୨୦୨୬ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୯.୦୮.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ଆକ୍ସିସ୍ ବ୍ୟାଙ୍କ ଲିଃ.


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।



ଭୁବନେଶ୍ୱର : 'ପଶାପାଲି, ଖେଳ ରାଜନୀତିର' ସିନେମାର ପୋଷ୍ଟର ଉନ୍ମୋଚନରେ କଳାକାର ଓ ଅତିଥି ବୃନ୍ଦ

# ବେଲକନ୍ଦାରେ ବେଦବ୍ୟାସଙ୍କ ମୃତ୍ୟୁ, ନାଳ ସାଜିଲା କି କାଳ

# କାର୍ଯ୍ୟ ବିଳମ୍ବ ପାଇଁ ଠିକାଦାରଙ୍କୁ ନୋଟିସ୍

ପାରାଦୀପ,(ବିପ୍ର) : ବି ଟେକ ପଢୁଥିଲେ , ବାପା ମା ର ଗୋଟିଏ ସନ୍ତାନ ସେ । ଆଉ କିଛିଦିନ ପରେ ସେ ହୋଇଥାନ୍ତେ ପରିବାରର ସାହାରା । ଶ୍ରାବଣ ସୋମବାର ପ୍ରଭୁଙ୍କ ପାଖରେ ଜଳଲାଗି କରିବାକୁ ଆସୁଥିବା ବେଳେ ନିଜ ମା ମଧ କିଛିବାଟ ବାଟ କଢେଇବାକୁ ଆସିଥିଲେ । ପାଣି ମଧ ଉଠାଇ ସାରିଥିଲେ ଆଉ କିଛି ବାଟ ବାକି ଥିଲା । ସେ ଯାଇ ପ୍ରଭୁ ନନ୍ଦକେଶ୍ୱରଙ୍କ ପାଖରେ ପାଣି ଢାଳିଥାନ୍ତେ କିନ୍ତୁ ଠିକାଦାରର ବେପରୁଆ ନୀତି ପାଇଁ ଆଜି ଜଣେ ଉଦୀୟମାନ ମେଧାବୀ ଛାତ୍ରର ଜୀବନ ଗଲା ବୋଲି ଲୋକେ ଅଭିଯୋଗ କରିଛନ୍ତି । ଗୋଟେ ମା କୋଳ ଶୂନ୍ୟ କରିଲେ ସେଇ ନାଳ । ନାଳ ସାଜିଲା ତା ପାଇଁ କାଳ । ଗତକାଲି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ତିରୁଣ ପଂଚାୟତ ବାସୁଦେବ ଦାସ ଏବଂ ପାଞ୍ଚୁଲତା ଦାସଙ୍କର ପୁତ୍ର ବେଦବ୍ୟାସ ଦାସ (୧୯) ଙ୍କର ବାଉଁଶଜୋରି ନାଳରେ ବୁଡି ଜୀବନ ଯାଇଛି । ଯାହାକୁ ନେଇ ସମସ୍ତେ ପ୍ରଶ୍ନ କରୁଛନ୍ତି ରାସ୍ତା କାର୍ଯ୍ୟର ଅବଧି ସରିଥିବା ବେଳେ କାହିଁକି ଠିକାଦାର କାର୍ଯ୍ୟ ପୁରା ନକରି ଦୁଇ ବର୍ଷ ହେବ ବସିଛି । ନାଉଗାଁ- ଡାବର ଗ୍ରାମ୍ୟ ସଡକ ରାସ୍ତା ଦାହିପାଳ ନିକଟରୁ ବେଲକନ୍ଦା ଦେଇ ନନ୍ଦିଗ୍ରାମକୁ ସଂଯୋଗ କରୁଛି । ଏହି ସଂଯୋଗୀକରଣ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବେଲକନ୍ଦା ଓ ନନ୍ଦିଗ୍ରାମକୁ ସଂଯୋଗ ନିମନ୍ତେ ମଝିରେ ବାଉଁଶଜୋରି ନାଳ । ଠିକାଦାର ନାଳରେ ନୂଆ ପୋଲ ନିର୍ମାଣକରି ପୁରୁଣା ପୋଲକୁ ଭାଙ୍ଗି ଦେଇଛି ଓ ତାକୁ ତାଡି ଦେଇଥିବା ବେଳେ ସେଠାରେ ଗଭୀର ପାଣି ବର୍ଷାଦିନେ ରହିଛି । ଯେଉଁ ରାସ୍ତା ଦେଇ ବେଦବ୍ୟାସ ଆସୁଥିବା ବେଳେ ଗଭୀରତା ଜାଣି ନପାରି ସେଠାରେ ବୁଡି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି ।ଗତକାଲି ବେଦବ୍ୟାସଙ୍କ ମୃତ ଶରୀର ରଖି ପରିବାର ଓ ଗ୍ରାମବାସୀ ନାଉଗାଁ ଡାକ୍ତରଖାନା ଆଗରେ ଧାରଣା ମଧ ଦେଲେ । ଠିକାଦାରଙ୍କ ବେଲକନ୍ଦା ପେଟି ସୁପରଭାଇଜରଙ୍କୁ ପାଇ ଦୁଇ ଚାପୁଡା ମଧ ଦେଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ସମ୍ପୃକ୍ତ ଠିକାଦାର ଏବେ ବେଦବ୍ୟାସଙ୍କ ମୃତ୍ୟୁ ପାଇଁ ସମ୍ପୂର୍ଣ ଦାୟୀ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରଲେ । କାର୍ଯ୍ୟ ନିକଟରେ ଲଗାଯାଇଥିବା ସୂଚନା ଫଳକ ଅନୁଯାଇ କାର୍ଯ୍ୟ ଆରମ୍ଭ ୨୦-୧୨-୨୦୨୩ ଓ କାର୍ଯ୍ୟ ଶେଷ ୨୦-୦୯-୨୦୨୪ ଥିବା ବେଳେ କାର୍ଯ୍ୟ ବିଳମ୍ବ ନେଇ ସମ୍ପୃକ୍ତ ଠିକାଦାରଙ୍କୁ ନୋଟିସ କରାଯାଇଥିବା ପ୍ରକାଶ କରିଛନ୍ତି ଜଗତସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ବୋରା । ସେହିପରି ପୋଲ ତୁଟ ପାର୍ଶ୍ୱରେ ରାସ୍ତା ବନ୍ଦ ଥିବା ସତର୍କ ସୂଚନା ମଧ ଜାରି କରାଯାଇନାହିଁ । ତୁରନ୍ତ କୌଣସି ସତର୍କ ସୂଚନା ଜାରି ହୋଇ ନଥିବା ଓ ପୋଲର ଆପ୍ରୋଚ ରୋଡ଼ ଠିକ୍ ପର୍ଯ୍ୟନ୍ତ କରାଯାଇନଥିବା ମଧ ଜଣାପଡିଛି ।ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ ବେଦବ୍ୟାସଙ୍କ ମୃତ୍ୟୁ ପାଇଁ କିଏ ଦାୟୀ ତାହା ସ୍ପଷ୍ଟ କରିବା ସହ ଦୋଷୀ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସାଧାରଣରେ ଦାବି ହୋଇଛି ।

## ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ଭଦ୍ରକରେ ପାଳିତ

ଭଦ୍ରକ,(ସବ୍ୟୁ): ଭଦ୍ରକରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରର ଖେଳ ପଡିଆଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମବେତ ଜନତାଙ୍କୁ ଉଦବୋଧନ ପ୍ରଦାନ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ମହାରଥୀ ଡ଼.ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟ,ବାଞ୍ଛାନିଧି ମହାନ୍ତି,କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ ସାରସ୍ୱତ ସିଦ୍ଧି ଓ ସାଧନାର ତପୋବନ ଭଦ୍ରକ ଜିଲ୍ଲା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା। ଇରମ ଗୁଳିକାଣ୍ଡ,ଭଣ୍ଡାରିପୋଖରୀ ଥାନା ପୋଡି,ଲୁଣିଆ ଗଣହତ୍ୟା ଇତିହାସ ପୃଷ୍ଠାରେ କିମ୍ବଦନ୍ତୀ ଭଳି ଆଜି ବି ବିଦ୍ୟମାନ। ଏପରି ପ୍ରଭାବଶାଳୀ ତଥା ଗୌରବ ମଣ୍ଡିତ ଭଦ୍ରକ ଜିଲ୍ଲା ମାଟିକୁ ପ୍ରଣାମ ଜଣାଇ ଏହାର ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟମନେ କରିଥିଲେ। ଏହି ଦିବସରେ ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀଉପାଧ୍ୟାୟଙ୍କ ସହ ଭଦ୍ରକ ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ ଉପସ୍ଥିତ ରହିଥିଲେ।

25001/955/2627

**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RURAL WORKS DIVISION, JAYAPUR**
**e-Procurement for Building works**
**Bid Identification No. EERWJYP - Online-07/2026-27**

**Letter No. 3979** **Date : 14.08.2026**

1. Name of the Work : Building Works
2. Total Number of Work : 02 (Two) Nos.
3. Approximate Estimated Cost : Rs. 8.40 lakhs to rs. 16.80 lakhs (approximately)
4. Class of Contractor : "D" & "C" Class
5. Period of Completion : within 2 months to 3 months.
6. Other Details :

| Procurement Officer | Bid Identification No. | Sl.No. of work in notice | Availability of Tender on-line for bidding | | Last Date & time of seeking tender clarification | Date and time of opening of Tender in O/o E.E., R.W. Division, Jayapur |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Jaypore | Online Tender-07/RWD-JYP/2026-27 | **02 Nos.** | 21.08.2026 at 10.00 AM | 32.08.2026 up to 5.00 PM | 29.08.2026 up to 2.00 PM | 01.09.2026 at 10.00 AM |

Further details can be seen from the website **www.tenderorissa.gov.in/nicgep/app**
**All amendments, time extension, clarifications etc, will be uploaded in the website only. Bidders should regularly visit the above website to keep themselves updated.**
***N.B. Any Addendum or Corrigendum will be available in the Website only.**

**Sd/- Executive Engineer**
**Rural Works Division, Jeyapur**

**OIPR : 25001/25160/1/26-27/0007**

**11001/267/2627**

# Government of Odisha
## Higher Education Department

**Timeline for e-admission into 3 Year Integrated B.Ed., M.Ed, courses in the Higher Institutions for the Academic Session 2026-27 under SAMS**

It is for information of all concerned that admission into 3 year integrated B.Ed.-M.Ed. course will be held at the below mentioned HEIs under SAMS for the Academic Session:-2026-27. Accordingly, the candidates are hereby instructed to fill-up the Common Application Form by Visiting the SAMS Portal as per the timeline mentioned below. The Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points for admission into 3 Year Integrated B.Ed.-M.Ed. course for the current Academic Year 2026-27 are as follows.

1. The following HEIs are included under SAMS for admission into 3 Year Integrated B.Ed.-M.Ed. Courses for the academic session: -2026-27.
   - a. Maharaja Sriram Chandra Bhanjadeo university, Baripada, Mayurbhanj - 50 seats (Regular Mode)
   - b. Sambalpur University, Sambalpur- 50 seats (Self-Financing Mode)
   - c. Rajendra university, Bolangir- 50 seats (Self-Financing Mode)
   - d. Fakir Mohan University, Balasore- 50 seats (Self-Financing Mode)
2. Provisional allotment of seats will be prepared through centralized selection process (i.e. Freeze and slide)on the basis of the Carriermarks (%) and reservation.The detailed admission procedureisprovided in the Information Brochure. No Entrance Examination will be held for admission into the said course.
3. The applicants who have passed the Post Graduate (P.G.) examination only in Science/ Social Science & Humanities subjects (Please refer the Information Brochure foreligible Subjects) from a recognized Institution shall be eligible for admission into this 3 years Integrated B.Ed.-M.Ed. courses.

Any change in the timeline will be published on the website https://imed.samsodisha.gov.in/. The applicants are request to visit the SAMS Portal regularly.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website www.samsodisha.gov.in | 20-Aug-2026 (02:00 PM) |
| 2 | Last date for applying online CAF through www.samsodisha.gov.in | 30-Aug-2026 (11:45 PM) |
| 3 | Editing of the CAF in Online Mode (If required) for the CAF submitted earlier (No fresh CAF will be allowed on this day) | 31-Aug-2026 (11.00 AM to 11.45 PM) |
| | **Round-I Selection & Admission Allotment** | |
| 4 | Publication of Provisional Allotment of Seats (For First Round Selection) | 05-Sep-2026 (02.00 PM) |
| 5 | **Student's Activity** Selection of Slide/ Freeze Option and Online payment of admission fees by the selected students through SAMS [Student's Account] portal | 05-Sep-2026 (04.00 PM) to 09-Sep-2026 (03.00 PM) |
| 6 | **Student's Activity** Reporting of applicants at allotted institutions for taking admission (for First Round Selection) (Applicants who have chosen the Freeze option(done payment) will only be required to report for admission) | 07- Sep-2026 (10.00 AM) to 09-Sep-2026 (05.00 PM) |
| 7 | **HEI's Activity** Data updation of admitted students in the e-space (for First Round Admission) by the respective Institutions | 07- Sep -2026 (10.00 AM) to 09-Sep-2026 (10.00 PM) |
| | **Round-II Selection & Admission Allotment** | |
| 8 | Publication of Provisional Allotment of Seats (for Second/Final Round Selection) | 17-Sep-2026 (02.00 PM) |
| 9 | **Student's Activity** **(Selectionof FREEZE OPTION)**&Online payment of admission fees by the selected studentsthrough SAMS (Student's login) portal | 17-Sep-2026 (04.00 PM) to 21-Sep-2026 (03.00 PM) |
| 10 | **Student's Activity** Reporting of applicants at allotted institutions for taking admission (for Second/Final Round Selection) | 18-Sep-2026 (10.00 AM) to 21-Sep-2026 (05.00 PM) (Except Holiday) |
| 11 | **HEIs Activity** Data updation of admitted students in the e-space (for Second / Final Round Admission) by the respective Institutions | 18-Sep-2026 (10.00 AM) to 21-Sep-2026 (10.00 PM) |
| | **Round -IIIWaiting/Spot Selection Round** | |
| 12 | Publication of the list of waitlisted applicants (for the remaining upper choice HEIs Waiting Rank Wise) in HEI's e-Space as well as in the student's login | 23-Sep-2026(03:00 PM) |
| 13 | Physical Reporting of interested waitlisted applicantsshall report to their respective HEIs to submit the CAF along with self-attested photocopies of the relevant documents for participation in the Waiting List Admission Round. The interested applicants must appear in person; however, a representative with valid ID proof may also be permitted to report on their behalf | 24-Sep-2026 & 25-Sep-2026 (10.00 AM to 05.00 PM) |
| 14 | Publication of list of selected as well as waitlisted applicants by the HEI's at their Notice Board/ Website and also communicate them via mail/Call/SMS/Whatsapp by the HEIs. | 26-Sep-2026 (02.00 PM) |
| 15 | Reporting of Selected by HEI from Physically Reported applicants to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode i.e. UPI/NEFT/Net Banking etc.) | 28-Sep-2026 &30-Sep-2026 (10.00 AM to 05.00 PM) |
| 16 | Admission Updation of the student's data by the HEIs in their e-Space | 28-Sep-2026 &30-Sep-2026 (10.00 AM to 11.45 PM) |
| 17 | Timeline for commencement of 1st year classes for 3 year Int. B.Ed.-M.Ed. for the AY 2026-27 | 22-Sep-2026 (Tuesday) |

**Sd./**
**Officer on Special Duty**
**PTC Section**

**OIPR : 11001/11001/1/26-27/0039**

## ନାବାଳିକା ଅପହର୍ତ୍ତା ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଇଲାକାର ଜନୈକା ନାବାଳିକା ଅପହରଣ କରିନେଇଥିବା ଅଭିଯୋଗରେ ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଯୁବକ ଜଣକ ହେଲେ ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ କାଦପଡା ଗାଁ ହରିଜନ ସାହିର ଗଣେଶ ନାଇକ (୧୯)। ଏନେଇ ପୋଲିସ ଥାନାରେ କେସ୍ ନଂ ୩୯୪/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ଅଗଷ୍ଟ ୧ ତାରିଖ ଦିନ ଗଣେଶ ଜଣେ ନାବାଳିକାକୁ ଅପହରଣ କରିନେଇଥିଲା। ଏନେଇ ସମ୍ପୃକ୍ତା ନାବାଳିକାର ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲା ବେଳେ ପୋଲିସ ଅଭିଯୁକ୍ତକୁ ତା'ର ଗାଁରୁ ଗିରଫ କରିଥିଲା। ସ୍ଥାନୀୟ ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ଯୁବକକୁ କୋର୍ଟ ଚାଲାଣ କରାଯାଇଥିଲା ।

## ୩୦ କିଲୋ ଗଞ୍ଜେଇ ଜବତ, ୩ ଗିରଫ

ଭଂଜନଗର, (ସବ୍ୟୁ) : କନ୍ଧମାଳରୁ ମହାରାଷ୍ଟ୍ର ଅଭିମୁଖେ କାର୍‌ରେ ଗଞ୍ଜେଇ ଚାଲାଣ ବେଳେ ଅବକାରୀ ସୁପରିଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ ଭଞ୍ଜନଗର ଓଆଇସି ବିଭୂ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଏହି ଚଢାଇ କରାଯାଇ ଅବକାରୀ ପୋଲିସ ହାତରେ ଧରାପଡ଼ିଛନ୍ତି ଚାଲାଣକାରୀ। ଘଟଣା ପ୍ରକାରେ ଅଭିଯୁକ୍ତ ମାନେ ଏକ କାର୍‌ରେ ଗଞ୍ଜେଇ ଧରି କନ୍ଧମାଳରୁ ଆସୁଥିବା ବେଳେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିକଟସ୍ଥ ଶ୍ରୀରାମନଗର ବ୍ରିଜ୍ ନିକଟରେ ଗାଡ଼ିକୁ ଯାଞ୍ଚ କରିଥିଲା ଭଂଜନଗର ଅବକାରୀ ପୋଲିସ । ଘଟଣା ସ୍ଥଳରୁ କାର୍ ଭିତରୁ ଦୁଇଟି ବସ୍ତାରେ ଥିବା ୩୦ କିଲୋ ଗଞ୍ଜେଇ ଜବତ କରିଥିଲା। ଏହାସହ କାର୍ କୁ ମଧ୍ୟ ଜବତ କରିବା ସହ, ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ଅବକାରୀ ପୋଲିସ । ଗିରଫ ଅଭିଯୁକ୍ତ ମାନେ ମହାରାଷ୍ଟ୍ର ଅଞ୍ଚଳର ହୋଇଥିବା ବେଳେ, ସେମାନେ ସେହି ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବାର ସୁଚନା ଦେଇଛନ୍ତି ଭଞ୍ଜନଗର ଅବକାରୀ ଓଆଇସି ।

## କାଜୁ ବଗିଚାରୁ ମୃତଦେହ ଉଦ୍ଧାର : ହତ୍ୟା ସନ୍ଦେହ

ଢେଙ୍କାନାଳ/ହିନ୍ଦୋଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଅନ୍ତର୍ଗତ ଗୁରିଲୋ କାଜୁ ବିଗିଚାରେ ଜଣେ ଯୁବକଙ୍କୁ ନୃଶଂସ ହତ୍ୟା କରାଯାଇଛି। ବାଲିମି ଥାନା ଗୁରିଲୋ କାଜୁ ବଗିଚାରୁ ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା କିଛି ଲୋକ ଦେଖିଥିଲେ। ତେବେ ଯୁବକଙ୍କ ଶବ ତଳେ ପଡିଥିବାବେଳେ ବେକରେ ଗୋଟିଏ ଗାମୁଛା ବନ୍ଧା ହୋଇଥିବା ବେଳେ ବାଲିମି ପୋଲିସ ଆସି ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ମୃତକଙ୍କ ନାମ ପ୍ରଦୀପ ସାହୁ ଓରଫ ଚିଲା (୪୯) ଏବଂ ତାଙ୍କ ଘର ଢେଙ୍କାନାଳ ସଦର ଥାନା ମହୀଧରପୁର ଅଞ୍ଚଳରେ ବୋଲି ଜଣାପଡିଛି। ସେ ଛେଣ୍ଡିପଦା ଟାଙ୍ଗିରିପଶି ଅଞ୍ଚଳରେ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ । ବାଲିମି ଥାନା ଦୁହୁରକୁଟ ଅଞ୍ଚଳରେ ସମ୍ପର୍କୀୟ ଥିବାବେଳେ ସେ କେମିତି ସେଠାକୁ ଗଲେ ଏବଂ କିପରି ମୃତ୍ୟୁ ଘଟିଲା ତାହା ତଦନ୍ତ ସାକ୍ଷେପ। ତେବେ ଯୁବକଙ୍କୁ ଅନ୍ୟତ୍ର ହତ୍ୟା କରି ଏଠାରେ ଫିଙ୍ଗି ଦିଆଯାଇଥିବା ବେଳେ କିଏ ଓ କାହିଁକି ହତ୍ୟା କରିଛି ପୋଲିସର ଉପଯୁକ୍ତ ତଦନ୍ତ ପରେ ଜଣାପଡିବ।

## ହାତୀ ସହ ମୁହାଁମୁହିଁ : ଜଣେ ମୃତ

ଢେଙ୍କାନାଳ/ହିନ୍ଦୋଳ,(ସବ୍ୟୁ) :ଢେଙ୍କାନାଳ ବନଖଣ୍ଡର ହିନ୍ଦୋଳ ଉପଖଣ୍ଡରେ ସୋମବାର ସକାଳେ ଜଣେ ଯୁବକଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟଣାକୁ ୨୪ ଘଣ୍ଟା ପୁରି ନଥିବା ବେଳେ ଗତକାଲି ହାତୀ ଗାଁ ଭିତରେ ପଶି ତାଣ୍ଡବ ରଚିଥିବାବେଳେ ହାତୀ ଭୟରେ ଜଣେ ବ୍ୟକ୍ତି ହାତୀ ସହ ମୁହାଁମୁହିଁ ହୋଇ ମୃତ୍ୟୁବରଣ କରିଥିବା ଜଣାପଡିଛି । ଖବରରୁ ପ୍ରକାଶ ଗତକାଲି ମଧ୍ୟରାତ୍ରିରେ ହିନ୍ଦୋଳ ବନାଞ୍ଚଳ ଅଧୀନ ଖଜୁରିଆକଟା ବିଟ ଅନ୍ତର୍ଗତ କନ୍ତିମିଳି ପଂଚାୟତର କୁମୁରୁସିଙ୍ଗା ଗ୍ରାମରେ ମଧ୍ୟ ରାତ୍ରି ପ୍ରାୟ ୨ଟା ସମୟରେ ଏକ ବଣୁଆହାତୀ ଆସି ଭଙ୍ଗାରୁଜା କରୁଥିବା ସମୟରେ ଶବ୍ଦଶୁଣି ଗ୍ରାମର ସ୍ୱର୍ଗତ ପ୍ରାଣବନ୍ଧୁ ଦେହୁରୀଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ଦେହୁରୀ ନିଦରୁ ଉଠି ଘର ଦାଣ୍ଡକୁ ଆସିବା ସମୟରେ ହଟାତ ହାତୀସହ ମୁହାଁମୁହିଁ ହେବାରୁ ସେଇଠି ଟଳି ପଡ଼ିଥିଲେ। ତେବେ ପରିବାର ଲୋକେ ପୂର୍ଣ୍ଣ ଙ୍କୁ ତୁରନ୍ତ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ଆଣିବାରେ ଡାକ୍ତର ତାଙ୍କୁ ମୃତୁ ଘୋଷଣା କରିଥିଲେ। ତେବେ ଘଟଣାର ତଦନ୍ତ ହିନ୍ଦୋଳ ବନବିଭାଗ ଅଧିକାରୀ ତ୍ରିଲୋଚନ ଦେହୁରୀ ଓ ବାଲିମି ପୋଲିସ ତଦନ୍ତ କରୁଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପ୍ରକାଶ। ତେବେ ପୂର୍ଣ୍ଣଚନ୍ଦ୍ର ଦେହୁରୀ ଙ୍କ ମୃତ୍ୟୁରେ ପୂର୍ବତନ ସାଂସଦ ମହେଶ ସାହୁ ଶୋକପ୍ରକାଶ କରିଥିବାବେଳେ ଅଞ୍ଚଳରେ ଶୋକରଛାୟା ଖେଳି ଯିବାସହ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ପୂର୍ବତନ ସାଂସଦ ଓ ଗ୍ରାମବାସି ଦାବୀ କରିଛନ୍ତି ।

## ବାପା-ମା'ଙ୍କୁ ଛୁରୀ ଭୁଶିଲା ପୁଅ : ୪ ପୋଲିସ ଆହତ

ଗୋପ,(ସବ୍ୟୁ): ପୁରୀ ଜିଲ୍ଲା ଗୋପ ଥାନା ଅଞ୍ଚଳରେ ବାପା-ମାଆଙ୍କୁ ଛୁରି ଭୁଷିଦେଲା ମସ୍ତିଷ୍କ ବିକୃତ ପୁଅ । ବାପା ଓ ମାଆଙ୍କୁ ପୁଅ କବଳରୁ ଉଦ୍ଧାର କରିବାକୁ ଯାଇ ଗୋପ ଥାନାର ଜଣ ପୋଲିସ କର୍ମଚାରୀ ମଧ ଆକ୍ରମଣର ଶିକାର ହୋଇଛନ୍ତି । ଗୋପ ଥାନା ଗଣେଶ୍ୱରପୁର ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି । ଅଭିଯୁକ୍ତ ଦୀପ୍ତି ରଥ ପାରିବାରିକ କଳହକୁ ନେଇ ନିଜ ବାପା ଲିଙ୍ଗରାଜ ରଥ ଓ ମାଆ ମିନତୀ ରଥଙ୍କୁ ଛୁରିରେ ଆକ୍ରମଣ କରିଥିଲା।ଖବର ପାଇ ଗୋପ ଥାନା ଇନିସପେକ୍ଟର ଦୁର୍ଗାଚରଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ହାତରେ ଛୁରୀ ଧରି ଆତଙ୍କ ସୃଷ୍ଟି କରୁଥିବା ପୁଅକୁ କାବୁ କରିବାକୁ ଉଦ୍ୟମ କରୁଥିବା ବେଳେ ପୁଅ ପ୍ରଥମ କନେଷ୍ଟବଳ ଚିତ୍ତେଶର ନାୟକଙ୍କ ଓ ପରେ ଏସଆଇ ବୁଦ୍ଧରାୟ ମାଝୀଙ୍କୁ ମଧ ଆକ୍ରମଣ କରିଥିଲା।ପୋଲିସ ଓ ଅଗ୍ନିଶମ ବିଭାଗର ଅନ୍ୟ ଏକ ଟିମ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ପୁଅ ନିଜକୁ ଏକ ଘର ଭିତରେ ବନ୍ଦ କରି ରହିଥିଲା ।ତେବେ ଅଭିଯୁକ୍ତ ପୁଅକୁ କାବୁ କରିବାକୁ ଯାଇ ଅନ୍ୟ ଦୁଇ ଏ ଏସାଇ ରବୀନ୍ଦ୍ର ସାମନ୍ତରାୟ ଓ ଶିବରାମ ସତପଥୀ ମଧ ଆହତ ହୋଇଛନ୍ତି।ଦୀର୍ଘ ୫ ଘଣ୍ଟା ଧରି କସରତ ପରେ ସ୍ଥାନୀୟ ଲୋକମାନେ ଅଭିଯୁକ୍ତ ପୁଅକୁ କାବୁକରି ପୋଲିସ ଜିମା ଦେଇଥିଲେ। ପୋଲିସ ପ୍ରଥମେ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଇଛନ୍ତି।ତେବେ ସମସ୍ତ ଆହତ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।ପୂର୍ବରୁ ପୁଅର ମାନସିକ ଅବସ୍ଥା ଠିକ ନଥିବା ବାପା କହିଥିବା ବେଳେ, ଘଟଣାର ପ୍ରକୃତ କାରଣ ଓ ପରିସ୍ଥିତି ନେଇ ପୋଲିସ ତଦନ୍ତ କରୁଛି ।

**OFFICE OF THE CHIEF ENGINEER, MEGA LIFT BHUBANESWAR**
**Plot no. A 8/2, Bhoinagar, Bhubaneswar, Odisha, PIN-751022**
**E-Mail: cemlpwr.od@gmail.com**
**Government of Odisha "e" Procurement Notice**
**Bid Identification No. 07ML/2026-27**

**32001/695/2627**

The Chief Engineer, Megalift on behalf of the Governor of Odisha invites online tender through "E"procurement for the work as detailed in the Annexure to this bid notice.

**ANNEXURE TO BID NOTICE**

| | |
|---|---|
| Name of the work | Appointment of Proof Engineering Consultant (PEC) for implementation of Mega Lift projects in Cluster No. XXVII, XXX & XXXVII |
| Cost of Tender Paper | Rs. 10,000/- |
| EMD/Bid Security | Rs.2,84,500/- |
| Mode of payment of tender paper Cost & EMD | Online |
| Period of Completion: | 36 (Thirty- Six) Calendar months |
| Availability of Bid document for sale and receipt through on-line | From dt.20.08.2026,10.00 A.M, to dt.09.09.2026, up to 5.00 P.M. |
| Last date / time of receipt of bid in the portal | 09.09.2026 (5.00PM) |
| Date of Pre-bid Conference | 31.08.2026,11.00 AM |
| Date of opening of Techno-Commercial bid through online | On dt. 10.09.2026 at 11.00 A.M in the Office of the Chief Engineer, Megalift. |
| Class of Contractor | The bidder should be registered under the Companies Act 2013 / Society Registered Act 1860 / Indian Trusts Act 1882 / Indian Partnership Act 1932 / Limited Liability Partnership Act 2008. |
| Digital Signature Certificate of Bidder | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site https:/dowr.odisha.gov.in | |
| Name & Address of the OIT | Chief Engineer, Megalift, Plot No. A-8/2, Bhoi Nagar, Bhubaneswar-751022 Ph.No -0674-2567252, Email ID: cemlpwr.od@gmail.com |

Further details can be seen from the e-Procurement market place, **https://tendersodisha.gov.in**

**OIPR : 32001/32478/1/26-27/0006** **Sd/- Chief Engineer, Megalift, Bhubaneswar**

## କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ କାର୍ଯ୍ୟକ୍ରମ

କେନ୍ଦ୍ରାପଡା, (ସବ୍ୟୁ) : ବିଭେଦ ଓ ଅସ୍ପୃଶ୍ୟତା ବିରୋଧରେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ କାର୍ଯ୍ୟକ୍ରମ କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡ, ନୂଆବସଷ୍ଟାଣ୍ଡ ଓ କଜଳା ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ହାଲଦ୍ୱାନୀ ଘଟଣାକୁ ନେଇ ସାମାଜିକ ନ୍ୟାୟ ଓ ମାନବୀୟ ମର୍ଯ୍ୟାଦା ପ୍ରତି ହୋଇଥିବା ଅପମାନର ପ୍ରତିବାଦ କରିବା ସହ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ସମ୍ମାନ ଓ ସମର୍ଥନରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏହି ସତ୍ୟାଗ୍ରହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଡ. ଦେବସ୍ମିତା ଶର୍ମା, ଜିଲ୍ଲା ସଂଗଠନିକ ଉପସଭାପତି ସତ୍ୟପ୍ରିୟ ସାମଲ, ନଗର ସଭାପତି ଦିଲ୍ଲୀପ କୁମାର ପ୍ରଧାନ, ବ୍ଲକ୍ କଂଗ୍ରେସ କମିଟି ସଭାପତି ରବିନାରାୟଣ ବେହେରା, ପଙ୍କଜ ଦାସ, ହରିଶ ପଟ୍ଟନାୟକ, ରାଜିବ ଲୋଚନ ମିଶ୍ର, ସୀତାଂଶୁ ଲେଙ୍କା, ବରିଷ୍ଠ ନେତା ଫକୀର ଖଟୁଆ, ସନ୍ତୋଷ ବେହେରା, ଦର୍ପ ସାହୁ, ମନଗୋବିନ୍ଦ ଦାସ, ବିଜୟ ବେହେରା, ସଂଗ୍ରାମ ସାମଲ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଖଣିଜ ସମ୍ପଦ ବିକାଶ ଓ ନିୟମ ସଂଶୋଧନର ପ୍ରତିବାଦ

ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ରସରକାର କର୍ପୋରେଟମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଖଣିଜ ପଦାର୍ଥ ବିକାଶ ଓ ନିୟମାବଳୀରେ ଆଣିଥିବା ପରିବର୍ତ୍ତନ ଅତ୍ୟନ୍ତ ଉଦବେଗ ଜନକ ଯାହାକି ରାଜ୍ୟମାନଙ୍କ ଅଧିକାରକୁ ଛଡ଼ାଇ ନିଆଯାଇଛି ।ବିଶେଷ କରି ବିନା ଆଲୋଚନାରେ ଅଗଣତାନ୍ତ୍ରିକ ବାଟରେ ସଂସଦରେ ବହୁ ସଂଖ୍ୟଦେଖାଇ ବିଲ କୁ ଗୃହୀତ କରାଯାଇଥିବା ବେଳେ ଓଡ଼ିଶା ର ସାଂସଦ ମାନେ ଟେବୁଲ ବାଡେଇ ଉତ୍ସାହିତ ହେଇ ସମର୍ଥନ ଦେବା ରାଜ୍ୟପାଇଁ ଅଭିଶାପ ବୋଲି ଲୋକ ଶକ୍ତି ଅଭିଯାନର ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରା ପ୍ରତିକ୍ରୀୟା ପ୍ରକାଶ କରିଛନ୍ତି ।

ରାଜ୍ୟ ସରକାର ଅତିରିକ୍ତ ଟିକସ ଆଦାୟ ଅଧିକାରକୁ ସମାପ୍ତ କରିବା ସହ ପୂର୍ବ ବକେୟା ଆଦାୟ କରିପାରିବ ନାହି ଯାହାଦ୍ୱାରା ଏକ ଲକ୍ଷ କୋଟି ଟଙ୍କା କେତୋଟି କମ୍ପାନୀ ଲାଭବାନ ହେଉଛନ୍ତି ଓ ବର୍ଷକୁ ଓଡ଼ିଶା ଅତିକମରେ ୧୫ ହଜାର କୋଟି ର ରଜ ହରାଇବ।ଏପରି ସଂଶୋଧନ ସୁପ୍ରିମ କୋର୍ଟର ୯ ଜଣିଆ ଖଣ୍ଡପୀଠ ର ରାୟକୁ ଅବମାନନା କରାଯାଇଛି । ଏହାବ୍ୟତୀତ ଆଉ ଦୁଇଟି ସାଂଘାତିକ ପରିବର୍ତନ ଆମ ରାଜ୍ୟ ଓଡ଼ିଶା ସମେତ ଖଣିଜ ଭଣ୍ଡାର ରାଜ୍ୟଗୁଡ଼ିକୁ ସମ୍ବଳ ହୀନ କରିଦେବ । ଯେଉଁ କମ୍ପାନୀ ପାଖରେ ଶିଳ୍ପ ପାଇଁ ଦିଆଯାଇଥିବା ଖଣିଜ ପରିମାଣ ର ୫୦ ପ୍ରତିଶତ ଖୋଲା ବଜାରରେ ବିକ୍ରି କରିବାକୁ ଅନୁମତି ଥିଲା କିନ୍ତୁ ଏବେ ଶତପ୍ରତିଶତ ବିକ୍ରି କରିପାରିବେ । ଅର୍ଥାତ୍ କମ୍ପାନୀମାନେ ମନଇଚ୍ଛା ଦେଶ ବିଦେଶରେ ବିକ୍ରୀକରି ଶୀଘ୍ର ଖଣି ଶେଷ କରିଦେବେ । ତାହାସହ ରହିଛି ଖଣି ମାଲିକ ପୁଣି ସେହି ଖଣି ର ସମ୍ପ୍ରସାରଣ ପାଇଁ ନୂଆ ଖଣି ନେବାକୁ ନିଲାମ ଡାକିବା ପଡିବ ନାହି କି କୌଣସି ପ୍ରକିୟା ଲଗୁହେବନହି । ଅର୍ଥାତ ପରିବେଶ ଆଇନ,ଜଙ୍ଗଲ ଅଧିକାର ଆଇନ ଇତ୍ୟାଦିରୁ ଛାଡ ମିଳିଯିବ । ଏହାଦ୍ୱାରା ଗୋଟିଏ ଗୋଟିଏ କମ୍ପାନୀ ହାତକୁ ଅତ୍ୟଧିକ ଖଣି ଚାଲିଯିବ। । ଏହି ଦୁଇଟି ସାଂଘାତିକ ପରିବର୍ତ୍ତନ ଦ୍ୱାରା ରାଜ୍ୟରେ ଖଣି ଲୁଟ ବ୍ୟାପକ ହେବ ଓ ଅତି ଶୀଘ୍ର ବକ୍ସାଇଟ,ଲୁହା କ୍ରୋମ ବିଶ୍ୱ ବଜାରକୁ ଚାଲିଯିବ। । ଏହାସହ ଖଣି ଜନିତ ମିନେରାଲ ବିୟରିଙ୍ଗ ଲ୍ୟାଣ୍ଡ ର ମାଲିକ କେନ୍ଦ୍ର ସରକାର ରହିବ । ଏହାଦ୍ୱାରା ଓଡ଼ିଶାର ଅତି କମରେ ୧୭୮୩୨ ଆଦିବାସୀ ଗ୍ରାମ ଜଙ୍ଗଲ ଅଧିକାର ଆଇନ ଦ୍ୱାରା ମାଲିକାନାରେ ବଞ୍ଚିତ ହେବେ ।ଏହାର ଜମି ପରିମାଣ ୧୪୯୧୩୯୯ ହେକ୍ଟର ଆଦିବାସୀ ଓ ରାଜ୍ୟର ଅଧିକାର ରୁ ମୁକ୍ତ ହୋଇଯିବ। ଏହା ଅତି ସାଂଘାତିକ ଅନ୍ୟାୟ।ଏପରି ଆଇନ ରାଜ୍ୟ ଖାଲି ହୋଇଯିବ ,ଆମର ଜଳ ଜଙ୍ଗଲ ,ନଦୀଗୁଡ଼ିକର ସ୍ଥିତି ଦୟନୀୟ ଅବସ୍ଥାରେ ପହଞ୍ଚିବ । ରାଜ୍ୟସାରକାର ଓ ଶାସକ ଦଳ ଏପରି ରାଜ୍ୟବାସୀଙ୍କ ବଞ୍ଚିବାର ଅଧିକାରକୁ ଛଡ଼ାଇ ନେବାବେଳେ ଏହାକୁ ସମର୍ଥନ କରିବା ଲୋକଙ୍କ ପ୍ରତି ଓ ସମ୍ବିଧାନ ପ୍ରତି ବିଶ୍ୱାସ ଘାତକତା ସହ ଭବିଷ୍ୟତ ପିଢ଼ି ପାଇଁ ଅନ୍ୟାୟ ବୋଲି ଶ୍ରୀ ସାମନ୍ତରା କହିଛନ୍ତି ।

## ବିଜୁ ଯୁବ-ଛାତ୍ର ଜନତାର ଶିକ୍ଷା ବଞ୍ଚାଅ ଆନ୍ଦୋଳନ



ବଲାଙ୍ଗିର ,(ସବ୍ୟୁ) : ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପାଠ୍ୟପୁସ୍ତକରେ ଥିବା ବିଭିନ୍ନ ତ୍ରୁଟିକୁ ନେଇ ଆଜି ବଲାଙ୍ଗିରରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଶିକ୍ଷା ବଞ୍ଚାଅ ଆନ୍ଦୋଳନ ଆୟୋଜିତ ହୋଇଥିଲା । ଏହି ଅବସରରେ ଶତାଧିକ ଯୁବ ଓ ଛାତ୍ର କର୍ମୀ ଏକତ୍ରିତ ହୋଇ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସଙ୍ଗରେ ଦୃଢ଼ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଆନ୍ଦୋଳନରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ରାଜ୍ୟ ଯୁବ ବିଜେଡ଼ି କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ଜିଲ୍ଲା ସଭାପତି ସରୋଜ ମେହେର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ନିହାର ରଞ୍ଜନ ବେହେରା, ଯୁବ ସଭାପତି ଯତୀନ ପଟେଲ ଓ ଛାତ୍ର ସଭାପତି ସୁମନ ନନ୍ଦଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

ବରଗଡ଼ ଜିଲ୍ଲାରୁ ସୁବ୍ରତ ସିଂହ ଓ ପ୍ରଦ୍ୟୁମ୍ନ ତ୍ରିପାଠୀ, ରାଜ୍ୟ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ପ୍ରଭାସ ପାଣିଗ୍ରାହୀ ଓ ଗୁଞ୍ଜ ଖାନ, କଣ୍ଟାବାଞ୍ଜିରୁ ଗିରିରାଜ ମାଝୀ, ଅଜିତ ଯୋଷୀ, ହଂସରାଜ ଜୈନ ଓ ଅମଜଦ ଖାଁଙ୍କ ସମେତ ଜିଲ୍ଲା ମହିଳା ସଭାପତି ଗୀତା ବିଶୀ, ନଗର ସଭାପତି ଶମ୍ଭୁ ନାଗ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ସରୋଜ ପ୍ରଧାନ, ଦୟାନିଧି ଖମାରୀଙ୍କ ସମେତ ବହୁ ଯୁବ ଓ ଛାତ୍ର ଯୋଗଦେଇଥିଲେ ।

ବିକ୍ଷୋଭକାରୀମାନେ ଅଭିଯୋଗ କରିଥିଲେ ଯେ, ପାଠ୍ୟପୁସ୍ତକରେ ଥିବା ତଥ୍ୟଗତ ଓ ମୁଦ୍ରଣଜନିତ ତ୍ରୁଟି ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣବତ୍ତାକୁ ପ୍ରଭାବିତ କରିବା ସହ ସେମାନଙ୍କ ଭବିଷ୍ୟତ ପାଇଁ ଗୁରୁତର ଚିନ୍ତାର କାରଣ ହୋଇଛି । ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସରକାରଙ୍କ ଦାୟିତ୍ୱହୀନତାକୁ ନେଇ ଆନ୍ଦୋଳନକାରୀମାନେ ଗଣଶିକ୍ଷା ବିଭାଗ ବିରୋଧରେ ନାରାବାଜି କରିବା ସହ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଥିଲେ ।

ଏହି ଅବସରରେ ଯୁବ-ଛାତ୍ର ନେତାମାନେ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଭବିଷ୍ୟତ ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ପାଠ୍ୟପୁସ୍ତକର ସମସ୍ତ ତ୍ରୁଟିକୁ ତୁରନ୍ତ ସୁଧାରିବା, ଛାତ୍ରଛାତ୍ରୀଙ୍କୁ ଶୁଦ୍ଧ ଓ ଗୁଣାତ୍ମକ ଶିକ୍ଷା ସାମଗ୍ରୀ ଯୋଗାଇଦେବା ଏବଂ ଶିକ୍ଷା ବ୍ୟବସ୍ଥାରେ ଥିବା ଅନ୍ୟାନ୍ୟ ତ୍ରୁଟିର ସମାଧାନ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ । ଛାତ୍ରଛାତ୍ରୀଙ୍କ ହିତ ଓ ଭବିଷ୍ୟତ ସୁରକ୍ଷା ପାଇଁ ଆବଶ୍ୟକ ହେଲେ ଆଗାମୀ ଦିନରେ ମଧ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଥିଲେ ।

## ଜଙ୍ଗଲରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ଥାନା ଅଧୀନ ପୁରିନ୍ଦା ଜଙ୍ଗଲରୁ ଜନୈକା ମହିଳାଙ୍କ ଝୁଲନ୍ତା ମୃତଦେହ ଜବତକରି ତଦନ୍ତ ଆରମ୍ଭ କଲା ପୁଲିସ । ମୃତା ମହିଳା ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଅଞ୍ଚଳର ଷଣ୍ଠ ହେମ୍ବ୍ରମଙ୍କ ସ୍ତ୍ରୀ ହୀରା ହେମ୍ବ୍ରମ(୩୮) । ମୃତା ମହିଳାଙ୍କ ଜ୍ୱାଇଁ ରୁଙ୍କୁ ହେମ୍ବ୍ରମଙ୍କ ଅଭିଯୋଗ ମୁତାବକ ସ୍ୱାମୀ ଷଣ୍ଠ ହେମ୍ବ୍ରମଙ୍କ ମୃତ୍ୟୁ ପରେ ଦୀର୍ଘ ୧୫ବର୍ଷ ହେବ ହୀରା ବେତନଟୀ ଥାନା ଅଧୀନ ପୁରିନ୍ଦା ଗ୍ରାମରେ ଥିବା ନିଜର ମା' ଚମ୍ପୁ ସୋରେନଙ୍କ ଘରେ ରହି ଆସୁଥିଲେ । ସୋମବାର ଦିନ ଟଙ୍କା ପଇସାକୁ ନେଇ ଉଭୟ ମା' ଏବଂ ଝିଅ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ସୋମବାର ସକାଳେ ଲୋକଙ୍କ ପାଖରୁ ଟଙ୍କା ଆଣିବାକୁ ଯାଉଛି କହି ଘରୁ ବାହାରି ଆସିଥିବା ବେଳେ ମଧ୍ୟାହ୍ନ ପାଖାପାଖି ସମୟରେ ଗାଁ ପାଖ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା ସ୍ଥାନୀୟଲୋକେ ଏକ ଶାଳଗଛରେ ହୀରାଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀ ଏବଂ ପୁଲିସକୁ ଖବର ଦେଇଥିଲେ। ଖବରପାଇ ବେତନଟୀ ଥାନା ଏଏସଆଇ ଗୋଲକ ବିହାରୀ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଶବଜବତ କରିବା ସହିତ ୪୧ନମ୍ବରରେ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛନ୍ତି।

## ଥାନା ଆଗରେ ବ୍ୟବସାୟୀ ମହାସଂଘର ଧାରଣା

ଅସ୍ତରଙ୍ଗ,(ସବ୍ୟୁ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଗତ କିଛି ମାସ ଧରି ଲୁଟେରାମାନଙ୍କର ଆଡାସ୍ଥଳୀ ପାଲଟିଛି। ଗତ କିଛି ଦିନ ହେବ ବ୍ଲକ ଅଞ୍ଚଳର ବିଭିନ୍ନ ମଠ ମନ୍ଦିର ସମେତ ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହିତ, ଅର୍ଥ ଚୋରୀ ହେଉଥିବା ବେଳେ ବର୍ତ୍ତମାନ ଦୋକାନ ତାଲା କାଟି ଚୋରି ହେଉଛି । ସୋମବାର ରାତିରେ ଅସ୍ତରଙ୍ଗ ଜାହାନିଆ ରାସ୍ତା ତିନି ଛକ ନିକଟରେ ଥିବା ସହନ ଗ୍ରାମର , ରାଜେଶ କୁମାର ମହାନ୍ତିଙ୍କ ମୋବାଇଲ ଦୋକାନ ସଟର ଚୋରି ହୋଇଥିବା ମଙ୍ଗଳବାର ସକାଳେ ଜାଣିବାପରେ ଏ ନେଇ ସେ ଅସ୍ତରଙ୍ଗ ବ୍ୟବସାୟୀ ମହାସଂଘକୁ ଜଣାଇବା ସହ ଥାନାରେ ଏତଲା ଦେଇ ଥିଲେ । ଏତଲା ପାଇ ଅସ୍ତରଙ୍ଗ ଥାନା ଅଧିକାରିଣୀ ଏକ ଟିମ ନେଇ ଘଟଣା ସ୍ଥଳକୁ ଆସି ଦୋକାନ ଖୋଲି ତଦନ୍ତ ଆରମ୍ଭ କରିଥିଲେ ।

# ଇମ୍ରାନଙ୍କୁ ଜେଲରୁ ମୁକ୍ତ କରାଯିବାକୁ ନିର୍ଦ୍ଦେଶ

## ତୁରନ୍ତ ହସ୍ପିଟାଲ ନେଇ ଚିକିତ୍ସା ଯୋଗାଇଦିଅ : ସୁପ୍ରିମକୋର୍ଟ

ଇସଲାମାବାଦ: ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଖବର ଆସିଛି। ପାକିସ୍ତାନର ସୁପ୍ରିମକୋର୍ଟ ଜେଲରେ ଥିବା ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଏ-ଇନସାଫ (ପିଟିଆଇ) ଏବଂ ତାଙ୍କ ପରିବାରର ଦୀର୍ଘ ଦିନର ଦାବିର ଜବାବରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଆଡିଆଲା ଜେଲରୁ ଇମ୍ରାନଙ୍କ ସାମ୍ପ୍ରତିକ ଡାକ୍ତରୀ ରିପୋର୍ଟକୁ ନେଇ ଦଳ ଏବଂ ପରିବାର ଚିନ୍ତା ପ୍ରକାଶ କରିଥିଲେ । ପିଟିଆଇ ମୁଖପାତ୍ର ନଇମ ହାଇଦର ପଞ୍ଜୁଥାଙ୍କ ଅନୁଯାୟୀ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଇମ୍ରାନ ଖାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯିବ ଏବଂ ୧୬ ସେପ୍ଟେମ୍ବର ପର୍ଯ୍ୟନ୍ତ ସେ ସେଠାରେ ରହିବ। କୋର୍ଟ ଇମ୍ରାନ ଖାନ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ସାପ୍ତାହିକ ବୈଠକ କରିବାକୁ ମଧ୍ୟ




ନିର୍ଦ୍ଦେଶ ଦେଇଛନ୍ତି। ଆଦେଶରେ କୁହାଯାଇଛି ଯେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ମୂଲ୍ୟାଙ୍କନ ପାଇଁ ଏକ ମେଡିକାଲ ବୋର୍ଡ ଗଠନ କରାଯିବ, ଯେଉଁଥିରେ ଇମ୍ରାନଙ୍କ ବ୍ୟକ୍ତିଗତ ଡାକ୍ତର ଏବଂ ତାଙ୍କ ଭଉଣୀ ଡାକ୍ତର ଉଜମା ଖାନ ରହିବେ।କୋର୍ଟ ଇମ୍ରାନ ଖାନଙ୍କ ଆଇନଜୀବୀ ଏବଂ ତାଙ୍କ ପରିବାରକୁ ମେଡିକାଲ ରିପୋର୍ଟ ଗଣମାଧ୍ୟମ ସହିତ ସେୟାର ନକରିବାକୁ କିମ୍ବା ଏହି ପ୍ରସଙ୍ଗକୁ ରାଜନୀତିକରଣ ନକରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।କ୍ରିକେଟରରୁ ରାଜନେତା ହୋଇଥିବା ୭୩ ବର୍ଷୀୟ ଇମ୍ରାନ ଖାନ ଅଗଷ୍ଟ ୨୦୨୩ ରୁ ଜେଲରେ ଅଛନ୍ତି। ତାଙ୍କୁ ଅନେକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି, କିନ୍ତୁ ସେ ଦାବି କରିଛନ୍ତି ଯେ ୨୦୨୨ ରେ ତାଙ୍କୁ କ୍ଷମତାରୁ ହଟାଇବା ପରେ ରାଜନୈତିକ କାରଣରୁ ଏହି ମାମଲାଗୁଡ଼ିକ ଦାୟର କରାଯାଇଥିଲା।ଗତ ବର୍ଷଠାରୁ, ଇମ୍ରାନ ଖାନଙ୍କ ପୁଅ ତାଙ୍କ ଅବନତିଶୀଳ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବାରମ୍ବାର ଚିନ୍ତା ପ୍ରକାଶ କରିଛନ୍ତି। ତାଙ୍କ ଆଇନଜୀବୀ କହିଛନ୍ତି ଯେ, ଜେଲରେ ଥିବା ସମୟରେ ତାଙ୍କ ଡାହାଣ ଆଖି ଖରାପ ହୋଇଯାଇଥିଲା। ପୂର୍ବତନ ପାକିସ୍ତାନ ରାଷ୍ଟ୍ରପତି ଆରିଫ ଆଲଭିଙ୍କ ସମେତ ଅନ୍ୟମାନେ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ, ଆଲଭି କହିଛନ୍ତି, ସେ ଇମ୍ରାନଙ୍କ ମେଡିକାଲ୍ ରିପୋର୍ଟ ଦେଖିଛନ୍ତି। ସେଗୁଡ଼ିକ ବେଶ୍ ଚିନ୍ତାଜନକ ରହିଛି।ସେ ଲେଖିଛନ୍ତି, ମୁଁ ଏହି ରିପୋର୍ଟଗୁଡ଼ିକୁ ଅନେକ ବିଶେଷଜ୍ଞଙ୍କ ସହିତ ସମୀକ୍ଷା କରିଛି ଏବଂ ଏହାକୁ ସରଳ ଭାଷାରେ ଲେଖୁଛି ଯାହା ଦ୍ୱାରା ପ୍ରତ୍ୟେକ ପାକିସ୍ତାନୀବୁଝିପାରିବେ ଯେ କ'ଣ ଘଟୁଛି। ସେ ଆହୁରି କହିଛନ୍ତି ଯେ ସେ ଇମ୍ରାନ ଖାନଙ୍କ ଚିନ୍ତା, ଦ୍ରୁତ ହୃଦସ୍ପନ୍ଦନ ଏବଂ ଉଚ୍ଚ ରକ୍ତଚାପ ବିଷୟରେ ସବୁଠାରୁ ଅଧିକ ଚିନ୍ତିତ। ସେ କହିଛନ୍ତି ଯେ ରିପୋର୍ଟରେ ଅନିଦ୍ରା ବିଷୟରେ ଉଲ୍ଲେଖ କରାଯାଇ ନାହିଁ, କିନ୍ତୁ ତାଙ୍କୁ ଦିଆଯାଉଥିବା ଔଷଧ ଏହା ସୂଚିତ କରୁଛି। ସେ କହିଛନ୍ତି, ମୁଁ ଇମ୍ରାନ ଖାନଙ୍କୁ ୩୫ ବର୍ଷରୁ ଅଧିକ ସମୟ ଧରି ଜାଣିଛି। ଚାପ କେବେ ତାଙ୍କର ଦୁର୍ବଳତା ହୋଇନାହିଁ। ବର୍ତ୍ତମାନ ତାଙ୍କର ଚାପ ଶୀର୍ଷରେ ପହଞ୍ଚିବାର କାରଣ ପଛରେ ତିନି ବର୍ଷର ଜେଲ୍ ଏବଂ ସମ୍ପୂର୍ଣ୍ଣ ଏକୁଟିଆ ରହିଥିବାର ପ୍ରଭାବକୁ ଦର୍ଶାଉଛି।

# ଫାଶୀ ବଦଳରେ ଘାତକ ଇଞ୍ଜେକ୍ସନ : ମନା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଭାରତରେ ଫାଶୀ ଦଣ୍ଡ ଦ୍ୱାରା ମୃତ୍ୟୁଦଣ୍ଡର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ବଜାୟ ରଖିଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ମୃତ୍ୟୁଦଣ୍ଡର ଏକ କମ୍ ଯନ୍ତ୍ରଣାଦାୟକ ବିକଳ୍ପ ପଦ୍ଧତି ପାଇଁ ଏକ ଆବେଦନକୁ ଖାରଜ କରି ଫାଶୀ ଦ୍ୱାରା ମୃତ୍ୟୁଦଣ୍ଡର ବିଦ୍ୟମାନ ଆଇନଗତ ବ୍ୟବସ୍ଥାକୁ ବଜାୟ ରଖିଛନ୍ତି। ଆବେଦନକୁ ଖାରଜ କରିବା ସମୟରେ, ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ଭାବନାକୁ ଖୋଲା ରଖିଛନ୍ତି ଯେ ଯଦି ଭବିଷ୍ୟତରେ, ଠୋସ୍ ଏବଂ ପ୍ରଭାବଶାଳୀ ଚିକିତ୍ସା କିମ୍ବା ବୈଜ୍ଞାନିକ ପ୍ରମାଣ ମିଳେ ଯେ, ଫାଶୀ ଅନାବଶ୍ୟକ ଯନ୍ତ୍ରଣାର କାରଣ ହୁଏ କିମ୍ବା ମାନବ ମର୍ଯ୍ୟାଦାର ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରେ, ତେବେ ଏହି ପ୍ରସଙ୍ଗକୁ ପୁଣି ଥରେ ଏହାର ସାମ୍ବିଧାନିକ ସମୀକ୍ଷା କରାଯାଇପାରିବ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ କେନ୍ଦ୍ର ସରକାର ଚାହିଁଲେ, ମୃତ୍ୟୁଦଣ୍ଡର ବିକଳ୍ପ ପଦ୍ଧତିଗୁଡ଼ିକର ବ୍ୟାପକ ସମୀକ୍ଷା କରିବା ପାଇଁ ବିଶେଷଜ୍ଞଙ୍କ ଏକ କମିଟି ଗଠନ କରିପାରିବେ। ସୁପ୍ରିମକୋର୍ଟଙ୍କ ଅନୁଯାୟୀ, ବିଶେଷଜ୍ଞ କମିଟି ମୂଲ୍ୟାଙ୍କନ କରିପାରିବେ ଯେ କୌଣସି ବିକଳ୍ପ



ପଦ୍ଧତି ଯନ୍ତ୍ରଣାକୁ କମ୍ କରିବା ଏବଂ ବ୍ୟକ୍ତିଙ୍କ ଗରିମା ରକ୍ଷା କରିବାର ସାମ୍ବିଧାନିକ ଉଦ୍ଦେଶ୍ୟକୁ ଭଲ ଭାବରେ ପୂରଣ କରିପାରିବ କି ନାହିଁ।ଆବେଦନକାରୀ ଏହି ପ୍ରସଙ୍ଗ ସହିତ ଜଡିତ ସୁପ୍ରିମକୋର୍ଟଙ୍କର ପୂର୍ବରୁ ତିନି ରାୟକୁ ଏକ ବୃହତ ଖଣ୍ଡପୀଠକୁ ପଠାଇବାକୁ ମଧ୍ୟ ଆବେଦନ କରିଥିଲେ। ତେବେ ଖଣ୍ଡପୀଠ କହିଥିଲେ ଯେ ଏହି ରାୟଗୁଡ଼ିକୁ ଏକ ବୃହତ ଖଣ୍ଡପୀଠକୁ ପଠାଇବା ଦ୍ୱାରା ସମାଧାନ କରିବାର କୌଣସି ପର୍ଯ୍ୟାପ୍ତ ଆଧାର ନାହିଁ। ଖଣ୍ଡପୀଠ ପୁରୁଣା ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା ୩୫୪ ଏବଂ ବର୍ତ୍ତମାନର ଭାରତୀୟ ଦଣ୍ଡ ସଂହିତାର ଧାରା ୩୯୩ ପରିପ୍ରେକ୍ଷୀରେ ମଧ୍ୟ ଆବେଦନକୁ ବିଚାର କରିଥିଲେ। ଜାନୁଆରି ୨୨ ତାରିଖରେ ସୁପ୍ରିମକୋର୍ଟ ଏହାର ଶୁଣାଣି ସମାପ୍ତ କରି ରାୟ ସଂରକ୍ଷିତ ରଖିଥିଲେ।

# ୩ ରାଜ୍ୟ ପାଇଁ ପ୍ରଭାରୀ ନିଯୁକ୍ତ କଲା ବିଜେପି

ନୂଆଦିଲ୍ଲୀ : ଆସନ୍ତା ବର୍ଷ ଅର୍ଥାତ ୨୦୨୭ରେ ଏକାଧିକ ରାଜ୍ୟରେ ବିଧାନସଭା ନିର୍ବାଚନ ହେବ। ଏହାପୂର୍ବରୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ନିଜର ନୂଆ ଟିମ ଗଠନ କରିବାରେ ଲାଗି ପଡ଼ିଛନ୍ତି।ଦିନକ ତଳେ ବିଜେପି ପକ୍ଷରୁ ସାଂଗଠନିକସ୍ତରରେ ନୂଆ ନିଯୁକ୍ତି କରାଯାଇଥିଲା। ନୂଆ ଟିମ ଗଠନ କରିବାର ଦିନକ ପରେ ଆଜି ନୀତୀନ ନବୀନ ୩ ରାଜ୍ୟ ପାଇଁ ପ୍ରଭାରୀ ନିଯୁକ୍ତ କରିଛନ୍ତି। ଉତ୍ତର ପ୍ରଦେଶ, ପଞ୍ଜାବ ଓ ଗୁଜରାଟ ପାଇଁ ଦଳ ପକ୍ଷରୁ ପ୍ରଭାରୀ ଓ ସହ ପ୍ରଭାରୀଙ୍କ ନାଁ ଘୋଷଣା କରାଯାଇଛି। ବିଜେପି ପକ୍ଷରୁ ଜାରି ପ୍ରେସ ବିବୃତି ଅନୁଯାୟୀ, ଦଳର ଜାତୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ବିନୋଦ ତାୱେଡଙ୍କୁ ଉତ୍ତର ପ୍ରଦେଶର ପ୍ରଭାରୀ ଭାବେ ଦାୟିତ୍ୱ ମିଳିଛି। ତାଙ୍କୁ ସହାୟତା କରିବା ପାଇଁ ଜାତୀୟ ସାଧାରଣ ସମ୍ପାଦକ ଜଗଦୀଶ ଈଶ୍ୱରଭାଇ ପଟେଲଙ୍କୁ ସହ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପଞ୍ଜାବ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟସଭା ସାଂସଦ ଡକ୍ଟର ସତୀଶ ପୁନିଆଙ୍କୁ ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ଗୁଜରାଟ ପ୍ରଭାରୀ ଭାବେ ରାଜ୍ୟସଭା ସାଂସଦ ତରୁଣ ଚୁଘ ନିଯୁକ୍ତି ପାଇଛନ୍ତି। ତରୁଣ ଗୁଜରାଟ ପ୍ରଭାରୀ ସହ ବିଜେପି ମୁଖ୍ୟାଳୟ ଇନ ଚାର୍ଜ ମଧ୍ୟ କାର୍ଯ୍ୟ କରିବେ। ଦଳ ପକ୍ଷରୁ କୁହାଯାଇଛି ଯେ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ପ୍ରଭାରୀ ନିଯୁକ୍ତି ପରବର୍ତ୍ତୀ ସମୟରେ କରାଯିବ। ସେପର୍ଯ୍ୟନ୍ତ ସେହି ରାଜ୍ୟଗୁଡ଼ିକରେ ବର୍ତ୍ତମାନର ପ୍ରଭାରୀ ଭାବେ କାମ କରୁଥିବା ନେତାମାନେ ଦାୟିତ୍ୱରେ ରହିବେ। ନୂଆ ନିଯୁକ୍ତି ତତ୍କାଳ ଭାବେ କାର୍ଯ୍ୟକାରୀ ହୋଇଥିବା ଦଳ ସ୍ପଷ୍ଟ କରିଛି।୨୦୨୭ରେ ଗୁଜରାଟ, ଉତ୍ତର ପ୍ରଦେଶ ଓ ପଞ୍ଜାବରେ ବିଧାନସଭା ନିର୍ବାଚନ ହେବ। ଏହାକୁ ଦୃଷ୍ଟିରେ ରଖି ବିଜେପି ପ୍ରଭାରୀମାନଙ୍କୁ ନିଯୁକ୍ତ କରିଥିବା କୁହାଯାଉଛି। ଗୁଜରାଟ ଓ ଉତ୍ତର ପ୍ରଦେଶରେ ଏବେ ବିଜେପି କ୍ଷମତାରେ ରହିଛି। ସେହିପରି ପଞ୍ଜାବରେ ଆମ ଆଦମୀ ପାର୍ଟି ସରକାରରେ ଅଛି। ଏହି ୩ ରାଜ୍ୟରେ ବିଜେପି କ୍ଷମତା ଦଖଲ କରିବା ଲକ୍ଷ୍ୟରେ ଥିବା ଏବେ ଠାରୁ ରଣନୀତି ଚୂଡ଼ାନ୍ତ କରିବାରେ ଲାଗି ପଡ଼ିଛି। ବ୍ୟବସ୍ଥାଠାରୁ ସେମାନଙ୍କର ଯୁକ୍ତିସଙ୍ଗତ ଆଶା ରହିଛି।

## ଅଯୋଧ୍ୟାରେ ଦାନ ଚୋରି ମାମଲା

# ପୂର୍ବତନ ଅଧିକାରୀ ଚମ୍ପତ ରାୟ ଓ ଅନିଲ ମିଶ୍ରଙ୍କୁ କ୍ଲିନ୍ ଚିଟ୍

ଲକ୍ଷ୍ନୌ :ଅଯୋଧ୍ୟାର ରାମ ମନ୍ଦିରରେ ଦାନ ଚୋରି ଅଭିଯୋଗର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳ(ଏସଆଇଟି) ଟ୍ରଷ୍ଟର ପୂର୍ବତନ ମହାସଚିବ ଚମ୍ପତ ରାୟଙ୍କୁ କ୍ଲିନ୍ ଚିଟ୍ ଦେଇଛି। ଏସଆଇଟି ଟ୍ରଷ୍ଟର ପୂର୍ବତନ ସଦସ୍ୟ ଅନିଲ ମିଶ୍ରଙ୍କ ନାମକୁ ରିପୋର୍ଟରେ ରଖାଯାଇ ନାହିଁ। ଦାନ ଚୋରି ଅଭିଯୋଗ ଆସିବା ପରେ ଚମ୍ପତ ଏବଂ ଅନିଲ ଉଭୟ ଅଯୋଧ୍ୟା ରାମ ମନ୍ଦିର ପରିଚାଳନା ଟ୍ରଷ୍ଟରୁ ଜୁନ୍ ୨୭ ତାରିଖରେ ଇସ୍ତଫା ଦେଇଥିଲେ। ଉତ୍ତର ପ୍ରଦେଶ ଗୃହ ବିଭାଗ ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ ସ୍ୱତନ୍ତ୍ର ତଦନ୍ତ ଦଳର ଚୂଡ଼ାନ୍ତ ରିପୋର୍ଟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର କରିଛି।ସୂତ୍ର ଅନୁଯାୟୀ, ପଚରାଉଚରା ସମୟରେ ଚମ୍ପତ ରାୟ ମନ୍ଦିରରେ ଦାନ ଚୋରିରେ କୌଣସି ଭୂମିକାକୁ ଅସ୍ୱୀକାର କରିଥିଲେ ଏବଂ କହିଥିଲେ ଯେ ତାଙ୍କ ଅଭିଯୋଗ ଆଧାରରେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଥିଲା। ସୂତ୍ର ଅନୁଯାୟୀ, ଚମ୍ପତ ପୁଲିସକୁ ଏହା ମଧ୍ୟ କହିଥିଲେ ଯେ ଦାନ ସଂଗ୍ରହରେ କୌଣସି ଅନିୟମିତତା ନହେବା ନିଶ୍ଚିତ କରିବା



ତାଙ୍କର ଦାୟିତ୍ୱ ଏବଂ ଭୁଲ୍ ବିଷୟରେ ଜାଣିବା ମାତ୍ରେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବା ପୂର୍ବରୁ, ଟ୍ରଷ୍ଟର ଅନୁରୋଧରେ ରାଜ୍ୟ ସରକାର ଜୁନ୍ ୧୩ ତାରିଖରେ ଲକ୍ଷ୍ନୌ ଡିଭିଜନାଲ କମିସନର ବିଜୟ ବିଶ୍ୱାସ ପନ୍ତଙ୍କ ନେତୃତ୍ୱରେ ତିନି ସଦସ୍ୟ ବିଶିଷ୍ଟ ଏସଆଇଟି ଗଠନ କରିଥିଲେ। ଏହାର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ରେଞ୍ଜ ଇନ୍ସପେକ୍ଟର ଜେନେରାଲ କିରଣ ଏସ୍ ଏବଂ ସ୍ୱତନ୍ତ୍ର ସଚିବ (ଅର୍ଥ) ନୀଳ ରତନ କୁମାର ଅଛନ୍ତି। ପ୍ୟାନେଲ ଜୁନ୍ ୨୩ ତାରିଖରେ ରାଜ୍ୟ ସରକାରଙ୍କୁ ତାଙ୍କର ପ୍ରାରମ୍ଭିକ ରିପୋର୍ଟ ପ୍ରଦାନ କରିଥିଲା, ଯେଉଁଥିରେ ଅନେକ କଠୋର ସୁପାରିଶ କରାଯାଇଥିଲା। ପ୍ରାରମ୍ଭିକ ରିପୋର୍ଟ ଆଧାରରେ, ଟ୍ରଷ୍ଟ ସଦସ୍ୟ କୃଷ୍ଣମୋହନ ଶ୍ରୀରାମ ଜନ୍ମଭୂମି ପୁଲିସ ଷ୍ଟେସନରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ, ଯାହା ପରେ ଜୁନ୍ ୨୫ ତାରିଖରେ ଏହି ମାମଲାରେ ଏକ ଏଫଆଇଆର ରୁଜୁ ହୋଇଥିଲା।ଏଫଆଇଆରରେ ଆଠ ଜଣଙ୍କ ନାମ ରହିଛି। ସେମାନେ ହେଉଛନ୍ତି ଅଭିନାଶ ଶୁକ୍ଲା, ଅନୁକଳ୍ପ ମିଶ୍ର, ଲାଭକୁଶ ମିଶ୍ର, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରାମଶଙ୍କର ମିଶ୍ର, ସୁଭାଷ ଶ୍ରୀବାସ୍ତବ ଏବଂ ରାମ ଶଙ୍କର ଯାଦବ ଓରଫ ଟିନୁ ଏବଂ ଅନ୍ୟ ଅଜଣା ବ୍ୟକ୍ତିଙ୍କୁ ଅଭିଯୁକ୍ତ ଭାବରେ ଦର୍ଶାଯାଇଛି। ସମସ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ଏବଂ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୧) (କ) ଅନୁଯାୟୀ ଗିରଫ କରାଯାଇ ମାମଲା ରୁଜୁ କରାଯାଇଛି। ପ୍ରାଥମିକ ରିପୋର୍ଟ ଏହି ମାମଲାରେ ପରବର୍ତ୍ତୀ ଏଫଆଇଆର ଏବଂ ଗିରଫଦାରୀ-ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଆଧାର ଗଠନ କରିଥିଲା।

# କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ ବିଜୟ

ଚେନ୍ନାଇ : ତାମିଲନାଡୁ ଜଙ୍ଗଲ ମନ୍ତ୍ରୀ ଆର. ଭି. ରଞ୍ଜିତ କୁମାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍ କରୁଣାନିଧିଙ୍କୁ କୌଣସି ସମ୍ମାନସୂଚକ ଶବ୍ଦ ବ୍ୟବହାର ନକରି ସିଧାସଳଖ ନାମ ନେଇ ସମ୍ବୋଧନ କରିବା ପରେ ସୋମବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ବିଧାନସଭାରେ କ୍ଷମା ପ୍ରାର୍ଥନା କରିଥିଲେ।ଜଙ୍ଗଲ ମନ୍ତ୍ରୀଙ୍କ ମନ୍ତବ୍ୟ ଶାଳୀନତା ଭଙ୍ଗ କରିଥିବା ଦର୍ଶାଇ ବିରୋଧୀ ଡିଏମକେ ପକ୍ଷରୁ ତୁରନ୍ତ ବିରୋଧ ପ୍ରଦର୍ଶନ କରାଯାଇଥିଲା। ବିଜୟ ପରିସ୍ଥିତିକୁ ଶାନ୍ତ କରିବା ପାଇଁ ତୁରନ୍ତ ଆଗେଇ ଆସିଥିଲେ ଏବଂ କହିଥିଲେ ଯେ ଦିବଂଗତ ନେତାଙ୍କୁ ଯେଉଁଭଳି ଭାବେ ସମ୍ବୋଧନ କରାଗଲା ତାହା ଭୁଲ୍ ଥିଲା।ଜଙ୍ଗଲ ମନ୍ତ୍ରୀ ଆର୍. ଭି. ରଞ୍ଜିତ କୁମାର, କରୁଣାନିଧିଙ୍କ ନାମ ନେବା ସମୟରେ "କଲୈଞ୍ଜାର" କିମ୍ବା "ପୂର୍ବତନ ମୁଖ୍ୟମନ୍ତ୍ରୀ" ଭଳି ଶବ୍ଦ ବ୍ୟବହାର ନକରିବାରୁ ମୁଖ୍ୟମନ୍ତ୍ରୀ ବିଜୟ କହିଥିଲେ, ମୁଁ ତାଙ୍କ ତରଫରୁ କ୍ଷମା ପ୍ରାର୍ଥନା କରୁଛି।ସ୍ୱାସ୍ଥ୍ୟ ଏବଂ ରାଜସ୍ୱ ବିଭାଗର ଅନୁଦାନ ଦାବି



ଉପରେ ଚାଲିଥିବା ଆଲୋଚନା ସମୟରେ ଏହି ପ୍ରସଙ୍ଗ ଉଠିଥିଲା। ରଞ୍ଜିତ କୁମାର ତାଙ୍କ ଅଭିଭାଷଣରେ ପୂର୍ବର 'ଭୋଟ୍ ପାଇଁ ଟଙ୍କା' ଦେବା ପ୍ରଥାକୁ ସମାଲୋଚନା କରିଥିଲେ ଓ ବିବାଦୀୟ 'ଥିରୁମଙ୍ଗଲମ୍ ଫର୍ମୁଲା' ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଦାବି କରିଥିଲେ ଯେ ପୂର୍ବ ନିର୍ବାଚନଗୁଡ଼ିକରେ ତାଙ୍କ କାଞ୍ଚିପୁରମ୍ ନିର୍ବାଚନ ମଣ୍ଡଳୀରେ ଭୋଟ୍ ପିଛା ୧,୫୦୦ ଟଙ୍କା ପର୍ଯ୍ୟନ୍ତ ବଣ୍ଟାଯାଇଥିଲା। ମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନର ସରକାର ଭୋଟ୍ ପାଇଁ ଟଙ୍କା ବାଣ୍ଟି ନଥିବା ସତ୍ତ୍ୱେ କ୍ଷମତାକୁ ଆସିଛନ୍ତି।ଅତୀତର ନିର୍ବାଚନୀ ରଣନୀତି ବିଷୟରେ ବର୍ଣ୍ଣନା କରିବା ସମୟରେ, ସେ "କରୁଣାନିଧି" ବୋଲି ସମ୍ବୋଧନ କରିଥିଲେ। ଏହା ତାମିଲନାଡୁ ବିଧାନସଭାର ଦୀର୍ଘଦିନର ପରମ୍ପରା ବିରୋଧୀ ଥିଲା, ଯେଉଁଠାରେ ଆଦରଣୀୟ ନେତାମାନଙ୍କୁ ଆନୁଷ୍ଠାନିକ ଶିଷ୍ଟାଚାର ଏବଂ ସମ୍ମାନସୂଚକ ପଦବୀ ସହିତ ସମ୍ବୋଧନ କରାଯାଇଥାଏ।

# ଟୋଇଙ୍ଗ ଆପରେ ୫୭ ସହର

ମୁମ୍ବାଇ: ସୁଲଭ ମୂଲ୍ୟରେ ଖାଦ୍ୟ ଡେଲିଭରି ସେବା ପ୍ରଦାନ କରୁଥିବା ଟୋଇଙ୍ଗ ଆପ୍ କଟକରେ ଏହାର ସେବା ଆରମ୍ଭ କରିଛି । ଗତ ୧୧ ମାସ ମଧ୍ୟରେ ଟୋଇଙ୍ଗ ଦେଶର ୫୭ଟି ସହରକୁ ନିଜର ନେଟୱାର୍କ ବିସ୍ତାର କରିଛି । ଆପ୍ ମାଧ୍ୟମରେ ରେଷ୍ଟୁରାଣ୍ଟର ଟେବୁଲ୍ ମେନୁ ମୂଲ୍ୟ ସହ ସମାନ କିମ୍ବା ତା'ଠାରୁ କମ୍ ଦରରେ ଖାଦ୍ୟ ଉପଲବ୍ଧ କରାଇବା ଉପରେ କମ୍ପାନୀ ଗୁରୁତ୍ୱ ଦେଉଛି । ଏଥିସହ ଅର୍ଡର ଉପରେ ପ୍ୟାକେଜିଂ ଚାର୍ଜ କିମ୍ବା ପ୍ଲାଟଫର୍ମ ଫି' ମଧ୍ୟ ନିଆଯାଉନାହ । କଟକ ସହିତ ଜାମସେଦପୁର, ଉଦୟପୁର, ଖଡ଼ଗପୁର ଓ ଅମୃତସରରେ ମଧ୍ୟ ଟୋଇଙ୍ଗ ସେବା ଆରମ୍ଭ ହୋଇଛ । ଟୋଇଙ୍ଗର ମୁଖ୍ୟ ବ୍ୟବସାୟ ଅଧିକାରୀ ସିଦ୍ଧାର୍ଥ ଭାକୁ କହିଛନ୍ତି ଯେ, କମ୍ପାନୀ ବିଶେଷକରି ଜେନ୍-ଜି, କଲେଜ ଛାତ୍ରଛାତ୍ରୀ ଓ ମୂଲ୍ୟ-ସଚେତନ ଗ୍ରାହକଙ୍କୁ ଲକ୍ଷ୍ୟ କରି ସୁଲଭ ଖାଦ୍ୟ ଡେଲିଭରିର ଏକ ନୂଆ ବିକଳ୍ପ ସୃଷ୍ଟି କରୁଛି । କଟକରେ ଏହାର ଶୁଭାରମ୍ଭ ଯୁବ ଗ୍ରାହକଙ୍କ ବଢୁଥିବା ଚାହିଦାକୁ ପୂରଣ କରିବ ବୋଲି ସେ କହିଛନ୍ତ ।ଦେଶବ୍ୟାପୀ ୪୫ ଲକ୍ଷରୁ ଅଧିକ ଡାଉନଲୋଡ୍ ଓ ୪.୫ ରେଟିଂ ସହ ଟୋଇଙ୍ଗ ସୁଲଭ ମୂଲ୍ୟର ଖାଦ୍ୟ ଡେଲିଭରି କ୍ଷେତ୍ରରେ ଏକ ନୂଆ ବିକଳ୍ପ ଭାବେ ଉଭା ହେଉଛି ।

## ସ୍ୱାଧୀନତା ଦିବସରେ ୨,୦୦୦ରୁ ଅଧିକ ରାଇଡର ସାମିଲ

ନୂଆଦିଲ୍ଲୀ: ଭାରତର ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଜାୱା, ୟେଜଦି ଓ ବିଏସଏ ମୋଟରସାଇକେଲ ରାଇଡରମାନେ "ନୋମାଡ୍ସ ବ୍ୟାନର ତଳେ ଦେଶବ୍ୟାପୀ ରାଇଡରେ ସାମିଲ ହୋଇଛନ୍ତି । ୧୫୦ଟି ଡିଲରସିପ୍ ମାଧ୍ୟମରେ ୨,୦୦୦ରୁ ଅଧିକ ରାଇଡର ଏହି ଅଭିଯାନରେ ଯୋଗଦେଇଥିଲେ । ବିଭିନ୍ନ ବୟସ, ଅଞ୍ଚଳ ଓ ରାଇଡିଂ ଶୈଳୀର ଲୋକଙ୍କୁ ଏହି ରାଇଡ୍ ଏକାଠି କରିଥିଲା । କ୍ଲାସିକ୍ ଲିଜେଣ୍ଡସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି ଯେ, ମୋଟରସାଇକେଲ ଚାଳନାର ମୂଳରେ ନିଜ ରାସ୍ତା ବାଛିବାର ସ୍ୱାଧୀନତା ଓ ସେହି ଯାତ୍ରାକୁ ଅନ୍ୟମାନଙ୍କ ସହ ବାଣ୍ଟିବାର ଆନନ୍ଦ ରହିଛି ।

# ସାଇବର ଠକଙ୍କୁ ବ୍ୟାଙ୍କ ଆକାଉଣ୍ଟ ଭଡା, ୩ ଜଣଙ୍କୁ ବାନ୍ଧିଲା ପୁଲିସ

ପାଟନା : ସାଇବର ଠକଙ୍କୁ ଭଡାରେ ଦେଉଥିବା ବ୍ୟାଙ୍କ ଆକାଉଣ୍ଟ ମାମଲାରେ ଗିରଫ ଅଭିଯୁକ୍ତମାନେ ହେଉଛନ୍ତି- ପ୍ରଭାକର, ଅମିତ ଏବଂ ଦୀପକ ।ସେମାନଙ୍କ ଆକାଉଣ୍ଟ ମାଧ୍ୟମରେ ହେଉଥିବା ପ୍ରତ୍ୟେକ କାରବାର ପାଇଁ ସେମାନେ ପାଉଥିଲେ ୩,୦୦୦ ରୁ ୫,୦୦୦ ଟଙ୍କା। ସେମାନଙ୍କ ଆକାଉଣ୍ଟ ଦେଇ ସାଇବର ଠକମାନେ ପ୍ରାୟ ୨୫ କୋଟି ଟଙ୍କାର କାରବାର କରିଥିବା ପୁଲିସ କହିଛି ।ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣ 'ରାପିଡୋ' ରେ ବାଇକ୍-ଟ୍ୟାକ୍ସି ଚାଳକ ଭାବେ କାମ କରୁଥିବା ବେଳେ ତୃତୀୟ ଜଣକ ସାଇବର ଠକେଇ ନେଟୱାର୍କକୁ ବ୍ୟାଙ୍କ ଆକାଉଣ୍ଟ ଭଡ଼ାରେ ଦେବାରେ ସଂପୃକ୍ତ ଅଛନ୍ତି ।ପୁଲିସ କହିଛି ଯେ, ଅନଲାଇନ୍ ଠକେଇ ସହ ଜଡ଼ିତ ଟଙ୍କା ଗ୍ରହଣ ଏବଂ ଟ୍ରାନ୍ସଫର କରିବା ପାଇଁ ଏକ ଆନ୍ତଃରାଜ୍ୟ ସାଇବର ଅପରାଧ ସିଣ୍ଡିକେଟ୍ ଦ୍ୱାରା ଏହି ଆକାଉଣ୍ଟଗୁଡ଼ିକୁ ବ୍ୟବହାର କରାଯାଉଥିଲା ।ପାଟନା ର ସାଇବର ପୁଲିସ ଷ୍ଟେସନର ଇନଚାର୍ଜ ଡିଏସପି ସଙ୍ଗୀତା କୁମାରୀ କହିଛନ୍ତି ଯେ, ଏହି ତିନି ଜଣଙ୍କ ବିରୋଧରେ ସାଇବର ଠକେଇର ଶିକାର ହୋଇଥିବା କିଛି ଲୋକ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲରେ ଅଭିଯୋଗ କରିଥିଲେ । ପୁଲିସ ଅଭିଯୁକ୍ତଙ୍କୁ ପାଟନାରୁ ଏବଂ ତୃତୀୟ ଜଣଙ୍କୁ ବିହାରର ବକ୍ସର ଜିଲ୍ଲାରୁ ଗିରଫ କରିଛି ।

# ମଣିପୁରରେ ୪୬ କ୍ୟାଡରଙ୍କ ଆତ୍ମସମର୍ପଣ

ଇମ୍ଫାଲ: ମଣିପୁରରେ ନିଷିଦ୍ଧ ସଂଗଠନ କାଙ୍ଗଲେଇପାକ କମ୍ୟୁନିଷ୍ଟ ପାର୍ଟି-ତାଇବାଙ୍ଗନାବା (କେସିପି-ତାଇବାଙ୍ଗନାବା)ର ମୁଖ୍ୟ ହାଓବିଜାମ ଦିଲୀପ ଓରଫ ତାଇବାଙ୍ଗନାବାଙ୍କ ସମେତ ୪୬ ଜଣ କ୍ୟାଡର ମଙ୍ଗଳବାର ରାଜ୍ୟ ସରକାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଇମ୍ଫାଲସ୍ଥିତ ପ୍ରଥମ ମଣିପୁର ରାଇଫଲ୍ସ ପରେଡ୍ ପଡ଼ିଆରେ ଆୟୋଜିତ 'ହୋମ୍ କମିଂ' କାର୍ଯ୍ୟକ୍ରମରେ ସେମାନେ ଆତ୍ମସମର୍ପଣ କରିଥିଲେ। ଏହି ସମୟରେ ୨୦ଟି ଅସ୍ତ୍ର, ୨୧୬ ରାଉଣ୍ଡ ଗୁଳି ଓ ୩ଟି ବିସ୍ଫୋରକ ସାମଗ୍ରୀ ସରକାରଙ୍କୁ ହସ୍ତାନ୍ତର କରାଯାଇଛି। ମଣିପୁର ମୁଖ୍ୟମନ୍ତ୍ରୀ ୟୁମ୍ନାମ ଖେମଚାନ୍ଦ ସିଂହ ଏହି କ୍ୟାଡରମାନଙ୍କୁ ସ୍ୱାଗତ କରି କହିଛନ୍ତି, ହିଂସା ଓ ଅସ୍ତ୍ର ମଣିପୁରରେ ଶାନ୍ତି ଆଣିପାରିବ ନାହିଁ। ଅବଶିଷ୍ଟ କ୍ୟାଡରମାନେ ମଧ୍ୟ ଅସ୍ତ୍ର ଛାଡ଼ି ମୁଖ୍ୟସ୍ରୋତକୁ ଫେରିଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ସରକାରଙ୍କ କହିବା ଅନୁସାରେ, ଏହି ଆତ୍ମସମର୍ପଣ ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇବା ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କେସିପି-ତାଇବାଙ୍ଗନାବାର ସ୍ୱଘୋଷିତ ଅଧ୍ୟକ୍ଷ ଦିଲୀପଙ୍କୁ ଚଳିତ ବର୍ଷ ମେ ୨୮ରେ ନୂଆଦିଲ୍ଲୀରୁ ଦିଲ୍ଲୀ ପୁଲିସର ସ୍ପେସାଲ ସେଲ୍, ମଣିପୁର ପୁଲିସ ଓ କେନ୍ଦ୍ରୀୟ ଗୁଇନ୍ଦା ଏଜେନ୍ସିର ମିଳିତ ଟିମ୍ ଗିରଫ କରିଥିଲା। ପରେ ଜୁନ୍ ୧ରେ ମଣିପୁର ପୁଲିସ ତିହାର ଜେଲରୁ ତାଙ୍କୁ ପୁଣି ଗିରଫ କରି ବେଆଇନ ଚାନ୍ଦା ଆଦାୟ ଓ ଅନ୍ୟ ଆପରାଧିକ କାର୍ଯ୍ୟକଳାପ ମାମଲାରେ ଟ୍ରାନ୍ଜିଟ୍ ରିମାଣ୍ଡରେ ନେଇଥିଲା।



ଏହା ପୂର୍ବରୁ ୨୦୨୨ ମେ ୨୦ରେ ବିଷ୍ଣୁପୁର ଜିଲ୍ଲାରୁ ମଧ୍ୟ ଦିଲୀପ ଗିରଫ ହୋଇଥିଲେ। ପରେ ଚିକିତ୍ସା ଆଧାରରେ ଜାମିନରେ ମୁକ୍ତ ହୋଇଥିଲେ। ଆତ୍ମସମର୍ପଣ ଓ ପୁନର୍ବାସ ଯୋଜନା ଅଧୀନରେ ଫେରିଥିବା କ୍ୟାଡରମାନଙ୍କୁ ୩୬ ମାସ ପର୍ଯ୍ୟନ୍ତ ମାସିକ ସର୍ବାଧିକ ୬ ହଜାର ଟଙ୍କା ଆର୍ଥିକ ସହାୟତା ମିଳିବ। ଏଥିସହ ପ୍ରତ୍ୟେକଙ୍କ ବ୍ୟାଙ୍କ ଖାତାରେ ଫିକ୍ସଡ୍ ଡିପୋଜିଟ୍ ଭାବେ ଏକକାଳୀନ ୪ ଲକ୍ଷ ଟଙ୍କା ଦିଆଯିବ।

## ଦିଲ୍ଲୀ ଜଳ ବୋର୍ଡ ଦୁର୍ନୀତି ମାମଲା

# ଆପ୍ ନେତା ସତ୍ୟେନ୍ଦ୍ର ଜୈନ ଗିରଫ

ନୂଆଦିଲ୍ଲୀ: ଦିଲ୍ଲୀ ଜଳ ବୋର୍ଡ (ଡିଜେବି)ରେ କଥିତ ଦୁର୍ନୀତି ମାମଲାରେ ଆମ୍ ଆଦ୍ମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ଦିଲ୍ଲୀ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଦିଲ୍ଲୀର ଦୁର୍ନୀତି ନିରୋଧୀ ଶାଖା (ଏସିବି) ଏହି କାର୍ଯ୍ୟାନୁଷ୍ଠାନ ନେଇଛି।ଡିଜେବି ସହ ଜଡ଼ିତ ଦୁର୍ନୀତି ମାମଲାରେ ଜୈନଙ୍କ ବିରୋଧରେ ଏସିବି ପୂର୍ବରୁ ମାମଲା ରୁଜୁ କରିଥିଲା। ମାମଲାଟି ଦିଲ୍ଲୀ ଜଳ ବୋର୍ଡର ବିଭିନ୍ନ ପ୍ରକଳ୍ପ ଓ ଟେଣ୍ଡରରେ ଅନିୟମିତତା ସମ୍ପର୍କିତ। ଗତ ବର୍ଷ ଜୁଲାଇରେ ମଧ୍ୟ ଏହି ମାମଲା ସହ ଜଡ଼ିତ ଅର୍ଥ ହେରଫେର ଅଭିଯୋଗ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜୈନଙ୍କୁ ପଚରାଉଚରା କରିଥିଲା।ଏହି ମାମଲାର ମୂଳ ଅଭିଯୋଗ ଡିଜେବିର ସ୍ୱେଜ୍



ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ (ଏସ୍ଟିପି) ସମ୍ପର୍କିତ କାମର ଟେଣ୍ଡର ପ୍ରଦାନକୁ ନେଇ। ତଦନ୍ତକାରୀ ସଂସ୍ଥାର ଅଭିଯୋଗ ଅନୁସାରେ, ଚାରିଟି ଏସ୍ଟିପି ଟେଣ୍ଡର ସହ ଜଡ଼ିତ ଅନିୟମିତତା ମାଧ୍ୟମରେ ପ୍ରାୟ ୧୭.୭୦ କୋଟି ଟଙ୍କାର ଅର୍ଥ ହେରଫେର ହୋଇଥିବା ଅଭିଯୋଗ ରହିଛି। ଏହି ମାମଲାରେ ଇଡି ପରେ ଜୈନଙ୍କ ସମେତ ୧୪ ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରିଥିଲା। ସତ୍ୟେନ୍ଦ୍ର ଜୈନ ପୂର୍ବତନ ଦିଲ୍ଲୀ ସରକାରରେ ସ୍ୱାସ୍ଥ୍ୟ, ଜଳ, ବିଦ୍ୟୁତ୍, ଲୋକ ନିର୍ମାଣ ଓ ସହର ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ। ୨୦୨୨ରେ ଅନ୍ୟ ଏକ ଅର୍ଥ ହେରଫେର ମାମଲାରେ ଇଡି ତାଙ୍କୁ ଗିରଫ କରିଥିଲା।

# ମୁମ୍ବାଇରେ ପରିବାରକୁ ହତ୍ୟା କରି ଜୀବନ ହାରିଲେ ନୌସେନା କର୍ମଚାରୀ

ମୁମ୍ବାଇ: ଦକ୍ଷିଣ ମୁମ୍ବାଇର ନେଭି ନଗର ଅଞ୍ଚଳରେ ଜଣେ ଭାରତୀୟ ନୌସେନା କର୍ମଚାରୀ ଓ ତାଙ୍କ ପରିବାରର ୩ ସଦସ୍ୟଙ୍କ ମୃତ୍ୟୁ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ୩୦ ବର୍ଷୀୟ ପୂରଣମଲ ଶମ୍ଭୁଲାଲ ମେହରାଙ୍କୁ ଶନିବାର ତାଙ୍କ ଆବାସିକ କ୍ୱାର୍ଟରରେ ମୃତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ତାଙ୍କ ୨୮ ବର୍ଷୀୟା ପତ୍ନୀ ଓମା, ୩ ବର୍ଷର ପୁଅ ଯଶ ଓ ୨ ମାସର ଶିଶୁ ମଧ୍ୟ ସେଠାରେ ମୃତ ଅବସ୍ଥାରେ ମିଳିଥିଲେ। ପ୍ରାଥମିକ ତଦନ୍ତରେ ଏହା ପରିବାରକୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବା ଘଟଣା ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି।ତଦନ୍ତକାରୀଙ୍କ ସୂତ୍ର ଅନୁସାରେ, ଅଗଷ୍ଟ ୧୪ ରାତି ପ୍ରାୟ



୧୧ଟା ସମୟରେ ରାଜସ୍ଥାନର ମୂଳ ବାସିନ୍ଦା ପୂରଣମଲ ତାଙ୍କ ମା'ଙ୍କୁ ହ୍ୱାଟ୍ସଆପ୍ରେ ଏକ ମେସେଜ୍ ପଠାଇଥିଲେ। ଏଥିରେ ସେ 'ଆସ, ଆମ ମଲା ଶରୀରଗୁଡ଼ିକ ନେଇଯାଅ' ବୋଲି ଲେଖିଥିଲେ। ପରଦିନ ସକାଳେ ମା' ମେସେଜ୍ଟି ଦେଖି ତାଙ୍କୁ ଫୋନ୍ କରିଥିଲେ। ଫୋନ୍ରେ ଯୋଗାଯୋଗ ନହେବାରୁ ପୂରଣମଲଙ୍କ ବାପା ଶମ୍ଭୁଲାଲ ମେହରା ନୌସେନା କଣ୍ଟ୍ରୋଲ୍ ରୁମ୍କୁ ସୂଚନା ଦେଇଥିଲେ। ଏହାପରେ ତାଙ୍କ ଆବାସକୁ ଯାଇ ଚାରିଜଣଙ୍କୁ ମୃତ ଅବସ୍ଥାରେ ଠାବ କରାଯାଇଥିଲା। ଘଟଣାର ତଦନ୍ତ ବେଳେ ପୂରଣମଲ ଓ ତାଙ୍କ ପତ୍ନୀଙ୍କ ମୋବାଇଲ୍ ଫୋନ୍ର ତଥ୍ୟ ହଟାଯାଇଥିବା ଜଣାପଡ଼ିଛି। ଡିଲିଟ୍ ହୋଇଥିବା ତଥ୍ୟ ଉଦ୍ଧାର ପାଇଁ ପୁଲିସ ସାଇବର ବିଶେଷଜ୍ଞଙ୍କ ସହାୟତା ନେଉଛି। ଏହା ସହ ଘଟଣାର ପ୍ରକୃତ କାରଣ ଓ ପୂରା ଘଟଣାକ୍ରମ ଜାଣିବା ପାଇଁ ପୁଲିସ ପରିଚିତ ବ୍ୟକ୍ତି, ସହକର୍ମୀ ଓ ପଡ଼ୋଶୀଙ୍କ ବୟାନ ରେକର୍ଡ କରିବ। ପ୍ରାଥମିକ ତଦନ୍ତରେ ପୂରଣମଲ ପରିବାର ଓ ଆର୍ଥିକ ସମସ୍ୟାକୁ ନେଇ ଚାପରେ ଥିବା ଏବଂ ମୁମ୍ବାଇର ଏକ ହସ୍ପିଟାଲ୍ରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ବିବାହର ୪ ବର୍ଷ ମଧ୍ୟରେ ପୂରଣମଲ ଓ ଓମାଙ୍କ ମଧ୍ୟରେ ବାରମ୍ବାର ବିବାଦ ହେଉଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି। ଘଟଣାର କିଛି ଦିନ ପୂର୍ବରୁ ପୂରଣମଲଙ୍କ ବାପା ମୁମ୍ବାଇ ଆସି ତାଙ୍କୁ ପରିବାର ସହ ଘରକୁ ଫେରିଯିବାକୁ କହିଥିଲେ। କିନ୍ତୁ ପୂରଣମଲ ରାଜି ହୋଇନଥିଲେ ଏବଂ ପରେ ଦୁହିଁଙ୍କ ମଧ୍ୟରେ ଫୋନ୍ରେ ତୀବ୍ର ଯୁକ୍ତିତର୍କ ହୋଇଥିବା ସୂଚନା ମିଳିଛି। ପରିବାରର ମୃତ୍ୟୁ ପଛରେ ପ୍ରକୃତ କାରଣ କ'ଣ ଥିଲା, ତାହା ଜାଣିବାକୁ ପୁଲିସ ତଦନ୍ତ କରୁଛି। ଫରେନ୍ସିକ୍ ରିପୋର୍ଟକୁ ମଧ୍ୟ ଅପେକ୍ଷା କରାଯାଇଛି। ଭାରତୀୟ ନୌସେନା ଏହି ଘଟଣାକୁ ଦୁଃଖଦ ବୋଲି କହିବା ସହ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଥିବା କହିଛି।

# ଗାଲେ ଟେଷ୍ଟ : ବିଜୟଠୁ ୬ ୱିକେଟ୍ ଦୂରରେ ଭାରତ

କଲମ୍ବୋ, ୧୮।୮ (ଏଜେନ୍ସି) : ଭାରତ ଓ ଶ୍ରୀଲଙ୍କା ପ୍ରଥମ ଟେଷ୍ଟ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି । ଭାରତ ବିଜୟଠାରୁ ୬ ୱିକେଟ୍ ଦୂରରେ ଥିବାବେଳେ ଶ୍ରୀଲଙ୍କାକୁ ଜିତିବା ପାଇଁ ପଞ୍ଚମ ଦିନ ୨୮୮ରନ୍‌ର ଆବଶ୍ୟକତା ରହିଛି । ଚତୁର୍ଥ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ଶ୍ରୀଲଙ୍କା ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ୩୪ ଓଭରରେ ୪ ୱିକେଟ୍ ହରାଇ ୮୪ରନ୍ କରିଛି । ଧନଞ୍ଜୟ ଡି'ସିଲ୍‌ଭା ୩୧ ଓ ସୋନାଲ ଦିନୁଶା ୨୫ରନ୍ କରି ଅପରାଜିତ ଅଛନ୍ତି । ଭାରତ ପ୍ରଥମ ପାଳିରେ ୪୭୨ରନ୍ ଓ ଦ୍ୱିତୀୟ ପାଳିରେ ୧୯୩ ରନ୍ କରିଥିଲା । ଜବାବରେ ଶ୍ରୀଲଙ୍କା ପ୍ରଥମ ପାଳିରେ ୨୮୪ରନ୍ କରି ଇନିଂସ୍ ପଛୁଆ ରହିଥିଲା । ଶ୍ରୀଲଙ୍କା ପାଇଁ ୩୭୨ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଦଳ ଦ୍ୱିତୀୟ ପାଳିତରେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ



ହୋଇ ୮୪/୪ରନ୍ କରିଛି । ପ୍ରଥମ ଇନିଂସ୍‌ରେ ଭାରତ ୧୭୮ରନର ଅଗ୍ରଣୀ ହାସଲ କରି ଚତୁର୍ଥ ଦିନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ରିଷଭ ପନ୍ତଙ୍କ ୬୬ ଓ ଦେବଦତ୍ତ ପଡିକାଲଙ୍କ ୪୪ରନ୍‌କୁ ଛାଡି ଅନ୍ୟ କୌଣସି ବ୍ୟାଟର ଶ୍ରୀଲଙ୍କା ବୋଲରଙ୍କ ସାମ୍ନା କରିପାରି ନଥିଲେ । ଶେଷରେ ଭାରତୀୟ ଦଳ ଦ୍ୱିତୀୟ ଇନିଂସ୍‌ରେ ୪୮.୫ଓଭର ବ୍ୟାଟିଂ କରି ୧୯୩ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଫଳରେ ଶ୍ରୀଲଙ୍କାକୁ ମ୍ୟାଚ୍ ଜିତିବା ପାଇଁ ୩୭୨ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା । ଏହି ଟାର୍ଗେଟକୁ ପିଛା କରୁଥିବା ଶ୍ରୀଲଙ୍କା ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ନିଶାନ ମଧୁଶଙ୍କା ମାତ୍ର ୬ରନ୍ କରି ପୁଣିଥରେ ମହମ୍ମଦ ସିରାଜଙ୍କ ଶିକାର ହୋଇଥିଲେ । ଲାହିରୁ ୧୬ରନ୍ କରି ମାନବ ସୂତାରଙ୍କ ଦ୍ୱାରା ଆଉଟ୍ ହୋଇଥିଲେ । ଦିନେଶ ଚାଣ୍ଡିମଲଙ୍କ ସବ୍‌ଷ୍ଟିଚ୍ୟୁଟ୍‌ରେ ଆସିଥିବା ପାସିନ୍ଦୁ ସୂର୍ଯ୍ୟବନ୍ଦରା ସମସ୍ତଙ୍କୁ ନିରାଶ କରିଥିଲେ । ପାସିନ୍ଦୁ କୌଣସି ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନ ଅନ୍ତର୍ଜାତୀୟ ଡେବ୍ୟୁ କରିବାର ବିରଳ ରେକର୍ଡ କରିଛନ୍ତି । ସେ ଡେବ୍ୟୁ ମ୍ୟାଚ୍‌ରେ ଖାତା ଖୋଲିପାରି ନାହାନ୍ତି । ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ବଲରେ ମାନବ ସୂତାରଙ୍କ ଦ୍ୱାରା ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ । ଅଭିଜ୍ଞ କାମେନ୍ଦୁ ମେଣ୍ଡିସ କେବଳ ୨ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଶିକାର ହୋଇଥିଲେ । ଶ୍ରୀଲଙ୍କା ୪୭ରନ୍ ମଧ୍ୟରେ ୪ ୱିକେଟ୍ ହରାଇ ସଂଘର୍ଷ କରୁଥିବା ବେଳେ ସୋନାଲ ଦିନୁସ ଓ ଧନଞ୍ଜୟ ଡି'ସିଲ୍‌ଭା ଆକର୍ଷଣୀୟ ଇନିଂସ୍ ଆରମ୍ଭ କରିଛନ୍ତି । ଡି'ସିଲ୍‌ଭା ୭୩ ବଲ୍‌ର ସମ୍ମୁଖୀନ ହୋଇ ୩୧ରନ୍ ଓ ସୋନାଲ ୩୬ ବଲ୍‌ରୁ ୨୫ରନ୍ କରି ଶ୍ରୀଲଙ୍କାର ବ୍ୟାଟିଂ ମଙ୍ଗ ଧରିଛନ୍ତି । ଶେଷ ଦିନରେ ଭାରତକୁ ୬ ୱିକେଟ୍ ଏବଂ ଶ୍ରୀଲଙ୍କାକୁ ୨୮୮ରନ୍‌ର ଆବଶ୍ୟକତା ରହିଛି । ଯଦି ବୁଧବାର ବର୍ଷା ନହୁଏ ତେବେ ମ୍ୟାଚ୍‌ର ଫଳାଫଳ ଭାରତ ସପକ୍ଷରେ ଯିବାର ଯଥେଷ୍ଟ ସମ୍ଭାବନା ରହିଛି ।

# ହକି ବିଶ୍ୱକପରେ ଓଡ଼ିଆ ଝିଅଙ୍କ କମାଲ

ନୂଆଦିଲ୍ଲୀ,୧୮।୮ (ଏଜେନ୍ସି): ବେଲଜିୟମରେ ଚାଲିଥିବା ମହିଳା ବିଶ୍ୱକପରେ ଭାରତୀୟ ଦଳ ଏକତରଫା ବିଜୟ ହାସଲ କରିଛି । କମାଲ କରିଛନ୍ତି ଓଡ଼ିଆ ଝିଅ ସୁନେଲିତା ଟପ୍ପୋ । ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ରେ ସୁନେଲିତା ଆରମ୍ଭ କରିଥିଲେ ଗୋଲ । ଆଉ ଭାରତୀୟ ମହିଳା ଟିମ ଗୋଲ ବର୍ଷା କରି ଦକ୍ଷିଣ ଆଫ୍ରିକାକୁ ୬-୧ରେ ହରାଇ ଦେଇଛି । ଏହା ବିଶ୍ୱକପରେ ଭାରତୀୟ ମହିଳା ଟିମର ସର୍ବବୃହତ୍ତ ବିଜୟ । ଭାରତୀୟ ମହିଳା ଖେଳାଳିଙ୍କ ଆଗରେ ଦକ୍ଷିଣ ଆଫ୍ରିକା ଶେଷ କ୍ୱାର୍ଟରକୁ ଛାଡ଼ି ଦେଲେ ଆଉ କୌଣସି ସମୟରେ ମଧ୍ୟ ଆଦୌ ତିଷ୍ଠି ପାରି ନଥିଲା । ଶେଷ ମ୍ୟାଚ୍ରେ ଭାରତୀୟ ମହିଳା ଦଳ ନ୍ୟୁଜିଲାଣ୍ଡକୁ ଭେଟିବ । ମ୍ୟାଚ୍ ଆରମ୍ଭରୁ ଭାରତୀୟ ଟିମ ଦବଦବା ଦେଖାଇଥିଲା । ମାତ୍ର କିଛି ମିନିଟ ମଧ୍ୟରେ ସୁନେଲିତା ଟପ୍ପୋ ଦେଶ ପାଇଁ ଗୋଲର ଶୁଭାରମ୍ଭ କରିଥିଲେ । ଏହାପରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଅଭିଜ୍ଞ ନବନୀତ କୌର ଗୋଲରେ ପରିଣତ କରି ସ୍ଥିତିକୁ ୨-୦ କରି ଦେଇଥିଲେ । ପ୍ରଥମ କ୍ୱାର୍ଟରରେ ଦଳ ୨ଟି ଗୋଲ ଦେଇଥିଲା । ଦ୍ୱିତୀୟ କ୍ୱାର୍ଟରରେ ସୁଶିଲା ଚାନୁ ଏକମାତ୍ର ଗୋଲ କରିଥିଲା । ହାଫ ଟାଇମ ସୁଦ୍ଧା ଭାରତ ୩-୦ରେ ଲିଡ୍ ନିଜ ପାଖରେ ରଖିଥିଲା । ଏହି କ୍ୱାର୍ଟରରେ ମୋଟ ୩ଟି ଗୋଲ ହୋଇଥିଲା । ଦୀପିକା, ଲାଲରେମସିଆମି ହମାରଜୋଟେ ଓ ସାକ୍ଷୀ ରାଣା ଗୋଟିଏ ଲେଖାଏ ଗୋଲ




ଦେଇଥିଲେ । ୪ର୍ଥ କ୍ୱାର୍ଟର ଆରମ୍ଭ ହେବା ବେଳକୁ ଦକ୍ଷିଣ ଆଫ୍ରିକା ୦-୬ରେ ପଛରେ ଥିଲା । ତଥାପି ଦଳ ଆକ୍ରମଣ କରିବାକୁ ପଛାଇ ନଥିଲା । ମ୍ୟାଚ୍ ଶେଷ ହେବାକୁ ମାତ୍ର ୬ ମିନିଟ ଥିବା ବେଳେ ଦକ୍ଷିଣ ଆଫ୍ରିକାକୁ ମିଳିଥିଲା ପିସି । ଏହାକୁ କାୟାଲା ଡେୱାଲ ଗୋଲରେ ପରିଣତ କରି ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ପାଇଁ ଖାତା ଖୋଲିଥିଲେ । ଶେଷରେ ଭାରତୀୟ ଟିମ ୬-୧ରେ ମ୍ୟାଚ୍ ଜିତି ନେଇଛି ।

# ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରୁ ଭୁବନେଶ୍ୱର ବି ଡିଭିଜନ ଫୁଟବଲ ଲିଗ

ଭୁବନେଶ୍ୱର, ୧୮।୮ (ସବ୍ୟୁ): ଭୁବନେଶ୍ୱର ଆଥଲେଟିକ ଆସୋସିଏସନର ଆନୁକୂଲ୍ୟରେ ପ୍ରତି ବର୍ଷ ଅନୁଷ୍ଠିତ ହେଉ ଥିବା "ଗତିକୃଷ୍ଣ ପଣ୍ଡା ସ୍ମାରକୀ ଭୁବନେଶ୍ୱର "ବି" ଡିଭିଜନ ଫୁଟବଲ ଲିଗ" ଚଳିତ ବର୍ଷ ସେପ୍ଟେମ୍ବର ପ୍ରଥମ ସପ୍ତାହ ଠାରୁ ଆୟୋଜିତ ହେବ ବୋଲି ସଂଘର ସାଧାରଣ ସମ୍ପାଦକ, ଡଃ ସୌର୍ଯ୍ୟ ରଞ୍ଜନ ପରିଜା ଜଣେଇଛନ୍ତି । ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ ପରିସୀମା ମଧ୍ୟରେ ଅବସ୍ଥିତ ସ୍ୱୀକୃତି ପ୍ରାପ୍ତ ସ୍କୁଲ/କଲେଜ, ରେଜିଷ୍ଟର୍ଡ କ୍ଲବ/ସଂଗଠନ, ସରକାରୀ/ ଅର୍ଦ୍ଧ ସରକାରୀ ଅଫିସ ଆଦି ଅନୁଷ୍ଠାନ ଗୁଡିକ ଭାଗ ନେଇ ପାରିବେ । କୌଣସି ଅଣ-ରେଜିଷ୍ଟର୍ଡ କ୍ଲବ/ସଂଗଠନ ପ୍ରତିଯୋଗିତାରେ ଭାଗ ନେଇ ପାରିବେ ନାହିଁ । ଯଦି କୌଣସି ଅନୁଷ୍ଠାନ ବା ସଂସ୍ଥା ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ କିନ୍ତୁ ତାହା ଏହି ଆସୋସିଏସନ ସହ ଅନୁବନ୍ଧିତ ନୁହନ୍ତି, ତେବେ ସେମାନଙ୍କୁ ନିଜ ସଂସ୍ଥାର ଗତ ତିନି ବର୍ଷର କ୍ରୀଡା ସମ୍ବନ୍ଧୀୟ କାର୍ଯ୍ୟ କଳାପର ସହିତ ଉକ୍ତ ଆସୋସିଏସନର କୌଣସି ଦୁଇ ଜଣ ଆଜୀବନ କିମ୍ବା ବାର୍ଷିକ ସଦସ୍ୟଙ୍କ ଠାରୁ ଲିଖିତ ଭାବେ ସୁପାରିଶ ଦାଖଲ କରିବାକୁ ହେବ ।ଭୁବନେଶ୍ୱର ଫୁଟବଲ ଲିଗରେ ଯୋଗ ଦେବାକୁ ଆଗ୍ରହୀ ଥିବା ଅନୁଷ୍ଠାନ/ସଂସ୍ଥା ଗୁଡିକ ନିଜ ସଂସ୍ଥାର ଲେଟର ହେଡ଼ରେ ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କ ଦସ୍ତଖତରେ ନିଜର ସମ୍ମତି ପତ୍ର ଦାଖଲ କରିବେ । ଏହି ସମ୍ମତି ପତ୍ର ସହ ଅତି ବେଶୀରେ 18 ଜଣ ଖେଳାଳିଙ୍କ ପୁରା ନାମ, ପିତାଙ୍କ ନାମ, ବର୍ତ୍ତମାନର ପୋଷ୍ଟାଲ ଠିକଣା, ଜନ୍ମ ତାରିଖ, ମୋବାଇଲ ଫୋନ ନମ୍ବର ଓ ସେମାନଙ୍କ ପୁରା ଦସ୍ତଖତ ଏବଂ ଦଳର ମ୍ୟାନେଜର ଓ କୋଚଙ୍କ ନାମ ଓ ମୋବାଇଲ ଫୋନ ନମ୍ବର ମଧ୍ଧ ସଂସ୍ଥାର ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କ ଦସ୍ତଖତରେ ଦାଖଲ ହେବ । ଖେଳାଳି ମାନଙ୍କ ବର୍ତ୍ତମାନର ଦୁଇଟି ପାସପୋର୍ଟ ସାଇଜ ରଙ୍ଗୀନ ଫଟୋ, ଆଧାର ଓ ବାର୍ଥ ସାର୍ଟିଫିକେଟର ଫଟୋକପି ମଧ୍ଧ ସଂଲଗ୍ନ କରାଯିବ । ସମ୍ମତି ପତ୍ର ଓ ଖେଳାଳିଙ୍କ ତାଲିକା ଭୁବନେଶ୍ୱର ୟୁନିଟ-୧ ସ୍ଥିତ ଆସୋସିଏସନର କାର୍ଯ୍ୟାଳୟରେ ଆସନ୍ତା ତା-30/08/2026 ରିଖ ସୁଦ୍ଧା ଦାଖଲ କରିବେ । ସବୁ ଦଳର ଖେଳାଳି ମାନଙ୍କ ସମ୍ପୂର୍ଣ୍ଣ ତାଲିକା ମିଳିବା ପରେ "ସିଆରଏସ" ପୋର୍ଟାଲରେ ଖେଳାଳି ମାନଙ୍କ ଅନଲାଇନ ରେଜିଷ୍ଟ୍ରେସନ ହେବ । ରେଜିଷ୍ଟ୍ରେସନ ସମୟରେ ଖେଳାଳିମାନଙ୍କୁ ନିଜର ଅରିଜିନାଲ ଆଧାର ଓ ବାର୍ଥ ସାର୍ଟିଫିକେଟ ଦେଖେଇବାକୁ ପଡିବ । ବିଶଦ ବିବରଣୀ ପାଇଁ ସୌର୍ଯ୍ୟ ରଞ୍ଜନ ପରିଜା (ଦୂରଭାଷ ନମ୍ବର-9861065198) କିମ୍ବା ଦିଲୀପ କୁମାର ଦାସ (ଦୂରଭାଷ ନମ୍ବର-6372887069) ସହ ଯୋଗାଯୋଗ କରିବାକୁ ଭୁବନେଶ୍ୱର ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ଡଃ ସୌର୍ଯ୍ୟ ରଞ୍ଜନ ପରିଜା ଅନୁରୋଧ କରିଛନ୍ତି ।

### ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ

# କିଟ୍ ବିପକ୍ଷରେ ୟୁନିଟ୍-୧ ହାଇସ୍କୁଲର ଗୋଲ ବର୍ଷା

ଭୁବନେଶ୍ୱର, ୧୮।୮ (ସବ୍ୟୁ) : ୟୁନିଟ୍-୧ ଫୁଟବଲ ଗ୍ରାଉଣ୍ଡରେ ଭୁବନେଶ୍ୱରର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୩୫ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜାରି ରହିଛି । ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟ ୧୬-୦




ଗୋଲରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲକୁ ଧରାଶାୟୀ କରିଛି । ୟୁନିଟ୍-୧ ବିଦ୍ୟାଳୟର ଗୋଲ୍‌ବର୍ଷା ଆଗରେ କିଟ୍ ଅତ୍ୟନ୍ତ ମାମୁଲି ପ୍ରଦର୍ଶନ ଦେଖାଇଥିଲା । ବିଜୟୀ ୟୁନିଟ୍-୧ ବିଦ୍ୟାଳୟର ରତ୍ନମଣି ହେମ୍ବ୍ରମ୍ ସର୍ବାଧିକ ୬ଟି, ସୂର୍ଯ୍ୟକୁମାର ଗାଇପାଇ ୫ଟି, ନାନୁ କିସ୍କୁ ୨ଟି, ମାନା ସୋରେନ ୨ଟି ଏବଂ ମଦନ ହାଇବ୍ରୁ ଗୋଟିଏ ଗୋଲ୍ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଜୟନ୍ତ ମହାପାତ୍ରଙ୍କ ପୁଅ ଜିତେନ୍ଦ୍ର କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ରତ୍ନମଣି ହେମ୍ବ୍ରମ୍‌କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ରେଫରୀ ସୁଜିତ କୁମାର ପାତ୍ରୋ, ପ୍ରିଜୟ ମଙ୍ଗରାଜ, ସାଇଗ୍ରାମ୍ କିସ୍କୋ ଏବଂ ସୁଜିତ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ ।

### ଅଶୋକ ପଟ୍ଟନାୟକ ସ୍ମାରକୀ କ୍ରୀଡ଼ା ପ୍ରତିଯୋଗିତା

# ସମୀକ୍ଷା, ଶୁଭଲକ୍ଷ୍ମୀ, ସୁରେଶ, ସର୍ବେଶ୍ୱର, ସୁକେଶ, ଶକ୍ତି, ଚକ୍ରଧରଙ୍କୁ ସ୍ୱର୍ଣ୍ଣ




ଭୁବନେଶ୍ୱର, ୧୮/୮ (ସବ୍ୟୁ) : ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍ମା)ର ଅନ୍ୟତମ କ୍ୟାଲେଣ୍ଡର୍ କାର୍ଯ୍ୟକ୍ରମ ଅଶୋକ ପଟ୍ଟନାୟକ ସ୍ମାରକୀ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉତ୍କଳ କରାଟେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ସ୍ୱର୍ଗତ କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ପରେ ବନ୍ଧୁକଚାଳନା, ବାଟୁଲି ଓ ବାହୁକୁସ୍ତି ଇଭେଣ୍ଟ୍ରେ ଓସ୍ମାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଓସ୍ମାର ପୂର୍ବତନ ସଭାପତି କେ. ରବିଙ୍କ ସହିତ ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସମୀକ୍ଷା ପଟ୍ଟନାୟକ, ଉପ ସଭାପତି ସଂଜୀବ ବିଶ୍ୱାଳ, ସମ୍ପାଦକ ତପନ ସ୍ୱାଇଁ, ଏସ୍କେଏଫଆଇ ଉପ ସଭାପତି ସୁରେଶ ସ୍ୱାଇଁ ପ୍ରମୁଖ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ । ଉତ୍କଳ କରାଟେ ସ୍କୁଲ୍ର ପ୍ରତିଷ୍ଠାତା ହରି ପ୍ରସାଦ ପଟ୍ଟନାୟକ, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଂଜନ ସ୍ୱାଇଁ, ଓଡ଼ିଶା କରାଟେ ସଂଘ ସମ୍ପାଦିକା ଗୌରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ବର୍ଗର ବିଜେତା ଖେଳାଳିଙ୍କୁ ଅଗଷ୍ଟ ୨୯ ତାରିଖରେ ଉତ୍କଳ କରାଟେ ସ୍କୁଲ୍ର ପ୍ରତିଷ୍ଠା ଦିବସ ଅବସରରେ ପୁରସ୍କୃତ କରାଯିବ ।ବନ୍ଧୁକଚାଳନା ପ୍ରତିଯୋଗିତାରେ ମହିଳା ବର୍ଗରେ ସମୀକ୍ଷା ପଟ୍ଟନାୟକ (୫୦+ ବୟସ ବର୍ଗ) ଏବଂ ଶୁଭଲକ୍ଷ୍ମୀ ବଳ (୫୦ ବର୍ଷରୁ କମ୍)ରେ ବିଜେତା ହୋଇଥିବାବେଳେ ମହିଳା ବାହୁକୁସ୍ତିରେ ଶୁଭଲକ୍ଷ୍ମୀ ବିଜୟିନୀ ଓ ସମୀକ୍ଷା ଉପବିଜୟିନୀ ହୋଇଥିଲେ । ବନ୍ଧୁକଚାଳନାର ୫୦ରୁ କମ୍ ବୟସ ବର୍ଗରେ ଚକ୍ରଧର ମାଝୀ, ପ୍ରଫୁଲ୍ଲ କିଶୋର ସାହୁ, ଦେବାଶିଷ ସୁନ୍ଦରାୟ ଏବଂ ୫୦+ ବୟସ ବର୍ଗରେ ସର୍ବେଶ୍ୱର ମହାନ୍ତି, ସୁରେଶ ସ୍ୱାଇଁ, ସନ୍ତୋଷ ମହାନ୍ତି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ପଦକ ବିଜେତା ହୋଇଥିଲେ । ବାଟୁଲି ପ୍ରତିଯୋଗିତାରେ ସୁରେଶ ସ୍ୱାଇଁ ସ୍ୱର୍ଣ୍ଣ, ତପନ ସ୍ୱାଇଁ ରୌପ୍ୟ ଓ ବିମଳ ରାଉଳ ବ୍ରୋଞ୍ଜ ପଦକ ପାଇଥିଲେ । ୭୦ କିଲୋଗ୍ରାମରୁ କମ୍ ଓଜନ ବର୍ଗ ବାହୁକୁସ୍ତିରେ ଶକ୍ତି ପ୍ରକାଶ ନନ୍ଦ, ପ୍ରଫୁଲ୍ଲ କିଶୋର ସାହୁ, ଚକ୍ରଧର ମାଝି ଏବଂ ୭୦ କିଲୋଗ୍ରାମରୁ ଉର୍ଦ୍ଧ୍ୱ ଓଜନ ବର୍ଗରେ ସୁକେଶ ରଂଜନ ବେହେରା, ସନ୍ଦୀପ ମିଶ୍ର, ଅନାଦି କର ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ । ବନ୍ଧୁକଚାଳନା ପ୍ରତିଯୋଗିତାକୁ ଗୁରୁପଦ ମହାନ୍ତି, ରତିରଂଜନ ସ୍ୱାଇଁ, ପି ଆକାଶ କୁମାର ଏବଂ ବାଟୁଲି ପ୍ରତିଯୋଗିତାକୁ ରାଜ୍ୟ ସଂଘ ସମ୍ପାଦକ ସପନ କୁମାର ମିଶ୍ର ପରିଚାଳନା କରିଥିଲେ । ବାହୁକୁସ୍ତି ଇଭେଣ୍ଟ୍କୁ ସାଗର ସ୍ୱାଇଁ, ଜୟନ୍ତ କୁମାର ବେହେରା, ଧନେଶ୍ୱର ସାହୁ ଓ ସନତ ମାହାର ପରିଚାଳନା କରିଥିଲେ ।

# ପ୍ରାଇମ୍ ଭଲିବଲ ଲିଗ୍ ସିଜନ-୫

## ସ୍ଥାନ ପାଇଲେ କିଟ୍‌ରୁ ୩




ଭୁବନେଶ୍ୱର, ୧୮।୮ (ସବ୍ୟୁ) : ପ୍ରାଇମ୍ ଭଲିବଲ୍ ଲିଗ୍ ସିଜନ୍-୫ ନିମନ୍ତେ ଖେଳାଳି ନିଲାମ ଗୋଆରେ ଅନୁଷ୍ଠିତ ହୋଇଛି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାର ପଞ୍ଚମ ସଂସ୍କରଣ ନିମନ୍ତେ ପ୍ରଥମଥର ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ୩ଜଣ ଛାତ୍ର ନିଲାମରେ ବିକ୍ରି ହୋଇଛନ୍ତି । ତନିସ ଚୌଧୁରୀ, ମୃତ୍ୟୁଞ୍ଜୟ ମହାନ୍ତ ଓ ସାର୍ଥକ ସିଂ ଜାଡନଙ୍କୁ ପିଭିଏଲ୍‌ର ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜ୍ କିଣିଛନ୍ତି । ତନିସ ଚୌଧୁରୀ ଜଣେ ଆଟାକର ଭାବେ ପରିଚିତ । ତାଙ୍କୁ ତେଲୁଗୁ ବ୍ଲାକ୍‌ହକ୍ସ ୧୪ଲକ୍ଷ ଟଙ୍କାରେ କିଣିଛି । ସେହିଭଳି ଅନ୍ୟତମ ଆଟାକର ମୃତ୍ୟୁଞ୍ଜୟ ମହାନ୍ତଙ୍କୁ ମୁମ୍ବାଇ ମେଟ୍ରୋସ ୫ଲକ୍ଷ ଟଙ୍କା ଏବଂ ୟୁନିଭରସାଲ ଖେଳାଳି ସାର୍ଥକ ସିଂ ଯାଡବଙ୍କୁ କାଲିକଟ ହିରୋଜ ୭.୭୫ଲକ୍ଷ ଟଙ୍କାରେ କିଣିଛି । ଭଲିବଲ କ୍ରୀଡାର ବିକାଶରେ ସମର୍ପିତ କିଟ୍‌ରେ ବିଶ୍ୱସ୍ତରୀୟ ସୁବିଧାସୁଯୋଗ ରହିଛି । ବହୁ ସଂଖ୍ୟାରେ ଦକ୍ଷତାସମ୍ପନ୍ନ ଭଲିବଲ ଖେଳାଳି କିଟ୍‌ରୁ ବାହାରୁଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ତନିସ, ମୃତ୍ୟୁଞ୍ଜୟ ଓ ସାର୍ଥକଙ୍କୁ ନିଆଯାଇପାରେ । ପ୍ରାଇମ ଭଲିବଲ୍ ଲିଗ୍ (ପିଭିଏଲ୍)ର ପଞ୍ଚମ ସଂସ୍କରଣ ନଭେମ୍ବର ୩୦ରୁ ଆରମ୍ଭ ହେବ । ଏହି ପ୍ରତିଯୋଗିତା ନିମନ୍ତେ ସୋମବାର ଗୋଆରେ ଖେଳାଳି ନିଲାମ ହୋଇଥିଲା । କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ୩ ଭଲିବଲ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଓଡ଼ିଶା ରାଜ୍ୟ ରାପିଡ୍ ଏବଂ ବ୍ଲିଜ୍ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା : ଲଳିତ, ଆର୍ଯ୍ୟନ ଚାମ୍ପିଅନ

ଭୁବନେଶ୍ୱର୧୮।୮ (ସବ୍ୟୁ): ରାଜ୍ୟର ପ୍ରମୁଖ ତଥା ମର୍ଯ୍ୟାଦାଜନକ ଚେସ୍ ତାଲିମ କେନ୍ଦ୍ର, SR ଚେସ୍ ସେଣ୍ଟର ଏବଂ ପ୍ରତିଷ୍ଠିତ SB1 ଗ୍ରୁପ୍ ଅଫ୍ କମ୍ପାନୀଜ ର ମିଳିତ ସହଯୋଗରେ, ପାହାଳରେ ଥିବା ମଦର ପବ୍ଲିକ୍ ସ୍କୁଲରେ ଗତ ଦୁଇ ଦିନ ଧରି ଅନୁଷ୍ଠିତ ମର୍ଯ୍ୟଦାଜନକ ଓଡ଼ିଶା ରାଜ୍ୟ ରାପିଡ୍ ଏବଂ ବ୍ଲିଜ୍ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତାରେ ରାପିଡରେ କଟକର ଉଦୟମାନ ତାରକା ଲଳିତ ରଞ୍ଜନ ସାହୁ ଓ ବ୍ଲିଜ ରେ ଯାଜପୁରର ଆର୍ଯ୍ୟନ ବେହେରା ଚାମ୍ପିଅନ ହୋଇଛନ୍ତି ।ମୋଟ ୧,୨୦,୦୦୦ ଟଙ୍କା ପୁରସ୍କାର ରାଶି ଏବଂ ୬୦ ରୁ ଅଧିକ ଆକର୍ଷଣୀୟ ଟ୍ରଫି ଥିବା ଏହି ଖେଳରେ କୌଣସି ଓଡ଼ିଶା ରାଜ୍ୟ ମନୋନୟନ ପ୍ରତିଯୋଗିତାରେ ପ୍ରଥମ ଥର ପାଇଁ ରାପିଡ ରେ (୩୪୦ ଓ ବ୍ଲିରେ ୨୭୫) ରେକର୍ଡ ୬୦୦ ରୁ ଉର୍ଦ୍ଧ ଖେଳାଳି ଭାଗ ନେଇଥିଲେ । ଚାମ୍ପିଅନ ଲଳିତଙ୍କ ସହ ଭୁବନେଶ୍ୱରର ସି ଏମ୍ ରାଜେନ୍ଦ୍ର ସାହୁ ଦ୍ୱିତୀୟ ଓ କଟକର ବିସ୍ମୟ ବାଳିକା ପ୍ରତ୍ୟାଶା ଜେନା ତୃତୀୟ ସ୍ଥାନ ହାସଲ କରିଥିଲେ । ପ୍ରତେକ ତିନିଜଣ ଖେଳାଳି ଅପରାଜିତ ୭ଟି ବିଜୟ ଓ ଦୁଇଟି ଡ୍ର ସହ ସମାନ ୮ ପଏଣ୍ଟ ରଖି ବୁକଲୋଜ ପ୍ରଣାଳୀରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ । ବ୍ଲିଜ୍ ବିଭାଗରେ ଚାମ୍ପିଅନ ଆର୍ଯ୍ୟନ୍ ଙ୍କ ସହ ଦ୍ୱିତୀୟ ବିଶାଲ ପଟ୍ଟନାୟକ ଢେଙ୍କାନାଳ ଓ ତୃତୀୟ ବିଶ୍ୱ ଚେସ ପଦକ ବିଜେତା ସ୍ୱାତ୍ତିକ ସ୍ୱାଇଁ ମଧ୍ୟ ପ୍ରତେକ୍ ସମାନ ୮ ପଏଣ୍ଟ ପାଇ ବୁକାଲୋଜ ପ୍ରଣାଳୀରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ । ପ୍ରଥମ ଦିନର ପ୍ରଥମ ରାଉଣ୍ଡକୁ ବିଜୁପଟ୍ଟନାୟକ ପୁରସ୍କାର ପ୍ରାପ୍ତ ଦକ୍ଷ କ୍ରୀଡା ସାମ୍ବାଦିକ ବିମଳ ରାଉଳ (ପ୍ରମେୟ) ପ୍ରଥମ ଚାଲ ଚଳାଇ ଶୁଭାରମ୍ଭ କରିଥିଲେ । ଉଦଯାପନ ଉତ୍ସବରେ ରାଜ୍ୟ ଚେସ ସଂଘ ସଭାପତି ସତ୍ୟ ରଂଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଏସ ଆର ଚେସ ସେଣ୍ଟର ସଭାପତି ସୁଭାଶିଷ ପଟ୍ଟନାୟକ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ଏସ୍‌ଆର୍ବି ଆଣ୍ଡ ଆସୋସିଏଟ୍ସର ଅଂଶୀଦାର ରାଜୀବ ଶେଖର ସାହୁ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସବି୧ ଗ୍ରୁପ୍ ଅଫ୍ କମ୍ପାନିଜ୍ର ଅଧ୍ୟକ୍ଷା ବୈଜୟନ୍ତୀ ସାହୁ, ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସର ଅଧ୍ୟକ୍ଷା ପଲି ପଟ୍ଟନାୟକ, ନିର୍ଦ୍ଦେଶକ ଶ୍ରୀଜିତ୍ ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶିକା ମିନତି ସାବତ, ଅଧ୍ୟକ୍ଷା ଚିତ୍ରା ଅଜୟ, ସହ-ପ୍ରତିଷ୍ଠାତା ନବରଞ୍ଜନ ପଟ୍ଟନାୟକ ଏବଂ ପରିଚାଳନା ନିର୍ଦ୍ଦେଶିକା ରତ୍ନପର୍ଣ୍ଣା ପଟ୍ଟନାୟକ ଉପସ୍ଥିତ ଥିଲେ ।






# ୧୭ ଜଣ ପାଇବେ ଅର୍ଜୁନ ପୁରସ୍କାର

## ଖେଳରତ୍ନ ପାଇଁ ସବୁ ଅଯୋଗ୍ୟ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି) : ୨୦୨୫ବର୍ଷ ପାଇଁ ସମ୍ମାନଜନକ କ୍ରୀଡା ପୁରସ୍କାର ଘୋଷଣା ହୋଇଛି । ତାରିକା ଆଥଲେଟ୍ ତେଜସ୍ୱିନ ଶଙ୍କରଙ୍କ ସମେତ ମୋଟ ୧୭ ଜଣ ଖେଳାଳିଙ୍କୁ ସମ୍ମାନଜନକ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଶଙ୍କର ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡାର ଡେକାଥଲନରେ ଦେଶ ପାଇଁ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିଲେ । ସେ ପ୍ରଥମ ଭାରତୀୟ ଭାବେ ଡେକାଥଲନରେ ପଦକ ଜିତିବାର ଗୌରବ ଅର୍ଜନ କରିଥିଲେ । ୨୦୨୫ବର୍ଷ ପାଇଁ ଦେଶର କୌଣସି କ୍ରୀଡାବିତ୍‌ଙ୍କ ନାଁ ଖେଳରତ୍ନ ପାଇଁ ଚୟନ କରାନଯିବା ସମସ୍ତଙ୍କୁ ଚକିତ କରିଛି । କ୍ରୀଡା ମନ୍ତ୍ରଣାଳୟର ଘୋଷଣା ଅନୁସାରେ ଶଙ୍କରଙ୍କ ବ୍ୟତୀତ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଚେସ୍ ବିଶ୍ୱକପ୍ ବିଜେତା ଦିବ୍ୟା ଦେଶମୁଖ ଓ ସଟଲର ଗାୟତ୍ରୀ ଗୋପିଚାନ୍ଦ ରହିଛନ୍ତି । ତାଲିକାରେ ଚେସ୍ ଗ୍ରାଣ୍ଡମାଷ୍ଟର ବିଦିତ ଗୁଜରାଠି, ବ୍ୟାଡ୍‌ମିଣ୍ଟନ ଖେଳାଳି ତ୍ରିସା ଜଲି, ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡାରେ ରୌପ୍ୟ ପଦକ ଜିତିଥିବା ବକ୍ସର ନରେନ୍ଦ୍ର ଓ ଉଦୀୟମାନ ସୁଟର ଧନୁଶ ଶ୍ରୀକାନ୍ତ ପ୍ରମୁଖ ଅଛନ୍ତି । ଭାତର ପୂର୍ବତନ ଫୁଟ୍‌ବଲ ଖେଳାଳି ଆଇ ଅରୁମାଇ ନାୟଗମକୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ବର୍ଗରେ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ୧୯୬୨ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଫୁଟ୍‌ବଲ ଦଳର ସଦସ୍ୟ ଥିଲେ । କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟିର ସୁପାରିସ ଆଧାରରେ ବିଭିନ୍ନ ବର୍ଗରେ କ୍ରୀଡାବିତ୍, ପ୍ରଶିକ୍ଷକ ଓ ସଂସ୍ଥାଗୁଡ଼ିକୁ ପୁରସ୍କାର ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଅର୍ଜୁନ ପୁରସ୍କାର : ତେଜସ୍ୱିନୀ ଶଙ୍କର, ମହମ୍ମଦ ଅଜଭଲ, ପ୍ରିୟଙ୍କା ଗୋସ୍ୱାମୀ, ତ୍ରିଶା ଜଲି, ଗାୟତ୍ରୀ ଗୋପିଚାନ୍ଦ, ନରେନ୍ଦ୍ର, ବିଦିତ ଗୁଜରାଟି, ଦିବ୍ୟା ଦେଶମୁଖ, ଧନୁସ ଶ୍ରୀକାନ୍ତ, ଲାଲରେମସିଆମି,. ରାଜ କୁମାର ପାଲ, ସୁରଜିତ, ପୂଜା,



ରୁଦ୍ରାଂଶ ଖଣ୍ଡେଲୱାଲ, ଏକତା ଭାନ୍, ଅରବିନ୍ଦ ସିଂ, ଅଖିଲ ସିଓରାନ । ଅର୍ଜୁନ ପୁରସ୍କାର (ଲାଇଫ୍ ଟାଇମ୍) : ଆଇ ଅରୁମାଇ ନାୟଗମ୍ । ଦ୍ରୋଣାଚାର୍ଯ୍ୟ ପୁରସ୍କାର (ନିୟମିତ ବର୍ଗ) : ପରବିର ସିଂ-ଆଥଲେଟିକ୍ସ, ଛୋଟେଲାଲ ଯାଦବ-ବକ୍ସି, ନେହା ନନ୍ଦକୁମାର ଚଭନ-ସୁଟିଂ । ଦ୍ରୋଣାଚାର୍ଯ୍ୟ ପୁରସ୍କାର (ଲାଇଫ୍ ଟାଇମ୍) : ମହେନ୍ଦ୍ର ସିଂ ଜାଗ-ବକ୍ସିଂ, ବୀରେନ୍ଦ୍ର କୁମାର-କୁସ୍ତି । ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର : ଆର୍ମି, ପାରାଲିମ୍ପିକ୍ ନଡ୍, ପୁନେ - କ୍ରୀଡା ପ୍ରୋତ୍ସାହନ ଓ ବିକାଶ ଜାତୀୟ କ୍ରୀଡା ପୁରସ୍କାର ସମାରୋହ ରାଷ୍ଟ୍ରପତି ଭବନରେ ଆୟୋଜିତ ହୁଏ । ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ଅଗଷ୍ଟ ୨୯ ତାରିଖରେ ଏହି ସମାରୋହ ଆୟୋଜିତ ହେଉଛି । ଏହି ଦିନକୁ ଜାତୀୟ କ୍ରୀଡା ଦିବସ ଭାବେ ପାଳନ କରାଯାଉଛି ।






Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି

## ନୂଆପଡ଼ାରେ ଡୁଡା ସମୀକ୍ଷା ବୈଠକ
# ସହର ବିକାଶ, ରାଜସ୍ୱ ଆଦାୟ, ସ୍ୱଚ୍ଛତା ଉପରେ ଗୁରୁତ୍ୱ



ନୂଆପଡ଼ା,(ସବ୍ୟୁ): ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା)ର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ସହରାଞ୍ଚଳ ବିକାଶ, ରାଜସ୍ୱ ଆଦାୟ, ଭିତ୍ତିଭୂମି ଓ ସ୍ୱଚ୍ଛତା ସମେତ ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା ।ଡୁଡା ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ବୈଠକରେ ସ୍ୱାଗତ ଜଣାଇବା ସହ ବିଭିନ୍ନ ଯୋଜନାର ବର୍ତ୍ତମାନ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ।

ବୈଠକରେ ନୂଆପଡ଼ା, ଖଡ଼ିଆଳ ଓ ଖରିଆର ରୋଡ ଏନଏସିର ବିଭିନ୍ନ ଉନ୍ନୟନମୂଳକ ଯୋଜନା, ଆର୍ଥିକ ସ୍ଥିତି, ରାଜସ୍ୱ ଆଦାୟ, ସହରାଞ୍ଚଳ ଭିତ୍ତିଭୂମି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଅନ୍ୟାନ୍ୟ କାର୍ଯ୍ୟର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସରକାରୀ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ଓ ପାରଦର୍ଶିତା ବଜାୟ ରଖିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ସହରର ସୌନ୍ଦର୍ଯ୍ୟକରଣ ପାଇଁ ସୁଚିନ୍ତିତ କାର୍ଯ୍ୟଯୋଜନା ପ୍ରସ୍ତୁତ କରି ତାହାକୁ ସଠିକ ଭାବେ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିବା ସହ ଆବଶ୍ୟକ ସ୍ଥଳେ ଆଇନାନୁସାରେ ପରବର୍ତ୍ତୀ ପଦକ୍ଷେପ ନେବାକୁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## କଂସାରିଗୁଡ଼ା ପ୍ରକଳ୍ପକୁ ନେଇ ଆରପିଡିଏସି ବୈଠକ
# ବିସ୍ଥାପିତଙ୍କୁ ପୁନଃ କ୍ଷତିପୂରଣ, ବିକାଶ ପାଇଁ ବର୍ଷକୁ ୫୦ କୋଟି

ରାୟଗଡ଼ା,(ସବ୍ୟୁ): ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍‌ର ଶାଖା ଆଦିତ୍ୟ ଆଲୁମିନା ରିଫାଇନାରୀର କଂସାରିଗୁଡ଼ା ଖଣି ଓ ପ୍ରକଳ୍ପକୁ ନେଇ ଦୀର୍ଘ ଦୁଇ ବର୍ଷ ଏକ ମାସ ପରେ ଆରଡିସି ସ୍ତରୀୟ ୫ମ ଆରପିଡିଏସି ବୈଠକ ଅନୁଷ୍ଠିତ ହୋଇଛି । ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ବୈଠକ ସମୟରେ ସମ୍ମିଳନୀ କକ୍ଷ ବାହାରେ ପ୍ରକଳ୍ପ ପ୍ରଭାବିତ ଲୋକେ ନାରାବାଜି କରିଥିଲେ । ସେମାନେ ପ୍ରକଳ୍ପକୁ ବିରୋଧ କରୁନଥିବା ବେଳେ ନିଜକୁ ବିସ୍ଥାପିତ ଘୋଷଣା, ଉପଯୁକ୍ତ ଥଇଥାନ ଓ ଅଧିକାର ପ୍ରଦାନ ଦାବି କରିଥିଲେ । ବୈଠକରେ ରାୟଗଡ଼ା ସାଂସଦ ସପ୍ତଗିରି ଉଲ୍ଲାକା, ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆଦିତ୍ୟ ବିର୍ଲା କମ୍ପାନୀର ମୁଖ୍ୟ ମଜହର ବେକ୍‌ଙ୍କ ସମେତ ଦୁଇ ଜିଲ୍ଲାର ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି, ବିସ୍ଥାପିତ ଓ ଆର୍ପିଡିଏସି କମିଟି ସଦସ୍ୟ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରେ ବିଧାୟକ କାଡ୍ରାକା ପୂର୍ବ ବୈଠକର ନିଷ୍ପତ୍ତି ଓ ରେଜୁଲେସନ୍ ନେଇ ପ୍ରଶ୍ନ ଉଠାଇଥିଲେ। ଦୁଇ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ପୂର୍ବ ବୈଠକର ରେଜୁଲେସନ ପ୍ରଦାନ କରାଯାଇନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଚଳିତ ବୈଠକର ରେଜୁଲେସନ ଏକ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ସେ କହିଥିଲେ। ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ମନମାନି ଚଳିବ ନାହିଁ ବୋଲି ବୈଠକରେ ସ୍ପଷ୍ଟ କରାଯାଇଥିଲା। ପ୍ରତି ତିନି ମାସରେ ଜିଲ୍ଲାପାଳ ଓ ଆର୍ପିଡିଏସି ସଦସ୍ୟଙ୍କୁ ନେଇ ବୈଠକ କରାଯାଇ, ଆଲୋଚନା ଓ ନିଷ୍ପତ୍ତି ଅନୁଯାୟୀ ଉନ୍ନୟନ କାର୍ଯ୍ୟ କରାଯିବ। ପୂର୍ବରୁ ପାରିପାର୍ଶ୍ୱିକ ଉନ୍ନୟନ ବାବଦରେ ବାର୍ଷିକ ପ୍ରାୟ ୩୨ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏଣିକି ପ୍ରତିବର୍ଷ ୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ନିଷ୍ପତ୍ତି ହୋଇଛି । ଆସନ୍ତା ନଭେମ୍ବର ମାସରେ ଆରପିଡିଏସି ବୈଠକରେ ଅଞ୍ଚଳରେ ହୋଇଥିବା ନିଯୁକ୍ତିର ସମ୍ପୂର୍ଣ୍ଣ ତଥ୍ୟ ଦିଆଯିବ । ସମସ୍ତ ବିସ୍ଥାପିତ ଓ ଜମି ଅଧିଗ୍ରହଣ ହିତାଧିକାରୀଙ୍କୁ ବର୍ତ୍ତମାନର ସରକାରୀ ଦର ଅନୁଯାୟୀ ପୁନର୍ବାର କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ହୋଇଛି । ଜମି ଓ ବାସହରା ହିତାଧିକାରୀ ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ପରିବାରଙ୍କୁ ଦୁଇ ଜିଲ୍ଲାର ଜିଲ୍ଲାପାଳ ଓ କମିଟି ମାଧ୍ୟମରେ ଯାଞ୍ଚ କରାଯିବ । ଯୋଗ୍ୟ ବିସ୍ଥାପିତ ପରିବାରଙ୍କ ଚୂଡ଼ାନ୍ତ ତାଲିକା ନିୟମାନୁଯାୟୀ ଯାଞ୍ଚ ଓ ଅନୁମୋଦନ ପରେ ସାର୍ବଜନୀନ କରାଯିବାକୁ ଦାବି ହୋଇଛି । ତାଲିକାରୁ ବାଦ ପଡ଼ିଥିବା ପରିବାରଙ୍କ ପାଇଁ ସ୍ୱତନ୍ତ୍ର ଯାଞ୍ଚ ଓ ଅଭିଯୋଗ ଶୁଣାଣି ଶିବିର କରାଯିବ। ସିଏସଆର୍ ଓ ଆର୍‌ଆଣ୍ଡଆର୍ ଅଧିକାରକୁ ପୃଥକ ରଖିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବକେୟା ଅଭିଯୋଗଗୁଡ଼ିକର ୩୦ ଦିନ ମଧ୍ୟରେ ସମାଧାନ କରି ପରବର୍ତ୍ତୀ ଆର୍ପିଡିଏସି ବୈଠକରେ କମ୍ପ୍ଲାଏନ୍ସ ରିପୋର୍ଟ ଦେବାକୁ ଦାବି ହୋଇଛି । ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ପ୍ରତ୍ୟେକ ନିଷ୍ପତ୍ତିରେ କମିଟି ସଦସ୍ୟମାନଙ୍କ ମତାମତକୁ ଗୁରୁତ୍ୱ ଦେଇ ଆସୁଥିବାରୁ ବିଧାୟକ କାଡ୍ରାକା ଖୁସି ବ୍ୟକ୍ତ କରିଛନ୍ତି ।




## ସ୍ୱାଧୀନତାର ୮ ଦଶନ୍ଧି ପରେ
# ବିଦ୍ୟୁତ ଆଲୋକରେ ଆଲୋକିତ ହେଲା ଭରୁଆ ଗାଁ

ବୌଦ୍ଧ,(ସବ୍ୟୁ) : ସ୍ୱାଧୀନତାର ଆଠ ଦଶନ୍ଧି ପରେ ବୌଦ୍ଧ ଜିଲ୍ଲାର ଗୁନ୍ଥୁଲିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭରୁଆ ଗାଁର ୨୩ଟି ଗରିବ ପରିବାରଙ୍କ ଘରେ ପହଞ୍ଚିଛି ବିଦ୍ୟୁତ ଆଲୋକ । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ପ୍ରଚେଷ୍ଟାରେ 'ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା' ଅଧୀନରେ ଏହି ପରିବାରଗୁଡ଼ିକୁ ମାଗଣାରେ ବିଦ୍ୟୁତ ସଂଯୋଗ ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଗୁନ୍ଥୁଲିଆ ଗ୍ରାମ ପଞ୍ଚାୟତର ଭରୁଆ ଗାଁ ଗସ୍ତ କରି ହିତାଧିକାରୀଙ୍କ ଘରକୁ ଘର ଯାଇ ବିଦ୍ୟୁତ ସଂଯୋଗ ବାସ୍ତବରେ ପହଞ୍ଚିଛି କି ନାହିଁ ଏବଂ ଏହା ଠିକ ଭାବେ କାର୍ଯ୍ୟକ୍ଷମ ଅଛି କି ନାହିଁ, ତାହା ନିଜେ ଯାଞ୍ଚ କରିଥିଲେ । ଦୀର୍ଘଦିନ ପରେ ଘରେ ବିଦ୍ୟୁତ ଆଲୋକ ପାଇଥିବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ ।

ଗୁନ୍ଥୁଲିଆ ଅଞ୍ଚଳରେ ଦୀର୍ଘଦିନ ଧରି ଲୋ-ଭୋଲ୍ଟେଜ ସମସ୍ୟା ରହିଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହାର ସ୍ଥାୟୀ ସମାଧାନ ପାଇଁ ନିର୍ମାଣାଧୀନ ୩୩/୧୧ କେଭି ପାୱାର ଟ୍ରାନ୍ସଫର୍ମର/ଗ୍ରିଡ କାର୍ଯ୍ୟକୁ ଅତିଶୀଘ୍ର ସମାପ୍ତ କରି କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ଉପସ୍ଥିତ ବିଦ୍ୟୁତ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରାଇମେରୀ ସବ୍‌ଷ୍ଟେସନ, ପାୱାର ଟ୍ରାନ୍ସଫର୍ମର ଓ ଚାରିଟି ଫିଡର୍କୁ ଶୀଘ୍ର କାର୍ଯ୍ୟକ୍ଷମ କରି ଅଞ୍ଚଳବାସୀଙ୍କ ଲୋ-ଭୋଲ୍ଟେଜ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବିଭାଗୀୟ ଯନ୍ତ୍ରୀ ଏବଂ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ନରେନ୍ଦ୍ର ଆଚାର୍ଯ୍ୟଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା।ଭରୁଆ ଗାଁକୁ ଯାତାୟାତ କରୁଥିବା ରାସ୍ତା ବର୍ଷାଦିନେ କାଦୁଅ ଓ କର୍ଦ୍ଦମାକ୍ତ ହୋଇଯାଉଥିବାରୁ ଗ୍ରାମବାସୀ ରାସ୍ତା ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଏହା ସହିତ ଭରୁଆ ଗାଁର ଲିଫ୍ଟ ଇରିଗେସନ ପଏଣ୍ଟ ଦୀର୍ଘଦିନ ଧରି ବିଦ୍ୟୁତ ଅଭାବରୁ ଅଚଳ ରହିଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏସବୁ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଜିଲ୍ଲାପାଳ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଗ୍ରାମବାସୀଙ୍କ ସହିତ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ସୁବିଧା-ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ସେମାନେ ନିୟମିତ ଭାବେ ଭତ୍ତା ଓ ଖାଉଟି ସାମଗ୍ରୀ ପାଉଛନ୍ତି କି ନାହିଁ, ସେ ସମ୍ପର୍କରେ ମଧ୍ୟ ଜିଲ୍ଲାପାଳ ତଥ୍ୟ ନେଇଥିଲେ ।

# ବିଦ୍ୟୁତ ବିଭ୍ରାଟକୁ ନେଇ ରାସ୍ତାରୋକ

ବଲାଙ୍ଗିର, (ସବ୍ୟୁ): ଦୀର୍ଘ ସମୟ ଧରି ବିଦ୍ୟୁତ ବିଭ୍ରାଟକୁ ନେଇ ତାତିଲେ ସ୍ଥାନୀୟ ଲୋକେ। ବଲାଙ୍ଗିର ସହରର ୧୩ ଓ ୧୭ ନମ୍ବର ୱାର୍ଡରେ ଦୀର୍ଘ ସମୟ ଧରି ବିଦ୍ୟୁତ ସେବା ବ୍ୟାହତ ରହିଥିବା ଅଭିଯୋଗ କରି କଦମ୍ବପଡ଼ାଠାରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି । ଫଳରେ ବଲାଙ୍ଗିର-ମହିମୁଣ୍ଡା ରାସ୍ତାରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଆଜି ଦିନ ତମାମ ଅଞ୍ଚଳରେ ବିଦ୍ୟୁତ ନଥିଲା । ବାରମ୍ବାର ବିଦ୍ୟୁତ ବିଭାଗକୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା । ଗରମ ଓ ଗୁଳୁଗୁଳି ମଧ୍ୟରେ ଦୀର୍ଘ ସମୟ ଧରି ବିଦ୍ୟୁତ ନଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିବା କହିଛନ୍ତି। ଶେଷରେ କଦମ୍ବପଡ଼ାଠାରେ ରାସ୍ତା ଉପରେ ବସି ପ୍ରତିବାଦ କରିଥିଲେ । ଏହାଯୋଗୁଁ ବଲାଙ୍ଗିର-ମହିମୁଣ୍ଡା ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଥିବାରୁ ଯାତାୟାତ ବ୍ୟାହତ ହୋଇଛି ।

## ମୋବାଇଲ ଲୁଟ୍ ଉଦ୍ୟମ ଓ ଛୁରାମାଡ଼
# ଦୁର୍ଦ୍ଦାନ୍ତ ଅପରାଧୀ ସୁରଜ ଗିରଫ

ସମ୍ବଲପୁର,(ସବ୍ୟୁ): ମୋବାଇଲ ଲୁଟ୍ ଉଦ୍ୟମ ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ ଘଟଣାରେ ଧନୁପାଲି ଥାନା ପୋଲିସ ଜଣେ ଦୁର୍ଦ୍ଦାନ୍ତ ଅପରାଧିଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଖଲିଆବନ୍ଧ ଅଞ୍ଚଳର ସୁରଜ ମିର୍ଦ୍ଧା(୨୪) ବୋଲି ଜଣାପଡିଛି । ଏଥିସହ ଅପରାଧରେ ବ୍ୟବହୃତ ଛୁରୀକୁ ଜବତ କରିଛି । ତାଙ୍କ ନାମରେ ଧନୁପାଲି ଓ ସଦର ଥାନାରେ ପୂର୍ବରୁ ୧୦ଟି ମାମଲା ଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ନକ୍ସାପାଲି ଅଞ୍ଚଳର ପ୍ରବୀଣ କୁମାର ବେହେରା ଗତ ୧୫ ତାରିଖ ରାତି ପ୍ରାୟ ୮ଟା୧୫ ମିନିଟରେ ଖଲିଆବନ୍ଧରୁ ଅଇଁଠାପାଲି ଆଡ଼କୁ ଯାଉଥିବା ବେଳେ ସମଲେଶ୍ୱରୀ ମନ୍ଦିର ନିକଟରେ ସୁରଜ ତାଙ୍କୁ ଅଟକାଇ ମୋବାଇଲ ଫୋନ ଛଡ଼ାଇବାକୁ ଉଦ୍ୟମ କରିଥିଲା। ପ୍ରବୀଣ ଏହାର ପ୍ରତିବାଦ କରିବାରୁ ସେ ତାଙ୍କୁ ଧକ୍କା ଦେବା ସହ ଏକ ଧାରୁଆ ଛୁରୀରେ ମୁଣ୍ଡକୁ ଆକ୍ରମଣ କରି ଗୁରୁତର ଆହତ କରିଥିଲା। ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲା। ଲିଖିତ ଅଭିଯୋଗ ପରେ ଧନୁପାଲି ଥାନା ପୋଲିସ ୨୬୮/୨୬ରେ ଏକ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ , ଅଭିଯୁକ୍ତ ସୁରଜ ଜଣେ କୁଖ୍ୟାତ ଅପରାଧୀ ଏବଂ ତାଙ୍କ ନାମରେ ଧନୁପାଲି ଓ ସଦର ଥାନାରେ ଛିନତାଇ, ଡକାୟତି, କୋରେକ୍ସ ଚୋରାଚାଲାଣ ଓ ଏନଡିପିଏସ୍ ଭଳି ଏକାଧିକ ସଙ୍ଗୀନ ମାମଲା ରହିଛି । ଏହାଛଡ଼ା ସେ ଆକାଶ ପଣ୍ଡା ନାମକ ଜଣେ ଅପରାଧୀର ଗ୍ୟାଙ୍ଗ୍ ସହ ଜଡ଼ିତ ରହି ସଙ୍ଗଠିତ ଅପରାଧ ଚଳାଉଥିବା ଜଣାପଡ଼ିବା ପରେ ପୋଲିସ ତାଙ୍କ ବିରୋଧରେ ବିଏନଏସର କଠୋର ଦଫା ଲଗାଇଛି । ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି ।

## ରୋଟାରୀ କ୍ଲବ୍ ଓ ଆଇଆଇଏମ୍ ପକ୍ଷରୁ
# ମିୟାୱାକି ପଦ୍ଧତିରେ ଚାରାରୋପଣ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ଗୋଶାଳା ସ୍ଥିତ ଆଇଆଇଏମ୍ ଠାରେ ପରିବେଶ ସୁରକ୍ଷା ସହ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ରୋଟାରୀ କ୍ଲବ୍ ସମ୍ବଲପୁର ଓ ଆଇଆଇଏମ୍‌ର ମିଳିତ ସହଯୋଗରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମିୟାୱାକି ପଦ୍ଧତିରେ ମୋଟ ୧୨୨୩ଟି ଚାରା ରୋପଣ କରାଯାଇଥିଲା । ଏଥିରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସୱାଲ, ମୁଖ୍ୟ ପ୍ରଶାସନିକ ଅଧିକାରୀ ଅମୃତ ମହାନ୍ତି ରୋଟାରୀ କ୍ଲବ୍ ସମ୍ବଲପୁର ସଭାପତି ଚିନ୍ମୟ ଶତପଥୀ, ସମ୍ପାଦକ ସୁକାନ୍ତ କୁମାର ମେହେରଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ମିୟାୱାକି ହେଉଛି ଜାପାନୀ ବନସୃଜନ ପ୍ରଯୁକ୍ତି। ଯାହା ଅଳ୍ପ ସମୟ ମଧ୍ୟରେ ଘଞ୍ଚ ଓ ସ୍ଥାନୀୟ ପ୍ରଜାତିର ଜଙ୍ଗଲ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ଏହି ପଦ୍ଧତିରେ ରୋପଣ କରାଯାଇଥିବା ଚାରାଗୁଡ଼ିକ ମଧ୍ୟରୁ ଅଧିକାଂଶ ଫଳଦାୟକ ଓ ଔଷଧୀୟ ପ୍ରଜାତିର। ଏହା ଭବିଷ୍ୟତରେ ପରିସରର ଜୈବ ବିବିଧତା ବୃଦ୍ଧି ସହ ପରିବେଶ ଓ ସ୍ୱାସ୍ଥ୍ୟକୁ ସକାରାତ୍ମକ ଭାବେ ପ୍ରଭାବିତ କରିବ ବୋଲି ଆଶା କରାଯାଇଛି । ତେବେ ଗତ ୩ବର୍ଷ ଧରି ରୋଟାରୀ କ୍ଲବ୍ ପକ୍ଷରୁ ମିୟାୱାକି ପଦ୍ଧତିରେ ଚାରାରୋପଣ କରାଯାଇ ଆସୁଛି । ଏହି ନିରନ୍ତର ପ୍ରୟାସ ଦ୍ୱାରା ଆଇଆଇଏମ୍ ପରିସରକୁ ଅଧିକ ସବୁଜ, ସୁନ୍ଦର ଓ ପରିବେଶ ଅନୁକୂଳ କରିବାର ଉଦ୍ୟମ ଜାରି ରହିଛି ।

## ଏବିଭିପି ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ପାଇଁ
## କୁଳପତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗିର,(ସବ୍ୟୁ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଶାଖା ତରଫରୁ ଛାତ୍ର ସଂସଦ ନିର୍ବାଚନ ପାଇଁ କୁଳପତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୧୫ ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯାଇଛି । ୨୦୧୮ ମସିହାରେ ଓଡ଼ିଶା ରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବାରୁ ଛାତ୍ର ନେତୃତ୍ୱର ବିକାଶ ହେଉ ପାରୁନାହିଁ, କଲେଜ ର ବିଭିନ୍ନ ପ୍ରକାର ମୌଳିକ ସମସ୍ୟାର ସମାଧାନରେ ମଧ୍ୟ ବିଳମ୍ବ ହେଉଛି । ଛାତ୍ର ସଂସଦ ନିର୍ବାଚନ ହେଲେ ନୂତନ ନେତୃତ୍ୱ ସୃଷ୍ଟି ହେବା ସହ ସମାଜର ଆଗାମୀ ନେତୃତ୍ୱ ତିଆରି ହେବ, ତେଣୁ ବର୍ତ୍ତମାନର ସରକାର ପୂର୍ବରୁ ବନ୍ଦ ହୋଇଥିବା ଛାତ୍ର ସଂସଦ ନିର୍ବାଚନ କୁ ଚଳିତ ବର୍ଷ ଆରମ୍ଭ କରିବା ସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ମୌଳିକ ୧୫ ଟି ସମସ୍ୟାର ସମାଧାନ କରିବା ପାଇଁ ଦାବି କରାଯାଇଛି ।

## ଖାଦ୍ୟ ସୁରକ୍ଷା ନିୟମ
# ଉଲ୍ଲଂଘନ, ୨ଟି ହୋଟେଲ ସିଲ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ ଓ ଖାଦ୍ୟ ସୁରକ୍ଷା ନିୟମର ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ଏକ ମିଳିତ ଏନଫୋର୍ସମେଣ୍ଟ ପକ୍ଷରୁ ଚଢାଉ କରାଯାଇଛି । ଏହି ଅବସରରେ ମୋଟ ୩୦ କିଲୋଗ୍ରାମ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଜବତ କରାଯାଇଛି । ଏଥିସହ ଉଲ୍ଲଂଘନକାରୀଙ୍କ ଠାରୁ ମୋଟ୧୪,୧୦୦ଟଙ୍କା ଜରିମାନା ଆଦାୟ କରାଯାଇଛି । ସେହିପରି ହୋଟେଲ ଓ ଖାଦ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ଯାଞ୍ଚ କରାଯାଇଥିଲା। ନିୟମ ଉଲ୍ଲଂଘନ ଯୋଗୁଁ ଅଇଁଠାପାଲି ସ୍ଥିତ ପୂଜା ସ୍ୱିଟ୍ସ କିଚେନ୍ ଏବଂ ଇଣ୍ଡିଆନ୍ ହୋଟେଲକୁ ସିଲ୍ କରାଯାଇଛି । ଏହା ବ୍ୟତୀତ ଅନ୍ୟ ୪ଟି ହୋଟେଲ୍ ପରିଦର୍ଶନ କରାଯାଇ ମୋଟ ୧,୭୦୦ଟଙ୍କା ଜରିମାନା ଆଦାୟ କରାଯାଇଛି । ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷା ଯାଞ୍ଚ ପାଇଁ ୫ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି। ଯାଞ୍ଚ ସମୟରେ ପ୍ରାୟ ୩୦ କିଲୋଗ୍ରାମ୍ ବାସି ଓ ଅନୁପଯୋଗୀ ଖାଦ୍ୟ ଚିହ୍ନଟ କରାଯାଇ ନଷ୍ଟ କରାଯାଇଛି। ତେବେ ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ ଓ ଖାଦ୍ୟ ପ୍ରତିଷ୍ଠାନ ଗୁଡ଼ିକୁ ନିର୍ଦ୍ଧାରିତ ଖାଦ୍ୟ ସୁରକ୍ଷା, ସ୍ୱଚ୍ଛତା ଓ ପରିବେଶ ସମ୍ବନ୍ଧୀୟ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଆହ୍ୱାନ କରାଯାଇଛି ।

# ଜୁନାଗଡ଼ରେ ଫୋନ ପେ ' ୟୁପିଆଇ ଠକେଇ ଅଭିଯୋଗ

ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ ନକଲି ଫୋନ ପେ ତଥା ୟୁପିଆଇ ଅର୍ଥ ପ୍ରଦାନର ପ୍ରମାଣ ଦେଖାଇ ସାମଗ୍ରୀ ନେଇଯାଇଥିବା ଅଭିଯୋଗରେ ସୋନପୁର ଅଞ୍ଚଳର ବିଶ୍ୱଜିତ ଦାଶ (୩୨)ଙ୍କ ନାମରେ ଜୁନାଗଡ଼ ଥାନାରେ ମାମଲା ରୁଜୁ ହୋଇଛି । ଜୁନାଗଡ଼ ବଣିକ ସଂଘ ସଭାପତି ମୁକେଶ ଅଗ୍ରୱାଲ ଓ ସଂପାଦକ ପ୍ରଭାତ ଦାସଙ୍କ ଅଭିଯୋଗକ୍ରମେ ଏହି ମାମଲା ରୁଜୁ ହୋଇଛି ।

ଏଫଆଇଆର ଅନୁଯାୟୀ, ଅଭିଯୁକ୍ତ ବିଭିନ୍ନ ଦୋକାନରୁ ସାମଗ୍ରୀ କିଣିବା ପରେ ଫୋନ ପେ ତଥା ୟୁପିଆଇରେ ଟଙ୍କା ପଠାଇଥିବା ଭଳି ନକଲି ସ୍କ୍ରିନ ସଟ କିମ୍ବା ମେସେଜ ଦେଖାଇ ସାମଗ୍ରୀ ନେଇଯାଉଥିବା ଅଭିଯୋଗ ହୋଇଛି । ପରେ ବ୍ୟବସାୟୀମାନେ ବ୍ୟାଙ୍କ ଓ ୟୁପିଆଇ ଖାତା ଯାଞ୍ଚ କରିବାରୁ ଟଙ୍କା ଜମା ହୋଇନଥିବା ଜଣାପଡ଼ିଥିଲା । ମୋହିତ ବର୍ମା ଜୁଏଲର୍ସ, ବଳରାମ ବଂଶଲ ବୁଟ ହାଉସ ସମେତ ବିଭିନ୍ନ ଦୋକାନରୁ ଏଭଳି ଅଭିଯୋଗ ଆସିଥିବା ଏଫଆଇଆରରେ ଉଲ୍ଲେଖ ରହିଛି । ଏହି ଅଭିଯୋଗ ଆଧାରରେ ବିଏନଏସର ଧାରା ୩୧୮(୪), ୩୫୧(୩) ଓ ଆଇଟି ଆଇନର ଧାରା ୬୬(ଡି) ଅନୁଯାୟୀ ଏଫଆଇଆର ରୁଜୁ କରି ପୁଲିସ ତଦନ୍ତ କରୁଛି ।

## ପେସାର ପରିଚୟ ନା ଅପରାଧର ଢାଲ !
# ସାମ୍ବାଦିକ ଓ ପୋଲିସ ଗିରଫ ପରେ ସମସ୍ୟା ଜଟିଳ



ବଲାଙ୍ଗିର, (ସବ୍ୟୁ): ସମାଜରେ ସାମ୍ବାଦିକ ଓ ପୋଲିସ ଉଭୟ ପେସାର ରହିଛି ନିଜସ୍ୱ ଗୁରୁତ୍ୱ ଓ ଦାୟିତ୍ୱ। ସାମ୍ବାଦିକ ସମାଜର ଜାଗ୍ରତ ପ୍ରହରୀ ଭାବେ ଅନ୍ୟାୟ, ଅନୀତି ଓ ଅପରାଧକୁ ସାମ୍ନାକୁ ଆଣନ୍ତି। ଅନ୍ୟପକ୍ଷରେ ପୋଲିସର ମୂଳ ଦାୟିତ୍ୱ ହେଉଛି ଆଇନଶୃଙ୍ଖଳା ବଜାୟ ରଖିବା ଓ ନାଗରିକଙ୍କୁ ସୁରକ୍ଷା ଦେବା । ତେବେ ଏହି ଦୁଇ ଦାୟିତ୍ୱପୂର୍ଣ୍ଣ ପେସାରେ ଥିବା ବ୍ୟକ୍ତି ଯେତେବେଳେ ନିଜେ ଏକ ଅପରାଧ ମାମଲାରେ ଅଭିଯୁକ୍ତ ହୋଇ ଗିରଫ ହୁଅନ୍ତି, ସେତେବେଳେ ସ୍ୱାଭାବିକ ଭାବେ ବ୍ୟବସ୍ଥା ଓ ଲୋକଙ୍କ ବିଶ୍ୱାସକୁ ନେଇ ପ୍ରଶ୍ନ ଉଠେ ।

ବଲାଙ୍ଗିରର ବହୁଚର୍ଚ୍ଚିତ ନରେନ୍ଦ୍ର ଓରଫ୍ ଗୁଣ୍ଡା ସାହୁ ଅପହରଣ ମାମଲାରେ ଜଣେ ପୋଲିସ ଅଧିକାରୀ ଓ ଜଣେ ସାମ୍ବାଦିକ ଗିରଫ ହେବା ପରେ ଘଟଣାକୁ ନେଇ ଚର୍ଚ୍ଚା ତୀବ୍ର ହୋଇଛି । ପୋଲିସ ତଦନ୍ତରେ ଉଭୟଙ୍କ ଭୂମିକାକୁ ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଥିବା କୁହାଯାଉଛି । ତେବେ ଏହି ସମସ୍ତ ଅଭିଯୋଗର ଶେଷ ସତ୍ୟତା ତଦନ୍ତ ଓ ନ୍ୟାୟିକ ପ୍ରକ୍ରିୟା ପରେ ହିଁ ସ୍ପଷ୍ଟ ହେବ ।

ଅପରାଧ ଓ ଅନ୍ୟାୟର ଖବର ସାମ୍ନାକୁ ଆଣୁଥିବା ଜଣେ ସାମ୍ବାଦିକଙ୍କ ବିରୋଧରେ ମଧ୍ୟ ଅପହରଣ ଘଟଣାରେ ସମ୍ପୃକ୍ତିର ଅଭିଯୋଗ ଆସିଛି । ବଲାଙ୍ଗିର ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ, ଏସଡ଼ିଜେଏମ କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ଜେଲ ଯିବାକୁ ପଡ଼ିଥିବା ସୂଚନା ମିଳିଛି । ପୋଲିସ ତଦନ୍ତ ଅନୁସାରେ, ନରେନ୍ଦ୍ର ସାହୁଙ୍କ ଅପହରଣ ଘଟଣାରେ ସାମ୍ବାଦିକ ସଞ୍ଜୟ ଜେନାଙ୍କ ଭୂମିକାକୁ ନେଇ ତଦନ୍ତକାରୀମାନେ କିଛି ତଥ୍ୟ ଓ ପ୍ରମାଣ ସଂଗ୍ରହ କରିଥିବା ଦାବି କରାଯାଇଛି । ପୋଲିସର କହିବା ଅନୁଯାୟୀ, ଅପହରଣ ଘଟଣାକୁ କେନ୍ଦ୍ର କରି ସଞ୍ଜୟ ଓ ସ୍ନେହମଞ୍ଜରୀଙ୍କ ମଧ୍ୟରେ ବାରମ୍ବାର ଫୋନରେ ଯୋଗାଯୋଗ ହୋଇଥିବାର ତଥ୍ୟ ତଦନ୍ତରେ ମିଳିଛି ।

କେବଳ ଏହି ଅପହରଣ ମାମଲା ନୁହେଁ, ଗିରଫ ହୋଇଥିବା ପୋଲିସ ଅଧିକାରୀଙ୍କ ପୂର୍ବ ଭୂମିକାକୁ ନେଇ ମଧ୍ୟ ତଦନ୍ତ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଲୋକଙ୍କୁ ଭୟଭୀତ କରିବା, ମିଥ୍ୟା ମାମଲାରେ ଫସାଇବା ଓ ଟଙ୍କା ଆଦାୟ ଭଳି ଅଭିଯୋଗ ପୂର୍ବରୁ ରହିଥିବା ନେଇ ମଧ୍ୟ ତଦନ୍ତ ହେଉଛି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ହିଁ ସ୍ପଷ୍ଟ ହେବ ।

ଏଠାରେ ସବୁଠାରୁ ବଡ଼ ପ୍ରଶ୍ନଯେଉଁ ପୋଲିସ ଲୋକଙ୍କୁ ଆଇନର ସୁରକ୍ଷା ଦେବା କଥା, ସେହି ପୋଲିସ ଯଦି ଅପରାଧ ଅଭିଯୋଗରେ ଜଡ଼ିତ ହୁଏ, ତେବେ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ବିଶ୍ୱାସ କେମିତି ରହିବ । ଠିକ ସେହିପରି ସାମ୍ବାଦିକଙ୍କ କ୍ଷେତ୍ରରେ ମଧ୍ୟ ଦାୟିତ୍ୱ ଅତ୍ୟନ୍ତ ବଡ଼। ସତ୍ୟକୁ ସାମ୍ନାକୁ ଆଣିବା, ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ଓ ପ୍ରଶାସନକୁ ଜବାବଦେହ କରିବା ସାମ୍ବାଦିକତାର ମୂଳ ଉଦ୍ଦେଶ୍ୟ । କିନ୍ତୁ ଜଣେ ସାମ୍ବାଦିକଙ୍କ ବିରୋଧରେ ଯଦି ଅପରାଧରେ ସମ୍ପୃକ୍ତିର ଅଭିଯୋଗ ଆସେ, ତାହାର ପ୍ରଭାବ କେବଳ ସେହି ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସୀମିତ ରହେନାହିଁ ସମଗ୍ର ସାମ୍ବାଦିକତାର ବିଶ୍ୱସନୀୟତା ନେଇ ମଧ୍ୟ ପ୍ରଶ୍ନ ଉଠିଥାଏ ।

ନରେନ୍ଦ୍ର ସାହୁ ଅପହରଣ ମାମଲାରେ ପୋଲିସ ଓ ସାମ୍ବାଦିକଙ୍କ ଗିରଫଦାରୀ ପରେ ଏବେ ଅନେକ ପ୍ରଶ୍ନ ସାମ୍ନାକୁ ଆସିଛି । କିଏ କାହା ସହ ଯୋଗାଯୋଗରେ ଥିଲେ? କାହା ନିର୍ଦ୍ଦେଶରେ କେଉଁ ଯୋଜନା ହୋଇଥିଲା? ଅପହରଣ ଘଟଣା ପଛରେ ଆଉ କାହାର ଭୂମିକା ଥିଲା? ଏହି ସମସ୍ତ ପ୍ରଶ୍ନର ଉତ୍ତର ତଦନ୍ତ ଆଗକୁ ବଢ଼ିବା ସହିତ ସ୍ପଷ୍ଟ ହେବ ।

ପୋଲିସର ପୋଷାକ ହେଉ କି ସାମ୍ବାଦିକର ପରିଚୟଏହା ଲୋକଙ୍କ ବିଶ୍ୱାସର ପ୍ରତୀକ । ସେହି ବିଶ୍ୱାସକୁ ଯଦି କେହି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବ୍ୟବହାର କରନ୍ତି, ତାହାର ପ୍ରଭାବ କେବଳ ଜଣେ ବ୍ୟକ୍ତିଙ୍କ ଉପରେ ନୁହେଁ, ସମଗ୍ର ବ୍ୟବସ୍ଥା ଉପରେ ପଡ଼େ । ତେଣୁ ଅଭିଯୋଗର ସମ୍ମୁଖୀନ ବ୍ୟକ୍ତି ପୋଲିସ ହୁଅନ୍ତୁ, ସାମ୍ବାଦିକ ହୁଅନ୍ତୁ କିମ୍ବା ସାଧାରଣ ନାଗରିକଆଇନର ପ୍ରକ୍ରିୟା ସମସ୍ତଙ୍କ ପାଇଁ ସମାନ ହେବା ଆବଶ୍ୟକ । ପେସା ଯେତେ ସମ୍ମାନଜନକ ହେଉନା କାହିଁକି, ଆଇନ ଉଲ୍ଲଂଘନର ଅଭିଯୋଗ ଥିଲେ ତଦନ୍ତ ନିରପେକ୍ଷ ଓ ପାରଦର୍ଶୀ ଭାବେ ହେବା ଦରକାର।

ନରେନ୍ଦ୍ର ସାହୁ ଅପହରଣ ମାମଲାରେ ଏବେ ତଦନ୍ତର ପରିସର ବଢୁଛି। ଆଗକୁ ଆଉ କେଉଁ ତଥ୍ୟ ସାମ୍ନାକୁ ଆସୁଛି ଏବଂ ଘଟଣା ପଛରେ ଆଉ କାହାର ଭୂମିକା ରହିଛି, ତାହା ଉପରେ ସମସ୍ତଙ୍କ ନଜର । ଶେଷରେ ଏହି ଘଟଣା ଗୋଟିଏ ବଡ଼ ପ୍ରଶ୍ନ ଛାଡ଼ିଯାଇଛି । ପେସାର ପରିଚୟ ଯଦି ଅପରାଧର ଢାଲ ହୋଇଯାଏ, ତେବେ ସମାଜର ବିଶ୍ୱାସକୁ ସୁରକ୍ଷା ଦେବ କିଏ । ତେବେ ମନେ ରଖିବାକୁ ହେବ, ଗିରଫ କିମ୍ବା ଅଭିଯୋଗ ଦୋଷ ପ୍ରମାଣ ନୁହେଁ । ମାମଲାର ଶେଷ ନିଷ୍ପତ୍ତି ଅଦାଲତରେ ହିଁ ହେବ । ତଦନ୍ତ ନିରପେକ୍ଷ ଭାବେ ଆଗକୁ ବଢ଼ିବା ଏବଂ ସତ୍ୟ ସାମ୍ନାକୁ ଆସିବା ହିଁ ଏବେ ସବୁଠାରୁ ବଡ଼ ଆଶା ।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ାର ଐତିହାସିକ ଶିକ୍ଷାନୁଷ୍ଠାନ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ଆଜି ମହାସମାରୋହ ଓ ଉତ୍ସାହ-ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଶିକ୍ଷା, ସଂସ୍କୃତି ଓ ସେବା କ୍ଷେତ୍ରରେ ଦୀର୍ଘ ୫୭ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କରି ଆୟୋଜିତ ଏହି ଉତ୍ସବରେ ପୁରାତନ ଓ ନୂତନ ପିଢ଼ିର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଥିଲା। କଲେଜ ଅଧ୍ୟକ୍ଷ ଡ. ସୁମନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ତଥା କଲେଜ ପରିଚାଳନା ସମିତିର ସଭାପତି ବ୍ରଜବନ୍ଧୁ ଭୋଇ ସମ୍ମାନିତ ଅତିଥି ଏବଂ ପ୍ରଫେସର ରବିନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । କଲେଜ ଆଲୁମିନି ଆସୋସିଏସନର ସଭାପତି ତଥା ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା, ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ ଓ ପ୍ରାଧ୍ୟାପିକା ଡ. ଗୀତାରାଣୀ ଦୀକ୍ଷିତ ଅତିଥି ଭାବେ ଉପସ୍ଥିତ ଥିଲେ ।

ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ପୂର୍ଣ୍ଣିମାମୟୀ ଦାଶ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ବିଧାୟକ ଶ୍ରୀ ତ୍ରିପାଠୀ ତାଙ୍କ ଅଭିଭାଷଣରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟକୁ ଝାରସୁଗୁଡ଼ାର ଶିକ୍ଷା ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ଅଭିହିତ କରିବା ସହ କଲେଜର ସର୍ବାଙ୍ଗୀଣ ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ଦୃଢ଼ ଆଶ୍ୱାସନ ଦେଇଥିଲେ । ଶିକ୍ଷା, ଭିତ୍ତିଭୂମି ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ଆବଶ୍ୟକ ସମସ୍ତ ସହଯୋଗ ଯୋଗାଇଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ପ୍ରଫେସର ରବି ନାରାୟଣ ପାଣିଗ୍ରାହୀ କଲେଜର ଗୌରବମୟ ଅତୀତ, ବର୍ତ୍ତମାନର ଅବଦାନ ଓ ଭବିଷ୍ୟତର ଦାୟିତ୍ୱ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନେ ଜ୍ଞାନ ସହିତ ମୂଲ୍ୟବୋଧ, ଶୃଙ୍ଖଳା ଓ ମାନବିକତାକୁ ଜୀବନର ଅଂଶ କରିବାକୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଗତ ଶିକ୍ଷାବର୍ଷରେ ଶିକ୍ଷା, କ୍ରୀଡ଼ା, ସାଂସ୍କୃତିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ମେଧାବୀ ଓ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ ସନ୍ଧ୍ୟା ଉତ୍ସବକୁ ଆହୁରି ଆକର୍ଷଣୀୟ କରିଥିଲା । ବିଭିନ୍ନ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ ପରିବେଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତିର ଝଲକ ପ୍ରଦର୍ଶନ କରିଥିଲେ । ଉତ୍ସବରେ କଲେଜର ଅନେକ ପୂର୍ବତନ ଅଧ୍ୟକ୍ଷ, ଅବସରପ୍ରାପ୍ତ ଓ ବର୍ତ୍ତମାନର ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ, ପୂର୍ବତନ ଛାତ୍ରଛାତ୍ରୀ ଓ ବହୁ ସଂଖ୍ୟକ ବର୍ତ୍ତମାନର ଛାତ୍ରଛାତ୍ରୀ ଯୋଗଦେଇଥିଲେ ।